# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 1/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୧୮୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 187 ମୂଲ୍ୟ₹୭/-





# ଶେଷ ପର୍ଯ୍ୟାୟ ମତଦାନ ପାଇଁ ୩୬ ହଜାର ପୋଲିସ

■ ୫ ଜିଲା ପାଇଁ ୪ ଯୁବ ଆଇପିଏସ୍ ଅଫିସର
■ ୧୦୮୮୨ ବୁଥ୍‌ରୁ ୨୧ ପ୍ରତିଶତ ସମ୍ବେଦନଶୀଳ

ଭୁବନେଶ୍ୱର,୩୧।୫ (ସତ୍ୟଜିତ ରାଉତ)

ରାଜ୍ୟରେ ଶନିବାର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ ହେବ। ଏଥିପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ କରିବାକୁ ବିଭିନ୍ନ ର୍‍ୟାଙ୍କ୍‌ର ୩୬ ହଜାର ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ୧୨୬ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ଓ ୮୬ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ରହିଛନ୍ତି ବୋଲି ପୋଲିସ ସେବା ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଡିଜିପି କହିଛନ୍ତି, ଶେଷ ପର୍ଯ୍ୟାୟ ମତଦାନ ହେବାକୁ ଥିବା ୯ ପୋଲିସ ଜିଲାରେ ୮ ହଜାର ୭୫୨ ସ୍ଥାନରେ ୧୦ ହଜାର ୮୮୨ ମତଦାନ କେନ୍ଦ୍ର ରହିଛି। ଏହା ମଧ୍ୟରୁ ପ୍ରାୟ ୨୧ ପ୍ରତିଶତ ବୁଥ୍ ସମ୍ବେଦନଶୀଳ। ତେବେ ଶନିବାର ହେବାକୁ ଥିବା ନିର୍ବାଚନରେ ୪୪ଜଣ ଅତିରିକ୍ତ ଏସ୍‌ପି, ୯୯ ଡିଏସ୍‌ପି, ୨୧୦ ଇନ୍‌ସପେକ୍ଟର, ୨୫୮୩ ଏସ୍‌ଆଇ/ଏଏସ୍‌ଆଇ, ୯ ହଜାର ୪୭୬ କନ୍‌ଷ୍ଟେବଲ/ହାବିଲଦାର ଓ ୮ ହଜାର ୮୩ ଜଣ ଗୃହରକ୍ଷୀ/ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲା ପାଇଁ ୪ ଯୁବ ଆଇପିଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ୮୪୩ଟି ମୋବାଇଲ ପାଟ୍ରୋଲିଂ ପାର୍ଟି, ୨୫୫ଟି ଫ୍ଲାଇଂ ସ୍କ୍ୱାଡ୍ ଓ ୨୫୫ ଷ୍ଟାଟିକ ସର୍ଭେଲାନ୍ସ ଟିମ ବୁଲୁଛନ୍ତି। ୬୦ଟି ଚେକ୍‌ପୋଷ୍ଟ ରହିଛି। ସୀମାକୁ ସିଲ୍ କରାଯାଇ କଡ଼ାକଡ଼ି ଯାଞ୍ଚ କରାଯାଉଛି। ୧୩ଟି ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ପାଇଁ ଦୁଇସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି ବୋଲି ଡିଜିପି କହିଛନ୍ତି। ଡିଜି ଆହୁରି କହିଛନ୍ତି, ନିର୍ବାଚନ ପାଇଁ କଡ଼ାକଡ଼ି ଯାଞ୍ଚ ଚାଲିଛି। ଜାନୁଆରୀରୁ ଏଯାଏ ୬.୦୭ କୋଟି ଟଙ୍କା ଜବତ ହୋଇଛି। ୭ ଲକ୍ଷ ୧୩୦ ଲିଟର ମଦ ଜବତ ସହ ୪ ହଜାର ୩୦ ବେପାରୀଙ୍କୁ ଗିରଫ କରାଯାଇଛି। ୧୧ ଜଣଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରାଯାଇଛି। ୮୬୦.୭୮ କୁଇଣ୍ଟାଲ ଗଞ୍ଜେଇ, ୫ କେଜି ବ୍ରାଉନସୁଗାର, ୪ ହଜାର ୬୩୦ ଲିଟର କଫ୍ ସିରପ ଜବତ ସହ ୧୨୦୫ ମାମଲାରେ ୧ ହଜାର ୨୫୮ ଜଣଙ୍କୁ ଗିରଫ କରାଯାଇଛି। ସମସ୍ତ ନିର୍ବାଚନ ମଣ୍ଡଳୀର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଶେଷ ପର୍ଯ୍ୟାୟ ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ସମାପ୍ତ ହେବ ବୋଲି ଡିଜି ଆଶାବ୍ୟକ୍ତ କରିବା ସହ ଦିନରାତି ପରିଶ୍ରମ କରୁଥିବା ପୋଲିସ କର୍ମଚାରୀଙ୍କୁ ଡିଜିପି ସାଧୁବାଦ ଜଣାଇଛନ୍ତି।

## ୨୭୫ କୋଟିର ସାମଗ୍ରୀ, ଟଙ୍କା ଜବତ

ଭୁବନେଶ୍ୱର,୩୧।୫(ଅନିଲ ଦାସ)

ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ଯଥାସମ୍ଭବ ଉଦ୍ୟମ କରୁଥିଲେ ମଧ୍ୟ ଚୋରା କାରବାର ବହୁ ମାତ୍ରାରେ ବଢ଼ିଥିବା ସୂଚନା ମିଳିଛି। ଗତ ୨ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ରେକର୍ଡ ମୂଲ୍ୟର ବିଭିନ୍ନ ସାମଗ୍ରୀ ଓ ଟଙ୍କା ଜବତ ହୋଇଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ମୋଟ ୨୦.୦୮ କୋଟି, ୨୦୧୯ରେ ୪୦ କୋଟି ଏବଂ ୨୦୨୪ରେ ୨୭୫ କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ ଓ ଟଙ୍କା ଜବତ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୦୧୪ରେ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ଦ୍ୱାରା ୬.୬୫ କୋଟି ଟଙ୍କାର ମଦ ଜବତ ହୋଇଥିବା ବେଳେ ୨୦୧୯ରେ ୯.୪୨ କୋଟି ଏବଂ ୨୦୨୪ରେ ୪୦.୭୫ କୋଟି ଟଙ୍କାର ମଦ ଜବତ ହୋଇଛି। ସେହିପରି ୨୦୧୪ରେ ୭.୨୬ କୋଟି ଟଙ୍କାର ଗଞ୍ଜେଇ, ବ୍ରାଉନସୁଗାର ଭଳି ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଜବତ କରାଯାଇଥିବା ବେଳେ ୨୦୧୯ରେ ୨୨.୨ କୋଟି ଏବଂ ୨୦୨୪ରେ ୭୮ କୋଟି ଟଙ୍କାର ମାଦକଦ୍ରବ୍ୟ ଜବତ କରାଯାଇଛି। ସେହିପରି ଚଳିତ ନିର୍ବାଚନରେ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ଦ୍ୱାରା ୧୪.୭୪ କୋଟିର ସୁନା, ରୁପା ଭଳି ମୂଲ୍ୟବାନ ଧାତୁ ଜବତ କରାଯାଇଛି।

### ୧୪ କୋଟିର ସୁନା ଜବତ

# ପୋଲିସକୁ ଆକ୍ରମଣ: ୩୮ କୋର୍ଟ ଚାଲାଣ

ବାରିପଦା,୩୧।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମରେ ପୋଲିସକୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜାକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବଡ଼ସାହି ଥାନା ସବ୍‌ଇନ୍‌ସପେକ୍ଟର ଅରୁଣ କୁମାର ଟୁଡୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୫୫/୨୪) ରୁଜୁ କରି ୩୮ ଜଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୀନା ସିଂ, ସୋମବାରୀ ସିଂ, ଶୁକ୍ରି ସିଂ, ରଜନୀ ସିଂ, ଫୁଲମଣି ସିଂ, କେଉଟୁଣୀ ପଲେଇ, ଲିବୁ ସିଂ, ମାଳତୀ ସିଂ, ସୁମି ସିଂ, ମିନି ସିଂ, ଭାରତୀ ବିଶୋଇ, ଶିବି ସିଂଙ୍କ ସ୍ତ୍ରୀ ସୋମବାରୀ, ରାଜେନ୍ଦ୍ର ସିଂଙ୍କ ସ୍ତ୍ରୀ ସୋମବାରୀ, ନନ୍ଦିନୀ ପଲେଇ, ଯଶୋଦା ସିଂ, ସାରଥି ବାଗ, ସଞ୍ଜୁଲତା ବାଗ, ବୁଲୁ ନାଏକ, ରାଜେଶ ପଲେଇ, ବିନୋଦ ବାଗ, ଚନ୍ଦନ ସିଂ, ସୁଜିତ ସିଂ, ଅରୁଣ ପଲେଇ, ବିକ୍ରମ ସିଂ, ବିଶ୍ୱନାଥ ନାଏକ, ରୋହିତଶ୍ୱର ନାଏକ, ଝାଡ଼େଶ୍ୱର ନାଏକ, ଅରୁଣ ପାତ୍ର, ରାଧାମୋହନ ସିଂ, ଶ୍ୟାମସୁନ୍ଦର ସିଂ, ଭାଗୀରଥି ଦଣ୍ଡପାଟ, ସୁମନ ଦିଗାର, ଦେବସ୍ମିତା ଦାସ, ରୀନା ନାଏକ, ସୁଲୋଚନା ନାଏକ, ସୁଶୀଳା ଜେନା, ରାଜେନ୍ଦ୍ର ସିଂ ଓ ପ୍ରବୋଧ କୁମାର ଭୂୟାଁ।

ସୂଚନାଯୋଗ୍ୟ, ବୁଢ଼ାବଳଙ୍ଗ ନଦୀପଠାରୁ ବେଆଇନ ବାଲି ଉତ୍ତୋଳନକୁ ଗ୍ରାମବାସୀ ବିରୋଧ କରିଆସୁଥିଲେ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଦୀର୍ଘଦିନ ହେଲା ଗାଁରେ ପୁଞ୍ଜୀଭୂତ ଅସନ୍ତୋଷ ଲାଗି ରହିଥିଲା। ଗତ ୨୯ତାରିଖରେ ଗ୍ରାମର ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମରଣାନ୍ତକ ଆକ୍ରମଣ କରିଥିବା ୨ ଅଭିଯୁକ୍ତଙ୍କ ଗିରଫ ଦାବିରେ ଶତାଧିକ ମହିଳାପୁରୁଷ ରାସ୍ତା ଅବରୋଧ କରିଥିଲେ। ବଡ଼ସାହି ବିଡିଓ, ଅତିରିକ୍ତ ତହସିଲଦାର ଓ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଦିନତମାମ ଟାୟାର ଜାଳି ଗାଡ଼ି ଚଳାଚଳ ବନ୍ଦ କରିଦେଇଥିଲେ। ଲୋକେ ରାସ୍ତାରୁ ନ ହଟିବାରୁ ପୋଲିସ ଲାଠିଚାର୍ଜ କରିଥିଲା। ଏହାର ପ୍ରତିବାଦରେ ଉତ୍ୟକ୍ତ ଲୋକେ ପୋଲିସ ଉପରେ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଆକ୍ରମଣରେ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ, ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକ ଗୁରୁତର ହୋଇଥିବା ବେଳେ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ, ବଡ଼ସାହି ଥାନା ସବ୍‌ଇନ୍‌ସପେକ୍ଟର ନିବେଦିତା ନାୟକ ଓ ଅରୁଣ କୁମାର ଟୁଡୁ ମଧ୍ୟ ଆହତ ହୋଇଥିଲେ। ତେବେ ସରକାରୀ ସମ୍ପତ୍ତି ନଷ୍ଟ ଓ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଆଇପିସି ଦଫା ୧୪୭, ୧୪୮, ୩୪୧, ୨୯୪, ୨୮୩, ୩୩୨, ୩୫୩, ୩୫୪, ୩୦୭,୪୨୭, ୫୦୬, ୧୪୯, ୩ ଓ ୭ରେ ମାମଲା ରୁଜୁ କରିଛି। ଘଟଣାରେ ୧୦୦ରୁ ଊର୍ଦ୍ଧ୍ୱ ଜଡ଼ିତ ଥିବା ବେଳେ ଗିରଫ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଘଟଣାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତମାନେ ଘର ଛାଡ଼ି ଆତ୍ମଗୋପନ କରିଥିବାରୁ ଗାଁରେ ଭୟର ବାତାବରଣ ଖେଳିଯାଇଛି। ତେବେ ଶନିବାର ହେବାକୁ ଥିବା ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ତେବେ ଗଣ୍ଡଗୋଳରେ ଗୁରୁତର ହୋଇ ୨୯ତାରିଖ ସକାଳ ୮ଟାରୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଥିବା ପ୍ରବୋଧ ଭୂୟାଁଙ୍କୁ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଥିବା ସେ କହିଛନ୍ତି। ପୋଲିସକୁ ମାଡ଼ ଘଟଣାରେ ଜଡିତ ନ ଥିବା ଏବଂ ଛାତି ଓ ମୁଣ୍ଡରେ ଯନ୍ତ୍ରଣା ହେଉଥିବା ବେଳେ ତରବରିଆ ଭାବେ ଏକ୍ସ-ରେ କରାଇ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିବା ସେ କହିଛନ୍ତି।

## କୋଏଲ ନଦୀରେ ବୁଡ଼ି ନାବାଳକ ମୃତ

ବିଶ୍ରା,୩୧।୫(ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଆସୀୟନା କଲୋନୀରେ ରହୁଥିବା ଜଣେ ଛାତ୍ରଙ୍କ କୋଏଲ ନଦୀରେ ବୁଡ଼ି ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ଅଞ୍ଚଳର ଏମ୍‌ଡି ଏଜାଜ(୧୫)। ସେ ରାଉରକେଲାସ୍ଥିତ ମୋଦର୍ଷାରେ ୧୦ମ ଶ୍ରେଣୀରେ ପଢୁଥିଲେ। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏଜାଜ ଶୁକ୍ରବାର ୧୦ ଜଣ ସାଙ୍ଗମାନଙ୍କ ସହ କୋଏଲ ନଦୀର ତେତେରକେଲା ଘାଟକୁ ଗାଧୋଇବାକୁ ଆସିଥିଲେ। ନଦୀରେ ପାଣି ଅଧିକ ଥିବାରୁ ସେ ବୁଡି ଯାଇଥିଲେ। ସାଙ୍ଗମାନେ ଏହା ଦେଖି ମୋଦର୍ସା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଖବର ଦେଇଥିଲେ। ବିଶ୍ରା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପାଣି ଭିତରୁ ନାବାଳକଙ୍କୁ ଉଦ୍ଧାର କରି ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଖାରଜ

### ଇଭିଏମ୍ ଭଙ୍ଗାରୁଜା ଘଟଣା

ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଶୁକ୍ରବାର ଅତିରିକ୍ତ ଜିଲା ଦୌରାଜଜ୍-୨ ନାମଞ୍ଜୁର(ଖାରଜ) କରିଛନ୍ତି। ବୋଲଗଡ଼ ବ୍ଲକ କାଉଁରିପାଟଣା ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଓ ପ୍ରିଜାଇଡିଂ ଅଫିସରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସେ ଗିରଫ ହୋଇ ଜେଲଯାଇଥିଲେ। ତେବେ ଜେଲରେ ଅସୁସ୍ଥତା ଯୋଗୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି।

ଉକ୍ତ ମାମଲାରେ ଜଗଦ୍ଦେବଙ୍କ ଓକିଲ ପ୍ରଭାତ ଦାସ ଅତିରିକ୍ତ ଜିଲା ଦୌରାଜଜ୍-୧ଙ୍କ ନିକଟରେ ଜାମିନ ପାଇଁ ଆବେଦନ କରିଥିଲେ। ଶୁକ୍ରବାର ଏଡିଜେ-୧ଙ୍କ ଅନୁପସ୍ଥିତିରେ ଏଡିଜେ-୨ରେ ଏହାର ଶୁଣାଣି ହୋଇଥିଲା। ସରକାରଙ୍କ ପକ୍ଷରୁ ପି.ପି. ରଜନୀକାନ୍ତ ପଟ୍ଟନାୟକ ଏବଂ ପ୍ରଶାନ୍ତ ଜଗଦ୍ଦେବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ପ୍ରଭାତ ଦାସ ମାମଲା ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ବାର୍‌ର ୪୦ଜଣ ଓକିଲ ଓକିଲାତିନାମା ଦେଇଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏନେଇ ସରକାରୀ ଓକିଲ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ତାଙ୍କ ଜାମିନ ଖାରଜ ପାଇଁ ଯୁକ୍ତି ବାଢ଼ିଥିଲି। କୋର୍ଟ ଉଭୟ ପକ୍ଷ ଯୁକ୍ତି ଶୁଣିବା ପରେ ଏହି ରାୟ ପ୍ରକାଶ କରିଛନ୍ତି। କୋର୍ଟରେ ଶୁଣାଣି ବେଳେ ଖୋର୍ଦ୍ଧା ବିଧାୟକ ତଥା ଭାଜପା ନେତା ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ନିକୁଞ୍ଜ ପଟ୍ଟନାୟକ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର ଏବଂ ଦଳୀୟ କର୍ମୀ କୋର୍ଟ ପରିସରରେ ଉପସ୍ଥିତ ଥିଲେ। ଜାମିନ ଖାରଜ ହେବା ପରେ କର୍ମୀଙ୍କ ମହଲରେ ନିରାଶାଭାବ ଦେଖିବାକୁ ମିଳିଥିଲା।

## ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦେବ ଏସ୍‌ସିବି

କଟକ,୩୧।୫ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ଚିକିତ୍ସା ପାଇଁ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ତେବେ ପ୍ରଶାନ୍ତଙ୍କ ଚିକିତ୍ସା ସମ୍ପର୍କରେ ଏକ ଷ୍ଟାଟ୍‌ସ ରିପୋର୍ଟ ଡା. ପଣ୍ଡା ପ୍ରସ୍ତୁତ କରିଛନ୍ତି। ଉକ୍ତ ରିପୋର୍ଟରେ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ କ'ଣ ରହିଛି ସେ ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ପ୍ରଶାନ୍ତଙ୍କ ଓକିଲଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରାଯିବ। ଏବେ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 1/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 187 | ମୂଲ୍ୟ₹୭/-




ତାମିଲନାଡୁର କନ୍ୟାକୁମାରୀସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଳା ସ୍ମାରକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧ୍ୟାନମୁଦ୍ରାରେ ରହିଛନ୍ତି।

## ଧ୍ୟାନ ମଣ୍ଡପମ୍‌ରେ ମୋଦି

**କନ୍ୟାକୁମାରୀ/ନୂଆଦିଲ୍ଲୀ,୩୧।୫**

ଦେଶରେ ଶନିବାର ଅନ୍ତିମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧ୍ୟାନମୁଦ୍ରାରେ ରହିଛନ୍ତି। ଉତ୍ତର ପ୍ରଦେଶର ବାରାଣସୀ ସମେତ ୮ ରାଜ୍ୟର ୫୭ ଆସନରେ ଭୋଟ ଗ୍ରହଣ କରାଯିବ। ଗୁରୁବାର ସନ୍ଧ୍ୟାରୁ ପ୍ରଧାନମନ୍ତ୍ରୀ ତାମିଲନାଡୁର କନ୍ୟାକୁମାରୀସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଳା ସ୍ମାରକୀରେ ୪୫ ଘଣ୍ଟିଆ ଧ୍ୟାନ କରୁଛନ୍ତି। ମୋଦି ଶୁକ୍ରବାର ସକାଳେ ସୂର୍ଯ୍ୟୋଦୟ ବେଳେ ଯୋଡ଼ହସ୍ତରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସହ ମାଳା ଜପ କରିଛନ୍ତି। ଏହି ସମୟର ଏକ ଭିଡିଓ ଓ କେତେକ ଫଟୋକୁ ଭାଜପା ନିଜ ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରିଛି। ଏଥିରେ ପ୍ରଧାନମନ୍ତ୍ରୀ ଗୈରିକ ବସ୍ତ୍ର ଧାରଣ କରି ଧ୍ୟାନ ମଣ୍ଡପମ୍‌ରେ ଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ବିବେକାନନ୍ଦ ରକ୍ ମେମୋରିଆଲ୍‌ରେ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ସେ ଧ୍ୟାନରେ ରହିବେ। ପ୍ରଧାନମନ୍ତ୍ରୀଙ୍କ ରହଣି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ପର୍ଯ୍ୟଟକମାନଙ୍କୁ ଯିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷେ ନିର୍ବାଚନ ପ୍ରଚାର ଶେଷ ହୋଇଥିବାରୁ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ଧ୍ୟାନମୁଦ୍ରା ଫଟୋ ଓ ଭିଡିଓ ପ୍ରସାରଣ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

## ୧୫୦ ଜଳଭଣ୍ଡାରରେ ମାତ୍ର ୨୩% ଜଳ

**ନୂଆଦିଲ୍ଲୀ,୩୧।୫(ପି.ଟି.)**



ବର୍ତ୍ତମାନ ଭାରତର ପ୍ରମୁଖ ୧୫୦ଟି ଜଳଭଣ୍ଡାରର ଜଳ ମୋଟ ଧାରଣ କ୍ଷମତାର ୨୩%କୁ ଖସିଆସିଛି। ଅର୍ଥାତ୍ ଗତବର୍ଷ ଗ୍ରୀଷ୍ମଋତୁରେ ଏହି ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର ଯେତିକି ଥିଲା, ଚଳିତ ଗ୍ରୀଷ୍ମରେ ସେଥିରେ ୭୭% ହ୍ରାସ ଦେଖିବାକୁ ମିଳିଛି। ସେଣ୍ଟ୍ରାଲ ୱାଟର କମିଶନ (ସିଡବ୍ଲ୍ୟୁସି) ତଥ୍ୟରୁ ଶୁକ୍ରବାର ଏହି ବିଷୟ ଜଣାପଡ଼ିଛି। ଗୁରୁବାର କେରଳ ଓ ଉତ୍ତର-ପୂର୍ବାଞ୍ଚଳକୁ ମୌସୁମୀ ଛୁଇଁଛି। ତେବେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁଜନିତ ବର୍ଷା ସାରା ଦେଶକୁ ଭିଜାଇବା ପାଇଁ ଆଉ କିଛି ଦିନ ଲାଗିବ। କିନ୍ତୁ ଏଥିରେ ବିଳମ୍ବ ହେଲେ ଦେଶରେ ଜଳସଙ୍କଟ ଆହୁରି ବୃଦ୍ଧି ପାଇବ ଏବଂ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିବ ବୋଲି ଆଶଙ୍କା କରାଯାଉଛି।

ସିଡବ୍ଲ୍ୟୁସି ପକ୍ଷରୁ ଶୁକ୍ରବାର ସଦ୍ୟ ବୁଲେଟିନ୍ ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଦେଶର ୧୫୦ ବଡ଼ ଜଳଭଣ୍ଡାରରେ ଗତବର୍ଷ ସ୍ୱାଭାବିକ ଭାବେ ୯୪% ପାଣି ଥିଲା। ଗତ ସପ୍ତାହରେ ଏହି ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର ପୂର୍ବାପେକ୍ଷା ୨୪ ପ୍ରତିଶତ ତଳକୁ ଖସିଆସିଥିଲା। ବର୍ତ୍ତମାନ ଏହା ଆହୁରି ହ୍ରାସ ପାଇ ୪୧.୭୦୫ ବିଲିୟନ୍ କ୍ୟୁବିକ୍ ମେଟ୍ରିକ୍ ଟନ୍ (ବିସିଏମ୍) ରହିଛି, ଯାହାକି ମୋଟ ଧାରଣ କ୍ଷମତାର ୨୩%। ଗତବର୍ଷ ଏହି ସମୟରେ ଜଳଭଣ୍ଡାରଗୁଡ଼ିକରେ ୫୩.୮୩୨ ବିସିଏମ୍ ଜଳ ରହିଥିବା ରେକର୍ଡ କରାଯାଇଥିଲା। ସ୍ୱାଭାବିକ ଜଳସ୍ତର ୪୪.୫୧୧ ବିସିଏମ୍। ଏହି ଦୃଷ୍ଟିରୁ ବିଚାର କଲେ ଗତବର୍ଷ ତୁଳନାରେ ୭୭ ପ୍ରତିଶତ ପାଣି କମିଯାଇଛି ବୋଲି କମିଶନ କହିଛନ୍ତି।

ସିଡବ୍ଲ୍ୟୁସି ଅନୁଧ୍ୟାନ କରିଥିବା ପ୍ରମୁଖ ୧୫୦ ଜଳଭଣ୍ଡାରରେ ମୋଟ ୧୭୮.୭୮୪ ବିସିଏମ୍ ଧାରଣ କ୍ଷମତା ରହିଛି, ଯାହାକି ଦେଶରେ ସୃଷ୍ଟି କରାଯାଇଥିବା ଷ୍ଟୋରେଜ୍ କାପାସିଟିର ୬୯.୩୫%। ଏଥିରୁ ୧୦ଟି ଜଳଭଣ୍ଡାର ହିମାଚଳ ପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନ ଭଳି ଉତ୍ତର ଭାଗରେ ରହିଛି। ଏହି ୧୦ ଜଳଭଣ୍ଡାରରେ ମାତ୍ର ୧୯.୬୬୩ ବିସିଏମ୍ ଜଳ ରହିଛି। ☞ପୃଷ୍ଠା-୧୧

## ଖରାରେ କାମ କରାଇଲେ କାର୍ଯ୍ୟାନୁଷ୍ଠାନ

### ହିଟ୍‌ୱେଭ୍ ନେଇ ୯ ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି

**ଭୁବନେଶ୍ୱର, ୩୧।୫ (ଅସମାପିକା ସାହୁ)**

ଅସହ୍ୟ ଗ୍ରୀଷ୍ମପ୍ରବାହ ସାରା ରାଜ୍ୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଅଂଶୁଘାତରେ ବହୁ ଜୀବନ ଯାଇଥିବାବେଳେ ପ୍ରତିଦିନ ଅଭିଯୋଗ ବଢ଼ି ଚାଲିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଏପରିସ୍ଥିତିରେ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପରାମର୍ଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହର ପିକ୍ ଆୱାର୍ ହେଉଛି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା। ଏହି ସମୟ ଭିତରେ ସବୁଠୁ ଅଧିକ ସତର୍କ ରହିଲେ ଅଂଶୁଘାତରୁ ବର୍ତ୍ତି ପାରିବା। ଖରାରେ କୌଣସି କାମ କରିବା ନାହିଁ। ପିକ୍ ଆୱାରରେ ଯଦି କେହି କାହାକୁ ଖରାରେ କାମ କରାନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ କହିଛନ୍ତି। ☞ପୃଷ୍ଠା-୧୧

## ଜୁନ୍‌ରେ ବି ତାତି

**ଭୁବନେଶ୍ୱର, ୩୧।୫ (ଅସମାପିକା ସାହୁ)**

ଉପକୂଳରେ ଖରା ନ ଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି। ସେପଟେ ପଶ୍ଚିମ ଓଡ଼ିଶାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତକୁ ନେଇ ଚିନ୍ତା ବଢ଼ିଛି। ଶୁକ୍ରବାର ୪୬.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ଏଥିସହ ୧୨ ସହରରେ ତାପମାତ୍ରା ୪୩ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିଲା। ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଅପେକ୍ଷାରେ ପ୍ରାର୍ଥୀ**

## ୨ ମାସର ପୁଅକୁ ବିକିଦେଲେ ବାପା

### ଥାନାର ଦ୍ୱାରସ୍ଥ ମା', ଦିନ ଗଡ଼ାଉଛି ପୋଲିସ

**ଯାଁଳା,୩୧।୫(ବୁଲା ବାରିକ)**

ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ କାଶୀପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ମାସର ଶିଶୁପୁତ୍ରକୁ ୧ ହଜାର ଟଙ୍କାରେ ବାପା ବିକ୍ରି କରିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ଏପ୍ରିଲ ମାସରେ ଏହି ଘଟଣା ଘଟିଥିବା ବେଳେ ଏବେ ସାମ୍ନାକୁ ଆସିଛି। ନିଜେ ମା' ଏଭଳି ଅଭିଯୋଗ ଆଣିବା ସହ ପୁଅକୁ ଫେରିପାଇବା ପାଇଁ ଥାନାକୁ ବାରମ୍ବାର ଦୌଡୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ, ନୟାଗଡ଼ ଜିଲା ବାହାଡ଼ାଝୁଲା ଅଞ୍ଚଳର ସୋମନାଥ ମଲିକ ଓ ତାଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ କାଶୀପୁର ଗ୍ରାମରେ ଭଡ଼ାରେ ରହୁଛନ୍ତି। ଏକ ଠିକା ☞ପୃଷ୍ଠା-୧୧




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟାଞ୍ଜଳି ଉତ୍ସବ ଓ ପୁରସ୍କାର ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ସାଧାରଣ ନିର୍ବାଚନ ପାଇଁ ମତଦାନ, ସ୍ଥାନ: ଜିଲାର ସମସ୍ତ ବୁଥ୍, ଭଦ୍ରକ, ସମୟ: ସକାଳ ୭ଟା।

## କେନ୍ଦୁଝର
- ଶନି ମନ୍ଦିରରେ ଶନି ମେଳା ଏବଂ ପୂଜାର୍ଚ୍ଚନା, ସ୍ଥାନ: ମୋଟରାଗଡିଆ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଉତ୍ସବ, କଳସଯାତ୍ରା, ଗୀତା ପାଠ, ଯଜ୍ଞ, ସ୍ଥାନ: ସାନ ଢେଙ୍କା, ହାଟଡିହୀ, ସମୟ: ସକାଳ ୭ ଟା।
- ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମାସିକିଆ ବୈଠକ, ସ୍ଥାନ: ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଗଞ୍ଜାମ କଳା ପରିଷଦର ସଂସ୍ଥାପକ ସ୍ୱର୍ଗତ ବସନ୍ତ କୁମାର ପାଣିଗ୍ରାହୀଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର, ସମୟ:ସନ୍ଧ୍ୟା ୬ଟା ୩୦ମି

## କନ୍ଧମାଳ
- ମା'ନାରାୟଣୀଙ୍କ ସହର ପରିକ୍ରମା, ସ୍ଥାନ: ଅମଲାପଡା ବ୍ଲକ କଲୋନୀ, ସମୟ:ରାତି ୭ ଟା

## ଜଗତସିଂହପୁର
- ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ)ପକ୍ଷରୁ ଚାଲିଥିବା ଅସ୍ତ୍ର ପ୍ରଶିକ୍ଷଣ ଶିବିର ହୋସିଆର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ପାରାଦୀପ, ସମୟ: ସକାଳ ୧୦ ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳରାମଜୀଉ କୃଷକଙ୍କ ଆଦି ଦେବତା ଆଲୋଚନା ଚକ୍ର, ସ୍ଥାନ: ପବ୍ଲିକ ରିଡିଂ ରୁମ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ଯାଜପୁର ସଂସଦୀୟ କ୍ଷେତ୍ରର ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ, ସ୍ଥାନ: ୧୬୩୭ ବିଭିନ୍ନ ବୁଥ କେନ୍ଦ୍ର, ସମୟ: ସକାଳ ୭ଟା।

## ନୟାଗଡ଼
- ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ମାଛିପଡ଼ା ତିନି ଦୋଳ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ମା' ଠାକୁରାଣୀଙ୍କ ଘଟ ପରିକ୍ରମା, ସ୍ଥାନ: ମେଟ୍ଟୁ ଖିଲିଙ୍ଗିରାଇ ଗ୍ରାମ, ଗୁଡାରି, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- କବୀର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଝରିଗାଁ ବ୍ଲକ କୁସୁମୀ ଗାଁ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା ।
- ଜିଲା କ୍ରିଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର
- କେପିଏଲ୍ ଧମାକାର ସପ୍ତମ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ: ସକାଳ ୭ଟା।
- ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ଭୋର ୫ଟା।

## ବରଗଡ଼
- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜାମମାଲ, ଗାଇସିଲେଟ୍, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜନପଦ କବିତା ଆସର ଓ ସାରସ୍ୱତ ଆଲୋଚନାଚକ୍ର, ସ୍ଥାନ: ଜାକମ, ଭବାନୀପାଟଣା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣତି ପରିଚାଳନା ନିମନ୍ତେ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଗଡ଼ ପଞ୍ଚାୟତ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ବ୍ରାହ୍ମଣୀଚଞ୍ଚରା, ସମୟ: ପୂର୍ବାହ୍ନ ୧୦ଟା।
- ଶିବମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: କୋକସରା ବ୍ଲକ ଫୁପଗାଁ, ସମୟ: ସକାଳ ୮ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ନାମଯଜ୍ଞ ଭୋଗ ଅର୍ପଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ଗାଁ, ସମୟ: ପ୍ରାତଃ ୪ଟା ୩୦।

## ବୌଦ୍ଧ
- ବରଗାଁ ଶ୍ରୀ ରଘୁନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ଚବିଶ ପ୍ରହର ନାମଯଜ୍ଞ ଅବସରରେ ମହାସ୍ନାନ, ସ୍ଥାନ: ବରଗାଁ, କଣ୍ଟାମାଳ ବ୍ଲକ, ସମୟ: ସକାଳ ୯ ଟା।

## ଝାରସୁଗୁଡ଼ା
- ପୂଜା ଅର୍ଚ୍ଚନା ସହ ଆଳତୀ, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭାଗବତ କଥା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବିଜୁ ନଗର, ସମୟ: ଅପରାହ୍ନ ୫ଟା।

# ରାଉରକେଲାରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି

- ଅଂଶୁଘାତ ସନ୍ଦେହ
- ଆର୍‌ଜିଏଚରେ ଉଚ୍ଚସ୍ତରୀୟ ବୈଠକ

ରାଉରକେଲା, ୩୧।୫(ସଙ୍ଗୀତା ଜେନା)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ୮ ଜଣଙ୍କ ମୃତ୍ୟୁ ଥିଲା। ମୋଟ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଅନେକ ଅଂଶୁଘାତ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଏନେଇ ଆରଜିଏଚ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହର୍ଷଦ ପରାଗ ଗାଭଲିଙ୍କ ନେତୃତ୍ୱରେ ସୁନ୍ଦରଗଡ଼ରୁ ଆସିଥିବା ଡାକ୍ତରୀଦଳ,ଆର୍‌ଏମ୍‌ସି କମିଶନର, ବରିଷ୍ଠ ଅଧିକାରୀ, ଆର୍‌ଜିଏଚ୍ କର୍ତ୍ତୃପକ୍ଷ, ବିଭିନ୍ନ ୱାର୍ଡର ଇନଚାର୍ଜ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଗାଭଲି ସୂଚନା ପ୍ରଦାନ କରି କହିଛନ୍ତି, ରାଉରକେଲା, ଝାରସୁଗୁଡ଼ାରେ ଗ୍ରୀଷ୍ମପ୍ରବାହ ଅତିପ୍ରବଳ ମାତ୍ରାରେ ଅନୁଭୂତ ହେଉଛି। ବିଶେଷତଃ ରାଉରକେଲା ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦ ରୋଗୀ ଗୁରୁବାର ଆରଜିଏଚ୍‌ରେ ଚିକିତ୍ସିତ ହେବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ହାଇଟେକ୍ ହସ୍ପିଟାଲ୍ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେହିପରି ୮ଜଣ ରୋଗୀ ହସ୍ପିଟାଲ ଆସିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଅନୁରୂପ ଭାବେ ଚିକିତ୍ସିତ ହେଉଥିବା ୪ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଦଳ ସୁନ୍ଦରଗଡ଼ରୁ ଆସିଛନ୍ତି। ସେଥିରେ ବରିଷ୍ଠ ଚିକିତ୍ସକ, ଫୋରେନ୍ସିକ ବିଶେଷଜ୍ଞ, କମ୍ୟୁନିଟି ତଥା ମେଡିସିନ୍ ବିଶେଷଜ୍ଞମାନେ ଅଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ରେଭିନ୍ୟୁ ଅଫିସର ଓ ମେଡିକାଲ ଯୁଗ୍ମ ଦଳକୁ ନିୟୋଜିତ କରାଯାଇଛି। ସେମାନଙ୍କ ରିପୋର୍ଟକୁ ଆଧାର କରାଯିବ। ଏହା ବ୍ୟତୀତ ଅଂଶୁଘାତ ୱାର୍ଡରେ ୧୪ଟି ଶଯ୍ୟା ଥିବା ବେଳେ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା, ୨୪ ଘଣ୍ଟିଆ ଚିକିତ୍ସକ ଦଳ ଓ ଓଆର୍‌ଏସ୍ କର୍ଣ୍ଣକୁ ବଳବତ୍ତର ଆଦି କରାଯାଇଛି। ଲୋକଙ୍କୁ ସଚେତନ କରିବା ସହ ସହରରେ ବିଭିନ୍ନ ସ୍ଥାନରେ ଜନସଚେତନତା ସୃଷ୍ଟି କରାଯାଉଛି ବୋଲି ଜିଲାପାଳ ଗାଭାଲି କହିଥିଲେ। ସେହିପରି ଶୁକ୍ରବାର ଏମପି ଜୁଏଲ ଓରାମ ଡାକ୍ତରଖାନାରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ବରିଷ୍ଠ ନେତା ନିହାର ରାୟ ସ୍ଥିତି ଅନୁଧ୍ୟାନ କରିବା ସହ ଆର୍‌ଜିଏଚ୍‌ରେ ଅବ୍ୟବସ୍ଥା ନେଇ ଅଭିଯୋଗ କରିଥିଲେ। ଶ୍ରମିକଙ୍କ କାର୍ଯ୍ୟ ସମୟରେ ପରିବର୍ତ୍ତନ ଆଣିବାକୁ ଦାବି କରିଥିଲେ। ସେହିକ୍ରମରେ କଂଗ୍ରେସ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ଦେବାକୁ ଦାବି ହୋଇଛି। ରାଉରକେଲା ଓ ଆଖପାଖ ଅଞ୍ଚଳରେ ଅବସ୍ଥାପିତ ସିଏଚ୍‌ସି ଓ ପିଏଚ୍‌ସି ଗୁଡ଼ିକରେ ଥିବା ଅଂଶୁଘାତ ୱାର୍ଡ କାର୍ଯ୍ୟକାରୀ କରିବାକୁ ପୂର୍ବତନ ଡିସିସି ସଭାପତି ରଶ୍ମିପାଢ଼ୀ ଦାବି କରିଛନ୍ତି।

# ନାବାଳିକା କଲେଜ ଛାତ୍ରୀ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ

ଢେଙ୍କାନାଳ,୩୧।୫(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଅଞ୍ଚଳରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଢେଙ୍କାନାଳ ଜିଲା ପୋକ୍‌ସୋ କୋର୍ଟ ବିଚାରପତି ଆକାଂକ୍ଷିତ ମିଶ୍ର ଘଟଣାର ବିଚାର କରି ଅଭିଯୁକ୍ତ ରାମ ପ୍ରଧାନ(୨୬)ଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ଗତ ୧୫ ନଭେମ୍ବର ୨୦୨୧ ପୂର୍ବାହ୍ନ ୧୦ଟାରେ କଲେଜକୁ ପଢିବାକୁ ଯାଉଥିବା ନାବାଳିକା ଛାତ୍ରୀଙ୍କୁ ଅଭିଯୁକ୍ତ ରାମ ପ୍ରଧାନ ଅପହରଣ କରି ପ୍ରଥମେ ଖୋର୍ଦ୍ଧା ଏବଂ ଅନ୍ୟ ସ୍ଥାନକୁ ନେଇ ୧୦ଦିନ ରଖିବା ସହିତ ବଳାତ୍କାର କରିଥିଲେ। ପୀଡିତାଙ୍କ ବାପା ଝିଅକୁ ଖୋଜାଖୋଜି କରି ନ ପାଇବାରୁ ୧୭ ନଭେମ୍ବର ୨୦୨୧ରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୯୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତକାରୀ ପୋଲିସ ଅଧିକାରୀ ବିଏନ୍ ଘଡେଇ ନାବାଳିକାଙ୍କୁ ଉଦ୍ଧାର କରିବା ପରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋକ୍‌ସୋ କୋର୍ଟରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ସମୁଦାୟ ୨୨ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୨୫ଟି ଦସ୍ତାବିଜକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ଆକାଂକ୍ଷିତ ମିଶ୍ର ମାମଲାର ଅଭିଯୁକ୍ତ ରାମ ପ୍ରଧାନଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଜରିମାନା ଅନାଦାୟ ସ୍ଥଳେ ଅଧିକ ୬ମାସ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ। ଏଥିସହ ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପୋକ୍‌ସୋ ନିରଞ୍ଜନ ସାହୁ ପରିଚାଳନା କରିଥିଲେ।

# ରୋଗୀଙ୍କ ମୃତ୍ୟୁ ପରେ ଡାକ୍ତରଙ୍କୁ ମାଡ଼, କ୍ଲିନିକ୍‌ରେ ଭଙ୍ଗାରୁଜା



ଶାସନରେ ଭଙ୍ଗାରୁଜା ହୋଇଥିବା କ୍ଲିନିକ ସମ୍ମୁଖରେ ପୋଲିସ ମୁତୟନ ହୋଇଛନ୍ତି।

## ଗୁରୁତର ଡାକ୍ତରଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି

ସମ୍ବଲପୁର, ୩୧।୫ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଶାସନ ଥାନା ଅଧୀନ କମଲପଡ଼ା ଛକରେ ଥିବା ଏକ ଘରୋଇ କ୍ଲିନିକରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଗୁରୁବାର ରାତିରେ ତୁମୁଳକାଣ୍ଡ ଘଟିଯାଇଛି। ଭୁଲ୍ ଚିକିତ୍ସା ଯୋଗୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ କ୍ଲିନିକରେ ଭଙ୍ଗାରୁଜା କରିବା ସହ ଏକ ବାଇକ୍‌କୁ ମଧ୍ୟ ପୋଡ଼ି ଦେଇଥିଲେ। କ୍ଲିନିକ ମାଲିକ ତଥା ଡାକ୍ତର ଅଶୋକ କୁମାର ନନ୍ଦଙ୍କୁ ମାର୍‌ପିଟ କରି ପୋଲିସରେ ଜିମା ଦେଇଥିଲେ। ଲୋକଙ୍କ ମାଡ଼ରେ ଗୁରୁତର ଡାକ୍ତରଙ୍କୁ ପୋଲିସ ବୁର୍ଲାକୁ ଚିକିତ୍ସା ପାଇଁ ପଠାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିବାରୁ କ୍ଲିନିକରେ ପୋଲିସ ମୁତୟନ କରାଯାଇଛି।

ଶାସନ ଥାନା ଅନ୍ତର୍ଗତ ପିପଲପଡ଼ା ଗ୍ରାମର ମାଖନୁ ମୁଣ୍ଡା(୨୦)ଙ୍କୁ ଜ୍ୱର ହେବାରୁ ଚିକିତ୍ସା ପାଇଁ ସେ ଡାକ୍ତର ଅଶୋକ ନନ୍ଦଙ୍କ କ୍ଲିନିକକୁ ଆସିଥିଲେ। ଡାକ୍ତର ତାଙ୍କୁ ଏକ ଇଞ୍ଜେକଶନ ଦେବା ପରେ ତାଙ୍କ ଅବସ୍ଥା ଆହୁରି ଗୁରୁତର ହୋଇଯାଇଥିଲା। କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ହିଁ ମାଖନୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ମାଖନୁଙ୍କ ମୃତ୍ୟୁ ହୋଇଥିବା ପ୍ରଚାର ହେବା ପରେ ପଡ଼ାବାସୀ ଉକ୍ତ କ୍ଲିନିକରେ ପହଞ୍ଚିଥିଲେ। ଡାକ୍ତରଙ୍କୁ ମାଡ଼ମାରି ଥାନାରେ ଜିମା ଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଲୋକେ ପାଟିତୁଣ୍ଡ କରିବା ଯୋଗୁ ଥାନା ପରିସରରେ ଉତ୍ତେଜନା ଲାଗି ରହିଥିଲା। ଶୁକ୍ରବାର ମାଖନୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ତେବେ ଲୋକଙ୍କ ମାଡରେ ଗୁରୁତର ହୋଇଥିବା ଡାକ୍ତର ଅଶୋକ ନନ୍ଦ କିନ୍ତୁ କାହାରି ବିରୋଧରେ ଏଫ୍‌ଆଇଆର୍ ଦେବାକୁ ମନା କରିଥିବା ଏସ୍‌ଡିପିଓ ବାଗ କହିଛନ୍ତି। ତେଣୁ ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ତେବେ ମାଖନୁଙ୍କ ମୃତ୍ୟୁର କାରଣ ଭୁଲ ଚିକିତ୍ସା ନା ଅନ୍ୟ କିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଆଗକୁ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ଡିପିଓ ବାଗ୍ ସୂଚନା ଦେଇଛନ୍ତି।

# ପ୍ରଶାନ୍ତ ପରିଡ଼ା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତ

ଭୁବନେଶ୍ୱର, ୩୧।୫ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ପରୀକ୍ଷା ନିୟନ୍ତ୍ରକ ଭାବେ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି। ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ପରିଷଦର ଉପପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ରଶାନ୍ତ ହେଉଛନ୍ତି ପଦାର୍ଥ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର। ସେ ୨୦୨୩ ଫେବୃଆରୀ ୧୭ରୁ ଡେପୁଟି କଣ୍ଟ୍ରୋଲର ଭାବେ କାର୍ଯ୍ୟ କରୁଛନ୍ତି।

# ଯୁବତୀଙ୍କୁ ବ୍ଲାକମେଲ, ଯୁବକ ଗିରଫ

ଭୁବନେଶ୍ୱର,୩୧।୫ (ସୂର୍ଯ୍ୟକାନ୍ତ ବେହେରା)

ଯୁବତୀଙ୍କୁ ଆତ୍ମହତ୍ୟାର ଧମକ ଦେଇ ପ୍ରେମ କଲେ। ଯୁବତୀଙ୍କ ସହ ସମ୍ପର୍କ ରଖି ଅଶ୍ଳୀଳ ଫଟୋ ଓ ଭିଡିଓ ଶୁଟ୍ କରି ବ୍ଲାକମେଲ କଲେ। ଶେଷରେ ତାହାକୁ ସୋସିଆଲ ମିଡିଆରେ ଛାଡ଼ିବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭଦ୍ରକ ଧାମନଗର ଥାନା ଅଞ୍ଚଳର ସଂଗ୍ରାମ କେଶରୀ ନାୟକ(୨୭)। ତାଙ୍କଠାରୁ ୨ଟି ମୋବାଇଲ ଓ ଡିଜିଟାଲ ପ୍ରମାଣପତ୍ର ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ଗତ ଜାନୁଆରୀ ୧୭ରେ ସାଇବର ଥାନାରେ ପୀଡିତା ଯୁବତୀ(୨୨) ଅଭିଯୋଗ କରିଥିଲେ ଯେ, ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ସେ ଭଦ୍ରକର ଏକ କଲେଜରେ ପଢୁଥିବା ସମୟରେ ସଂଗ୍ରାମଙ୍କ ସହିତ ପରିଚୟ ଓ ବନ୍ଧୁତା ହୋଇଥିଲା। ପରେ ସଂଗ୍ରାମ ଇନ୍‌ଷ୍ଟାଗ୍ରାମ୍‌ରେ ଯୁବତୀଙ୍କୁ ପ୍ରେମ ନିବେଦନ କରିବାରୁ ସେ ପ୍ରତ୍ୟାଖାନ କରିଦେଇଥିଲେ। ଏହାପରେ ସଂଗ୍ରାମ ପ୍ରେମ ନିବେଦନ ଗ୍ରହଣ ନ କଲେ ଆତ୍ମହତ୍ୟା କରିଦେବେ ବୋଲି କହିବାରୁ ସେ ବାଧ୍ୟରେ ରାଜି ହୋଇଥିଲେ। ମହାମାରୀ ସମୟରେ ସଂଗ୍ରାମ ସୁଯୋଗ ଦେଖି ବଳପୂର୍ବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଅଜାଣତରେ ଅଶ୍ଳୀଳ ଫଟୋ ଓ ଭିଡିଓ ମୋବାଇଲରେ ରେକର୍ଡ କରିନେଇଥିଲେ। ପୀଡିତା ଯୁବତୀ ବିବାହ କରିବାକୁ କହିବାରୁ ସଂଗ୍ରାମ ମନା କରିଦେବା ସହ କେବଳ ଶାରୀରିକ ସମ୍ପର୍କରେ ରହିବାକୁ କହିଥିଲେ। ହେଲେ ପୀଡିତା ଜଣକ ଦୂରେଇ ଯିବାକୁ ଚେଷ୍ଟା କରିବାରୁ ୨୦୨୨ରୁ ଅଭିଯୁକ୍ତ ସଂଗ୍ରାମ ତାଙ୍କୁ ବ୍ଲାକ୍‌ମେଲ୍ କରି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଏଥିରେ ନିରାଶ ହେବା ପରେ ସଂଗ୍ରାମ ସୋସିଆଲ ମିଡିଆରେ ନଗ୍ନ ଫଟୋ / ଭିଡିଓ ସେୟାର କରିଦେଇଥିଲେ। ଏପରିକି ପୀଡିତାଙ୍କ ପରିବାର, ବନ୍ଧୁ, ସମ୍ପର୍କୀୟଙ୍କ ପାଖକୁ ହ୍ୱାଟସଆପ ଓ ଟେଲିଗ୍ରାମରେ ପଠାଇଦେଇଥିଲେ। ଏନେଇ ଯୁବତୀ ଜଣକ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୭/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଉତ୍ତରଭାଦ୍ରବ ନକ୍ଷତ୍ରରେ ଥିବାରୁ ଶନିଙ୍କ ପ୍ରଭାବରେ ବିଚାର ବିଗିଡ଼ିଯିବା ଫଳରେ ଭୁଲ୍ ନିଷ୍ପତ୍ତି ନେଇ ପସ୍ତେଇବେ। କର୍ମକ୍ଷେତ୍ରରେ ଉନ୍ନତି ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧି ଘଟିବ। ବିବାଦୀୟ ପରିସ୍ଥିତିରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ରାଶ୍ୟାଧିପତି ଶୁକ୍ର ଅନ୍ୟତିନୋଟିଗ୍ରହ ସହ ଥିବାରୁ ସାମାଜିକ ସମ୍ମାନ ସହ ବ୍ୟକ୍ତିତ୍ୱର ବିକାଶ ଘଟିବ। କଳା, ସାହିତ୍ୟ, ସଙ୍ଗୀତ ରୁଚି ସହ ବିଳାସପୂର୍ଣ୍ଣ ଘର, ଗାଡ଼ି, ପାଇଁ ମନ ବଳାଇବେ। ପାପଯୁକ୍ତ ଚନ୍ଦ୍ର କୌଣସି ବନ୍ଧୁ ଦ୍ୱାରା ବିବାଦୀୟ ସମସ୍ୟା ସୃଷ୍ଟି କରିପାରେ। ବନ୍ଧୁଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମିଥୁନ** ବୁଧ ଓ ଶୁକ୍ର ଦ୍ୱାଦଶସ୍ଥ ହୋଇ ଚତୁର୍ଥସ୍ଥାନକୁ ଦୃଷ୍ଟି ଦେଉଥିବାରୁ ସଂଘର୍ଷ କରି ଅଭିଳାଷ ପୂରଣ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିପାରନ୍ତି। କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତିଷ୍ଠାର୍ଜନ ସହ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ** କର୍ମାଧିପ ପାପଗ୍ରହ ସଂଯୋଗରୁ କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ମନର ବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମରେ ଟେନସନ୍ ଦୂର ହେବ। ଶିଳ୍ପ, ବାଣିଜ୍ୟରେ କ୍ଷତିର ଭରଣା କରିପାରିବେ ନାହିଁ।

**ସିଂହ** ରବି ସହ ବୃହସ୍ପତିଙ୍କ ସମ୍ବନ୍ଧରୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇବା ସହ ଉପରିସ୍ଥଙ୍କ ପ୍ରୀତିଭାଜନ ହେବେ। ବନ୍ଧୁଙ୍କ ସହ ଟଙ୍କା, ପଇସା କାରବାର କିମ୍ବା ବିବାଦୀୟ ମନ୍ତବ୍ୟକୁ ନେଇ କଳହର ଆଶଙ୍କା ରହିଛି। ବ୍ୟବସାୟ ଓ ପରିବହନରେ ଝଗଡ଼ା କିମ୍ବା ଯାତ୍ରା ସ୍ଥଗିତ ରହିଯାଇପାରେ।

**କନ୍ୟା** ରାଶିକୁ ଏକାଧିକଗ୍ରହଙ୍କ ଦୃଷ୍ଟି ଦୁଃଖଦସ୍ଥିତିକୁ ଦମନ କରାଇବାର ଭୂମିକା ଗ୍ରହଣ କରିପାରନ୍ତି। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଜଣେ ଉଦାରମନା ବ୍ୟକ୍ତି ଅନାହୂତ ଭାବେ ସାହାଯ୍ୟ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସ୍ତ୍ରୀଙ୍କ ସହ ମତଭେଦର ସୂଚନା ମଧ୍ୟ ରହିଛି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଧନାଧିପ ଦୁଃସ୍ଥାନସ୍ଥ ହେତୁ ଯେତେକି ଆଶା କରୁଥିଲେ ନ ପାଇବାରୁ ଅସନ୍ତୋଷର ମାତ୍ରା ବୃଦ୍ଧି ପାଇବ। ବ୍ୟାଙ୍କ କିମ୍ବା ସରକାରୀ ସ୍ତରରୁ ଋଣ ପାଇବାରେ ଆଜିର ଗ୍ରହସ୍ଥିତି ସାହାଯ୍ୟ କରିବ। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି, ଯାତ୍ରାରେ ସଫଳତା ଓ ନିର୍ମାଣରେ ପ୍ରତିବନ୍ଧକ ଦୂର ହେବ।

**ବିଛା** ରାହୁ ଯୁକ୍ତ ଚନ୍ଦ୍ର ଓ ମଙ୍ଗଳ ହେତୁ ଏକାଧାରେ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିନପାରେ। ପାରିବାରିକ ସମସ୍ୟା ଊଣା ହେବା ବଦଳରେ ଉଦ୍‌ବେଗଜନକ ହୋଇପାରେ। ଆର୍ଥିକ ପରିସ୍ଥିତି ସେତେଟା ମନ୍ଦ ହେବନି ଓ ଆଶା କରିଥିବା କାମରେ ସଫଳ ହେବେ। ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ ସମସ୍ୟାବହୁଳ ହୋଇପାରେ।

**ଧନୁ** ଭାଗ୍ୟାଧିପତି ଷଷ୍ଠସ୍ଥ ଯୋଗୁ ଚେଷ୍ଟା କରୁଥିବା କାମ ପାଇଁ ପ୍ରତିବନ୍ଧକ ହେତୁ ମନସ୍ତାପ କରିପାରନ୍ତି। ପରିସ୍ଥିତିକୁ ସରଳ କରିବାକୁ ଯାଇ ଓଲଟା କାମ କରି ଅପ୍ରିୟତା ଅର୍ଜନ କରିବେ। ଅବଶ୍ୟ ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଗ୍ରହଙ୍କ ପ୍ରତିକୂଳତାରୁ ପରିବାରରେ, ବ୍ୟବସାୟରେ ଭାଗୁଆଳି, ଯାତ୍ରା ସମୟରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଶୁକ୍ରଙ୍କ ସୁପ୍ରଭାବରୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ମିଳିବ। ଅଧିକ ପାଇବା ଆଶାରେ ନିଜଲୋକ ଧୋକା ଦେଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ** ଅଶୁଭଗ୍ରହଙ୍କ କୁପ୍ରଭାବରେ ସବୁ ଦିଗରୁ ଖରାପ ପରିସ୍ଥିତି ଲାଗି ରହିଥିବା ହେତୁ ମନ ଭଲ ରହିବ ନାହିଁ। ବାରମ୍ବାର ବିଭିନ୍ନ କଥାକୁ ମନେ ପକାଇ ଅଶାନ୍ତ ରହିବେ। ବହୁତ ପୂର୍ବରୁ ସ୍ଥିରୀକୃତ ଦୂର ଯାତ୍ରା ପାଇଁ ମନ ନିଜକୁ ପ୍ରସ୍ତୁତ କରିପାରନ୍ତି। ପଡ଼ୋଶୀମାନେ କଣ୍ଟାବାଡରେ ଲୁଗାଛାଟି କଳହ କରିବା ପରି କାମ କରିପାରନ୍ତି ।

**ମୀନ** ରାଶିରେ ରାହୁ ସହ ମଙ୍ଗଳ ଥିବାରୁ ଶତ୍ରୁତା କରୁଥିବା ଲୋକମାନେ ପଛରେ ବହୁତ କଥା କହିବେ ସିନା ମୁହଁ ସାମନାରେ କହିପାରିବେ ନାହିଁ। ଆର୍ଥିକ ସ୍ଥିତି ମଜ୍‌ଭୁତ୍ ରହିବା ସହ କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ।

ଆଜି ଜୁନ୍ ୧ ତାରିଖ, ବିଶ୍ୱ ମାତାପିତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧ ଦିବସ, ଜ୍ୟେଷ୍ଠ କୃଷ୍ଣ ନବମୀ ଯୁକ୍ତ ଦଶମୀ, ଶନିବାର, ରାଶିନକ୍ଷତ୍ର- ଉତ୍ତରଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୦ ମଧ୍ୟେ, ଘ.୦୩।୦୧ ଗତେ ଘ.୦୩।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

# ଶିକ୍ଷୟିତ୍ରୀ ବୋହୂଙ୍କୁ ପିଟି ପିଟି ହତ୍ୟା

## ସ୍ୱାମୀ ଗିରଫ: ଦିଅର, ଶ୍ୱଶୁର ଫେରାର

**ନୟାଗଡ଼,୩୧।୫(ଲୋକନାଥ ମିଶ୍ର)**

ଗାଡ଼ି କିଣିବା ପାଇଁ ୮୦ ଲକ୍ଷ ଟଙ୍କା ଦେବାକୁ ଅରାଜି ହେବା ପରେ ଶିକ୍ଷୟିତ୍ରୀ ବୋହୂଙ୍କୁ ଗୁରୁବାର ରାତିରେ ପିଟି ପିଟି ମାରିଦେଲେ ଶାଶୁଘର ଲୋକ ବୋଲି ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ଇଟାମାଟି ଥାନା ଚମ୍ପତିପୁର ଗାଁରେ ଏଭଳି ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ହତ୍ୟାର ଶିକାର ହୋଇଥିବା ଶିକ୍ଷୟିତ୍ରୀ ହେଲେ ପଦ୍ମିନୀ ପ୍ରଧାନ(୩୨)। ସେ ଓଡ଼ଗାଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାରେ ପୋଲିସ ସ୍ୱାମୀ ତପନ କୁମାର ସ୍ୱାଇଁ (୩୭)ଙ୍କୁ ଗିରଫ କରି ପଚରାଉଚରା କରୁଛି। ତେବେ ହତ୍ୟା ପରେ ଦିଅର ଓ ଶ୍ୱଶୁର ଫେରାର ହୋଇଯାଇଛନ୍ତି।





# ମାଷ୍ଟରକ୍ୟାଣ୍ଟିନରୁ ବହି କିଣିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫(ଅନିଲ ଦାସ)**

ପ୍ରାୟ ମାସେ କାଳ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ରହିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫୁର୍‌ସତ୍ ପାଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟା ୩୦ ମିନିଟରେ ସେ ବହି କିଣିବାକୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ମଡର୍ନ ବୁକ୍ ଡିପୋରେ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଗାଡ଼ିରୁ ଓହ୍ଲାଇ ସେ ସାଧାରଣ ଲୋକ ଭଳି ବୁକ୍ ଷ୍ଟୋର ଭିତରକୁ ଯାଇଥିଲେ। ସ୍ମିତହାସ୍ୟ ସହ ମୁଖ୍ୟମନ୍ତ୍ରୀ ବେଶ୍ ଫୁର୍ତ୍ତି ଜଣାପଡୁଥିଲେ। ବୁକ୍ ଷ୍ଟଲ୍‌ରୁ ଦେବବ୍ରତ ସ୍ୱାଇଁଙ୍କ ଦ୍ୱାରା ରଚିତ ସିକ୍ରେଟ୍ସ ଅଫ୍ ଶିମିଳିପାଳ ଏବଂ ଚାର୍ଲ୍ସ ଆଲେନଙ୍କ ଲିଖିତ ଆରିୟନ୍ସ ପୁସ୍ତକ କିଣିଥିଲେ। ବହି କିଣା ସାଙ୍ଗକୁ ସେଠାରେ ଉପସ୍ଥିତ ଲୋକଙ୍କ ସହ ନବୀନ କଥା ହୋଇଥିଲେ। ପିଲାଙ୍କ ସହ ସେଲ୍‌ଫି ନେବା ପରେ ସେ ନବୀନ ନିବାସ ଫେରିଯାଇଥିଲେ। ମୁଖ୍ୟମନ୍ତ୍ରୀ ଅଢ଼େଇ ହଜାର ଟଙ୍କାର ପୁସ୍ତକ କିଣିଥିବା ସୂଚନା ମିଳିଛି। ନବୀନଙ୍କର ପୁସ୍ତକ ପ୍ରତି ସ୍ୱତନ୍ତ୍ର ରୁଚି ରହିଛି। ସେ କେବଳ ଜଣେ ରାଜନେତା ନୁହନ୍ତି, ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ। ଦ ଗାର୍ଡେନ ଅଫ୍ ଲାଇଫ୍, ଏ ସେକେଣ୍ଡ ପାରାଡାଇଜ୍ ଏବଂ ଏ ଡେଜର୍ଟ କିଙ୍ଗ୍‌ଡମ୍ ପୁସ୍ତକ ଲେଖି ବିଶ୍ୱ ସାହିତ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ମହୁଲ ଫୁଲ ପରେ ଜୀବିକା ଦେଉଛି ଫଳ

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରର ବଣଜଙ୍ଗଲରେ ଥିବା ଗଛ ଲୋକଙ୍କ ଜୀବନଜୀବିକା ସହ ଜଡ଼ିତ ହୋଇ ରହିଛି। ସେ ମଧ୍ୟରୁ ଅନ୍ୟତମ ଉପାଦେୟ ବୃକ୍ଷ ହେଉଛି ମହୁଲ। ମହୁଲ ଗଛ ଗରୀବ ଲୋକଙ୍କ ପାଇଁ ଜୀବନଜୀବିକାର ସାଧନ ହୋଇଥିବା ବେଳେ ମହୁଲ ଫୁଲକୁ ଗରୀବ ଶ୍ରେଣୀର ଲୋକ କଞ୍ଚା, ଭାଜି, ପିଠା କରି ଖାଇଥାନ୍ତି। ଫୁଲରୁ ମଦ ମଧ୍ୟ ପ୍ରସ୍ତୁତ ହୋଇଥାଏ। ତେଣୁ ଏହାର ଚାହିଦା ରହିଥିବାରୁ ବ୍ୟବସାୟୀମାନେ କିଣି ନେଇଥାନ୍ତି। ମହୁଲ ଫୁଲ ପରେ ଏହାର ଫଳ (ଟୁଳ) ଗରୀବ ଲୋକଙ୍କ ଜୀବିକାର ଅନ୍ୟ ଏକ ମାଧ୍ୟମ ପାଲଟିଛି। ଏଥିରୁ ବାହାରୁଥିବା ତେଲ ବ୍ୟବହାର କରିବା ସହ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି।

ବିଶେଷ କରି ଖରା ଦିନରେ ଗାଁଗଣ୍ଡାରେ ଲୋକେ ଟୁଳ ସଂଗ୍ରହ କରିଥାଆନ୍ତି। ଟୁଳ ମଞ୍ଜିକୁ ପିଟୁ ବା କଂକ୍ରିଟ ରାସ୍ତାରେ ଢାଳି ସେଥିରୁ ମଞ୍ଜି ଅଲଗା କରିଥାଆନ୍ତି। ଟୁଳକୁ ଛେଚି ସେଥିରୁ ତେଲ ବାହାର କରନ୍ତି। ତେଲ ବାହାରିବା ପରେ ଏହାର ଖଦଡା ଗୋ ଖାଦ୍ୟ, କୁକୁଡା ଖାଦ୍ୟ ଭାବରେ ବ୍ୟବହାର ହୋଇଥାଏ। ତେଲକୁ ଦେହରେ ଲାଗାଇବା ସହ ରୋଷେଇ ପାଇଁ ବ୍ୟବହାର କରିଥାନ୍ତି। ତେଲରେ ଔଷଧୀୟ ଗୁଣ ରହିଥିବାରୁ ଚର୍ମ ରୋଗ ଭଲ ହୋଇଯାଇ ଏବଂ ତ୍ୱଚା ଚିକ୍କଣ ଓ ନରମ ରହିଥାଏ ବୋଲି ମହିଳାମାନେ କୁହନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧା, ବୃଦ୍ଧ ସମସ୍ତେ ଏହାକୁ ବ୍ୟବହାର କରିଥାନ୍ତି। ଆଜିକାଲିର ସୁଗନ୍ଧ ଯୁକ୍ତ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟକାରୀ ତେଲ ବ୍ୟବହାରର ଚାହିଦା ଅଧିକ ଥିଲେ ହେଁ ଟୁଳ ତେଲର ବ୍ୟବହାର ଏବେ ମଧ୍ୟ ଜିଲାର ଅନେକ ଅଞ୍ଚଳରେ ରହିଛି। ତେଲ ଲିଟର ୨ ଶହ ଟଙ୍କାରେ ବିକ୍ରି ହୋଇଥାଏ। ଗରିବ ଲୋକ ଏହାକୁ ବିକ୍ରି କରି ପରିବାର ପ୍ରତିପୋଷଣ ମଧ୍ୟ କରିଥାଆନ୍ତି।






ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା

# ଅପେକ୍ଷାରେ ପ୍ରାର୍ଥୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ପରବର୍ତ୍ତୀ ଅଧ୍ୟକ୍ଷ ଚୟନର ବହୁ ପ୍ରତୀକ୍ଷିତ ସାକ୍ଷାତ୍‌କାରକୁ ଆର୍ଥିକ ସେବା ପ୍ରତିଷ୍ଠାନ ବ୍ୟୁରୋ (ଏଫ୍‌ଏସ୍‌ଆଇବି) ସ୍ଥଗିତ ରଖିଛି। ସାକ୍ଷାତ୍‌କାର ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଶେଷ ମୁହୂର୍ତ୍ତରେ ଏହି ନିଷ୍ପତ୍ତି ଆସିଥିଲା, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିର୍ଦ୍ଦେଶକ ଖୋଜିବା ଦାୟିତ୍ୱରେ ଥିବା ଏଫ୍‌ଏସ୍‌ଆଇବି ଅବସର ନେବାକୁ ଯାଉଥିବା ଦୀନେଶ ଖାରାଙ୍କ ସ୍ଥାନରେ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେବାକୁ ସ୍ଥିର କରିଥିଲା। ଖାରା ଅଗଷ୍ଟ ୨୮ରେ ଅବସର ନେବାକୁ ଯାଉଛନ୍ତି। ଏହି ପ୍ରକ୍ରିୟାରେ ସାଧାରଣତଃ ଏସ୍‌ବିଆଇର କାର୍ଯ୍ୟରତ ପରିଚାଳନା ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯାଏ। ଏଫ୍‌ଏସ୍‌ଆଇବି ଜଣେ ପ୍ରାର୍ଥୀଙ୍କୁ ସୁପାରିସ କରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ୍ ନିଯୁକ୍ତି କମିଟି (ସିଏଏ) ଜଣେ ପ୍ରାର୍ଥୀଙ୍କୁ ଶେଷରେ ନିଯୁକ୍ତ କରିଥାଏ। ଏବେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସାକ୍ଷାତ୍‌କାରଗୁଡ଼ିକ ସ୍ଥଗିତ ରଖାଯାଇଛି ଏବଂ ନୂତନ ସରକାର ଶପଥ ଗ୍ରହଣ କରିବା ପରେ ଏହା ପୁନର୍ବାର ଆରମ୍ଭ ହେବା ସମ୍ଭାବନା ରହିଛି। ଏଫ୍‌ଏସ୍‌ଆଇବିର ନେତୃତ୍ୱ ନେଉଛନ୍ତି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ର ପୂର୍ବତନ ସଚିବ ଭାନୁ ପ୍ରତାପ ଶର୍ମା ଏବଂ ଚୟନ କମିଟିରେ ରହିଛନ୍ତି ଆର୍ଥିକ ସେବା ସଚିବ, ପବ୍ଲିକ ଏଣ୍ଟରପ୍ରାଇଜେସ୍ ବିଭାଗ ସଚିବ ଏବଂ ଆର୍‌ବିଆଇ ଡେପୁଟି ଗଭର୍ନର । ଅନ୍ୟ ସଦସ୍ୟମାନେ ହେଉଛନ୍ତି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ପୂର୍ବତନ ଚେୟାରମ୍ୟାନ ତଥା ଏମ୍‌ଡି ଅନିମେଶ ଚୌହାନ, ଆର୍‌ବିଆଇର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ସିଂଘଲ ଏବଂ ଆଇଏନ୍‌ଜି ବୈଶ୍ୟ ବ୍ୟାଙ୍କର ପୂର୍ବତନ ଏମ୍‌ଡି ଶୈଳେନ୍ଦ୍ର ଭଣ୍ଡାରୀ। ତେବେ ଏହି ପ୍ରାର୍ଥୀମାନେ ଅପେକ୍ଷାରେ ରହିଛନ୍ତି।

### ସଂସଦ ସୁରକ୍ଷାରେ ସିଆଇଏସ୍‌ଏଫ୍

ସାଧାରଣ ନିର୍ବାଚନ ସମୟରେ ଦୁଇଟି ସଂସଦ ଭବନକୁ ଜଗିବାରେ ୧୪୦୦ ସିଆର୍‌ପିଏଫ୍ କର୍ମଚାରୀଙ୍କ ବଦଳରେ ୩,୩୦୦ ସିଆଇଏସ୍‌ଏଫ୍ କର୍ମଚାରୀଙ୍କୁ କାହିଁକି ରଖାଗଲା ? ଏଭଳି ପରିବର୍ତ୍ତନ ଚିନ୍ତାର ବିଷୟ ହୋଇଛି ଏବଂ ସଂସଦ ସୁରକ୍ଷା ସେବା(ପିଏସ୍‌ଏସ୍)ର ଭବିଷ୍ୟତକୁ ନେଇ ଅନେକେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସିଆଇଏସ୍‌ଏଫ୍‌କୁ ପ୍ରମୁଖ ସୁରକ୍ଷା କାର୍ଯ୍ୟ ନ୍ୟସ୍ତ କରିବା ନିଷ୍ପତ୍ତିକୁ ନେଇ ପର୍ଯ୍ୟବେକ୍ଷକ ଏବଂ ବାବୁମାନେ ଚକିତ ହୋଇଯାଇଛନ୍ତି। କାରଣ ସିଆଇଏସ୍‌ଏଫ୍‌ର ବିମାନବନ୍ଦର ଏବଂ ମେଟ୍ରୋ ଷ୍ଟେଶନରେ ସର୍ବସାଧାରଣଙ୍କ ପରିଚାଳନାର ଅଭିଜ୍ଞତା ରହିଛି। ସଂସଦର ଅନନ୍ୟ ସୁରକ୍ଷାର ଆବଶ୍ୟକତା ଥିବାବେଳେ ସିଆଇଏସ୍‌ଏଫ୍‌ର ସୀମିତ ଅଭିଜ୍ଞତା ତଥା ପରିଚିତି ଚିନ୍ତା ବଢ଼ାଇଦେଇଛି । ଅନ୍ୟପକ୍ଷରେ ୧୯୫୦ରେ ଭାରତ ଏହାର ସମ୍ବିଧାନକୁ ଗ୍ରହଣ କରିବା ପରଠାରୁ ପିଏସ୍‌ଏସ୍ ସଂସଦ ନିରାପତ୍ତାର ମୂଳଦୁଆ ଭାବେ ରହିଆସିଛି। ତେବେ ସମ୍ପ୍ରତି ଏହି ପଦକ୍ଷେପ ସ୍ୱାଭାବିକ ଭାବରେ ଅନେକ ପିଏସ୍‌ଏସ୍ ଅଧିକାରୀଙ୍କୁ ସେମାନଙ୍କ ଚାକିରି ବିଷୟରେ ଚିନ୍ତାରେ ପକାଇଦେଇଛି । ଗତ ୧୦ବର୍ଷ ମଧ୍ୟରେ କୌଣସି ନୂତନ ନିଯୁକ୍ତି ହୋଇ ନ ଥିବାରୁ ସେମାନଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ପ୍ରଥମେ ସଂସଦ ସଚିବାଳୟ ଦ୍ୱାରା ପିଏସ୍‌ଏସ୍ ଅଧିକାରୀମାନେ ନିଯୁକ୍ତ ହେଉଥିଲେ, କିନ୍ତୁ ବର୍ତ୍ତମାନ ଏହା ଭାରତ ସରକାରଙ୍କ ଅଧୀନରେ ଥିବାବେଳେ ୫୫ବର୍ଷ ବୟସରେ ବାଧ୍ୟତାମୂଳକ ଅବସର ନେବାର ଗୁଜବ ସେମାନଙ୍କୁ ଆହୁରି ଅସନ୍ତୁଷ୍ଟ କରିଛି। ସାଧାରଣତଃ ସାଂସଦ, ଭିଭିଆଇପି ଏବଂ କର୍ମଚାରୀଙ୍କୁ ଚିହ୍ନଟ କରିବାରେ ପିଏସ୍‌ଏସ୍‌ର ବିଶେଷ ଜ୍ଞାନ ଅଛି, ଯାହାଦ୍ୱାରା ଅନଧିକୃତ ପ୍ରବେଶକୁ ରୋକାଯାଇପାରିବ। ତେବେ ସଂସଦର ସୁରକ୍ଷା ସିଆଇଏସ୍‌ଏଫ୍ ଗ୍ରହଣ କରୁଥିବାରୁ ଏଭଳି ପାରଦର୍ଶିତାସମ୍ପନ୍ନ କାର୍ଯ୍ୟ ଉପରେ ବିପଦ ଦେଖାଦେଇଛି।

### ଉତ୍ତରାଧିକାରୀ ଦୌଡ଼

ଭାରତର ଏବକାର କ୍ୟାବିନେଟ୍ ସଚିବ ରାଜୀବ ଗୌବା ଚଳିତ ବର୍ଷ ଅଗଷ୍ଟରେ ଅବସର ନେବାର ଅଛି। ଯଦି ଏହା ହୁଏ, ତେବେ ଏହି ଦାୟିତ୍ୱରେ ଦୀର୍ଘତମ ସେବା କରିଥିବା ବ୍ୟକ୍ତି ଭାବରେ ସେ ଇତିହାସ ସୃଷ୍ଟି କରିବେ ଏବଂ ଝାଡ଼ଖଣ୍ଡର କ୍ୟାଡର ୧୯୮୨ ବ୍ୟାଚ୍ ଅଧିକାରୀ ଗୌବା ପି.କେ.ସିହ୍ନାଙ୍କୁ ଟପିଯିବେ। ସିହ୍ନା ମାତ୍ର ୪ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିଲେ। ଗୌବାଙ୍କ ଉତ୍ତରାଧିକାରୀ ଦୌଡ଼ରେ ୩ଜଣ ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅଛନ୍ତି। ସେମାନେ ହେଲେ ଅର୍ଥ ସଚିବ ଟି.ଭି. ସୋମନାଥନ, ଗୁଜରାଟର ମୁଖ୍ୟ ଶାସନ ସଚିବ ରାଜକୁମାର ଏବଂ ଜଳଶକ୍ତି ସଚିବ ବିନି ମହାଜନ। ପ୍ରତ୍ୟେକଙ୍କର ଏକ ପ୍ରଭାବଶାଳୀ ପୃଷ୍ଠଭୂମି ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାର ପ୍ରମାଣ ରହିଛି। ତାମିଲନାଡୁ କ୍ୟାଡର ସୋମନାଥନ ବିଶ୍ୱ ବ୍ୟାଙ୍କରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ତାଙ୍କର ପ୍ରତିଷ୍ଠା ଏପରି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବ୍ୟାଙ୍କ ନେତୃତ୍ୱଙ୍କ ଅନୁରୋଧ କ୍ରମେ ବିଶ୍ୱ ବ୍ୟାଙ୍କରେ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ସୋମନାଥନ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅର୍ଥନୈତିକ ଏଜେଣ୍ଡାର ସମର୍ଥକ, ଯାହା ତାଙ୍କ ଦାବିକୁ ଦୃଢ଼ କରେ। ଅନ୍ୟ ଜଣେ ପ୍ରାର୍ଥୀ ରାଜକୁମାର ପ୍ରତିରକ୍ଷା ଉତ୍ପାଦନର ସଚିବ ତଥା ଗୁଜରାଟ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି। କୁମାର ସମ୍ବେଦନଶୀଳ ବିଭାଗଗୁଡ଼ିକୁ ସଫଳତାର ସହ ପରିଚାଳନା କରିଛନ୍ତି । ଉଲ୍ଲେଖନୀୟ ଯେ, ସେ ମୋଦିଙ୍କ ବିଶ୍ୱସ୍ତ। ତୃତୀୟ ପ୍ରତିଯୋଗୀ ଭାବେ ରହିଛନ୍ତି ବିନି ମହାଜନ । ସେ ପଞ୍ଜାବର ମୁଖ୍ୟ ସଚିବ ଥିଲେ। ମନମୋହନ ସିଂଙ୍କ ଅଧୀନରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 2 | | | 3 | |
| | | | | | | 4 | | 2 |
| | | | | 1 | 9 | | | |
| | | | | | 7 | | 6 | 9 |
| 2 | | | | | | | | 4 |
| 6 | | | | 3 | 5 | | 7 | |
| | 9 | | | | | | | |
| | 5 | | 6 | | | 1 | 8 | 3 |
| 8 | 6 | | | | 4 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 7 | 3 | 8 | 9 | 1 | 4 |
| 7 | 4 | 3 | 9 | 5 | 1 | 6 | 2 | 8 |
| 1 | 8 | 9 | 6 | 2 | 4 | 5 | 7 | 3 |
| 9 | 7 | 5 | 8 | 1 | 6 | 3 | 4 | 2 |
| 2 | 1 | 4 | 3 | 9 | 5 | 7 | 8 | 6 |
| 6 | 3 | 8 | 4 | 7 | 2 | 1 | 5 | 9 |
| 8 | 9 | 7 | 5 | 4 | 3 | 2 | 6 | 1 |
| 3 | 6 | 2 | 1 | 8 | 7 | 4 | 9 | 5 |
| 4 | 5 | 1 | 2 | 6 | 9 | 8 | 3 | 7 |

ଗତକାଲିର ଉତ୍ତର

# ଭୋଟରଙ୍କୁ ହଇରାଣ ନ କରି ନିର୍ବାଚନ ସମ୍ଭବ



ସହଦେବ ସାହୁ

ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ମୁଖ୍ୟ ସ୍ମାର୍ଟ ସିଟି ମର୍ଯ୍ୟାଦା ପାଇଥିବା ଭୁବନେଶ୍ୱର ଭଳି ମହାନଗରରେ ଅପରାହ୍ନ ୪ଟା ଯାଏ ୪୦% ପାଖାପାଖି ଭୋଟ ପଡିଥିବା ଶୁଣି ନଗରବାସୀ ବ୍ୟଥିତ ହୋଇରହିଥିବା ବେଳେ ରାତି ହେଲାବେଳକୁ ସେମାନେ ଖବର ପାଇଲେ ଯେ ପୋଲିଂ ବନ୍ଦ ହେବାର ନିର୍ଦ୍ଧାରିତ ସମୟ ବେଳକୁ କେତେକ କେନ୍ଦ୍ରରେ ଏତେ ଭୋଟର ପୋଲିଂ ବୁଥ୍ ପରିସରରେ ପଶିଯାଇଥିଲେ ଯେ ସମସ୍ତେ ଭୋଟ ଦେଇସାରିବା ବେଳକୁ ରାତି ୮ଟା ହୋଇଗଲା ଏବଂ ଜୟଦେବ ଭଳି ନିର୍ବାଚନମଣ୍ଡଳୀରେ ଭୋଟ ହାର ୮୦%ରୁ ବେଶି ହୋଇଗଲା। ଜନରବ ହେଲା, ଭୋଟ ବିକାକିଣା ଏବଂ ଭୋଟରଙ୍କ ପରିବହନ ହୋଇଥାଇ ପାରେ। ବିପରୀତ ଖବର ଆସିଲା ଯେ ବୟସଭାରାକ୍ରାନ୍ତ ଭୋଟରମାନେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବା ସହି ନ ପାରି ଘରକୁ ଫେରିଛନ୍ତି। ପ୍ରଚଣ୍ଡ ଖରାରେ ବାହାରିବା ଓ ତତଲା ପବନରେ ଭୋଟଦେବା ଅପେକ୍ଷାରେ ଛିଡା ରହିବା ଚିନ୍ତା ବି କେତେକଙ୍କ ଭୋଟ ଦେବାର ସ୍ପୃହାକୁ ହ୍ରାସ କରିଛି, ତେଣୁ ମଧ୍ୟାହ୍ନ ସୁଦ୍ଧା ଭୋଟ ହାର କମ୍ ଥିଲା। କେତେକ କେନ୍ଦ୍ରରେ ଇଭିଏମ୍ ଅକାମୀ ହେବା ପୋଲିଂକୁ ବହୁତ ବିଳମ୍ବ କଲା। ପୋଲିଂ ଅଧିକାରୀମାନଙ୍କ ଢିଲାମି ବା ପକ୍ଷପାତିତା ଲୋକମାନଙ୍କୁ ଚିଡାଇଦେଲା। 'ଦଳ ତ ପ୍ରତିନିଧି ବାଛି ସାରିଛି, ସେ ପୁଣି ମୋ ନିର୍ବାଚନମଣ୍ଡଳୀର ଅଧିବାସୀ ନ ହୋଇଥାଇପାରେ, ତା' ଉପରେ ଖାଲି ରବରଷ୍ଟାମ୍ପ ମାରିବା କଥା: ଏ କ'ଣ ମୋର ପ୍ରତିନିଧି? ପୁଣି, ପ୍ରତିନିଧି ଜଣକ ଯଦି ତା' ଦଳର କଥା (ହ୍ୱିପ୍) ନ ମାନେ, ତାକୁ କେବଳ ଦଳରୁ ବହିଷ୍କାର କରି ଦଳମୁଖ୍ୟ ଚୁପ୍ ରହି ନ ପାରନ୍ତି, ତା' ବିରୋଧରେ ବାଚସ୍ପତିଙ୍କୁ ରିପୋର୍ଟ ପଠାଇ ଏମ୍‌ଏଲ୍‌ଏ/ଏମ୍‌ପି ପଦ ପାଇଁ ଅଯୋଗ୍ୟ ଘୋଷଣା କରାଇ ନେଇ ପାରନ୍ତି: ତା' ମାନେ ମୋ ଭୋଟ୍‌ର କିଛି ମୂଲ୍ୟ ନାହିଁ।' ଏମ୍‌ଏଲ୍‌ଏ/ଏମ୍‌ପିମାନଙ୍କୁ ଦଳର ଅଧସ୍ତନ କର୍ମଚାରୀ ଭଳି ଦେଖାଯାଉଛି। ପ୍ରତିନିଧିମୂଳକ ଗଣତନ୍ତ୍ରକୁ ଏଭଳି ବିକୃତ କରି ଦଳତନ୍ତ୍ର କରିଥିବା ରାଜନୈତିକ ଦଳର ନେତାମାନେ ଲୋକଙ୍କୁ ନିର୍ବାଚନ ପ୍ରତି ନିସ୍ପୃହ, ଏପରିକି ବିମୁଖ କରୁଛନ୍ତି। ଲୋକେ ଭାବୁଛନ୍ତି ଆମେ କ'ଣ ଗୋଟିଏ ଗୋଟିଏ ରବର ଷ୍ଟାମ୍ପ ? ଏ ପରିସ୍ଥିତି ଦଳର କର୍ମୀମାନଙ୍କୁ ଭୋଟର ଯୋଗାଡ କରିବାରେ ଲଗାଇବାକୁ ଦଳପତିଙ୍କୁ ବାଧ୍ୟ କରୁଛି, ଭୋଟ ଏକ ସଉଦା ହୋଇଗଲାଣି। ଲୋକଙ୍କର ସେବା କରିବା ପାଇଁ ଉତ୍ସର୍ଗୀକୃତ ବୋଲି କହୁଥିବା ଦଳ ଦଳର ସ୍ୱାର୍ଥକୁ ଦେଶର ସ୍ୱାର୍ଥ ଉପରେ ରଖିଲେଣି, ଦଳର ନେତାଏ ଦଳକୁ ଏକ କମ୍ପାନୀ (କର୍ପୋରେଟ୍ ହାଉସ୍) ଭଳି ଗଢିଲେଣି, 'ଲାଭ' ଓ 'ଲୋଭ' ହିଁ ମୂଳମନ୍ତ୍ର ହୋଇପଡିଲାଣି, ଜନତାର ସେବା ଏକ ଆଳ! ପ୍ରାଚୀନ ଗ୍ରୀକ୍ ନଗରମାନଙ୍କରେ ଡାଇରେକ୍ଟ ଡେମୋକ୍ରାସି ବା ପ୍ରାଚୀନ ଭାରତର ଆମ୍ରପଲ୍ଲୀ



ସମୟର ବୈଶାଳୀ ଭଳି ଜନପଦରେ ଯେଭଳି ପ୍ରତ୍ୟକ୍ଷ ରିପବ୍ଲିକ୍ ଥିଲା, ଆଜିକାଲିର ଜନବହୁଳ ବିଶାଳକାୟ ଦେଶଗୁଡ଼ିକରେ ସେପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଅସମ୍ଭବ। ଆମ ସମ୍ବିଧାନର ମୁଖବନ୍ଧ(ପ୍ରିଆମ୍ବଲ)ରେ ଡିମୋକ୍ରାଟିକ୍ ରିପବ୍ଲିକ୍ ବୋଲି ଯାହା ଉଲ୍ଲେଖ ଅଛି ତାହା ପ୍ରତିନିଧିମୂଳକ ଗଣତନ୍ତ୍ର। ସମ ମତର ପ୍ରତିନିଧିମାନେ ମିଶି ଦଳ ଗଢିଥାନ୍ତି, ଯେଉଁ ଦଳ ବା ଦଳଦ୍ୱାରା ପରିଚାଳିତ କେତେକ ଦଳର ମିଳିତ ସାଂଖ୍ୟ ବିଧାନସଭାରେ ବା ଲୋକ ସଭାରେ ଅର୍ଦ୍ଧାଧିକ ସଦସ୍ୟଙ୍କ ସମ୍ମତି ପାଏ ସେ ଦଳ ସରକାର ଗଠନ କରେ। ଦଳରୁ ମନ୍ତ୍ରୀମାନଙ୍କୁ ବଛାଯାଉଥିବାରୁ ସମ୍ପୃକ୍ତ ଦଳର ସଦସ୍ୟମାନେ ଭାବିନିଅନ୍ତି ଯେ ସେମାନେ ସରକାରକୁ କଣ୍ଟ୍ରୋଲ କରୁଛନ୍ତି, ସେହି ମାନସିକତାରୁ ଗଣତନ୍ତ୍ର ଦଳତନ୍ତ୍ରରେ ପରିଣତ ହୋଇଯାଏ। ବିଧାୟକମାନେ ଏପରି ପରିସ୍ଥିତି ସୃଷ୍ଟି କରିଥିବା ବେଳେ ନିର୍ବାଚନରେ କିପରି ସବୁ ଭୋଟର ଭାଗନେବେ ତାହା ଚିନ୍ତାର ବିଷୟ ହୋଇପଡିଛି।

ଏକାଥରକେ ପୁଳାଏ ଭୋଟ କାଗଜ ଗଳେଇଦେବା (ରିଗିଂ) ରୋକିବା ଲାଗି ଓ ଭୋଟ କାଗଜ ଗଣନାରେ ଲାଗୁଥିବା ଦୀର୍ଘ ସମୟକୁ କମାଇବା ଲାଗି ନିର୍ବାଚନ କମିଶନ ଟେକ୍ନୋଲୋଜି ଲଗାଇଲେ, ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ଚାଲୁକଲେ, ମେଶିନରେ ଭୁଲ୍ ସମ୍ଭାବନା ରୋକିବା ପାଇଁ ଭିଭିପିଏଟି ଯନ୍ତ୍ର ରଖିଲେ ଯାହା ଭୋଟ ବୋତାମ ଚିପିବା କ୍ଷଣି କାହାକୁ ଭୋଟ ଦେଉଛ ତା' ଦେଖାଇଲା। ତଥାପି ଯେଉଁ ଦଳ ହାରୁଛି ସେ ମେଶିନ ଉପରେ ଦୋଷାରୋପ କରୁଛି, ପୂର୍ବ ନିର୍ବାଚନରେ ସେହି ଦଳ ଜିତିଥିଲେ ବି। ଆମର ଇଲେକ୍ଟ୍ରୋନିକ ଜ୍ଞାନ ଏତେ ଉନ୍ନତ ହେଲାଣି ଯେ ଆମେ ଚନ୍ଦ୍ରର ଅନ୍ଧକାର ଫାଳରେ ଚନ୍ଦ୍ରଯାନକୁ ଓହ୍ଲାଇ ପାରୁଛୁ। ଏତେ ଦୂର କଥା ଛାଡନ୍ତୁ, ଆମେ ଘରେ ବସି ମାଇଲ ମାଇଲ ଦୂରର ଯାତ୍ରା ପାଇଁ ରେଳ ଓ ବିମାନ ଟିକେଟ କରିପାରୁଛୁ। ବ୍ୟାଙ୍କରେ ଦେଣନେଣ ଓ ଟଙ୍କାପଇସା କାରବାର କରିପାରୁଛୁ। ମୋବାଇଲ୍‌ର ଓଟିପି ଜରିଆରେ ଦୋହରା ଯାଞ୍ଚ ହେଉଛି। ଭୁଲ୍ ଭଟକା ଯାହା ଘଟୁଛି ତାହା ଆମ ଲୋଭ ଯୋଗୁ। (ଠକମାନେ ଲୋଭ ଦେଖାଇ ଆମକୁ ତାଙ୍କ କବ୍‌ଜାରେ ପକାଇଦେଉଛନ୍ତି ବୋଲି ଆମେ ମାନୁନାହୁଁ, ବ୍ୟାଙ୍କର ଦୋଷ ଦେଉଛୁ।) ତା' ହେଲେ ଆମେ କାହିଁକି ଘରେ ବସି ଗୋପନତା ରକ୍ଷା କରି ଆଧାର କାର୍ଡ ଯାଞ୍ଚ ପରେ ଓଟିପି ମାଧ୍ୟମରେ ଭୋଟ ନ ଦେଇପାରିବା ? ପ୍ରତ୍ୟେକ ଭୋଟରର ତ ଏପିକ୍ (ଇଲେକ୍ଟର୍‌ସ ଫଟୋ ଆଇଡେଣ୍ଟିଟି କାର୍ଡ) ଅଛି, ତହିଁରେ ଲଗ୍ ଇନ୍ କରି ଭୋଟ ଦେଇହେବ। ମୋବାଇଲ୍‌ର ଓଟିପି ଦ୍ୱାରା ଯାଞ୍ଚ କରିହେବ। ଅତି ଦୁର୍ଗମ ସ୍ଥାନରେ ବି ଚଳନ୍ତା ଗାଡିରେ ବା ବସ୍‌ରେ ଅଥବା ହାଟ ଓ ମଣ୍ଡିରେ ଇଲେକ୍ଟ୍ରୋନିକ୍ ସୁବିଧା ଯୋଗାଇହେବ। ତା'ହେଲେ ଭୋଟରଙ୍କ ମତକୁ ସଉଦା ଭଳି କିଣିବାର ସୁବିଧା ରାଜନୈତିକ ଦଳଗୁଡ଼ିକୁ ମିଳନ୍ତା ନାହିଁ। ଯାହା ଘରେ କମ୍ପ୍ୟୁଟର ଅଛି ସେ କାହିଁକି ଘର ଭିତରେ ଥାଇ କମ୍ପ୍ୟୁଟରରେ ବୋତାମ ଚିପି ପାରିବ ନାହିଁ! ଯେତେବେଳେ କ୍ଲାଉଡ୍ (ଆକାଶ)ରେ ତଥ୍ୟ ରଖିଲୁଣି, ଭୋଟ ତଥ୍ୟ ରଖିବା ଲାଗି ରିମ୍ ରିମ୍ ବା ଗଦା ଗଦା କାଗଜ କିଣିବାକୁ ପଡିବ ନାହିଁ ତ ପରିବେଶ ସୁସ୍ଥ ରହିବା ପାଇଁ ଗଛକଟା ସେହି ପରିମାଣରେ ବନ୍ଦ ହେବ। ନିର୍ବାଚନରେ ହାରିଗଲେ ଇଭିଏମ୍‌ର ଦୋଷ ଦେବାର ଆଳ ମିଳିବ ନାହିଁ। ଏବେ ନିର୍ବାଚନ କାମ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇଏଏସ୍ ବା ରିଟାୟାର୍ଡ ଆଇଏଏସ୍ ଅଧିକାରୀଙ୍କୁ ଦିଆଯାଉଛି। ରାଜ୍ୟରେ ଚିଫ୍ ଇଲେକ୍ସନ୍ ଅଫିସର ଓ କେନ୍ଦ୍ରରେ ଇଲେକ୍ସନ କମିଶନର ଶାସକ ଦଳର କର୍ମଚାରୀ ନ ହୋଇ ରାଜ୍ୟରେ ହାଇକୋର୍ଟର ମୁଖ୍ୟ ବିଚାରପତି ଓ କେନ୍ଦ୍ରରେ ସୁପ୍ରିମ୍‌କୋର୍ଟର ବିଚାରପତିଙ୍କୁ ସେ ଦାୟିତ୍ୱ ଦିଆଯାଉ। ପୋଲିଂ ଅଫିସର ଓ ପୋଲିଂ କେନ୍ଦ୍ର ଦରକାର ନ ହେଉଥିବାରୁ ନିର୍ବାଚନ ଆୟୋଜନ ମାସ ମାସ ଧରି ବିଭିନ୍ନ ପର୍ଯ୍ୟାୟରେ ହେବା ଦରକାର ପଡିବ ନାହିଁ – ତାରିଖ ଘୋଷଣା ହେବାର ଦୁଇ ସପ୍ତାହ ମଧ୍ୟରେ ସାରା ନିର୍ବାଚନ ସରିଯିବ। ପ୍ରତି ରାଜ୍ୟ ବା ୟୁନିଅନ୍ ଟେରିଟୋରି ଗୋଟିଏ ମାତ୍ର ଭୋଟ କଣ୍ଟ୍ରୋଲ କେନ୍ଦ୍ର ହେବ, ନିର୍ବାଚନ ପରିଚାଳନା କରୁଥିବା ବିଚାରପତିମାନେ ଆବଶ୍ୟକ ସଂଖ୍ୟାର କମ୍ପ୍ୟୁଟର ବିଶେଷଜ୍ଞଙ୍କୁ ନିଯୁକ୍ତ କରି ଇଲେକ୍ଟ୍ରୋନିକ୍ ଭୋଟିଂରେ ସମ୍ଭାବ୍ୟ ସମସ୍ୟାସବୁର ସମାଧାନ କରିବା ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବେ। ଶାସକ ଦଳ ମେଶିନ ହେରଫେର କରିସାରିଛି ବୋଲି କେହି କହିବେ ନାହିଁ। ଗୋଟିଏ ମତ ବା ଭୋଟ ଦେବାକୁ ଯାଇ ଭୋଟରର ପୂରା ଦିନଟିଏ ନଷ୍ଟ ହେବ ନାହିଁ। ଯଦି ଘରେ ବସି ଭୋଟ ଦେଇ ପାରିବା ତେବେ ନିର୍ବାଚନୀ ପ୍ରଚାର ଦରକାର ହେବ ନାହିଁ, ଭୋଟ ପ୍ରଚାର ତ ନ ଥିବ, ତେବେ ଆଜିକାଲିର ଭୋଟ ସମୟରେ ହିଂସା କାଣ୍ଡ ଘଟିବାର ଅବସର ବି ନ ଥିବ। ଅଯଥା ଅଜସ୍ର ଅର୍ଥ ଖର୍ଚ୍ଚ ଯୋଗ ମିଳିବ ନାହିଁ, ତେଣୁ ଆଦର୍ଶ ଆଚରଣବିଧି ଖୁବ୍ ସଂକ୍ଷିପ୍ତ ହେବ। ଜନସମାଜରେ ଅନୈତିକ ଅବହାୱା ବ୍ୟାପିବ ନାହିଁ, ଭ୍ରଷ୍ଟାଚାର ବଢ଼ିବ ନାହିଁ। ଡିଜିଟାଲ ଭୋଟିଂ ସୁରୁଖୁରୁ ଭୋଟିଂ, ସ୍ୱଚ୍ଛତାର ଭୋଟିଂ ଓ ମିତବ୍ୟୟୀ ଭୋଟିଂ, ସ୍ୱଳ୍ପ ସମୟର ଭୋଟିଂ ଓ ଅହିଂସାତମ ଭୋଟିଂ ହେବ। ସବୁଠାରୁ ବଡ଼କଥା – ନୋଟା ସଂଖ୍ୟା ବଢି ଦଳତନ୍ତ୍ରୀ ମନୋଭାବକୁ କମାଇବ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଭିତରେ ଭାରତୀୟ ବ୍ୟବସ୍ଥା ଏକ ଆଦର୍ଶ ସୃଷ୍ଟି କରିବ।

-sahadevas@yahoo.com

# ଆମ ଗ୍ୟାରେଣ୍ଟି



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଜିନିଷର ଗ୍ୟାରେଣ୍ଟି ନାହିଁ ତ ଗ୍ରାହକ ମୁହଁ ଫେରାଇବ। ଉତ୍ପାଦର ଗୁଣବତ୍ତାକୁ ନେଇ ଗ୍ରାହକ ମନରେ ସଂଶୟ ସୃଷ୍ଟି ହେବା ସ୍ୱାଭାବିକ। ସେଥିପାଇଁ କମ୍ପାନୀମାନେ ନିଜ ଦ୍ରବ୍ୟର ଗ୍ୟାରେଣ୍ଟି ଓ ୱାରେଣ୍ଟି ଉପରେ ଜୋର ଦେଇ କୁହନ୍ତି। ସେଇ ଦିଗରେ କମ୍ପାନୀମାନେ ବିଜ୍ଞାପନ ଜରିଆରେ ପ୍ରଚାର ଓ ପ୍ରସାର କରନ୍ତି। କିଣିଲାବେଳେ ଦ୍ରବ୍ୟ ସହ ଗ୍ୟାରେଣ୍ଟି କାର୍ଡ ମଧ୍ୟ ଦିଅନ୍ତି। କିନ୍ତୁ ସଚରାଚର ଦୁନିଆରେ ମଣିଷର ଗ୍ୟାରେଣ୍ଟି କିଛି ନାହିଁ। ଅନେକ ଲୋକଙ୍କ କହିବା କଥା ହେଲା ଆଜିର ମଣିଷ କାଲିକୁ ନାହିଁ। ସେ ଗ୍ୟାରେଣ୍ଟିରୁ କ'ଣ ମିଳିବ। ଏମିତିରେ ମଣିଷ ନିଜ ପ୍ରତିଜ୍ଞାକୁ ଭଙ୍ଗ କରି ଦେଇପାରେ ସହଜରେ। କାରଣ ଦୁନିଆରେ ମଣିଷ ସବୁଠୁ ଅବିଶ୍ୱାସୀ ପ୍ରାଣୀ। ତଥାପି ମଣିଷ ଗ୍ୟାରେଣ୍ଟି ପଛରେ ପାଗଳ। ପହିଲେ ଗ୍ୟାରେଣ୍ଟି ଖୋଜେ, ତା'ପରେ ଟଙ୍କାଟିଏ ଖର୍ଚ୍ଚ କରିବାକୁ ଇଚ୍ଛା କରେ। ବିନିଯୋଗର ପ୍ରତିବଦଳରେ ଫେରସ୍ତରେ କ'ଣ ସବୁ ମିଳିବାର ସମ୍ଭାବନା ରହିଛି ତାକୁ ଟିକିନିଖି ପରଖିଥାଏ। ସେହି ଅନୁସାରେ ମଣିଷ ନିଜର ସୁବିଧା ମୁତାବକ ବିନିଯୋଗ, ବିନିମୟ ଓ ବିତରଣ କରେ। ଏମିତିରେ ଚଳିତ ନିର୍ବାଚନର ସବୁଠାରୁ ବଡ଼ ସ୍ଲୋଗାନ ହେଉଛି ଦଳର ଗ୍ୟାରେଣ୍ଟି। ଗୋଟିଏ ଜାତୀୟ ଦଳ ଲୋକଙ୍କ ମିଜାଜକୁ ପଢ଼ି ଇସ୍ତାହାରକୁ ଗ୍ୟାରେଣ୍ଟିରେ ରୂପାନ୍ତରିତ କଲା। ଭାଷଣ ଓ ପ୍ରଚାର ପ୍ରସାରରେ ଏଇ ଗ୍ୟାରେଣ୍ଟିକୁ ଏମିତି ବ୍ୟବହାର କଲା ଯେ ତାହା ସ୍ଲୋଗାନ ହୋଇଗଲା। ଏହାର ପ୍ରଭାବ ଦେଖି ଅନ୍ୟ ଜାତୀୟ ଦଳ ଓ ଆଞ୍ଚଳିକ ଦଳ ମଧ୍ୟ ଭୋଟରଙ୍କୁ ଗ୍ୟାରେଣ୍ଟି ଦେବାକୁ ପଛେଇଲେନି। ସେମାନେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଗ୍ୟାରେଣ୍ଟି ପରେ ଗ୍ୟାରେଣ୍ଟି ଦେଲେ। ଦଳ ଓ ନେତାମାନଙ୍କ ଗ୍ୟାରେଣ୍ଟି କମ୍ପାନୀର ଗ୍ୟାରେଣ୍ଟି ଭଳି ଆସ୍ଥାବାନ ହୋଇପାରିବ ନା ମଣିଷର ପ୍ରତିଶ୍ରୁତି ଭଳି ପାଣି ଫୋଟକା ପରି ମିଳେଇଯିବ ତାହା ଆଗାମୀ ସମୟ କହିବ। ଏହି ସମୟ ମଧ୍ୟରେ ଆଉ କିଛି ଗ୍ୟାରେଣ୍ଟି ହୃଦୟକୁ ଛୁଇଁଲା ଭଳି ଲାଗିଲା। ତଳେ ଉଲ୍ଲେଖିତ ନିଆରା ଗ୍ୟାରେଣ୍ଟି ହୁଏତ ଆପଣଙ୍କୁ ବି ଛୁଇଁପାରିବ।

କଥା କ'ଣ କି ? ଏଥର ନିର୍ବାଚନ ଦାୟିତ୍ୱରେ ଜିଲାର ଏକ ଦୁର୍ଗମ ଅଞ୍ଚଳକୁ ଯିବାକୁ ପଡ଼ିଥିଲା। ନାଁ ତା'ର ରଘୁବାରୀ। ଏକଦା ଅତି ମାଓବାଦୀପ୍ରବଣ ଇଲାକା ଭାବେ ପରିଚିତି ଥିଲା। ଭୟ ଓ ଆତଙ୍କର ଇଲାକା ଥିଲା। ଦୁଇଟି ପୋଲିଂ ଦଳକୁ ଗୋଟେ ଛୋଟ ମିନି ବସ୍ ମିଳିଥିଲା। ରାୟଗଡ଼ାରୁ ୧୦୦ କିଲୋମିଟର ଗଲା ପରେ ମୁଖ୍ୟ ରାସ୍ତା ଛାଡୁ ଛାଡୁ ଗାଡ଼ି ଦୋଳି ଖେଳିଲା ଭଳି ଚାଲିଲା। କିଛି ସମୟ ପରେ ସାପ ମୋଡ଼ି ହେଲା ଭଳି ରାସ୍ତା। ଦି ପଟ ପାହାଡ଼ ଓ ଜଙ୍ଗଲ। ରାସ୍ତା ନାଆଁକୁ ମାତ୍ର। ପିଚୁ ସବୁ ଖାଇଯାଇଛି। ରାସ୍ତା ସାରା ଖାଲଖମା। ଗଁ ଗଁ କରି ଘାଟି ଚଢ଼ି ତଳକୁ ଖସିଲା ପରେ ଦିଶିଲା ଏକ ଉପତ୍ୟକା ଭଳି ଅଞ୍ଚଳ। ଚାରିପଟେ ପାହାଡ଼ ଘେରି ରହିଛି। ତାରି ଭିତରେ କିଛି ଗାଁ। ପାହାଡ଼ ଶୀର୍ଷରେ ଅନ୍ୟ ପଟକୁ ଓହ୍ଲାଇ ଆମକୁ ଆଉ ଟିକେ ଭିତରକୁ ଯିବାକୁ ପଡ଼ିଲା। ସାଥିରେ ଥିଲେ ସ୍ଥାନୀୟ ଶିକ୍ଷକ ତଥା ବିଏଲ୍‌ଓ ପବିତ୍ରବାବୁ। ବୁଥ୍ ଭାବେ ନିର୍ଦ୍ଧାରିତ ବିଦ୍ୟାଳୟ କୋଠରି ଭିତରେ ଭୋଟ ମେଶିନ ଇତ୍ୟାଦି ଭରି କରିଦେଲା ପରେ ଆଶ୍ୱସ୍ତି ମିଳିଲା। ତା'ପରେ କେନ୍ଦ୍ରର ମୌଳିକ ସୁବିଧା



ସୁଯୋଗ ସମ୍ପର୍କରେ ଆଲୋଚନା। ପ୍ରବଳ ଗରମ ହେତୁ ବିଦ୍ୟାଳୟ ଛାତ ତଳେ ରହିବା ସମ୍ଭବ ନ ଥିଲା। ବିଦ୍ୟାଳୟ ପଛପଟେ ବିରାଟ ଆମ୍ବତୋଟା। ସେଠାକୁ ଯିବାକୁ ଉଚିତ ମଣିଲୁ। ଗଛରେ ହଳଦିଆ ରଙ୍ଗର ଦେଶୀ ଆମ୍ବ ସବୁ ଝୁଲୁଛି। ପାଚିଲା ଆମ୍ବର ବାସ୍ନା ଓ ଝୁଲୁଥିବା ଆମ୍ବର ସଂଖ୍ୟାକୁ ଦେଖି ପାଚିର ଲାଳସାକୁ ରୋକି ହେଲାନି। ଆମେ ଇଚ୍ଛା କରିବାରୁ ସେମାନେ ଉଦାର ହୃଦୟରେ କହିଲେ – 'କିଛି ନାଇଁ ଆଜ୍ଞା! ଖାଅ।' ତାପରେ ଝାମ୍ପି ପଡ଼ିଲୁ। ବୁଲି ବୁଲି ଖାଇଲୁ ଆମ୍ବ। ତାରି ଭିତରେ ମୁଁ ପଚାରିଲି –'ଏତେ ବଡ଼ ତୋଟା କାହାର।' ଜଣେ ସ୍ତ୍ରୀ ଲୋକ କହିଲା – 'ଏଇଟା ଆମର ଆଜ୍ଞା!' ମୁଁ ଚକିତ ହୋଇ ପଚାରିଲି – 'ହେଲେ ଏତେ ଜଣ ନେଉଛନ୍ତି ଯେ!' ସ୍ତ୍ରୀ ଲୋକଟି ହସିଲା ଓ କହିଲା – 'ଆମର ସେମିତି କିଛି ନାଇ ଆଜ୍ଞା। ଆମର ତୋଟା ହେଲେ ମିଶା କିସ ହୋଇଗଲା। ଗଛର ଫଳ ଏ ଗାଁ ଲୋକଙ୍କର! ଯିଏ ଯେତେବେଳେ ଆସିଲା ଝଡ଼ିବା ଫଳକୁ ନେଇପାରିବ। କିନ୍ତୁ ଗଛ ଚଢ଼ିପାରିବେନି କି ତୋଳିପାରିବେନି କେହି।' ସୁନ୍ଦର ନିୟମ। ଅବିଶ୍ୱସନୀୟ ଗଣତନ୍ତ୍ର। ଚକିତ ହେଲି। ଗାଁ ଚାରିପଟେ ଏମିତି ବହୁତ ଆମ୍ବ ତୋଟା ପ୍ରକୃତିର ଦାନ। ସେଥିରୁ ମିଳୁଥିବା ଆମ୍ବକୁ ନେଇ ଆମ୍ବଶଢ଼ା ଓ ଚମ୍ପେଇତ କରି ବିକିବେ ସେମାନେ। ଏତିକିବେଳେ ଗାଁର ଜଣେ ପୁରୁଷ ଲୋକ ପହଞ୍ଚିଲା। ମୁଁ ସେଇ ସ୍ତ୍ରୀ ଲୋକଟିକୁ ପୁଣି ପଚାରିଲି – 'ଏଠି ଲୋକେ ଚଳୁଛନ୍ତି କିପରି ?' ଏଥର ପାଖରେ ଥିବା ପୁରୁଷ ଲୋକଟି ଉପରେ ପଡ଼ି କହିଲା– 'ଚାଷବାସ ଆଜ୍ଞା! ଆମେ ସମସ୍ତେ ଏଠି ମିଳିମିଶି ଚାଷବାସରେ ସାହାଯ୍ୟ କରି ଖନ୍ଦ ପଚଉଛୁ। ଯା ଜମିରେ ସିଏ ତା' ଜମିରେ ଆଉ କିଏ ଏମିତି ମିଳିମିଶି ସାରିଦେଉଛୁ ଚାଷବାସ କାମ। ଚାଷ ସରିଗଲେ କିଛି କାମ ନାହିଁ। ଏ ଶୁଖିଲା ଅଞ୍ଚଳରେ ଆଉ କିସ ମିଳିବ! ସମସ୍ତେ ଦେଶକୁ ପଳଉଛନ୍ତି ଦାଦନ ଖଟିବାକୁ।' ଏତକ ଶୁଣି ଟିକେ ନୀରବ ରହିଗଲି। ରାଜନୀତି ପଶି ଆସିଲେ ପୁଣି ଝମେଲା। ସେଠାରୁ ଆସିବାକୁ ଉଚିତ ଭାବିଲି। ତୋଟା ଛାଡିଲାବେଳେ ସେ ଲୋକଟି କହିଲା – 'ଗୁଟେ କଥା ଗ୍ୟାରେଣ୍ଟି ଆଜ୍ଞା! ଆମ ଗାଁକୁ ଯିଏ ଆଇବ ସିଏ କେବେ ଜାଟିରେ ପଡ଼ିବନି। ତାର କିଛି ହେବନି। ଖାଲି ହାତରେ ମିଶା ସେ ଯିବନି। ଆଉ ଭୋଟ ରାଜନୀତିରେ ଯିଏ ଯାହାକୁ ପାରିଲା ତାକୁ ଭୋଟ ଦେବ। ସିଟାରେ କିଛି ବାଧା ନାହିଁ। ଆମ ଗାଁ ଲୋକ ଭିତରେ ଟିକେ ମିଶା ମନ ଫଟାଫଟି ନାହିଁ। ସମସ୍ତେ ଏକ। ଇଟା ମାତ୍ର ଗ୍ୟାରେଣ୍ଟି କଥା ଆଜ୍ଞା।'

ରାଜନୀତିକୁ ନେଇ ଅନେକ ଗାଁ ଭାଗ ଭାଗ ହୋଇ ମାର୍‌ପିଟ ହେଉଛନ୍ତି। କିନ୍ତୁ ଏଇ ଗାଁ ଲୋକଙ୍କ ଭିତରେ ଏଇ ଅପୂର୍ବ ଭାଇଚାରା ଓ ଆନ୍ତରିକତା ମୁଗ୍ଧ କଲା। ନିଜ ଭିତରେ ବିସ୍ମିତ ହେଉଥିଲି। ସେଦିନ ତୋଟାରୁ ତୁରନ୍ତ ଫେରିଗଲୁ ଏବଂ ଯଥାରୀତି ନିର୍ବାଚନ ସାରି ଫେରିବା ସମୟରେ କିଛି ସ୍ତ୍ରୀ ଲୋକ ଜରି ଭର୍ତ୍ତି ଆମ୍ବ ପ୍ୟାକେଟ ଧରି ବସ୍ ନିକଟରେ ଅପେକ୍ଷା କରିଥିଲେ। ପ୍ରତିବଦଳରେ ଆମେ ପଇସା ଯାଚିବାରୁ ରୋକ୍‌ଠୋକ୍ ମନା କଲେ। ତଥାକଥିତ ସଭ୍ୟଲୋକଠାରୁ ବହୁ ଦୂରରେ ରହିଥିବା ଏଇ ଗାଁ ଲୋକଙ୍କ ପ୍ରତିଟି ଗ୍ୟାରେଣ୍ଟି ଅଭିଭୂତ କଲା।

**୬୬– ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

୨୫ ବର୍ଷ ବୟସରେ ଜଣେ ସଫଳ କୃଷି ଉଦ୍ୟୋଗୀ ଭାବେ ପରିଚିତି ହାସଲ କରିଛନ୍ତି ଉତ୍ତରପ୍ରଦେଶର ଯାଶ ଦୟାଲ ଶର୍ମା। ଶାହରନପୁର ନିବାସୀ ଶର୍ମା ଜୈବିକ କୃଷି ବର୍ଜ୍ୟରୁ ଜିଆଖତ ପ୍ରସ୍ତୁତ କରୁଛନ୍ତି। କେବଳ ସେତିକି ନୁହେଁ ସେ ୨୫୦୦ କୃଷକଙ୍କୁ ଜୈବିକ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ଏହି ଅଭିଯାନ ସେ ପଶ୍ଚିମ ଉତ୍ତରପ୍ରଦେଶର କୃଷି ଅଧିକାରୀଙ୍କ ସହଯୋଗରେ ଆଗକୁ ବଢାଇଛନ୍ତି। ଶର୍ମା ଜୁନ୍ ୨୦୨୧ରେ 'ଫର୍ଟିଲାଇଜି ବିଘା' କମ୍ପାନୀ ମାଧ୍ୟମରେ ଖତ ତିଆରି କରୁଛନ୍ତି। ବିଗତ ୩ ବର୍ଷର ୨,୫୦୦ ଟନ ଜୈବିକ ବର୍ଜ୍ୟକୁ ଖତ କରିସାରିଲେଣି। ଏହାବାଦ୍ ୨୦୦ କୃଷକଙ୍କ ସହ ସିଧାସଳଖ ଜଡ଼ିତ ରହିଛନ୍ତି। ଏହି ପ୍ରକ୍ରିୟାରେ ୯୫୦ ଟନ ନଡ଼ାପୋଡି ରୋକାଯାଇଥିବା କୁହନ୍ତି ଶର୍ମା। ସେ ଜୈବିକ ବର୍ଜ୍ୟ ସହ ଗୋବର ମିଶାଇ ଜିଆଖତ ପ୍ରସ୍ତୁତ କରୁଛନ୍ତି ଓ ବିଗତ ୨ ମାସ ମଧ୍ୟରେ ଏଥିରୁ ୧୩.୫ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୭୫

- ବହିଃଶୁଳ୍କ ବିଭାଗ କର୍ମଚାରୀଙ୍କ ଦ୍ୱାରା ବମ୍ବେ ଉପକୂଳରେ ଦୁଇଟି ବୋଟ୍‌ରୁ ୧୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନିଷିଦ୍ଧ ପଦାର୍ଥ ଜବତ।
- ଇସ୍ପାତ କମ୍ପାନୀରେ କାମ କରୁଥିବା ଅଢ଼େଇ ଲକ୍ଷ କର୍ମଚାରୀଙ୍କ ୪ ବର୍ଷିଆ ମଜୁରୀ ଚୂଡ଼ାନ୍ତ କରିବା ସମ୍ପର୍କରେ ହୋଇଥିବା ଆପୋସ କଥାବାର୍ତ୍ତା ବିଫଳ।
- କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପି.କେ. ମୁଖାର୍ଜୀଙ୍କ ଦ୍ୱାରା ଦକ୍ଷିଣ ବମ୍ବେ ପଶ୍ଚିମ ଉପକୂଳର ସର୍ବବୃହତ ଅକ୍ସିଜେନ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ।

## ଚିରନ୍ତନୀ

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା-ଅଙ୍ଗେ ମୋ' ଢାଳିବ ନବୀନ
କ୍ଳାନ୍ତି-ହର ତା' ବାଣୀ।
ମୃତ୍ୟୁ ଅଙ୍କେ ତେଜି ଭୟ ଲଜ୍ଜା
ପାତିବ ସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ସେ ମୋ କକ୍ଷେ ଜାଳିବ ପୀରତି
ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟରାଣୀ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିଶ୍ରୁତିରେ କେତେ ଦମ୍

ମହାଶୟ,

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତିନୋଟି ପ୍ରମୁଖ ରାଜନୈତିକ ଦଳ ତରଫରୁ ଦିଆଯାଇଥିବା ଗ୍ୟାରେଣ୍ଟିରେ କେତେ ଦମ୍ ଅଛି ତାହା ଚର୍ଚ୍ଚାର ବିଷୟ ପାଲଟିଛି। କଂଗ୍ରେସ ତରଫରୁ ସବୁ ବର୍ଗ ପାଇଁ ପ୍ରଥମେ ଅନେକ ଆକର୍ଷଣୀୟ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ଅନ୍ୟ ଦୁଇ ଦଳକୁ ଅଡୁଆରେ ପକାଇବାରୁ ସେମାନେ ମଧ୍ୟ ପ୍ରତିଶ୍ରୁତି ଦେଲେ। ବିଜେଡି ବିଦ୍ୟୁତ୍ ବିଲ୍ ଛାଡ଼, ଭାଜପା ସୋଲାର ସିଷ୍ଟମ ସୁବିଧା କରି ସ୍ୱୟଂ ବିଜୁଳି ଉତ୍ପାଦନ କରିବା ଓ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କାକୁ ଧାର୍ଯ୍ୟ ଇତ୍ୟାଦି ଘୋଷଣା କଲେ। ତେବେ ତିନି ଦଳ ନିର୍ବାଚନୀ ପ୍ରଚାର ଛଳରେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ମଧ୍ୟରୁ କେଉଁ ଗ୍ୟାରେଣ୍ଟିଟି ଭୋଟରଙ୍କୁ ଉପାଦେୟ ଲାଗି ବା ବେଶୀ ପ୍ରଭାବିତ କରିଛି ତାହା ଭବିଷ୍ୟତ କହିବ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





## ପିଲାଙ୍କ କଳିରୁ ଟୁଫୁଲକାଣ୍ଡ | ନାବାଳକଙ୍କ ଶରୀରରେ ପଶିଗଲା ଲୁହାରଡ୍

**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ରଥପଡ଼ାରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପିଲାଙ୍କ କଳିରୁ ଜଣେ ନାବାଳକ ଅନ୍ୟଜଣେ ନାବାଳକଙ୍କୁ ଲକ୍ଷ୍ୟ କରି ଏକ ତୀକ୍ଷ୍ଣ ଲୁହାରଡ୍ ମାରିଦେବାରୁ ତାହା ତାଙ୍କ ପିଠିପଟ ଦେଇ ଶରୀରକୁ ପଶି ଯାଇଥିଲା। ଶରୀରରେ ଲୁହାରଡ୍ ଲାଗି ରହିବାରୁ ନାବାଳକ ଜଣକ ଗୁରୁତର ଆହତ ହୋଇଥିଲେ। ଆହତ ନାବାଳକ ଭଟଲି ରଥପଡ଼ାର ଯାଦବ ପାତିକାରଙ୍କ ପୁଅ ଜୀବନ (୯)। ଭିମସାର୍ ବୁର୍ଲା ଡାକ୍ତରଖାନାରେ ଡାକ୍ତରଙ୍କ ସଫଳ ଅସ୍ତ୍ରୋପଚାର ଯୋଗୁ ଶରୀରରୁ ଲୁହରଡ୍ ବାହାର କରାଯାଇଛି। ତେବେ ନାବାଳକ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ବିପଦମୁକ୍ତ ରହିଥିବା ସୂଚନା ମିଳିଛି। ପ୍ରକାଶ ଯେ, ସକାଳ ପ୍ରାୟ ୭ଟାରେ ଜୀବନ ତାଙ୍କ ସାଙ୍ଗମାନଙ୍କ ସହିତ ଖେଳୁଥିଲେ। ସାମାନ୍ୟ ବଚସାରୁ ଜୀବନ ଏବଂ ଅନ୍ୟଜଣେ ନାବାଳକଙ୍କ ମଧ୍ୟରେ କଳି ହୋଇଥିଲା। ଏହାପରେ ସମ୍ପୃକ୍ତ ନାବାଳକ ଘରକୁ ଯାଇ ଏକ ତୀକ୍ଷ୍ଣ ଲୁହାରଡ୍ ଆଣିଥିଲେ। ତାହା ଦେଖି ଜୀବନ ଦୌଡ଼ି ପଳାଉଥିବାବେଳେ ସମ୍ପୃକ୍ତ ନାବାଳକ ତାଙ୍କୁ ଲକ୍ଷ୍ୟ କରି ଲୁହାରଡ୍ ମାରିବାରୁ ତାହା ଜୀବନଙ୍କ ପିଠିପଟୁ ଶରୀର ଭିତରକୁ ପଶି ଯାଇଥିଲା। ଆହତଙ୍କ ପରିବାର ଏବଂ ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଏକ୍ସ-ରେ ପରୀକ୍ଷା ପରେ ଲୁହାରଡ୍ ଜୀବନଙ୍କ ଫୁସଫୁସ ପର୍ଯ୍ୟନ୍ତ ପଶିଯାଇ ଥିବା ଯୋଗୁ ତାହା କାଢ଼ିବା ସମ୍ଭବପର ହୋଇ ନ ଥିଲା। ଫଳରେ ଡାକ୍ତରମାନେ ତାଙ୍କୁ ଭିମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।


ଭିମସାର୍ ବୁର୍ଲାରେ ଚିକିତ୍ସାଧୀନ ନାବାଳକ।




# ଆଜି ଶେଷ ପର୍ଯ୍ୟାୟ ଭୋଟ

### ନିର୍ବାଚନ ରଣାଙ୍ଗନରେ ପ୍ରମୁଖ ପ୍ରାର୍ଥୀ


ଶ୍ରୀକାନ୍ତ ଜେନା | ପ୍ରତାପ ଷଡ଼ଙ୍ଗୀ | ଲେଖାଶ୍ରୀ ସାମନ୍ତସିଂହାର | ସୁଦାମ ମାର୍ଣ୍ଡି | ନବଚରଣ ମାଝି | ବୈଜୟନ୍ତ ପଣ୍ଡା | ଅଂଶୁମାନ ମହାନ୍ତି


ବିଭୁପ୍ରସାଦ ତରାଇ | ରାଜଶ୍ରୀ ମଲ୍ଲିକ | ଶର୍ମିଷ୍ଠା ସେଠୀ | ଅନନ୍ତ ପ୍ରସାଦ ସେଠୀ | ମଞ୍ଜୁଲତା ମଣ୍ଡଳ | ଅଭିମନ୍ୟୁ ସେଠୀ | ପ୍ରମିଳା ମଲ୍ଲିକ


ଆକାଶ ଦାସନାୟକ | ବର୍ଷା ପ୍ରିୟଦର୍ଶିନୀ | ଅରିନ୍ଦମ୍ ରାୟ | ନିରଞ୍ଜନ ପଟ୍ଟନାୟକ | ପ୍ରତାପ ଦେବ | ମନମୋହନ ସାମଲ | ପ୍ରଫୁଲ୍ଲ ସାମଲ

**ଭୁବନେଶ୍ୱର,୩୧।୫(ଅନିଲ ଦାସ)**

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ଭୋଟ୍ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୬ ସଂସଦୀୟ କ୍ଷେତ୍ର ଓ ୪୨ ବିଧାନସଭା ଆସନରେ ଶନିବାର ମତଦାନ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଏହି ପର୍ଯ୍ୟାୟରେ ମୋଟ ୪୬୦ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୬ ସଂସଦୀୟ କ୍ଷେତ୍ର ପାଇଁ ୬୬ ଜଣ ଏବଂ ୪୨ ବିଧାନସଭା ଆସନ ପାଇଁ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୯୯,୬୧,୦୫୭ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୫୦,୮୮,୦୭୬ ପୁରୁଷ, ୪୮,୭୨,୨୯୪ ମହିଳା ଓ ୬୮୭ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ୧୦,୮୮୨ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହେବ। ୧୪୦୦ରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨୦% ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) କରାଯାଇଛି। ପ୍ରାୟ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟ ପାଇଁ ଭାରତର ନିର୍ବାଚନ କମିଶନ ୧୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୩ ଜଣ ପୋଲିସ ପର୍ଯ୍ୟବେକ୍ଷକ ଓ ୧୮ ଜଣ ବ୍ୟୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ମତଦାନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ରାଜ୍ୟ ପୋଲିସ ବ୍ୟତୀତ ୧୨୬ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯାଇଛି। ବାଲେଶ୍ୱର ଜିଲାରେ ୨୨ ସିଏପିଏଫ୍ ମୁତୟନ ହୋଇଥିବାବେଳେ ଭଦ୍ରକରେ ୧୬, କେନ୍ଦ୍ରାପଡ଼ାରେ ୧୮, ଜଗତ୍‌ସିଂହପୁର ୧୨, ମୟୂରଭଞ୍ଜରେ ୧୮, କଟକରେ ୧୨ ଏବଂ ପୁରୀ ଜିଲାରେ ୨୭ ସିଏପିଏଫ୍ ମୁତୟନ ହୋଇଛନ୍ତି। ପୂର୍ବରୁ ଯାଜପୁର ଜିଲାରେ ୨୦ କମ୍ପାନୀ ସିଏପିଏଫ୍ ମୁତୟନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ଜିଲା ପାଇଁ ଅତିରିକ୍ତ ଆଉ ଏକ କମ୍ପାନୀ ସିଏପିଏଫ୍ ମୁତୟନ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ପ୍ରତି ମତଦାନ କେନ୍ଦ୍ରରେ ଜଣେ ଆଶାକର୍ମୀ ଓ ଜଣେ ଅଙ୍ଗନୱାଡି କର୍ମୀ ରହିବେ। ସମ୍ଭାବ୍ୟ ଅଂଶୁଘାତର ଜରୁରୀ ଚିକିତ୍ସା ପାଇଁ ସେଠାରେ ଆବଶ୍ୟକ ଔଷଧ, ଓଆର୍‌ଏସ୍ ଆଦି ରହିବ। ପ୍ରତି ମତଦାନ କେନ୍ଦ୍ରରେ ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ ଷ୍ଟାଫ୍ ଜରୁରୀ ଔଷଧପତ୍ର ସହିତ ରହିବେ। ବରିଷ୍ଠ ଭୋଟର ଓ ଭିନ୍ନକ୍ଷମ ଭୋଟରଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀମାନେ ରହିବେ।

| ଲୋକ ସଭା | ବିଧାନସଭା |
|---|---|
| ମୟୂରଭଞ୍ଜ | ରାଇରଙ୍ଗପୁର, ଯଶୀପୁର, ସାରସକଣା, ବାଙ୍ଗିରୀପୋଷି, ବାରିପଦା, ମୋରଡ଼ା, ଉଦଳା |
| ବାଲେଶ୍ୱର | ବାଲେଶ୍ୱର, ରେମୁଣା, ନୀଳଗିରି, ବସ୍ତା, ଭୋଗରାଇ, ଜଳେଶ୍ୱର, ବଡ଼ସାହି |
| ଭଦ୍ରକ | ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି, ବାସୁଦେବପୁର, ସିମୁଳିଆ, ସୋର |
| ଯାଜପୁର | ଯାଜପୁର, ବିଞ୍ଝାରପୁର, କୋରେଇ, ବରୀ, ଧର୍ମଶାଳା, ବଡ଼ଚଣା, ସୁକିନ୍ଦା |
| କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା, ମହାକାଳପଡ଼ା, ରାଜନଗର, ଆଳି, ପାଟକୁରା, ସାଲେପୁର, ମାହାଙ୍ଗା |
| ଜଗତ୍‌ସିଂହପୁର | ଜଗତ୍‌ସିଂହପୁର, ତିର୍ତ୍ତୋଲ, ବାଲିକୁଦା-ଏରସମା, ପାରାଦୀପ, ନିଆଳି, କାକଟପୁର, ନିମାପଡ଼ା |

## ସଡ଼କ ଦୁର୍ଘଟଣାରେ ୩ ଜୀବନ ଗଲା

**ହେମଗିର,୩୧।୫ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଥାନା ଅନ୍ତର୍ଗତ ଉସତାଲି ଘାଟିରେ ଶ୍ରମିକ ନେଇ ଯାଉଥିବା ଏକ ଭ୍ୟାନ ଭାରସାମ୍ୟ ହରାଇ ୧୦ ଫୁଟ ତଳକୁ ଓଲଟି ପଡ଼ିବା ଫଳରେ ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶେମବାଇ ଗନ୍ଦବା ଓ ମତିବାଇ ଗନ୍ଦବା। ଏଥିସହ ୬ ଗୁରୁତର ହୋଇଛନ୍ତି। ସେହିପରି ହେମଗିରି ଥାନା ଗର୍ଜନବାହାଲ କୋଇଲା ଖଣି ଗେଟ ସମ୍ମୁଖରେ ପାଣି ସିଞ୍ଚନ କରୁଥିବା ଏକ ପାଣି ଟ୍ୟାଙ୍କ ସ୍କୁଟିକୁ ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଡୁକା ଗ୍ରାମର ମହମ୍ମଦ ସରିଫ। ପୋଲିସ ସୂଚନା ଅନୁଯାୟୀ, ହେମଗିର ବ୍ଲକ ଡୁଡୁକାରେ ଥିବା ଏକ କମ୍ପାନୀରେ କାମ କରିବା ପାଇଁ ଶୁକ୍ରବାର ଭ୍ୟାନ (ଓଡି ୨୩ଏଲ ୩୯୧୨) ଯୋଗେ ୮ ଜଣ ଶ୍ରମିକ ଯାଉଥିଲେ। ଉସତାଲି ଘାଟି ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ତଳକୁ ଓଲଟି ପଡିଥିଲା। ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ସକାଳ ୮ଟାରେ ସରିଫ ଗର୍ଜନବାହାଲ ଖଣି ଗେଟ ସମ୍ମୁଖ ରାସ୍ତା କଡରେ ସ୍କୁଟି ଛିଡା କରି ଠିଆ ହୋଇଥିଲେ। ଏହି ସମୟରେ ପାଣି ସିଞ୍ଚନ କରୁଥିବା ଏକ ଟ୍ୟାଙ୍କର (ଓଡି ୧୬ ଡି ୯୮୨୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ହାଇୱା ପଛରେ କାର ପିଟିହେବା ଘଟଣା | ଦୁଇ ଯୁବ ଇଞ୍ଜିନିୟର ମୃତ, ଜଣେ ଆହତ

**ଭୁବନେଶ୍ୱର,୩୧।୫(ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପାତ୍ରପଡା ଡିଏନ୍ ରେଗାଲିଆ ନିକଟ ଓଭରବ୍ରିଜ ଉପରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ସଡକ ଦୁର୍ଘଟଣାରେ ୨ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରସୁଲଗଡ଼ରେ ରହୁଥିବା ଖୋର୍ଦ୍ଧା ବାଣପୁର ଅଞ୍ଚଳର ସୀତାଂଶୁ ଭୂଷଣ ନାୟକ ଓ ଆରିୟନ ସୁବୁଦ୍ଧି। ସେହିଭଳି ଆହତ ଜଣକ ହେଲେ ସୁରେଶ ପ୍ରଧାନ। ସୂଚନାନୁସାରେ, ଓଭରବ୍ରିଜ ଉପରେ ଖୋର୍ଦ୍ଧା ପଟୁ ଆସୁଥିବା ଏକ ହାଇୱା କୌଣସି କାରଣରୁ ଅଟକି ରହିଥିଲା। ସମାନ ଦିଗରେ ସୀତାଂଶୁ, ଆରିୟନ ଓ ସୁରେଶ ଏକ କାର୍‌ରେ ଆସୁଥିବାବେଳେ ଉକ୍ତ ହାଇୱା ପଛରେ ପିଟି ହୋଇଯାଇଥିଲେ। କାରଟିର ବେଗ ଅଧିକ ଥିବାରୁ ତାହା ହାଇୱା ପଛରେ ପିଟି ହେବା ସହ ଭିତରକୁ ପଶି ସଂପୂର୍ଣ୍ଣ ଚୁରମାର ହୋଇଯାଇଥିଲା। କାର ଭିତରେ ଥିବା ୩ ଯୁବକ ଚେତା ଶୂନ୍ୟ ହୋଇଯାଇଥିଲେ। ଖବର ପାଇ ତମାଣ୍ଡୋ ଥାନା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି କାରରୁ ୩ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ତେବେ ଡାକ୍ତର ୨ ଜଣଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ଆହତ ଅବସ୍ଥାରେ ସୁରେଶ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ପୁରୀ ବାଣ ବିସ୍ଫୋରଣ | ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି

**ଭୁବନେଶ୍ୱର,୩୧।୫(ଅସମାପିକା ସାହୁ)**

ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପଖେଳବେଳେ ହୋଇଥିବା ବାଣ ବିସ୍ଫୋରଣ ଘଟଣାରେ ଆଉ ୩ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ୨ଜଣ ଶିଶୁ ଥିବା ଜଣାପଡିଛି। ଏ ନେଇ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ଚିକିତ୍ସାଧୀନ ଅବସ୍ଥାରେ ଏହି ୩ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୁରୀ ଖଣ୍ଡିଆବନ୍ଧର ହେମନ୍ତ ସାହୁଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିଲା। ପରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନେ ହେଉଛନ୍ତି ପୁରୀ ନରେନ୍ଦ୍ରକୋଣର ସୌମ୍ୟରଞ୍ଜନ ସାହୁ ଓ ଖଣ୍ଡିଆବନ୍ଧର ସମୃଦ୍ଧି ସାହୁ। ସୌମ୍ୟରଞ୍ଜନ ବଳଗଣ୍ଡି ହାଇସ୍କୁଲର ୬ଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିଲେ। ସେହିପରି ସମୃଦ୍ଧିଙ୍କୁ ମାତ୍ର ୪ ବର୍ଷ ହୋଇଥିଲା। ଏହି ଘଟଣାରେ ଆହତ ହୋଇଥିବା ଆହୁରି ୨୪ଜଣ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସରକାର ସ୍ଥିତି ଉପରେ ନଜର ରଖିଛନ୍ତି। ସେହିପରି ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ଦିଗରେ ପୁରୀ ଜିଲାପାଳ ପଦକ୍ଷେପ ନେଇ ସାରିଥିବା ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### କ୍ଷତିପୂରଣ ଦାବି: ଓଏଚ୍ଆର୍‌ସିରେ ପିଟିଶନ

**କଟକ,୩୧।୫ (କାର୍ତ୍ତିକ ସାହୁ):** ପୁରୀ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ବିସ୍ଫୋରଣ ଘଟଣାକୁନେଇ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ରେ ଏକ ପିଟିଶନ୍ ଶୁକ୍ରବାର ଦାୟର ହୋଇଛି। ବିସ୍ଫୋରଣରେ ମୃତକଙ୍କ ପରିବାରକୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ୩୦ ଲକ୍ଷ ଓ ଆହତଙ୍କୁ ପୁରୀ ଜିଲାପାଳ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଆଦେଶ ଦେବାକୁ ପିଟିଶନ୍‌ରେ ଆବେଦନକାରୀ ଆଇନଜୀବୀ ଶିବଶଙ୍କର ମହାନ୍ତି ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ପୁରୀରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଏହି ଅଘଟଣ ଘଟିଥିଲା। ବାଣ ଫୁଟାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କାହାକୁ ଅନୁମତି ଦିଆଯାଇ ନ ଥିଲେ ମଧ ଲୋକେ ପରମ୍ପରା ଅନୁଯାୟୀ ବାଣ ଫୁଟାଇ ଥିଲେ। ତେବେ ବାଣ ଫୁଟାଇଲାବେଳେ ନିକଟରେ ଥିବା ବାଣ ଗଦାରେ ନିଆଁ ପଡ଼ିଯିବାରୁ ତାହା ଭୟଙ୍କର ରୂପ ନେଇଥିଲା। ଏକ ସମୟରେ ହଠାତ୍ ବାଣସବୁ ଫୁଟିଯିବାରୁ ଚାପଖେଳ ଓ ବାଣ ଫୁଟା ଦେଖୁଥିବା ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଗୁରୁବାର ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଏପରିକି ଯେଉଁ ବ୍ୟକ୍ତି ବାଣ ଫୁଟାଇବା ପାଇଁ ଆଣି ଗଦା କରିଥିଲେ ସେ ମଧ ଗୁରୁତର ଅଛନ୍ତି।

## ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅ ମୃତ

**ଲହୁଣୀପଡ଼ା, ୩୧।୫(ଦାଶରଥି ପଣ୍ଡା)**

ଜମିବାଡି ଭାଗକୁ ନେଇ ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ତାଳବାହାଲି ପଞ୍ଚାୟତ ବୁଢାଭୂଇଁ ଗ୍ରାମରେ ଗୁରୁବାର ରାତିରେ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାତ୍ରାସ ଓରାମ (୩୫)। ପୋଲିସ ଅଭିଯୁକ୍ତ ଫ୍ରାନସିସ ଓରାମ(୬୨)ଙ୍କୁ ଗିରଫ କରିଛି। ପାତ୍ରାସ ଜମିବାଡି ଭାଗକୁ କେନ୍ଦ୍ର କରି ଫ୍ରାନସିସଙ୍କୁ ମାରପିଟ୍ କରୁଥିଲେ। ତାହା ଅସହ୍ୟ ହେବାରୁ ଫ୍ରାନସିସ ଟାଙ୍ଗିଆରେ ପୁଅଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ପାତ୍ରାସଙ୍କ ମୃତ୍ୟୁ ହୋଇଥିଲା।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବି.ଟେକ୍ ପରୀକ୍ଷାଫଳ ପ୍ରକାଶିତ

**ନୂଆଦିଲ୍ଲୀ,୩୧।୫**

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବି.ଟେକ୍ ଶେଷ ବର୍ଷ (୮ମ ସେମିଷ୍ଟର)-୨୦୨୪ର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏପରିକି ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହୋଇଥିବା ଏହି ପରୀକ୍ଷା ଫଳାଫଳର ହାର ୯୮.୧୨% ହୋଇଛି। ଏହି ପରୀକ୍ଷାଫଳ ଏବଂ ରେଜଲ୍ଟ ସିଟ୍ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ (www.driems.ac.in)ରୁ ଛାତ୍ରୀଛାତ୍ରମାନେ ଡାଉନ୍‌ଲୋଡ୍ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡ଼ଙ୍ଗୀ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ଗୋଟିଏ ଦିନରେ ଗଲା ୬ ଜୀବନ

ବଲାଙ୍ଗୀର,୩୧।୫(ବୀରେନ୍ଦ୍ର କୁମାର ଝାଙ୍କର)

ଗତ କିଛିଦିନ ହେବ ପଶ୍ଚିମ ଓଡ଼ିଶାରେ ଲାଗିରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅଂଶୁଘାତ ଭୟ ବଢ଼ାଇଛି। ଶୁକ୍ରବାର ଗୋଟିଏ ଦିନରେ ୬ ବ୍ୟକ୍ତିଙ୍କ ଜୀବନ ଯାଇଛି। ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଅଭିଯୋଗ କରାଯାଇଛି। ଗତ ଦୁଇଦିନ ମଧ୍ୟରେ କେବଳ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟଳି ପଡ଼ିଲେଣି। ଏଭଳି ଅସ୍ୱାଭାବିକ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅସହ୍ୟ ଗରମରୁ ମୃତ୍ୟୁ ଘଟିଥିବା କୁହାଯାଉଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁବାର ରାତିରେ କଳାହାଣ୍ଡି ଜିଲା ମଦନପୁର ରାମପୁର ଅଞ୍ଚଳର ମୁରଲୀ ରଣା (୬୫)ଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଶୁକ୍ରବାର ଗୋଟିଏ ଦିନରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିବା ୬ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବଲାଙ୍ଗୀର ଶାନ୍ତିପଡ଼ାର ସିନ୍ଧୁସୂତା ବେଜ୍(୬୦)ଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେହିପରି ଚାଲିକରି ଯାଉଥିବା ବେଳେ ଗାନ୍ଧୀନଗରପଡ଼ାରେ ସୁଦୀପ ସାଗର (୪୦) ପଡ଼ିଯାଇଥିଲେ। ତାଙ୍କୁ ବଲାଙ୍ଗୀର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଇଁନ୍ତଲା ଥାନା ବିଲେଇସର୍ଡା ଗାଁର ଭୂମିସୂତା ରାଉତ (୫୭) ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୋଇସିଂହା ଥାନା ଡୁଡୁକା ଗାଁର ଶିବ ସାହୁ (୩୫)ଙ୍କର ଅସ୍ୱାଭାବିକ ଭାବେ ହସ୍ପିଟାଲରେ ମୃତ୍ୟୁ ଘଟିଛି । ପୁଇଁତଲା ଥାନା ଦୁହେଲ ଗାଁର ଚିନ୍ତାମଣି ନାଗ (୪୦)ଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ଯାଇଥିବା ଚିନ୍ତାମଣି ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେଠାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଲାଙ୍ଗୀର

**ପ୍ରଚଣ୍ଡ ତାତି ବଢ଼ାଇଲା ଅଂଶୁଘାତ ଭୟ**

■ ଅଂଶୁଘାତ ଅଭିଯୋଗ ଆଣିଲେ ପରିବାର ଲୋକେ

ବ୍ରାହ୍ମଣପଡ଼ାର ଆନନ୍ଦ ସ୍ୱାଇଁ (୪୭) ସନ୍ଧ୍ୟାରେ ନୃସିଂହ ମନ୍ଦିର ନିକଟରେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ସେଠାରୁ ହସ୍ପିଟାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଏଭଳି ଅସ୍ୱାଭାବିକ ମୃତ୍ୟୁର କାରଣ ପ୍ରଚଣ୍ଡ ଗରମ ବୋଲି କୁହାଯାଉଛି। ବଲାଙ୍ଗୀର ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ଏବେ ଗ୍ରୀଷ୍ମ ଲହରି ଚାଲିଛି। ଏଥିଯୋଗୁ ଅଂଶୁଘାତ ଭୟ ବଢ଼ିଛି। ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ୧୧ଟାରୁ ଘରୁ ନ ବାହାରିବାକୁ କୁହାଯାଇଛି । କିନ୍ତୁ ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ଠିକ୍ ଭାବେ ପହଞ୍ଚିପାରୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗାଁଗହଳି ଏବଂ ସହରାଞ୍ଚଳରେ ଶ୍ରମିକ ଟାଣଖରାରେ କାମ କରୁଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତିକୁ ଆହୁରି ଜଟିଳ କରିପକାଉଛି। ଗତ ଦୁଇଦିନ ମଧ୍ୟରେ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଦୁଇଦିନରେ ଆଗଲପୁର ବ୍ଲକର ୪ ମୃତ

ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)

**ଅଂଶୁଘାତ ନେଉଛି ଜୀବନ**

ଗତ କିଛି ଦିନ ହେଲା ପାରଦ ଉପର ମୁହାଁ ହୋଇଛି। ପାଖାପାଖି ୪୫ ଡିଗ୍ରୀ ଉପରେ ରହୁଛି। ଫଳରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗତ ଦୁଇଦିନ ମଧ୍ୟରେ ଅଂଶୁଘାତରେ ଆକ୍ରାନ୍ତ ହୋଇ ୪ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଲୁହୁରାମୁଣ୍ଡା ଗ୍ରାମର ଛେଳି ଚରାଳି ବାସୁଦେବ ପଟେଲ ଗାଁ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଜଙ୍ଗଲରୁ ଫେରି ଘରେ ଅସୁସ୍ଥ ହୋଇ ପଡିଥିଲେ। ଡାକ୍ତରଖାନା ଯିବା ପୂର୍ବରୁ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗ୍ରାମର କହ୍ନେଇ ବାରିକ (୭୦)ଅସୁସ୍ଥ ହେବାରୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଗ୍ରାମର ଦିଲୀପ ବାରିକ କହିଛନ୍ତି। ସାଲେଭାଟ ପଞ୍ଚାୟତ ଖଲିଆପାଲି ଗ୍ରାମର ୱାର୍ଡ ସଭ୍ୟ ବିଘ୍ନରାଜ କୁମ୍ଭାରଙ୍କ କହିବା ଅନୁଯାୟୀ ଗ୍ରାମର ଦେବରାଜ ନିଆଲ ଭିକ୍ଷାବୃତ୍ତି କରି ଚଳୁଥିଲେ। ଦେବରାଜ ଭିକ୍ଷା କରି ଘରକୁ ଫେରିବା ପରେ ଅସୁସ୍ଥ ହୋଇ ଆଖି ବୁଜି ଦେଇଥିଲେ। ସେହିପରି ଭରସୁଜା ଗ୍ରାମର ତରଣୀସେନ ପାତ୍ରଙ୍କ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

# ବୃଦ୍ଧା ଗହଳଙ୍କୁ ଉଦ୍ଧାର କଲେ କୋସଳ ସଂଗ୍ରାମୀ ସ୍ୱେଚ୍ଛାସେବୀ

ଲୋଇସିଂହା,୩୧।୫(ସୁଶାନ୍ତବାରିକ)


ସ୍ୱେଚ୍ଛାସେବୀଙ୍କ ସହାୟତାରେ ଗହଳଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଦଳୀପାଲି ଗ୍ରାମର ଅସହାୟ ବୃଦ୍ଧା ଗହଳ ବରିହା ଅନାହାରରେ ଦିନ କାଟିବା ସହ ହାତୀ ଭୟ ଥିବା ଅଞ୍ଚଳର ଏକ ବରଗଛ ତଳେ ଆଶ୍ରୟ ନେଇଥିବା ସମ୍ପର୍କିତ ଏକ ଖବର ଗତ ୩୦ ତାରିଖ ଧରିତ୍ରୀରେ ପ୍ରକାଶ ପାଇବା ପରେ କୋସଳ ସଂଗ୍ରାମୀ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ସହାୟତା ପାଇଁ ଆଗେଇ ଆସିଛନ୍ତି। ଏଭଳି ଘଟଣା ପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛ। ଅପରପକ୍ଷେ ଶୁକ୍ରବାର କୋସଳ ସଂଗ୍ରାମୀର କେତେଜଣ ସ୍ୱେଚ୍ଛାସେବୀ ଗହଳଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଲା ପରେ ଜିଲାର ଯେ କୌଣସି ବୃଦ୍ଧାଶ୍ରମରେ ରଖିବାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସ୍ୱେଚ୍ଛାସେବୀ ଦେବାଶିଷ ବିଶୋଇ, ଆଲୋକ ନାଗ ପ୍ରମୁଖ କହିଛନ୍ତି। ୮୧ ବର୍ଷୀୟା ବୃଦ୍ଧା ଗହଳଙ୍କର କେହି ନ ଥିବାରୁ ଗାଁ ମୁଣ୍ଡ ସ୍କୁଲ ନିକଟ ନିଛାଟିଆ ସ୍ଥାନରେ ଏକାକୀ ରହୁଛନ୍ତି। ବାର୍ଦ୍ଧକ୍ୟ ଯୋଗୁ ଏବଂ ଚିକିତ୍ସା ଅଭାବରୁ ଚଲାବୁଲା କରି ପାରୁନାହାନ୍ତି। ନିଜେ ମଧ୍ୟ ରନ୍ଧାବଢ଼ା କରି ଖାଇବା ତାଙ୍କ ପକ୍ଷେ କଷ୍ଟକର ହୋଇଛି। ଅପରପକ୍ଷେ ପ୍ରଚଣ୍ଡ ଖରା ଯୋଗୁ ଘରେ ରହି ନ ପାରି ହାତୀ ଭୟ ଥିବା ଅଞ୍ଚଳରେ ଖୋଲା ଆକଶ ତଳେ ଘର ସମ୍ମୁଖ ବରଗଛ ମୂଳରେ ଆଶ୍ରୟ ନେଇଥିଲେ। ଫଳରେ ତାଙ୍କ ଜୀବନ ପ୍ରତି ବିପଦ ରହିଥିଲା । ଏହାଛଡା ଖାଇବାକୁ ନ ପାଇ ସେ ରୁଗ୍‌ଣ ହୋଇ ପଡ଼ିଥିଲେ। ଏ ନେଇ ବିଡିଓ ଅକ୍ଷୟ ପାଣି ଉଦୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଗହଳଙ୍କୁ ସମସ୍ତ ସରକାରୀ ସୁବିଧା ଦିଆଯାଉଛି କହି ସମସ୍ୟାକୁ ହାଲୁକା ଭାବେ ନେଇଥିଲେ। ସ୍ୱେଚ୍ଛାସେବୀଙ୍କ ଏପରି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଶିକ୍ଷକ ଡ. ନାରାୟଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୁରିବାହାଲ,୩୧।୫(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକର ଖଇରାସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ର ସହକାରୀ ଶିକ୍ଷକ ଡ.ନାରାୟଣ ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗୀଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ସୀତାକାନ୍ତ ଭୋଇ, ମୋ ସ୍କୁଲ ଅଭିଯାନର ସଭାପତି ରାମପ୍ରସାଦ ରଣା, ସୀମାଞ୍ଚଳ ଭୋଇ, ଆଦିବାସୀ ନେତା ଚକ୍ରଧର ଜାନୀ, ବରିଷ୍ଠ କଳାକାର ସୁଧାକର ସାହୁ, ମୟଚନ୍ଦ୍ର ଭୋଇ, ଶିକ୍ଷକ ଗିରିଧାରୀ ତ୍ୟାଗୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପ୍ରତି ରହିଥିବା ସହକାରୀ ଶିକ୍ଷକ ମିଶ୍ରଙ୍କ ସମର୍ପିତ ମନୋଭାବ, ଛାତ୍ର ବତ୍ସଳତା ଓ ଶିକ୍ଷକତା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ମିଶ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠରେ ୩୪ ବର୍ଷ ଧରି ଶିକ୍ଷକତା କଲା ପରେ ଅବସର ଗ୍ରହଣ କରିଥିଲେ। ବିଦ୍ୟାଳୟ ସହ ରହିଥିବା ଦୀର୍ଘ ବର୍ଷର ଅନୁଭୂତି, ଅନୁଷ୍ଠାନ ପ୍ରତି ରହିଥିବା ନିଜର ଗୁରଦାୟିତ୍ୱ ସଂପର୍କରେ ଅବସରପ୍ରାପ୍ତ ଶିକ୍ଷକ ମିଶ୍ର ପ୍ରକାଶ କରିଥିଲେ। ଏହି ଅବସରରେ କହ୍ନେଇ ଚରଣ ଭୋଇ, ଜୁଗ ପରାଭୋଇ, ହୃଦାନନ୍ଦ ମାଝୀ, ମଧୁସୂଦନ ବେହେରା, ଖୁରଦାସ ଭୋଇ,ବାୟା ମାଝୀ,ଫକୀର ପୁଟେଲ, କ୍ଷୀରସିନ୍ଧୁ ନାଗ, ରଶ୍ମିରଞ୍ଜନ ସାହୁ, ବୈଚନ୍ଦ୍ର ରଣା, ବିଜୟଦେବ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ କରାଯାଉ

ଲାଠୋର,୩୧।୫(ଭୁବନେଶ୍ୱର ବାରିକ)


ଲାଠୋର ଜଳ ଯୋଗାଣ ପ୍ରକଳ୍ପ ମୋଟରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରି ପଡିରହିଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳ ଯୋଗାଣ ପ୍ରକଳ୍ପ ନଂ୨ର ନୂତନ ଗଭୀର କୂପକୁ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବା ହେତୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ଘଟିଛି। ଫଳରେ ଜନସାଧାରଣ ପାନୀୟ ଜଳ ପାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ୨୦ ବର୍ଷ ପୂର୍ବେ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଏକ ଜଳ ଯୋଗାଣ ପ୍ରକଳ୍ପ ସହ ଓଭର ହେଡ୍ ଟାଙ୍କି ନିର୍ମାଣ କରି ଗ୍ରାମର ପ୍ରାୟ ୨ ଶହ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ପ୍ରକଳ୍ପରେ ରହିଥିବା ଗଭୀର କୂପ କାଳ କ୍ରମେ ପୋତି ହୋଇ ଜଳଯୋଗାଣ କ୍ଷମତା କମିଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ହେତୁ ଜଳସ୍ତର କମି ପରିସ୍ଥିତିକୁ ଆହୁରି ସଙ୍ଗୀନ କରି ପକାଉଛି। ରାତି ତମାମ ମଟର ଚଳାଇ ଓଭର ହେଡ ଟାଙ୍କିରେ ପାଣି ଭରିଲେ ମଧ୍ୟ ଟାଙ୍କି ଭର୍ତ୍ତି ହେଉ ନାହିଁ। ସକାଳୁ ଜଳ ଯୋଗାଣ ଚାଲୁ କଲା ବେଳକୁ ଏକ ଘଣ୍ଟା ମଧ୍ୟରେ ଟାଙ୍କି ଖାଲି ହୋଇଯାଉଛି। ତାତିର ପ୍ରକୋପରେ ଲୋକ ସିଝୁ ଥିବା ବେଳେ ଆବଶ୍ୟକତା ମୁତାବକ ପାନୀୟ ଜଳ ପ୍ରକଳ୍ପରୁ ପାଇ ନ ପାରିବା ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି। ଆବଶ୍ୟକତା ଅନୁସାରେ ଜଳ ଯୋଗାଣ ପାଇଁ ଓଭର ହେଡ ଟାଙ୍କି ତଳେ ଥିବା ଆଉ ଏକ ଗଭୀର କୂପରେ ଲାଠୋର ସରପଞ୍ଚ ମଟର ଖଞ୍ଜି ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ ମଧ୍ୟ ବର୍ତ୍ତମାନ ଯାଏ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ଯୋଗାଣ ସଂସ୍ଥାର ସେକ୍ସନ ଅଫିସର ସମ୍ବିତ ପରିଡାଙ୍କୁ ପଚାରିବାରେ ସେହି ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ମିଟର କିମ୍ବା କଞ୍ଜୁମର ନମ୍ବର ମାଗିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦେଇ ପାରୁନାହିଁ। ନମ୍ବର ପ୍ରଦାନ କଲେ କିଛି ବ୍ୟବସ୍ଥା କରିବୁ ବୋଲି କହିଥିଲେ। ସେହିପରି ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ବିଦ୍ୟୁତ୍ ସଂସ୍ଥା ପାଖରେ ସବୁ ନମ୍ବର ରହିଛି। ଯଦି ତାଙ୍କ ପାଖରେ ନମ୍ବର ନାହିଁ ତାହେଲେ ସେମାନେ ବିଦ୍ୟୁତ୍ ବିଲ କେଉଁ ନମ୍ବରରେ ନେଉଛନ୍ତି ବୋଲି କହିଥିଲେ। ଉଭୟଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଥାଶୀଘ୍ର ନୂଆ ଗଭୀର କୂପରେ ବିଦ୍ୟୁତ୍ ସଂଯୋଗ କରି ଆବଶ୍ୟକତା ଅନୁସାରେ ଜଳଯୋଗାଣ କରାଯିବା ପାଇଁ ଦାବି ହେଉଛି। ନଚେତ୍ ଆନ୍ଦୋଳନ କରାଯିବାକୁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ କାଟକୁ ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା

ବଲାଙ୍ଗୀର,୩୧।୫
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରରେ ଦୀର୍ଘ ଦିନ ଧରି ଚାଲିଥିବା ବିଦ୍ୟୁତ୍ କାଟ ସମସ୍ୟାକୁ ନେଇ ପୌରାଧକ୍ଷା ଲିକା ସାହୁ ଗୁରୁବାର ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ଅସିତ କୁମାର ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ପୌରାଧକ୍ଷା ସାହୁ କହିଥିଲେ। ଏହି ଆଲୋଚନା ସମୟରେ ବଲାଙ୍ଗୀର ପୌର ପରିଷଦ ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, ଗଙ୍ଗାଧର ଚାନ୍ଦ, ଶତ୍ରୁଘ୍ନ ବାଗ, ଛାତ୍ର ସଭାପତି ସୁମନ ନନ୍ଦ, ଚନ୍ଦ୍ରମଣି ତ୍ରିପାଠୀ, ରମେଶ ବେହେରା, ଗୁଞ୍ଜ ଖାନ, ଦିଲୀପ ବଗର୍ତ୍ତୀ, ସଞ୍ଜୟ ଶେଖର ଦେଓଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। କଲିକେଶ ନାରାୟଣ ସିଂଦେଓ ମଧ୍ୟ ବିଦ୍ୟୁତ ସମସ୍ୟାର ସମାଧାନ ନେଇ ପୌରାଧକ୍ଷା ସାହୁଙ୍କ ସହ ଆଲୋଚନା କରିଥିବା ଜଣାଇଛନ୍ତି।

# ବର୍ଷୀୟାନ ରାଜନେତା ଗଣେଶ ରାମ ଭୋଇଙ୍କ ପରଲୋକ

ଖପ୍ରାଖୋଲ/ଲାଠୋର,୩୧।୫
(ଅଭୟ ତ୍ରିପାଠୀ/ ଭୁବନେଶ୍ୱର ବାରିକ)


ଗଣେଶ ରାମ ଭୋଇଙ୍କ ଫାଇଲ ଫଟୋ।

ବର୍ଷୀୟାନ ରାଜନେତା ତଥା ଖପ୍ରାଖୋଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶତାୟୁ ଗଣେଶ ରାମ ଭୋଇଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବରପାଇ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗାଁରେ ଥିବା ବାସଭବନକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଭୋଇ ୨୦୧୨ରୁ ୨୦୧୭ ଯାଏ ବିଜୁ ଜନତା ଦଳ ସମର୍ଥନରେ ଖପ୍ରାଖୋଲ ବ୍ଲକର ଅଧ୍ୟକ୍ଷ ଥିଲେ। ପୂର୍ବରୁ ଅବିଭକ୍ତ ଲାଠୋର ପଞ୍ଚାୟତର ସରପଞ୍ଚ ରୂପେ ୧୯୫୯ରେ ନିର୍ବାଚିତ ହୋଇଥିବା ବେଳେ ଲଗାତାର ଲାଠୋର, ଟଙ୍କପାଣି, କରୁଆଁଝର ପଞ୍ଚାୟତରୁ ୯ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ବେନ୍ଦେର ପଞ୍ଚାୟତରୁ ସମିତି ସଭ୍ୟ ନିର୍ବାଚିତ ହୋଇ ୨୦୧୨ରେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଇଥିଲେ। ସେ ଜଣେ ମେଳାପି ଓ ସ୍ପଷ୍ଟବାଦୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସ୍ୱତନ୍ତ୍ର ପରିଷଦରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ଜୀବନ କାଳରେ ଅନେକ ଉନ୍ନୟନ କାମ କରି ଯାଇଛନ୍ତି। ସାନଗୁର୍ଜିଭଟା ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମଧ୍ୟମ ପୁତ୍ର ରମାକାନ୍ତ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନ ପୁଅ କାମାକ୍ଷ, ନାତୁଣୀ, ନାତି, ଶୁଭେଚ୍ଛୁ, ବନ୍ଧୁବର୍ଗ ଉପସ୍ଥିତ ଥିଲେ।

# ଚୋରି ବାଇକ୍ ଉଦ୍ଧାର, ୩ ଗିରଫ

ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଦୁଇଟି ଚୋରି ବାଇକ୍‌କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଟାଉନ ଥାନା ସହାଜପିଟା(ହରଡୋଖୋଲ) ଗ୍ରାମର ରାଜୁ ମେହେର(୩୫),ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ସାହୁ(୩୧) ଓ ଶ୍ରୀତମ ସାହୁ(୨୧)। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଆଇଆଇସି ଯାଜ୍ଞସିନୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଲୋଇସିଂହା ଥାନା ଅଧୀନ ସାଲେଭାଟ ଫାଣ୍ଡି ଏଏସଆଇ ଚିତ୍ରସେନ ସାହୁଙ୍କ ସହ ପୋଲିସ ଟିମ୍ ଗତ ୨୭ ତାରିଖ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସାଲେଭଟା ସାପ୍ତାହିକ ବଜାରରେ ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ରଖି କୌଣସି କାମରେ ଯାଇଥିବା ବେଳେ ଅଭିଯୁକ୍ତ ରାଜୁ ଉକ୍ତ ବାଇକ୍‌କୁ ଚୋରି ପାଇଁ ଉଦ୍ୟମ କରୁଥିଲେ। କିନ୍ତୁ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ପାରି ରାଜୁ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ପୋଲିସ ତଦନ୍ତ ବେଳେ ରାଜୁ ଜଣେ ଅଭ୍ୟାସଗତ ବାଇକ୍ ଚୋର ବୋଲି ଜାଣିବାକୁ ପାଇଥିଲା। ପଚରାଉଚରା ପରେ ସେ ପୂର୍ବରୁ ଚୋରି କରିଥିବା ହିରୋ ସ୍ପ୍ଲେଣ୍ଡର(ନଂ ସିଜି ୦୬ ଜିଏଚ ୧୦୮୦) ଓ ଏଚଏଫ ଡିଲକ୍ସକୁ ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କୁ ବିକ୍ରି କରିଥିବା ପୋଲିସକୁ କହିଥିଲେ। ପୋଲିସ ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କ ଠାରୁ ଚୋରି ବାଇକ୍ ଉଦ୍ଧାର କରିବା ସହ ଚୋରି ବାଇକ୍ କିଣିଥିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରିଥିଲା। ରାଜୁଙ୍କୁ ମଧ୍ୟ ଏହି ଘଟଣାରେ ଗିରଫ କରାଯାଇଛି। ସାଲେଭାଟ ସପ୍ତାହିକ ବଜାରରୁ ଚୋରିଉଦ୍ୟମ କରାଯିବା ନେଇ ସମ୍ପୃକ୍ତ ବାଇକ୍ ମାଲିକଙ୍କ ଅଭିଯୋଗ ଆଧାରରେ ଥାନା(ନଂ ୧୮୨।୨୪)ରେ ଏକ ମାମଲା ରୁଜୁ ହୋଇଛି।


ଲୋଇସିଂହା ଥାନା ସମ୍ମୁଖରେ ଜବତ ବାଇକ୍ ଓ ଅଭିଯୁକ୍ତ।

# କେଉଁଟିପାଲିରେ ପାନୀୟ ଜଳ ସମସ୍ୟା, ଲୋକେ ହଟହଟା

ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)


କେଉଁଟିପାଲି ଗ୍ରାମବାସୀ କି ପଏଣ୍ଟରୁ ପାଣି ସଂଗ୍ରହ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ୪୮ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ପାଇପରେ ଜଳ ଯୋଗାଣ କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ବି ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟିପାଲି ଗାଁ ୨ ୱାର୍ଡ ବିଶିଷ୍ଟ। ଛେଲବାହାଲ ସୁକତେଲ ନଦୀ ପଠାରୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି । ହାଇସ୍କୁଲ ନିକଟରେ ଓଭରହେଡ ଟାଙ୍କି ନିର୍ମାଣ ସହ ଘରକୁ ଘର ପାଇପ ଲାଇନ ସଂଯୋଗ ଦିଆଯାଇଛି। ଏହାଦ୍ୱାରା ଜଳଯୋଗଣ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଗ୍ରାମବାସୀ ଆଶାବ୍ୟକ୍ତ କରିଥିଲେ। ହେଲେ ସମସ୍ୟା ସୁଧୁରିବା ବଦଳରେ ଜଟିଳ ହେବାରେ ଲାଗିଛି। ୪୮ ଘଣ୍ଟା ହେଲା ଗ୍ରାମକୁ ଜଳ ଯୋଗାଣ କରାଯାଇନାହିଁ। ହେଲେ କେଉଁଟିପାଲି ଗ୍ରାମର ବସ୍ତି ଦେଇ ଯାଇଥିବା ପାଇପ ଲାଇନରେ ପଞ୍ଚାୟତ ମୁଖ୍ୟାଳୟ ଗାଁକୁ ଜଳ ଯୋଗାଣ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ନେଇ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ପଞ୍ଚାୟତ ମୁଖ୍ୟାଳୟକୁ ଜଳ ଯୋଗାଣ ପାଇପ ଲାଇନର କେଉଁଟିପାଲି ତିନିକୋଣିଆ ଛକରେ ବସା ଯାଇଥିବା କି ପଏଣ୍ଟରୁ ଗ୍ରାମବାସୀ ପାଣି ସଂଗ୍ରହ କରୁଥିବା କହିଛନ୍ତି। ଫଳରେ ଜଳବାହିତ ରୋଗର ଆଶଙ୍କା ରହିଛି। ପ୍ରଚଣ୍ଡ ରୌଦ୍ରତାପରେ ଜଳ ସମସ୍ୟାକୁ ନେଇ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମନୋରଞ୍ଜନ ତ୍ରିପାଠୀ ଓ ଗ୍ରାମବାସୀ ଏହି ସମସ୍ୟା ପାଇଁ ପ୍ରଶାସନ ଓ ଠିକାଦାରଙ୍କ ଅବହେଳାକୁ ଦାୟୀ କରିଛନ୍ତି।

# ଗୋଟିଏ ଦିନରେ ଗଲା ୬ ଜୀବନ

**ବଲାଙ୍ଗୀର,୩୧।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଗତ କିଛିଦିନ ହେବ ପଶ୍ଚିମ ଓଡ଼ିଶାରେ ଲାଗିରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅଂଶୁଘାତ ଭୟ ବଢ଼ାଇଛି। ଶୁକ୍ରବାର ଗୋଟିଏ ଦିନରେ ୬ ବ୍ୟକ୍ତିଙ୍କ ଜୀବନ ଯାଇଛି। ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଅଭିଯୋଗ କରାଯାଇଛି। ଗତ ଦୁଇଦିନ ମଧ୍ୟରେ କେବଳ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟଳି ପଡ଼ିଲେଣି। ଏଭଳି ଅସ୍ୱାଭାବିକ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅସହ୍ୟ ଗରମରୁ ମୃତ୍ୟୁ ଘଟିଥିବା କୁହାଯାଉଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁବାର ରାତିରେ କଳାହାଣ୍ଡି ଜିଲା ମଦନପୁର ରାମପୁର ଅଞ୍ଚଳର ମୁରଲୀ ରଣା (୬୫)ଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଶୁକ୍ରବାର ଗୋଟିଏ ଦିନରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିବା ୬ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବଲାଙ୍ଗୀର ଶାନ୍ତିପଡ଼ାର ସିନ୍ଧୁସୂତା ବେଜ୍(୬୦)ଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେହିପରି ଚାଲିକରି ଯାଉଥିବା ବେଳେ ଗାନ୍ଧୀନଗରପଡ଼ାରେ ସୁଦୀପ ସାଗର (୪୦) ପଡ଼ିଯାଇଥିଲେ। ତାଙ୍କୁ ବଲାଙ୍ଗୀର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଇଁତଲା ଥାନା ବିଲେଇସର୍ଡା ଗାଁର ଭୂମିସୁତା ରାଉତ (୫୭) ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୋଇସିଂହା ଥାନା ଡୁଡୁକା ଗାଁର ଶିବ ସାହୁ (୩୫)ଙ୍କର ଅସ୍ୱାଭାବିକ ଭାବେ ହସ୍ପିଟାଲରେ ମୃତ୍ୟୁ ଘଟିଛି । ପୁଇଁତଲା ଥାନା ଦୁହେଲ ଗାଁର ଚିନ୍ତାମଣି ନାଗ (୪୦)ଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ଯାଇଥିବା ଚିନ୍ତାମଣି ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେଠାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଲାଙ୍ଗୀର ବ୍ରାହ୍ମଣପଡ଼ାର ଆନନ୍ଦ ସ୍ୱାଇଁ (୪୭) ସନ୍ଧ୍ୟାରେ ନୃସିଂହ ମନ୍ଦିର ନିକଟରେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ସେଠାରୁ ହସ୍ପିଟାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଏଭଳି ଅସ୍ୱାଭାବିକ ମୃତ୍ୟୁର କାରଣ ପ୍ରଚଣ୍ଡ ଗରମ ବୋଲି କୁହାଯାଉଛି। ବଲାଙ୍ଗୀର ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ଏବେ ଗ୍ରୀଷ୍ମ ଲହରି ଚାଲିଛି। ଏଥିଯୋଗୁ ଅଂଶୁଘାତ ଭୟ ବଢ଼ିଛି। ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ୧୧ଟାରୁ ଘରୁ ନ ବାହାରିବାକୁ କୁହାଯାଇଛି । କିନ୍ତୁ ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ଠିକ୍ ଭାବେ ପହଞ୍ଚିପାରୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗାଁଗହଳି ଏବଂ ସହରାଞ୍ଚଳରେ ଶ୍ରମିକ ଟାଣଖରାରେ କାମ କରୁଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତିକୁ ଆହୁରି ଜଟିଳ କରିପକାଉଛି। ଗତ ଦୁଇଦିନ ମଧ୍ୟରେ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

**ପ୍ରଚଣ୍ଡ ତାତି ବଢ଼ାଇଲା ଅଂଶୁଘାତ ଭୟ**

■ଅଂଶୁଘାତ ଅଭିଯୋଗ ଆଣିଲେ ପରିବାର ଲୋକେ

## ଦୁଇଦିନରେ ଆଗଲପୁର ବ୍ଲକର ୪ ମୃତ

**ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)**

**ଅଂଶୁଘାତ ନେଉଛି ଜୀବନ**

ଗତ କିଛି ଦିନ ହେଲା ପାରଦ ଉପରମୁହାଁ ହୋଇଛି। ପାଖାପାଖି ୪୫ ଡିଗ୍ରୀ ଉପରେ ରହୁଛି। ଫଳରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ଦୁଇଦିନ ମଧ୍ୟରେ ଅଂଶୁଘାତରେ ଆକ୍ରାନ୍ତ ହୋଇ ୪ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଲୁହୁରାମୁଣ୍ଡା ଗ୍ରାମର ଛେଳି ଚରାଳି ବାସୁଦେବ ପଟେଲ ଗାଁ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଜଙ୍ଗଲରୁ ଫେରି ଘରେ ଅସୁସ୍ଥ ହୋଇ ପଡିଥିଲେ। ଡାକ୍ତରଖାନା ଯିବା ପୂର୍ବରୁ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗ୍ରାମର କହ୍ନେଇ ବାରିକ (୭୦)ଅସୁସ୍ଥ ହେବାରୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଗ୍ରାମର ଦିଲୀପ ବାରିକ କହିଛନ୍ତି। ସାଲେଭାଟ ପଞ୍ଚାୟତ ଖଲିଆପାଲି ଗ୍ରାମର ୱାର୍ଡ ସଭ୍ୟ ବିଘ୍ନରାଜ କୁମ୍ଭାରଙ୍କ କହିବା ଅନୁଯାୟୀ ଗ୍ରାମର ଦେବରାଜ ନିଆଲ ଭିକ୍ଷାବୃତ୍ତି କରି ଚଳୁଥିଲେ। ଦେବରାଜ ଭିକ୍ଷା କରି ଘରକୁ ଫେରିବା ପରେ ଅସୁସ୍ଥ ହୋଇ ଆଖି ବୁଜି ଦେଇଥିଲେ। ସେହିପରି ଭରସୁଜା ଗ୍ରାମର ତରଣୀସେନ ପାତ୍ରଙ୍କ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

# କେନ୍ଦୁପତ୍ର ତୋଳିବାକୁ ଯାଇଥିବା ମହିଳାଙ୍କ ମୃତ୍ୟୁ

**ତରଭା,୩୧।୫(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ କୁମ୍ଭାରମୁଣ୍ଡା ଗ୍ରାମପଞ୍ଚାୟତର ବଡଫଟାମୁଣ୍ଡା ଗ୍ରାମରେ ଅଂଶୁଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣଙ୍କ ହେଲେ ବଡଫଟାମୁଣ୍ଡା ଗ୍ରାମର କରୁଣା ଅମାତଙ୍କ ସ୍ତ୍ରୀ ରୁପକାନ୍ତୀ (୫୦)। ବର୍ତ୍ତମାନ କେନ୍ଦୁପତ୍ର ତୋଳା ସମୟ ହୋଇ ଥିବାରୁ ରୁପକାନ୍ତୀ ଶୁକ୍ରବାର ସକାଳୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ପ୍ରଚଣ୍ଡ ଖରାରେ ବୁଲିବୁଲି କେନ୍ଦୁପତ୍ର ତୋଳି ମଧ୍ୟାହ୍ନରେ ଘରକୁ ଫେରିଥିଲେ। କିଛି ସମୟ ପରେ ସେ ଅସୁସ୍ଥତା ଅନୁଭବ କରି ବାନ୍ତି କରିଥିଲେ। ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ଗୁରୁତର ହେବାରୁ ତାଙ୍କୁ ସନ୍ଧ୍ୟାରେ ଚିକିତ୍ସା ପାଇଁ ତରଭା ଡାକ୍ତରଖାନାକୁ ଆଣିଥିଲେ। ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ମତେ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଜିଲାସ୍ତରୀୟ ବୈଠକ




ବୈଠକରେ ଯୋଗ ଦେଇଥିବା ମହାସଂଘର ସଦସ୍ୟମାନେ।

**ବାଉଁଶୁଣୀ,୩୧।୫(ଦେବାଶିଷ ନେପାକ)**

ଶୁକ୍ରବାର ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ବୌଦ୍ଧ ଜିଲା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପ୍ରକାଶ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘର ସାଙ୍ଗଠନିକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ୧୦୮ କର୍ମଚାରୀମାନେ ଦିନକୁ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ଓଭର ଟାଇମ ପାରିଶ୍ରମିକ ମିଳୁ ନ ଥିବା, କାର୍ଯ୍ୟ କ୍ଷେତ୍ରରେ କର୍ମଚାରୀଙ୍କ ପାଇଁ ବିଶ୍ରାମ କକ୍ଷ ବ୍ୟବସ୍ଥା କରାଯିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ ରୋଗୀଙ୍କୁ ପରିବହନ ସମୟରେ ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ସେବା ପ୍ରଦାନ ପାଇଁ ସଂକଳ୍ପ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଯୁବରାଜ, ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ସହ ସମ୍ପାଦକ ସୁବର୍ଣ୍ଣ ମହାକୁଡ, କାର୍ଯ୍ୟକାରୀ ସଦସ୍ୟ ସୁଜିତ କୁମାର ସାହୁ, ହେମନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ କରାଯାଉ

**ଲାଠୋର,୩୧।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳ ଯୋଗାଣ ପ୍ରକଳ୍ପ ନଂ୨ର ନୂତନ ଗଭୀର କୂପକୁ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବା ହେତୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ଘଟିଛି। ଫଳରେ ଜନସାଧାରଣ ପାନୀୟ ଜଳ ପାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ୨୦ ବର୍ଷ ପୂର୍ବେ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଏକ ଜଳ ଯୋଗାଣ ପ୍ରକଳ୍ପ ସହ ଓଭର ହେଡ଼ ଟାଙ୍କି ନିର୍ମାଣ କରି ଗ୍ରାମର ପ୍ରାୟ ୨ ଶହ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ପ୍ରକଳ୍ପରେ ରହିଥିବା ଗଭୀର କୂପ କାଳ କ୍ରମେ ପୋତି ହୋଇ ଜଳଯୋଗାଣ କ୍ଷମତା କମିଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ହେତୁ ଜଳସ୍ତର କମି ପରିସ୍ଥିତିକୁ ଆହୁରି ସଙ୍ଗୀନ କରି ପକାଉଛି। ରାତି ତମାମ ମଟର ଚଳାଇ ଓଭର ହେଡ ଟାଙ୍କିରେ ପାଣି ଭରିଲେ ମଧ୍ୟ ଟାଙ୍କି ଭର୍ତ୍ତି ହେଉ ନାହିଁ। ସକାଳୁ ଜଳ ଯୋଗାଣ ଚାଲୁ କଲା ବେଳକୁ ଏକ ଘଣ୍ଟା ମଧ୍ୟରେ ଟାଙ୍କି ଖାଲି ହୋଇଯାଉଛି। ତାତିର ପ୍ରକୋପରେ ଲୋକ ସିଝୁ ଥିବା ବେଳେ ଆବଶ୍ୟକତା ମୁତାବକ ପାନୀୟ ଜଳ ପ୍ରକଳ୍ପରୁ ପାଇ ନ ପାରିବା ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି। ଆବଶ୍ୟକତା ଅନୁସାରେ ଜଳ ଯୋଗାଣ ପାଇଁ ଓଭର ହେଡ ଟାଙ୍କି ତଳେ ଥିବା ଆଉ ଏକ ଗଭୀର କୂପରେ ଲାଠୋର ସରପଞ୍ଚ ମଟର ଖଞ୍ଜି ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ ମଧ୍ୟ ବର୍ତ୍ତମାନ ଯାଏ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ଯୋଗାଣ ସଂସ୍ଥାର ସେକ୍ସନ ଅଫିସର ସସ୍ମିତ ପରିଡାଙ୍କୁ ପଚାରିବାରେ ସେହି ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ମିଟର କିମ୍ବା କଞ୍ଜୁମର ନମ୍ବର ମାଗିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦେଇ ପାରୁନାହିଁ। ନମ୍ବର ପ୍ରଦାନ କଲେ କିଛି ବ୍ୟବସ୍ଥା କରିବୁ ବୋଲି କହିଥିଲେ। ସେହିପରି ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ବିଦ୍ୟୁତ୍ ସଂସ୍ଥା ପାଖରେ ସବୁ ନମ୍ବର ରହିଛି। ଯଦି ତାଙ୍କ ପାଖରେ ନମ୍ବର ନାହିଁ ତାହେଲେ ସେମାନେ ବିଦ୍ୟୁତ୍ ବିଲ କେଉଁ ନମ୍ବରରେ ନେଉଛନ୍ତି ବୋଲି କହିଥିଲେ। ଉଭୟଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଥାଶୀଘ୍ର ନୂଆ ଗଭୀର କୂପରେ ବିଦ୍ୟୁତ୍ ସଂଯୋଗ କରି ଆବଶ୍ୟକତା ଅନୁସାରେ ଜଳଯୋଗାଣ କରାଯିବା ପାଇଁ ଦାବି ହେଉଛି। ନଚେତ୍ ଆନ୍ଦୋଳନ କରାଯିବାକୁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ଲାଠୋର ଜଳ ଯୋଗାଣ ପ୍ରକଳ୍ପ ମୋଟରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରି ପଡିରହିଛି।

## ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ଅଭିଯୋଗ

**ବିନିକା,୩୧।୫(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ସିଂଘିଯୁବା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ସମାରୁ ବାଘ (୪୫)। ଗୁରୁବାର ସମାରୁ କାମଧନ୍ଦା ସାରି ଘରକୁ ପହଞ୍ଚିବା ପରେ ରାତି ପ୍ରାୟ ୧୦ଟାରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତୁରନ୍ତ ସାହିପଡିସା ଲୋକେ ଆମ୍ବୁଲାନ୍ସ ଯୋଗେ ଆଣି ବିନିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମାରୁଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସମାରୁଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଶୁକ୍ରବାର ପରିବାର ପକ୍ଷରୁ ଥାନାରେ ଲିଖିତ ଭାବରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସମାରୁଙ୍କ ସ୍ତ୍ରୀ ଓ ପୁଅ ଘରେ ଟଙ୍କା ଅଭାବ ଯୋଗୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଛନ୍ତି। ସମାରୁ ଗରିବ ପରିବାର ହୋଇଥିବାରୁ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ସେହିପରି ଗୁରୁବାର ସିଂଘିଯୁବା ପଞ୍ଚାୟତ କମିରା ଗ୍ରାମର ପ୍ରସନ୍ନ ବାବୁ (୪୬)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।

# ଆଗକୁ ସାବିତ୍ରୀ ଅମାବାସ୍ୟା, ଫଳ ବଜାର ସରଗରମ



**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ)**

ଆଉ ମାତ୍ର ୫ଦିନ ପରେ ସାବିତ୍ରୀ ଅମାବାସ୍ୟା। ବିବାହିତାମାନେ ଭଗବାନଙ୍କୁ ପୂଜା କରି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଥାନ୍ତି। ସାବିତ୍ରୀ ପାଇଁ ବଜାରରେ ଭିଡ ଜମିବାରେ ଲାଗିଛି। ଗ୍ରୀଷ୍ମପ୍ରବାହକୁ ଖାତିରି ନ କରି ମହିଳାମାନଙ୍କ ଶାଢୀ, ଷ୍ଟେସନାରୀ ସହିତ ଫଳ ଦୋକାନରେ ମଧ୍ୟ ଭିଡ କରିବାରେ ଲାଗିଛନ୍ତି। ଫଳ ଦୋକାନରେ ଭଳି କି ଭଳି ଫଳ ପସରା ସଜେଇ ହୋଇଛି। ଆଉ ୫ ଦିନ ଥିବାରୁ ଝିଅ ଘରକୁ ଭାର ପଠାଇବା ପାଇଁ ବାପା ଘର ତତ୍ପର ହୋଇଛନ୍ତି। ମାତ୍ର ଏଥର ପାଚିଲା ଫଳ ଆକାଶ ଛୁଆଁ ହୋଇଛି। ଫଳ ଦୋକାନୀଙ୍କ କହିବା ଅନୁସାରେ ବିଭିନ୍ନ ଫଳ ଯଥା ପଣସ, ଲିଚୁ, ଖଜୁରୀ, ଆମ୍ବ, ତାଳ, କଦଳୀ ଆଦି ମହଜୁତ ରଖୁଥିବା କହିଛନ୍ତି। ଏଥର ଗତବର୍ଷ ତୁଳନାରେ ଫଳ ଦରବୃଦ୍ଧି ପାଇଛି ବୋଲି କିଛି ବ୍ୟବସାୟୀ କହିଛନ୍ତି। ସେହିପରି ଖରା ଯୋଗୁ କେବଳ ସକାଳେ ଓ ସନ୍ଧ୍ୟା ସମୟରେ ଫଳବେପାର ଅଧିକ ହେଉଛି ବୋଲି କହିଛନ୍ତି। ଫଟୋ: ପଦ୍ମପୁରର ଫଳ ବଜାର।

# ଚୋରି ବାଇକ୍ ଉଦ୍ଧାର, ୩ ଗିରଫ

**ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଦୁଇଟି ଚୋରି ବାଇକ୍‌କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଟାଉନ ଥାନା ସହାଜପିଟା(ହରଡୋଖୋଲ) ଗ୍ରାମର ରାଜୁ ମେହେର(୩୫),ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ସାହୁ(୩୧) ଓ ଶ୍ରୀତମ ସାହୁ(୨୧)। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଆଇଆଇସି ଯାଜ୍ଞସିନୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଲୋଇସିଂହା ଥାନା ଅଧୀନ ସାଲେଭାଟ ଫାଣ୍ଡି ଏଏସଆଇ ଚିତ୍ରସେନ ସାହୁଙ୍କ ସହ ପୋଲିସ ଟିମ୍ ଗତ ୨୭ ତାରିଖ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସାଲେଭଟା ସାପ୍ତାହିକ ବଜାରରେ ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ରଖି କୌଣସି କାମରେ ଯାଇଥିବା ବେଳେ ଅଭିଯୁକ୍ତ ରାଜୁ ଉକ୍ତ ବାଇକ୍‌କୁ ଚୋରି ପାଇଁ ଉଦ୍ୟମ କରୁଥିଲେ। କିନ୍ତୁ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ପାରି ରାଜୁ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ପୋଲିସ ତଦନ୍ତ ବେଳେ ରାଜୁ ଜଣେ ଅଭ୍ୟାସଗତ ବାଇକ୍ ଚୋର ବୋଲି ଜାଣିବାକୁ ପାଇଥିଲା। ପଚରାଉଚରା ପରେ ସେ ପୂର୍ବରୁ ଚୋରି କରିଥିବା ହିରୋ ସ୍ପ୍ଲେଣ୍ଡର(ନଂ ସିଜି ୦୬ ଜିଏଚ ୧୦୮୦) ଓ ଏଚଏଫ ଡିଲକ୍ସକୁ ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କୁ ବିକ୍ରି କରିଥିବା ପୋଲିସକୁ କହିଥିଲେ। ପୋଲିସ ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କ ଠାରୁ ଚୋରି ବାଇକ୍ ଉଦ୍ଧାର କରିବା ସହ ଚୋରି ବାଇକ୍ କିଣିଥିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରିଥିଲା। ରାଜୁଙ୍କୁ ମଧ୍ୟ ଏହି ଘଟଣାରେ ଗିରଫ କରାଯାଇଛି। ସାଲେଭାଟ ସପ୍ତାହିକ ବଜାରରୁ ଚୋରିଉଦ୍ୟମ କରାଯିବା ନେଇ ସମ୍ପୃକ୍ତ ବାଇକ୍ ମାଲିକଙ୍କ ଅଭିଯୋଗ ଆଧାରରେ ଥାନା(ନଂ ୧୮୨।୨୪)ରେ ଏକ ମାମଲା ରୁଜୁ ହୋଇଛି।



ଲୋଇସିଂହା ଥାନା ସମ୍ମୁଖରେ ଜବତ ବାଇକ୍ ଓ ଅଭିଯୁକ୍ତ।

# ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ,୩୧।୫(ଅଜିତ କୁମାର ବାରିକ)**

■ଯୁବ ବ୍ୟବସାୟୀ ରାଜା ହତ୍ୟା ମାମଲାର ରାୟ ୩ ବର୍ଷ ପରେ ପ୍ରକାଶ

■ସହଯୋଗୀ ଅଭିଯୁକ୍ତ ଅଭିଷେକ ସାହାଣୀ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧର ଯୁବ ବ୍ୟବସାୟୀ ପ୍ରମୋଦ ପ୍ରସାଦ(ରାଜା) ହତ୍ୟା ମାମଲାର ରାୟ ୩ ବର୍ଷ ପରେ ଶୁକ୍ରବାର ଦିନ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି । ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଏହି ହତ୍ୟା ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତ ପୋଡାପୋଡାର ମିଳନ ପାତ୍ର (୩୨)ଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି । ଏଥିସହ ସହଯୋଗୀ ଅଭିଯୁକ୍ତ ପୋଡାପୋଡାର ଅଭିଷେକ ସାହାଣୀ (୨୩)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ସହରର ପୋଡାପୋଡାର ମୋବାଇଲ ବ୍ୟବସାୟୀ ପ୍ରମୋଦ ପ୍ରସାଦ (ରାଜା) ସହରର ଏନ୍‌ଏସି ଛକଠାରେ ମୋବାଇଲ ଦୋକାନ କରିଥିଲେ । ଗତ ୧୧।୧୦।୨୦୨୦ରେ ରାଜା ଅପରାହ୍ନରେ ଘରୁ ବାହାରକୁ ଯାଇଥିବା ବେଳେ ରାତିରେ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କର ମୋବାଇଲ ବନ୍ଦ ହୋଇ ଯାଇଥିଲା। ଏନେଇ ଗତ ୧୨।୧୦।୨୦୨୦ରେ ରାଜାଙ୍କ ବାପା ଗୋପାଳଜୀ ପ୍ରସାଦ ପୁଅ ନିଖୋଜ ଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ପୋଲିସ ମାମଲା (୨୩/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୩।୧୦।୨୦୨୦ରେ ବୌଦ୍ଧ ସହରର ମହାନଦୀର ହନୁମାନ ଘାଟ ନିକଟରେ ଏକ ପୋଡା ନରକଙ୍କାଳ ପଡିଥିବା ଦେଖିବାକୁ ମିଳିଥିଲା । ନରକଙ୍କାଳକୁ ପୋଲିସ ଜବତ କରି ଏହା ରାଜାଙ୍କର କିମ୍ବା ଆଉ କାହାର ସନ୍ଦେହରେ ରହିବା ସହ ଏଫଏମଟି ପରୀକ୍ଷା ପାଇଁ ବୁର୍ଲା ମେଡିକାଲକୁ ପଠାଇଥିଲା । ମୃତଦେହ ପାଇବା ପରେ ପୋଲିସ ଏକ ମାମଲା ରୁଜ କରିଥିଲା । ରାଜା ନିଖୋଜ ହେବା ଘଟଣାର ତଦନ୍ତ କରିବାକୁ ପୋଲିସକୁ ସବୁ ମହଲରେ ଚାପ ପକା ଯାଇଥିଲା। ପୋଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତକୁ ଜୋରଦାର କରିଥିଲା । ପୋଲିସ ପ୍ରଥମେ ରାଜାଙ୍କ ମୋବାଇଲ ଫୋନ ରେକର୍ଡ ଯାଞ୍ଚ କରିବା ପରେ ତାଙ୍କ ଫୋନକୁ ଶେଷ କଲ୍ ଅଭିଯୁକ୍ତ ଅଭିଷେକ କରିଥିବା ଜାଣିବାକୁ ପାଇଥିଲା । ଏନେଇ ପୋଲିସ ଅଭିଯୁକ୍ତ ଅଭିଷେକଙ୍କୁ ପଚରାଉଚରା କରିବା ପରେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମିଳନ ପାତ୍ର ବୋଲି ପୋଲିସ ସନ୍ଦେହ କରିଥିଲା । ଗତ ୧୫।୧୦।୨୦୨୦ରେ ପୋଲିସ ମୁଖ୍ୟ ଅଭିଯୁକ୍ତ ମିଳନଙ୍କୁ ଭୁବନେଶ୍ୱର ଜାଗମରାଠାରୁ ଆଣି ପଚରାଉଚୁରା କରିଥିଲା। ପୋଲିସ ତଦନ୍ତକୁ ଜୋରଦାର କରିବା ସହ ସିସିଟିଭି ଫୁଟେଜ ଦେଖିବା ପରେ ଦୁଇ ଅଭିଯୁକ୍ତ ମିଳନଙ୍କ ପୋଡାପୋଡାରେ ଥିବା ଜିମ୍‌ରେ ଛୁରୀ ଭୁସି ହତ୍ୟା କରିଥିବା ନେଇ ପୋଲିସ ଜାଣିପାରିଥିଲା । ରାଜାଙ୍କୁ ମାରିବା ପରେ ମୃତଦେହ ଜରିରେ ବାନ୍ଧି ଜିମ କଡରେ ଥିବା ମହାନଦୀକୁ ଫିଙ୍ଗି ଦେଇଥିଲେ। ପରେ ବିଳମ୍ବିତ ରାତିରେ ପେଟ୍ରୋଲ ଦ୍ୱାରା ମୃତଦେହ ପୋଡି ମହାନଦୀର ପାଣିକୁ ଫିଙ୍ଗି ଦେଇଥିଲେ। ଦୀର୍ଘ ୧୮ ଦିନ ପରେ ପୋଲିସ ଏହା ଏକ ସୁପରିକଳ୍ପିତ ହାତ୍ୟାକାଣ୍ଡ ବୋଲି ଜାଣିଥିଲା । ପରେ ଗତ ୨୮।୧୦।୨୦୨୦ରେ ଦୁଇ ଅଭିଯୁକ୍ତ ମିଳନ ଓ ଅଭିଷେକଙ୍କୁ ଗିରଫ କରିବା ସହ ପୋଲିସ ନଂ ୨୭୫/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଥିଲା । ଏହି ହତ୍ୟାକାଣ୍ଡ ଏକ ମାଉଜର କିଣାକୁ ନେଇ ହୋଇଥିବା ପୋଲିସ ସ୍ପଷ୍ଟ କରିଥିଲା । ଦୁଇ ଅଭିଯୁକ୍ତଙ୍କୁ ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ ନଂ ୧୫/୨୧ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ମୁଖ୍ୟ ଅଭିଯୁକ୍ତ ମିଳନଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିବା ବେଳେ ସହଯୋଗୀ ଅଭିଯୁକ୍ତ ଅଭିଷେକ ସାହାଣୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ ।

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା କେନ୍ଦୁପତ୍ର ଫଡ଼ି



**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ବଗର୍ତ୍ତୀପାଲିଠାରେ ରହିଥିବା ଏକ କେନ୍ଦୁପତ୍ର ଫଡ଼ିରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା । ଫଳରେ ସେଠାରେ ରହିଥିବା କେନ୍ଦୁପତ୍ର ସବୁ ପୋଡ଼ିଯାଇ ପାଉଁଶ ହୋଇ ପଡ଼ିଛି । ନଷ୍ଟ ହୋଇଥିବା କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି । ତେବେ କିଭଳି ସ୍ଥିତିରେ ସେଠାରେ ନିଆଁ ଲାଗିଲା, ତାହା ସ୍ପଷ୍ଟ ହୋଇପାରି ନାହିଁ । ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରୁଛନ୍ତି ।

### ସେକ୍ଟର ଅଫିସର ନିଲମ୍ବିତ
#### ନିର୍ବାଚନ ପରିଚାଳନାରେ ଅବହେଳା

**ସୋନପୁର,୩୧।୫(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ୩୦ ନଂ ସେକ୍ଟରରେ ନିୟୋଜିତ ସେକ୍ଟର ଅଫିସର ବିଶେଶ୍ୱର ଦାଶଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ସୋନପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସୁରଜ କୁମାର ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସେକ୍ଟର ଅଫିସର ଦାଶ ୭ଟି ବୁଥ୍ ଦାୟିତ୍ୱରେ ଥିଲେ । ରାଇକେଡା ୩୦୯ନଂ ବୁଥ ଓ ବଡଯୋର ୩୦୫ ନଂ ବୁଥରେ ମକ୍‌ପୋଲ ସମୟରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେଇଥିଲା । ରିଜର୍ଭ ଇଭିଏମ୍‌କୁ ବ୍ୟବହାର କରାଯାଇଥିଲା । ନିର୍ବାଚନ ପରିଚାଳନା ସମୟରେ କର୍ତ୍ତବ୍ୟରେ ଗୁରୁତର ଅବହେଳା ଯୋଗୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି । ନିଲମ୍ବିତ ହୋଇଥିବା ସେକ୍ଟର ଅଫିସର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସେ ମରାଡୁଗୋଛା ଓ କୁମ୍ଭାରମୁଣ୍ଡା ପଞ୍ଚାୟତ ଦାୟିତ୍ୱରେ ଥିଲେ । ଗତ ୨୦ ତାରିଖ ଦିନ ବଲାଙ୍ଗୀର ଲୋକସଭା ଆସନ ଓ ସୁବର୍ଣ୍ଣପୁର ଜିଲାର ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

### ଅବସର କାଳୀନ ସମ୍ବର୍ଦ୍ଧନା ସଭା

**ପାଇକମାଲ,୩୧।୫(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ଟାଟାପାୱାର ଗ୍ରୀଡ୍ ସବଷ୍ଟେଶନରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଏସଡିଓ ମନରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜେଜେଇ ଶ୍ରୀକାନ୍ତ କୁମାର ସାହୁ, ଜେଇ ଅମରେଶ କନ୍ଧ, ଭରତ ଚନ୍ଦ୍ର ଭୋଇ ସାମାଜିକ କର୍ମୀ ବଡ ଶତପଥି, ଆରଡବ୍ଲୁଏସଏସ ଜେଇ ସତ୍ୟଜିତ ମାଝି ଯୋଗଦେଇ ବିଦାୟୀ ଲାଇନମେନ ସୁଧାକର ଗଡ଼ତିଆଙ୍କ ଦୀର୍ଘ ୪୨ ବର୍ଷ ଚାକିରୀ ଜୀବନୀ ବିଷୟରେ ସ୍ମୃତି ଚାରଣ କରିଥିଲେ ।

# ଏନ୍‌ଜିଟି ପକ୍ଷରୁ ୫୦ଲକ୍ଷ ୩୦ ହଜାର ଜରିମାନା

**ଲହୁଣୀପଡା,୩୧।୫(ଦାଶରଥି ପଣ୍ଡା)**

- ଜଳାଶୟର ପୁନରୁଦ୍ଧାର କରି ଗ୍ରାମବାସୀଙ୍କୁ ହସ୍ତାନ୍ତର ନିର୍ଦ୍ଦେଶ
- ଜଳାଶୟକୁ ବର୍ଜ୍ୟବସ୍ତୁରେ ପୋତିବା ଘଟଣା

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ନୂଆପଡା ଗ୍ରାମର ବିଦ୍ୟାଳୟ ନିକଟରେ ଥିବା ପୋଖରୀକୁ କିଛି ଦିନ ତଳେ କାରଖାନା ବର୍ଜ୍ୟବସ୍ତୁରେ ପୋତି ଦିଆଯାଇଥିଲା । ଏନେଇ ଏନଜିଟିରେ ଅଭିଯୋଗ ହୋଇଥିଲା । ଏନଜିଟି ପକ୍ଷରୁ ସମ୍ପୃକ୍ତ କାରଖାନା କର୍ତ୍ତୃପକ୍ଷଙ୍କଠାରୁ ୫୦ ଲକ୍ଷ ୩୦ ହଜାର ଜରିମାନା ଆଦାୟ କରାଯିବା ସହ ପୋଖରୀକୁ ପୁନରୁଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜଳାଶୟ ଗୁଡିକର ସୁରକ୍ଷା ଓ ସ୍ୱଚ୍ଛତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ନିୟମ ଜାରି କରାଯାଇଥିବାବେଳେ ବର୍ଜ୍ୟ ବସ୍ତୁ ପକାଇ ପୂର୍ବରୁ ସ୍ଥାନୀୟ ତହସିଲଦାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ଅନୁମତି ନେବା କଥା । ହେଲେ କୌଣସି ଅନୁମତି ନ ନେଇ ନୂଆପଡା ଗ୍ରାମର ଜଳାଶୟକୁ ବର୍ଜ୍ୟ ବସ୍ତୁ ଦ୍ୱାରା ପୋତାଯାଇଥିବା ପ୍ରସଙ୍ଗକୁ ନେଇ ଜଙ୍ଗଲ ଏବଂ ପରିବେଶ ବିଭାଗ ପକ୍ଷରୁ ସୁନ୍ଦରଗଡ ଜିଲାପାଳ ଓ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ନୋଟିସ କରିଥିଲେ । ଏଥିସହ ଏନଜିଟି କଲିକତା ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ମଧ୍ୟ ଭୁବନେଶ୍ୱରକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଘଟଣାରେ ସ୍ଥାନୀୟ ପ୍ରଶାସନଙ୍କ ଏକ ଜଏଣ୍ଟ କମିଟି ତଦନ୍ତ କରିଥିଲା । ପୋତା ଯାଇଥିବା ପୋଖରୀର ସମସ୍ତ ରେକର୍ଡ ଯାଞ୍ଚ କରି କ୍ଷୟ କ୍ଷତିର ଆକଳନ କରାଯାଇ ସୁନ୍ଦରଗଡ ଜିଲାପାଳ, ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ଅନ୍ୟାନ୍ୟ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ।



ଟ୍ରାକ ଉପରେ ଟେଷ୍ଟିଂ କରାଯାଉଛି ।

# ସୁନ୍ଦରଗଡ଼ରେ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ବ୍ୟବସ୍ଥା ଆରମ୍ଭ

**ସୁନ୍ଦରଗଡ଼,୩୧।୫(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟିଂ ବ୍ୟବସ୍ଥା । ଏହି ବ୍ୟବସ୍ଥା ଅନୁସାରେ ବର୍ତ୍ତମାନ ଟେଷ୍ଟିଂ ଟ୍ରାକରେ ଅବସ୍ଥାପିତ ହୋଇଥିବା ସିସି ଟିଭି କ୍ୟାମେରା ଏବଂ ଭିଡିଓ ଆନାଲିଟିକ ସିଷ୍ଟମ ମାଧ୍ୟମରେ ଡ୍ରାଇଭିଂ ପରୀକ୍ଷା ପରିଚାଳିତ ହେବ । ୬ଟି ଟେଷ୍ଟିଂ ଟ୍ରାକରେ ୪ଚକିଆ ଯାନ ଚଳାଇ ନିର୍ଭୁଲ ଭାବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅତିକ୍ରମ କରିପାରିଲେ ଆବେଦନକାରୀ ମାନେ ତତକ୍ଷଣାତ ପାସ ହୋଇ ପାରିବେ । ସେହିପରି ୨ଚକିଆ ଯାନ ପାଇଁ ଭିନ୍ନ ଏକ ଟ୍ରାକର ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଦ୍ୱାରା ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀମାନେ ସହଜରେ ଲାଇସେନ୍ସ ପାଇ ପାରିବେ ଏବଂ ଏହା ସମୟ ସାପେକ୍ଷ ମଧ ହୋଇ ପାରିବ ବୋଲି ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଅବସରରେ ପୂର୍ବତନ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ଏମଭିଆଇ ଦଲାନୀ ସା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ପରିବହନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲା ଶିକ୍ଷା ବିଭାଗ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୩୧।୫(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ଶିକ୍ଷା ବିଭାଗ ତରଫରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୩୩ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶୁକ୍ରବାର ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପରୀକ୍ଷାରେ ଗ୍ରେଡ ଏ-୧ରେ ସ୍ଥାନୀତ ୧୮ଜଣଙ୍କ ସମେତ ସମସ୍ତ ବ୍ଲକର ଟପ୍ପର ଏବଂ ସେମାନଙ୍କ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମିଶାଇ ମୋଟ ୭୫ଜଣ ଅଂଶ ଗ୍ରହଣ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ,ଜିଲା ଶିକ୍ଷଣ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଲିପିକା ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା,ସୁନ୍ଦରଗଡ ସଦର ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ,ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଚନ୍ଦ୍ର ଶେଖର ସା,ବିତ୍ତ ପରାମର୍ଶ ଦାତା ରାଜେନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଏପିଜେ ଅବଦୁଲ କାଲାମଙ୍କ ରଚିତ ପୁସ୍ତକ ଅଦମ୍ୟ ସାହସ ନୁହେଁ ଅଦ୍ୟମ ଉତ୍ସାହ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ସଭା ସଚାଳନ କରିଥିଲେ । ଅମାତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



### ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ଅଭିଯୋଗ

**ବିନିକା,୩୧।୫(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ସିଂଘିଯୁବା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ମୃତକ ଜଣକ ହେଲେ ସମାରୁ ବାଘ (୪୫) । ଗୁରୁବାର ସମାରୁ କାମଧନ୍ଦା ସାରି ଘରକୁ ପହଞ୍ଚିବା ପରେ ରାତି ପ୍ରାୟ ୧୦ଟାରେ ହଠାତ ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ସାହିପଡିସା ଲୋକେ ଆମ୍ବୁଲାନ୍ସ ଯୋଗେ ଆଣି ବିନିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମାରୁଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସମାରୁଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଶୁକ୍ରବାର ପରିବାର ପକ୍ଷରୁ ଥାନାରେ ଲିଖିତ ଭାବରେ ଅଭିଯୋଗ କରାଯାଇଛି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ସମାରୁଙ୍କ ସ୍ତ୍ରୀ ଓ ପୁଅ ଘରେ ଟଙ୍କା ଅଭାବ ଯୋଗୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଛନ୍ତି । ସମାରୁ ଗରିବ ପରିବାର ହୋଇଥିବାରୁ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି । ସେହିପରି ଗୁରୁବାର ସିଂଘିଯୁବା ପଞ୍ଚାୟତ କମିରା ଗ୍ରାମର ପ୍ରସନ୍ନ ବାବୁ (୪୬)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।

### ଦେଶୀ କୁକୁଡ଼ା ଚାଷକୁ ମିଳୁନି ପ୍ରୋତ୍ସାହନ

**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କୁ ପାରମ୍ପରିକ ଦେଶୀ କୁକୁଡ଼ା ପାଳନ ନିମନ୍ତେ ସେମିତି କିଛି ପ୍ରୋତ୍ସାହନ ମିଳୁ ନ ଥିବାରୁ ବିଭିନ୍ନ ଅଞ୍ଚଳରୁ ଏହା କ୍ରମଶଃ ଲୋପ ପାଇବାରେ ଲାଗିଛି । ଦେଶୀ କୁକୁଡ଼ାର ମାଂସ ଅଧିକ ଲୋକପ୍ରିୟ ହୋଇଥିବାରୁ ସେ ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ମତ ପ୍ରକାଶ ପାଉଛି । ପଦ୍ମପୁର ବ୍ଲକର ବିଶେଷ କରି ଦହିତା, ଦହିଗାଁ, ବୁଡେନ ସମେତ ବିଭିନ୍ନ ଗାଁରେ ପ୍ରାୟ ସମସ୍ତଙ୍କ ଘରେ ଦେଶୀ କୁକୁଡ଼ା ପାଳନ କରୁଥିଲେ । ମାତ୍ର ସରକାର ବ୍ରଏଲର ଓ ଅନ୍ୟାନ୍ୟ ବିଦେଶୀ କୁକୁଡ଼ା ପାଳନ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଥିବା ବେଳେ ଦେଶୀ କୁକୁଡ଼ା ପାଇଁ ଏ ପର୍ଯ୍ୟନ୍ତ କୌଣସି ଯୋଜନା କରୁନାହାନ୍ତି ।

# ଟ୍ୟାଙ୍କର ଯୋଗେ ପାଣି ଯୋଗାଇଲା ପ୍ରଶାସନ



**କୁତ୍ରା,୩୧।୫(ଦେବାଶିଷ ସାହୁ)**

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ଼ ଜିଲା ରଙ୍ଗାମାଟି ଗ୍ରାମବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି । ଟୋପାଏ ପାଣି ପାଇଁ ଅନେକ ଦୂର ଯିବାକୁ ପଡୁଛି । ଏହି ସମସ୍ୟାକୁ ନେଇ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ବ୍ଲକ ପ୍ରଶାସନ ତତ୍ପର ପ୍ରକାଶ କରି ସେଠାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଇଥିଲେ । ସ୍ଥିତି ଅନୁଧ୍ୟାନ ପରେ ଅସ୍ଥାୟୀ ଭାବେ ଏହାର ସମାଧାନ କରାଯାଇ ଶୁକ୍ରବାର ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଛି ବୋଲି କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ ସୂଚନା ଦେଇଛନ୍ତି । ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି ହେଉଛି । ଉଲ୍ଲେଖଯୋଗ୍ୟ ଯେ, ନୂଆଗାଁ ପଞ୍ଚାୟତର ଖପ୍ରାଖୋଲ, ତିଡୁ ପଡା,ଗୁଡିଆ ପଡା ଓ ତେଲି ପଡାକୁ ଟ୍ରାକ୍ଟର ଯୋଗେ ପାଣି ପ୍ରଦାନ କରାଯାଇଛି ।

# ଅସମ୍ଭାଳ ତାତି, ଗୁଳୁଗୁଳି: ଅସ୍ୱାଭାବିକ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ

**ସୁନ୍ଦରଗଡ଼,୩୧।୫(ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡରେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଜିଲାରେ ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା ବଢିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଅଂଶୁଘାତ ୱାର୍ଡରେ ଭର୍ତ୍ତି ହୋଇଛନ୍ତି । ଅଂଶୁଘାତ ଯୋଗୁ ସମସ୍ତଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ କୁହାଯାଇଛି । ଜିଲା ମୁଖ୍ୟ ଡାକ୍ତରଖାନାର ଅଧୀକ୍ଷକ ଡା. ପ୍ରକାଶ ବଳଙ୍କ ସୂଚନା ଅନୁସାରେ, ଗତ ୨୯ତାରିଖରୁ ବିଭିନ୍ନ ଥାନାର ପୋଲିସ ୭ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଣିଛନ୍ତି । ସେଥିମଧ୍ୟରୁ ୨ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କାରଣ ଜଣାପଡିବ । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ଓ ଶଯ୍ୟା ତଥା ଆନୁଷଙ୍ଗିକ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରହିଛି । ଗତ ଏକ ମାସ ମଧ୍ୟରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପ୍ରତ୍ୟେକ ଦିନ ୪ରୁ୫ଜଣ ଅଂଶୁଘାତ ରୋଗୀ ଆସୁଛନ୍ତି । ସମସ୍ତେ ସୁସ୍ଥ ହୋଇ ଫେରିଛନ୍ତି । ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗୁରୁବାର ସ୍ଥାନୀୟ ସୁନାରୀପଡାର ଜଣେ ଯୁବକ ଘରକୁ ଫେରିବା ପରେ ଅସୁସ୍ଥ ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ସ୍ଥାନୀୟ ଶିକ୍ଷକ ଭବନ ନିକଟରୁ ମୁଣ୍ଡାପଡାର ଜଣେ ୪୦ ବର୍ଷିୟା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଉଭୟଙ୍କ ମୃତ୍ୟୁ ଘଟଣାରେ ଟାଉନଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି ।

# କେନ୍ଦୁପତ୍ର ତୋଳିବାକୁ ଯାଇଥିବା ମହିଳାଙ୍କ ମୃତ୍ୟୁ

**ତରଭା,୩୧।୫(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ କୁମ୍ଭାରମୁଣ୍ଡା ଗ୍ରାମପଞ୍ଚାୟତର ବଡଫଟାମୁଣ୍ଡା ଗ୍ରାମରେ ଅଂଶୁଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତା ମହିଳା ଜଣଙ୍କ ହେଲେ ବଡଫଟାମୁଣ୍ଡା ଗ୍ରାମର କରୁଣା ଅମାତଙ୍କ ସ୍ତ୍ରୀ ରୁପକାନ୍ତୀ (୫୦) । ବର୍ତ୍ତମାନ କେନ୍ଦୁପତ୍ର ତୋଳା ସମୟ ହୋଇ ଥିବାରୁ ରୁପକାନ୍ତୀ ଶୁକ୍ରବାର ସକାଳୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ । ପ୍ରଚଣ୍ଡ ଖରାରେ ବୁଲିବୁଲି କେନ୍ଦୁପତ୍ର ତୋଳି ମଧ୍ୟାହ୍ନରେ ଘରକୁ ଫେରିଥିଲେ । କିଛି ସମୟ ପରେ ସେ ଅସୁସ୍ଥତା ଅନୁଭବ କରି ବାନ୍ତି କରିଥିଲେ । ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ଗୁରୁତର ହେବାରୁ ତାଙ୍କୁ ସନ୍ଧ୍ୟାରେ ଚିକିତ୍ସା ପାଇଁ ତରଭା ଡାକ୍ତରଖାନାକୁ ଆଣିଥିଲେ । ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଚୋରି ବାଇକ୍ ଉଦ୍ଧାର, ୩ ଗିରଫ

**ଲୋଇସିଂହା,୩୧।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଦୁଇଟି ଚୋରି ବାଇକ୍‌କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଟାଉନ ଥାନା ସହାଜପିଟା(ହରଡୋଖୋଲ) ଗ୍ରାମର ରାଜୁ ମେହେର(୩୫),ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ସାହୁ(୩୧) ଓ ଶ୍ରୀତମ ସାହୁ(୨୧) । ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଆଇଆଇସି ଯାଜ୍ଞସିନୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଲୋଇସିଂହା ଥାନା ଅଧୀନ ସାଲେଭାଟ ଫାଣ୍ଡି ଏଏସଆଇ ଚିତ୍ରସେନ ସାହୁଙ୍କ ସହ ପୋଲିସ ଟିମ୍ ଗତ ୨୭ ତାରିଖ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ସାଲେଭଟା ସାପ୍ତାହିକ ବଜାରରେ ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ରଖି କୌଣସି କାମରେ ଯାଇଥିବା ବେଳେ ଅଭିଯୁକ୍ତ ରାଜୁ ଉକ୍ତ ବାଇକ୍‌କୁ ଚୋରି ପାଇଁ ଉଦ୍ୟମ କରୁଥିଲେ । କିନ୍ତୁ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ପାରି ରାଜୁ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ । ପୋଲିସ ତଦନ୍ତ ବେଳେ ରାଜୁ ଜଣେ ଅଭ୍ୟାସଗତ ବାଇକ୍ ଚୋର ବୋଲି ଜାଣିବାକୁ ପାଇଥିଲା । ପଚରାଉଚରା ପରେ ସେ ପୂର୍ବରୁ ଚୋରି କରିଥିବା ହିରୋ ସ୍ପ୍ଲେଣ୍ଡର(ନଂ ସିଜି ୦୬ ଜିଏଚ ୧୦୮୦) ଓ ଏଚଏଫ ଡିଲକ୍ସକୁ ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କୁ ବିକ୍ରି କରିଥିବା ପୋଲିସକୁ କହିଥିଲେ । ପୋଲିସ ଶମ୍ଭୁପ୍ରସାଦ ଓ ଶ୍ରୀତମଙ୍କ ଠାରୁ ଚୋରି ବାଇକ୍ ଉଦ୍ଧାର କରିବା ସହ ଚୋରି ବାଇକ୍ କିଣିଥିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରିଥିଲା ।



ଲୋଇସିଂହା ଥାନା ସମ୍ମୁଖରେ ଜବତ ବାଇକ୍ ଓ ଅଭିଯୁକ୍ତ ।

# ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ କରାଯାଉ

**ଲାଠୋର,୩୧।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳ ଯୋଗାଣ ପ୍ରକଳ୍ପ ନଂ୨ର ନୂତନ ଗଭୀର କୂପକୁ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବା ହେତୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ଘଟିଛି । ଫଳରେ ଜନସାଧାରଣ ପାନୀୟ ଜଳ ପାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଦୀର୍ଘ ୨୦ ବର୍ଷ ପୂର୍ବେ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଏକ ଜଳ ଯୋଗାଣ ପ୍ରକଳ୍ପ ସହ ଓଭର ହେଡ଼ ଟାଙ୍କି ନିର୍ମାଣ କରି ଗ୍ରାମର ପ୍ରାୟ ୨ ଶହ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ପ୍ରକଳ୍ପରେ ରହିଥିବା ଗଭୀର କୂପ କାଳ କ୍ରମେ ପୋତି ହୋଇ ଜଳଯୋଗାଣ କ୍ଷମତା କମିଯାଇଛି । ବର୍ତ୍ତମାନ ଗ୍ରୀଷ୍ମ ଋତୁ ହେତୁ ଜଳସ୍ତର କମି ପରିସ୍ଥିତିକୁ ଆହୁରି ସଙ୍ଗୀନ କରି ପକାଉଛି । ରାତି ତମାମ ମଟର ଚଳାଇ ଓଭର ହେଡ ଟାଙ୍କିରେ ପାଣି ଭରିଲେ ମଧ୍ୟ ଟାଙ୍କି ଭର୍ତ୍ତି ହେଉ ନାହିଁ । ସକାଳୁ ଜଳ ଯୋଗାଣ ଚାଲୁ କଲା ବେଳକୁ ଏକ ଘଣ୍ଟା ମଧ୍ୟରେ ଟାଙ୍କି ଖାଲି ହୋଇଯାଉଛି । ତାତିର ପ୍ରକୋପରେ ଲୋକ ସିଝୁ ଥିବା ବେଳେ ଆବଶ୍ୟକତା ମୁତାବକ ପାନୀୟ ଜଳ ପ୍ରକଳ୍ପରୁ ପାଇ ନ ପାରିବା ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି । ଆବଶ୍ୟକତା ଅନୁସାରେ ଜଳ ଯୋଗାଣ ପାଇଁ ଓଭର ହେଡ ଟାଙ୍କି ତଳେ ଥିବା ଆଉ ଏକ ଗଭୀର କୂପରେ ଲାଠୋର ସରପଞ୍ଚ ମଟର ଖଞ୍ଜି ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ ମଧ୍ୟ ବର୍ତ୍ତମାନ ଯାଏ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ । ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ଯୋଗାଣ ସଂସ୍ଥାର ସେକ୍ସନ ଅଫିସର ସମ୍ବିତ ପରିଡାଙ୍କୁ ପଚାରିବାରେ ସେହି ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ମିଟର କିମ୍ବା କଞ୍ଜୁମର ନମ୍ବର ମାଗିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦେଇ ପାରୁନାହିଁ । ନମ୍ବର ପ୍ରଦାନ କଲେ କିଛି ବ୍ୟବସ୍ଥା କରିବୁ ବୋଲି କହିଥିଲେ । ସେହିପରି ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ବିଦ୍ୟୁତ୍ ସଂସ୍ଥା ପାଖରେ ସବୁ ନମ୍ବର ରହିଛି । ଯଦି ତାଙ୍କ ପାଖରେ ନମ୍ବର ନାହିଁ ତାହେଲେ ସେମାନେ ବିଦ୍ୟୁତ୍ ବିଲ କେଉଁ ନମ୍ବରରେ ନେଉଛନ୍ତି ବୋଲି କହିଥିଲେ । ଉଭୟଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଥାଶୀଘ୍ର ନୂଆ ଗଭୀର କୂପରେ ବିଦ୍ୟୁତ୍ ସଂଯୋଗ କରି ଆବଶ୍ୟକତା ଅନୁସାରେ ଜଳଯୋଗାଣ କରାଯିବା ପାଇଁ ଦାବି ହେଉଛି । ନଚେତ୍ ଆନ୍ଦୋଳନ କରାଯିବାକୁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।



ଲାଠୋର ଜଳ ଯୋଗାଣ ପ୍ରକଳ୍ପ ମୋଟରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରି ପଡିରହିଛି ।

# ଅସହ୍ୟ ତାତିରେ ଜଳୁଛି ଝାରସୁଗୁଡ଼ା

**ଝାରସୁଗୁଡ଼ା,୩୧।୫(ସଞ୍ଜୟ ମାଲି)**

କିଛିଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରବାହ। ବାତ୍ୟା 'ରେମାଲ' ଯୋଗୁ ତାପମାତ୍ରା ହ୍ରାସ ପାଇଥିବାବେଳେ ରାଜ୍ୟରେ ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ଗତ କିଛି ଦିନ ହେବ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳ ଅସହ୍ୟ ତାତିରେ ଜଳୁଛି। ସହର ତାପମାତ୍ରା ୪୭ ଡିଗ୍ରୀ ରେକର୍ଡ ପାରକରିଛି। ସହରର ମୁଖ୍ୟ ରାସ୍ତା ପୂର୍ବାହ୍ନ ୧୦ଟା ପରେ ଖାଁ ଖାଁ ଲାଗୁଛି। ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଲୋକଙ୍କୁ ସୂଚନା ଦିଆଯାଉଛି। ଅତି ଜରୁରୀ କାମ ନ ପଡ଼ିଲେ ଲୋକେ ଘରୁ ବାହାରୁ ନାହାନ୍ତି। ଲୋକେ ଜରୁରୀ କାମରେ ମୁଣ୍ଡରେ ଗାମୁଛା ଓ ଚଷମା ପିନ୍ଧି ବାହାରୁଛନ୍ତି। ବୁଧବାର ଓ ଗୁରୁବାର ଝାରସୁଗୁଡ଼ା ତାପମାତ୍ରା ୪୬ ଓ ୪୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଶୁକ୍ରବାର ୪୫ ଡିଗ୍ରୀ ରେକର୍ଡରେ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଅନ୍ୟପଟେ ଝାଞ୍ଜି ପବନରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଝାରସୁଗୁଡ଼ା ସଦର ମହକୁମା ଅପେକ୍ଷା ବ୍ରଜରାଜନଗର ଓ ବେଲପାହାଡ଼ ଅଞ୍ଚଳରେ କୋଇଲା ଖଣି ଥିବାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ଅଧିକ ରହୁଛି। ଖଣି ସମେତ ବିଭିନ୍ନ ସ୍ଥାନରେ ଦିନ ତମାମ କାମ କରୁଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ ନ କରିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ନିୟମ ଏହାକୁ ମାନୁ ନ ଥିବା ପରିଲକ୍ଷିତ ହେଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ ଅନେକେ ଔଷଧୀୟ ଓ ବହୁ ମୁଲ୍ୟାନ ଗଛ ଜଳୁଥିବା ସହିତ ଅନେକ ଜିଜନ୍ତୁ ମରୁଥିବା ବେଳେ ଅନେକ ସହର ମୁହାଁ ହେଉଛନ୍ତି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଛି। ଘରୋଇ ବସଗୁଡିକରେ ଓଆରସ ଥଣ୍ଡା ପାଣି ରଖୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେବ ସହରରେ ତୁହାକୁ ତୁହା ବିଦ୍ୟୁତ୍ କାଟ ଯୋଗୁ ସହରବାସୀ ତାତିରେ ଡହଳ ବିକଳ ହେଉଥିବା ବେଳେ ବିଦ୍ୟୁତ୍ ଅଧିକାରୀ ଚୁପ ବସିଛନ୍ତି। ସହରରେ ଥିବା ନଦୀ, ନାଳ, ପୋଖରୀ ସୁଖି ଯିବା ଫଳରେ ବୁଲା ପଶୁ, ଗାଈ, ଗୋରୁ, କୁକୁର, ଅନ୍ୟ ପଶୁ ଓ ପକ୍ଷୀମାନେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ସହରର ଅନେକ ସ୍ଥାନରେ ପିଏଚଡ଼ି ପାଣି ଆସୁଥିବା ବେଳେ ଅନେକେ ନଳକୂପରୁ ନାଳି ରଙ୍ଗର ପାଣି ଆସୁଥିବା ପରିଲକ୍ଷିତ ହେଉଛି। ସହରରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଏହା କମ ବୋଲି ଚର୍ଚ୍ଚା ଜୋର ଧରିଛି। ଆଗକୁ ଯଦି ଏପରି ଗ୍ରୀଷ୍ମପ୍ରବାହ ଜାରି ରହେ ତାହା ହେଲେ ଭୟଙ୍କର ପରିସ୍ଥିତି ଦେଖାଦେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।


ଅସହ୍ୟ ଗରମ ଯୋଗୁ ଝାରସୁଗୁଡ଼ା ସହର ରାସ୍ତା ଶୂନ୍‌ଶାନ ହୋଇପଡ଼ିଛି।

**ତାପମାତ୍ରା ୪୭ ଡିଗ୍ରୀ ଛୁଇଁଲା**

## ଲୋକଙ୍କୁ ସଚେତନ କଲେ ଜିଲାପାଳ



ଝାରସୁଗୁଡା ଜିଲାରେ ବଢୁଥିବା ତାପମାତ୍ରା ସହ ଅସହ୍ୟ ତାତି ତଥା ଅଂଶୁଘାତରୁ ବଞ୍ଚିବା ପାଇଁ ଜିଲାପାଳ ଅବୋଲି ସୁନୀଲ ନରୱଣେ ଶୁକ୍ରବାର ଏକ ଭିଡିଓ ମାଧ୍ୟମରେ ଜିଲାବାସୀଙ୍କୁ ସଚେତନ କରି ଅନୁରୋଧ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରନ୍ତୁ ନାହିଁ। ଅତି ଜରୁରୀ କାମ ଥିଲେ ସାଙ୍ଗରେ ଛତା, ଗାମୁଛା, କଳା ଚଷମା, ପାଣି ବୋତଲ ନେଇ ଘରୁ ବାହାରନ୍ତୁ। ଛୋଟ ପିଲାମାନଙ୍କୁ ଘରୁ ବାହାରକୁ ନିଅନ୍ତୁ ନାହିଁ। ଜିଲା ପ୍ରଶାସନର ନିୟମ ମାନନ୍ତୁ ବୋଲି ସେ ଜିଲାର ସମସ୍ତ ଜନସାଧାରଣଙ୍କୁ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି।

# ଜିଲା ସ୍କୁଲରେ ଭୋଟ ଗଣତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୋଟ ଗଣତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ପ୍ରଶିକ୍ଷାର୍ଥୀଙ୍କ ଆଲୋଚନା।

**ସମ୍ବଲପୁର, ୩୧।୫(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲାରେ ଶାନ୍ତିପୂର୍ଣ୍ଣ ମତଦାନ ପରେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟ ଗଣତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ଭୋଟ ଗଣତି ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣନା ସୁପରଭାଇଜର, ଗଣନା ସହାୟକ ଓ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆଲୋଚନା ମାଧ୍ୟମରେ ପ୍ରଶିକ୍ଷଣାର୍ଥୀଙ୍କ ସମସ୍ତ ସନ୍ଦେହ ଦୂର କରିଥିଲେ। ଏଥିରେ ପୋଷ୍ଟାଲ ବାଲାଟ୍ ଗଣତି, ଇଭିଏମ୍ (ବର୍ଣ୍ଟନ ଓ ସିଲ୍)ରେ ରେକର୍ଡ ହୋଇଥିବା ଭୋଟର ଗଣତି, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ଭୂମିକା, ଭିଭିପିଏଟି ପେପର ସ୍ଲିପ୍ ଗଣତି, ଫଳାଫଳ ସଂକଳନ, ଘୋଷଣା ତଥା ଗଣତି ପରେ ଇଭିଏମ୍, ଭିଭିପାଟ୍ ସିଲ୍ ଓ ଷ୍ଟୋରେଜ୍ ଆଦି ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। କଣ୍ଟ୍ରୋଲ ୟୁନିଟ୍‌ର ପରିଚାଳନା ଏବଂ ଭୋଟଗଣନା କାର୍ଯ୍ୟର ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୪୯୧ ଜଣ ଯୋଗଦେଇ ଆବଶ୍ୟକ ପ୍ରଶିକ୍ଷଣ ନେଇଥିଲେ। ରେଙ୍ଗାଲି ତହସିଲଦାର ସଦାକର କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସମ୍ବଲପୁର ଆକାଶବାଣୀରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର,୩୧।୫(ବି. ଶଙ୍କର )**

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଅଭିଯାନ୍ତ୍ରିକୀ ଉପନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭୋଇଙ୍କୁ ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଭୋଇ ଅଭିଯାନ୍ତ୍ରିକୀ ସହାୟକ ଭାବରେ ଆକାଶବାଣୀ, କଲିକତା କେନ୍ଦ୍ରରୁ ୧୯୮୮ ମସିହାରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୬ ବର୍ଷର ଚାକିରୀକାଳ ଭିତରେ ସେ ଉଭୟ ଆକାଶବାଣୀ ଏବଂ ଦୂରଦର୍ଶନ କେନ୍ଦ୍ର ଯଥା କେନ୍ଦୁଝର, ସମ୍ବଲପୁର, ଦେବଗଡ଼, ଭବାନୀପାଟନା, ବ୍ରହ୍ମପୁର, ଗୌହାଟି ଏବଂ ପରିଶେଷରେ ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରେ ଅବସ୍ଥାପିତ ହୋଇ କାର୍ଯ୍ୟ କରିଥିଲେ। ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଆୟୋଜିତ ସଭାରେ ଭୋଇଙ୍କୁ ଦୂରଦର୍ଶନ କେନ୍ଦ୍ରର ଅଭିଯାନ୍ତ୍ରିକୀ ସହାୟକ ନିର୍ଦ୍ଦେଶକ ତଥା ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ପି.କେ.ମିଶ୍ର ଏବଂ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଜୀ ପୁଷ୍ପଗୁଚ୍ଛ, ଉପଢୌକନ, ସ୍ମାରକୀ, ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସନ୍ତୋଷ ପିଙ୍ଗ, କୁନାଲ ମହାପାତ୍ର, ପ୍ରବୀଣ କୁମାର ଖାଡ଼ିଆ, ମାଲିକ ମୁଣ୍ଡା ପ୍ରମୁଖ ଅବସରଗ୍ରହଣ କରିଥିବା ଭୋଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସଭା ପରିଚାଳନା କରିଥିଲେ। କୈବର୍ତ୍ତ ସାହୁ, ଜ୍ୟୋତି ପ୍ରକାଶ ମିଶ୍ର, ବିଜୟ କୁମାର ବେହେରା, ପ୍ରକାଶ ଚନ୍ଦ୍ର ଛତ୍ରିଆ, ରବୀନ୍ଦ୍ର କୁମାର ବାର୍ଲା, ଦୀପକ ଓରାମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଆକାଶବାଣୀ ସମ୍ବଲପୁରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## କୃଷି ଅଧିଦର୍ଶକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ନାକଟିଦେଉଳ,୩୧।୫(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମପଞ୍ଚାୟତର କୃଷି ଅଧିଦର୍ଶକ କାଶୀନାଥ ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବ୍ଲକ କୃଷି ଅଧିକାରୀ ମଧୁମତୀ ମୁର୍ମୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଅଧିଦର୍ଶକ ବୈକୁଣ୍ଠ ରାଉଳ ଏବଂ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ରହି ଅବସର ଗ୍ରହଣ କରୁଥିବା ସାହୁଙ୍କ ବିଷୟରେ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଘୋଷରାମାଲ ଗ୍ରାମପଞ୍ଚାୟତର କୃଷି ଅଧିଦର୍ଶକ ଜିତେନ୍ଦ୍ର ଦେବତା, କିସିଣ୍ଡାର ମଞ୍ଜୁବାଳା ବେହେରା, ବାଟଗାଁର ସରୋଜିନୀ ନାଏକ, ଶିମିଳିପାଳର ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱାମିତ୍ର ସାହୁ, ଗିରିଶ୍ଚନ୍ଦ୍ରପୁରର ଶରତ ବାରିକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୩୧।୫(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନଙ୍କୁ ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହିତ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତିପତ୍ର ପାଇଥିବା ଅଧ୍ୟାପକ ହେମାନନ୍ଦ ପ୍ରଧାନଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟାପକ ହେମାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ଅଧ୍ୟାପକ ସରୋଜ କୁମାର ଭୁଏ, ଉମାକାନ୍ତ ବିଶ୍ୱାଳ, ଅରୁଣ କୁମାର ବିଶ୍ୱାଳ, ଅଶୋକ କୁମାର ଧଳ, ଜିତେନ୍ଦ୍ରିୟ ପ୍ରଧାନ, ଜିତେନ୍ଦ୍ର ପଣ୍ଡା, ବିବେକାନନ୍ଦ ପ୍ରଧାନ, ଅମିତ ବିଶ୍ୱାଳ, ବୈଜୟନ୍ତି ପ୍ରଧାନ ଏବଂ ଶାନ୍ତିଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ବିନୀତା ମୁର୍ମୁ ମାନପତ୍ର ପଠନ କରିଥିବାବେଳେ ଶେଷରେ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ପ୍ରାଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରଜରାଜନଗର,୩୧।୫(ବିଜୟ ବରାଡ଼)**

ବ୍ରଜରାଜନଗର ମହାବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ଏକ ବିଶେଷ ସଭାରେ ମହାବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପିକା ତଥା ଅର୍ଥନୀତି ବିଭାଗ ମୁଖ୍ୟ ପଦ୍ମିନୀ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ଏକେଡେମିକ ବର୍ସର ବିଜୟ କୁମାର ସାହୁ, ବରିଷ୍ଠ ପ୍ରାଧ୍ୟାପକ ଜୟନ୍ତ କୁମାର ମିଶ୍ର, ଅଧ୍ୟାପକ ବିକ୍ରମ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ନିଜ ବ୍ୟକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ନାୟକ ବକ୍ତବ୍ୟରେ ପ୍ରାଧ୍ୟାପିକା ତ୍ରିପାଠୀଙ୍କ ତାଙ୍କ ସେବା କାଳରେ କଲେଜର ଶିକ୍ଷା ତଥା ଛାତ୍ରୀଛାତ୍ରଙ୍କ ଉନ୍ନତି ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ କରାଯାଇଥିବା ପ୍ରୟାସ ବହୁ ମାତ୍ରାରେ ପ୍ରଶଂସା କରିଥିଲେ। ସଭା ଶେଷରେ ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଅଧ୍ୟାପକ ବିକାଶ ନାୟକ, ସୁମିତ ତିର୍କି, ପିଏସ ବାଗ, ଏନଜି ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟଯୋଷି, ଆଇଏମ ରାଣା, ଏଚକେ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଅଧ୍ୟାପକ ଅଧ୍ୟାପିକା ତଥା କଲେଜ କର୍ମଚାରୀ ଉପସ୍ଥିତ ରହିଥିଲେ।


ବରିଷ୍ଠ ପ୍ରାଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ବିଭିନ୍ନ ସମସ୍ୟାରେ ଝାରସୁଗୁଡ଼ାବାସୀ


ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।


ଶୋଚନୀୟ ହୋଇପଡ଼ିଛି ରାସ୍ତା ।

**ଝାରସୁଗୁଡ଼ା,୩୧।୫(ସଞ୍ଜୟ ମାଲି)**

- ରାସ୍ତା, ପରିମଳ, ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଜିଲା ପ୍ରଶାସନ ନୀରବଦ୍ରଷ୍ଟା

ଝାରସୁଗୁଡ଼ା ଜିଲା ଗଠନ ହେବାର ୩୦ ବର୍ଷ ପରେ ବି ବିଭିନ୍ନ ସମସ୍ୟା ଘେରରେ ରହିଛନ୍ତି ସହରବାସୀ। ସହରରେ ରାସ୍ତା, ପରିମଳ, ଶିକ୍ଷା, ଚିକିତ୍ସା, ଖେଳ ପଡିଆ, ଶୀତଳ ଭଣ୍ଡାର, ପ୍ରଦୂଷଣ, ବେକାରୀ ସମସ୍ୟା, ସମେତ ବିଭିନ୍ନ ସମସ୍ୟାରେ ସହରବାସୀ ଅତିଷ୍ଠ ହେଉଥିବା ଅଭିଯୋଗ ହେଉଛି। ସହରର ସରାହାଲ ଅଞ୍ଚଳର ଗୈଡପଡା କିସାନପଡା ରାସ୍ତା ମରାମତି ଅଭାବରୁ ଲୋକେ ଯିବାଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସହର ମୁଖ୍ୟ ରାସ୍ତା ସଫାହେଉଥିବାବେଳେ ଗଳିକନ୍ଦିରେ ସଫା ହେଉ ନ ଥିବାରୁ କୁଢ଼କୁଢ଼ ଅଳିଆ ଆବର୍ଜନା ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସହର ଉପକଣ୍ଠରେ ୭ ମହଲା ବିଶିଷ୍ଟ ସରକାରୀ ଡାକ୍ତରଖାନା ପ୍ରତିଷ୍ଠା ହୋଇଥିବାବେଳେ ଅନେକ ସମୟରେ ଡାକ୍ତର ନ ସିବା ସହିତ ଡାକ୍ତରଖାନାରେ ପାଣି ଅଭବା ସମେତ ସାମାନ୍ୟ ଆହତଙ୍କୁ ବୁର୍ଲା ବଡ଼ ଡାକ୍ତରଖାନା ପଠାଇ ଦେଉଥିବା ଅଭିଯୋଗ ହେଉଛି। ନୂତନ ଘରୋଇ ବସଷ୍ଟାଣ୍ଡଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ଆଲୁଅ ବ୍ୟବସ୍ଥା ନ ଥିବା ବେଳେ ବିଭିନ୍ନ ସମୟରେ ଲୋକେ ଯିବାଆସିବା ସମୟରେ ଦୁର୍ଘଟଣା ଶିକାର ହେଉଛନ୍ତି। ସେହି ରାସ୍ତା ଦେଇ ମହିଳାମାନେ ରାତିରେ ଯିବା ଆସିବା ପାଇଁ ଭୟ କରୁଛନ୍ତି। ସହରର ସର୍ବ ପୁରାତନ ମନମୋହନ ଖେଳ ପଡିଆ ଓ ସରାହାଲ ହାଇସ୍କୁଲ ଖେଳ ପଡିଆରେ ଖେଳାଳିମାନଙ୍କ ପାଇଁ ଆନୁସଙ୍ଗିକ ସୁବ୍ୟବସ୍ଥା ନ ଥିବା ବେଳେ ଖେଳାଳି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରାହାଲ ହାଇସ୍କୁଲ ମୁଖ୍ୟ ଗେଟ ନିକଟରେ ଥିବା ଅମୃତ ଧାରା ଦୀର୍ଘ ଦିନରୁ ଅଚଳ ସୋଇପଡିଥିବା ବେଳେ ଖେଳାଳିମାନେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଶିକ୍ଷା ଅବସ୍ଥା ନ କହିବା ଭଲ। ଜିଲା ଗଠନ ୩୦ବର୍ଷ ପରେ ଝାରସୁଗୁଡ଼ା ଜିଲାର ସର୍ବପୁରାତନ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ସରକାରୀ ମାନ୍ୟତା ନ ପାଇବା ଦୁଃଖର ବିଷୟ। ଝାରସୁଗୁଡ଼ା ସଦର ମହକୁମା ଅଞ୍ଚଳରେ ଅନେକ ଶିଳ୍ପ ପ୍ରତିଷ୍ଠା ହୋଇଥିବାବେଳେ ଚିମିନିରୁ ନିର୍ଗତ ଧୁଆଁରେ ସହରାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଭିନ୍ନ ସମୟରେ ବାରିବହନ ବେଳେ ବିଷାକ୍ତ ପାଉଁଶ ରାଜ ରାସ୍ତାରେ ଉଡୁଥିବା ବେଳକୁ ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ଏଥିପ୍ରତି ବିଭିନ୍ନ ସମୟରେ ଆନ୍ଦୋଳନ କଲେ ସୁଧା ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସ୍ଥାନୀୟ ଅଞ୍ଚଳରେ ଶିଳ୍ପାନୁଷ୍ଠାନଗୁଡିକରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରୁଥିବା ବେଳେ ରାଜ୍ୟ ତଥା ବାହାର ଜିଲା ପିଲାମାନଙ୍କୁ ନିଯୁକ୍ତି ଦିଆଯାଉଛି। ଯୁବପିଢି ବେକାର ବୁଲୁଥିବା ପରିଲକ୍ଷିତ ହେଉଛି। ଦୀର୍ଘବର୍ଷ ହେବ ବ୍ରଜରାଜନଗର ସୂତାକଳ ବିଟିଏମ ଭାସ୍କର ଟେକ୍ସାସ ଟାଇଲ ମିଲ ଓ ସରାହାଲ କେଏସରି ଫୀକଟାରି ବନ୍ଦ ହୋଇ ପଡିଥିବାବେଳେ ହଜାର ହଜାର ଶ୍ରମିକ ରୋଜଗାର ହରାଇଥିବା ବେଳେ ତାକୁ ଚଳାଇବା ପାଇଁ ଜନପ୍ରତିନିଧିଙ୍କ ଆନ୍ତରିକତାରୁ ଚାଲି ପାରୁନାହିଁ। ଏଭଳି ଅନେକ ସମସ୍ୟା ଘେରରେ ସହରବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଖଡ଼ିଆଳ,୩୧।୫ (ସୁଜିତ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମର ଦାଦନ ଶ୍ରମିକ ଭଗତ ମାଝି (୨୭)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟ ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ତେଲେଙ୍ଗାନା ରାଜ୍ୟର ବୈଦାପାଲିସ୍ଥିତ ଇଟାଭାଟିରେ କାମ କରୁଥିବା ବେଳେ ଭଗତଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସେଠାକାର ଏକ ଡ଼ାକ୍ତରଖାନାର ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଭଗତ ତିନିମାସ ପୂର୍ବେ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କର ତିନି ନାବାଳକ ଝିଅପୁଅ ଓ ସ୍ତ୍ରୀ ବେସାହାରା ହୋଇଯାଇଛନ୍ତି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ପକ୍ଷରୁ ଏ ନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

### ଅଭିଯୁକ୍ତ କୋର୍ଟ ଚାଲାଣ

**ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ଘଟଣା**



**ଲାଞ୍ଜିଗଡ,୩୧।୫(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ କପାଗୁଡା ଗାଁରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, କପାଗୁଡା ଗାଁର ପୁରୁଷୋତ୍ତମ ମାଝି ଓ ସ୍ତ୍ରୀ ବୈଜୟନ୍ତୀ ମାଝିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗୁରୁବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁରୁଷୋତ୍ତମ ଟାଙ୍ଗିଆରେ ବୈଜୟନ୍ତୀଙ୍କୁ ଚୋଟ ମାରିଥିଲେ। ଗୁରୁତର ଅବସ୍ଥାରେ ବୈଜୟନ୍ତୀଙ୍କୁ ପରିବାର ଲୋକେ ପ୍ରଥମେ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ବୈଜୟନ୍ତୀଙ୍କ ସମ୍ପର୍କୀୟ ଅକୁର ମାଝିଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୬୧/୨୪) ରୁଜୁକରି ତଦନ୍ତ ଚଳାଇଥିଲା। ଏସ୍ଆଇ ଲିଙ୍ଗରାଜ ସେଠୀ ଘଟଣାର ତଦନ୍ତ କରୁଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲାଞ୍ଜିଗଡ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍କାଙ୍କଠାରୁ ପ୍ରକାଶ।

### ମହିଳାଙ୍କୁ ବଳାତ୍କାର: ଜେଲ ଗଲେ ଅଭିଯୁକ୍ତ

**ଲାଞ୍ଜିଗଡ଼,୩୧।୫(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତ ଜେଲ ଯାଇଛନ୍ତି। ସୂଚନାନୁସାରେ ଚମ୍ପାଦେଇପୁର ଗ୍ରାମର ମଧୁ ହରିଜନ (୩୧) ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବିବାହିତା ମହିଳା ଛାତ ଉପରେ ଏକୁଟିଆ ଶୋଇଥିବା ବେଳେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେ ସମୟରେ ଉକ୍ତ ମହିଳାଙ୍କ ସ୍ୱାମୀ ଓ ଦିଅର ନିଜ ଚାଷ ଜମିକୁ କାମ କରିବାପାଇଁ ଯାଇଥିଲେ। ସ୍ୱାମୀ ଘରକୁ ଫେରିଲାପରେ ମହିଳା ଜଣକ ତାଙ୍କୁ ସବୁକଥା ଜଣାଇଥିଲେ। ବୁଧବାର ଘଟଣାର ଆପୋସ ସମାଧାନ ପାଇଁ ମଧୁ ହରିଜନଙ୍କୁ ଡକାଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଶେଷରେ ମହିଳା ଜଣକ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକ୍କାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ମଧୁଙ୍କୁ ଥାନାକୁ ଡକାଇ ତଦନ୍ତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୬୦/୨୪) ରୁଜୁ କରି ପୋଲିସ ଆଇପିସି ଧାରା ୩୦୬/୫୦୬ ଅନୁଯାୟୀ ଅଭିଯୁକ୍ତ ମଧୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ହିକ୍କା ସୂଚନା ଦେଇଛନ୍ତି।

# ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

**କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ**

**ଭବାନୀପାଟଣା,୩୧।୫(ଉତ୍ତମ କୁମାର ଦାଶ)**



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଗତ ୫ମାସ ମଧ୍ୟରେ ଜିଲାରେ ସଡ଼କ ଦୁର୍ଘଟଣାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତଥାପି ପୋଲିସ କିମ୍ବା ପରିବହନ ବିଭାଗ କେବଳ ଫାଇନ ଆଦାୟ କରି ନିଜର ଦାୟିତ୍ୱ ସାରି ଦେଉଥିବା ଅଭିଯୋଗ ହେଉଛି। ସହରରେ ଟ୍ରାଫିକ ସମସ୍ୟା ଓ ଗହଳି ସମୟରେ ଭାରିଯାନକୁ ସହରର ଭିତରେ ପ୍ରବେଶ ଅନୁମତି ଦେବା ସହ ଚାରିଚକିଆ ଯାନର ଦ୍ରୁତ ଗତି ଉପରେ ନିୟନ୍ତ୍ରଣ ନ ଆଣିବା ଫଳରେ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବଢୁଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭବାନୀପାଟଣା ସହରରେ ପୁଣି ଏକ ଦୁର୍ଘଟଣାରେ ଜଣକ ଜୀବନ ଯାଇଛି। ସହରର ରାମନଗର ପଡ଼ାର ସତ୍ୟ ବନ୍ଧିଚୋଡ ନିଜ କାମ ସାରି ଘରକୁ ଫେରିବା ସମୟରେ ମେଡିକାଲ ଛକ ନିକଟରେ ସାମ୍ନାପଟୁ ଆସୁଥିବା ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବା ନେଇ ପରିବାର ବର୍ଗ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ବର୍ଗ ଓ ସମ୍ପର୍କୀୟ ଅପରାହ୍ନରେ ସହରର କଲେଜ ଛକ ନିକଟରେ ମୃତଦେହ ରଖି ଟାୟାର ଜାଳି ୨୬ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଫଳରେ ଭୁବନେଶ୍ୱର, ବିଶାଖାପାଟଣାକୁ ଯାତାୟାତ ଠପ୍ ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି। ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ପରେ ଦୁର୍ଘଟଣା ଘଟାଇଥିବା କାର୍ ମାଲିକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାସହ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସରୁ ସହାୟତା ଦିଆଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାତି ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଇଣ୍ଡୋନେସୀୟ ଭାଷାରେ ଅନୂଦିତ ହେଲା ଡ. ନିଆଲଙ୍କ କବିତା

**ଭବାନୀପାଟଣା,୩୧।୫ (ଉତ୍ତମ କୁମାର ଦାଶ)**



ଡ. ଭବାନୀ ଶଙ୍କର ନିଆଲ।

ଇଣ୍ଡୋନେସିଆର କବି ପ୍ରଫେସର ଲେନି ମାର୍ଲିନା କଳାହାଣ୍ଡିର ଅନ୍ତର୍ଜାତୀୟ କବି ଡ. ଭବାନୀ ଶଙ୍କର ନିଆଲଙ୍କ ଦୁଇଟି ଓଡ଼ିଆ କବିତାକୁ ଇଣ୍ଡୋନେସିଆ ଭାଷାରେ ଅନୁବାଦ କରିଛନ୍ତି। କବିତା ଦୁଇଟି ହେଲା 'ଶବ୍ଦକୁ ବି ମରିବାକୁ ପଡେ' ଓ 'ଆଖିର ପୃଥିବୀ'। ଏହି କବିତାଗୁଡିକୁ ଇଂଲିଶ ଭାଷାରେ ଡ. ତପନ କୁମାର ରଥ ଅନୁଦିତ କରିଥିଲେ। ପ୍ରଫେସର ଲେନି ମାର୍ଲିନା ୨୦୦୬ ମସିହାରୁ ୟୁନିଭର୍ସିଟି ନେଗେରି ପାଦଙ୍ଗ – ଇଣ୍ଡୋନେସିଆର ଭାଷା ଏବଂ କଳା ବିଭାଗରେ ଅଧ୍ୟାପିକା ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୨ ପରଠାରୁ ସେ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା, ଇଣ୍ଡୋନେସିଆର ସାଟୁପେନାର ଲେଖକ ସଙ୍ଗଠନର ସଦସ୍ୟ ଏବଂ ୨୦୧୨ରୁ ଅଷ୍ଟ୍ରେଲିଆ ଭିକ୍ଟୋରିଆ ରାଇଟର୍ସ ସଂଗଠନର ସଦସ୍ୟ ଅଛନ୍ତି। କ୍ରମାଗତ ଭାବେ କବି ନିଆଲଙ୍କ କବିତା ଇଂରାଜୀ, ଇଟାଲୀ, ବେଲାରୁଷ, ରୁଷ, ଫ୍ରାନ୍ସ, ଚଇନା, ଆର୍ବିକ, ପର୍ସିଆ, ସ୍ପେନିସ, ଆଲବାନିୟନ, ସ୍ୱେ କିରଗିଜ, ହିବ୍ରୁ ଭଳି ୨୧ଟି ଅନ୍ତଃରାଷ୍ଟ୍ରୀୟ ଭାଷାରେ ଅନୂଦିତ ହୋଇଛି। ବର୍ତ୍ତମାନ କବି ଡ଼. ନିଆଲଙ୍କ କବିତା ଇଣ୍ଡୋନେସିଆ ଭାଷାରେ ଅନୁଦିତ ହେବାପରେ ଅନେକ ମହଲରେ ଖୁସିର ଲହରି ଖେଳିଯାଇଛି।

# ଅଭୟାରଣ୍ୟ ଭିତରେ ସପ୍ତାହରେ ଗଲାଣି ୪ ଜୀବନ

**ନୂଆପଡ଼ା,୩୧।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଅଧୀନ ମିଛାପାଲି ପଞ୍ଚାୟତ ଖୋଲିଗାଁରୁ ଗୁରୁବାର ସନ୍ଧ୍ୟାରେ ଆଉ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବରକୋଟ ଗାଁର ବାସୁଦେବ ଖାଡିଆ। ସପ୍ତାହକରେ ଅଭୟାରଣ୍ୟ ଭିତରେ ଏଡାକୁ ମିଶାଇ ୪ଜଣ ଯୁବକଙ୍କ ଜୀବନ ଗଲାଣି। ମଦ୍ୟପାନ ଯୋଗୁ ଏହିସବୁ ଘଟଣା ଘଟିଥିବା କୁହାଯାଉଛି। ପୂର୍ବରୁ ଘଟିଥିବା ଘଟଣାକୁ ଦେଖିଲେ ଗତ ଶନିବାର ଟୀର ମାଡ଼ରେ ଖଡାଙ୍ଗ ଗାଁର ରାମଚନ ପହରିଆଙ୍କ ଜୀବନ ଯାଇଥିଲା। ସେହିପରି ଗତ ମଙ୍ଗଳବାର ସାଙ୍ଗମାନଙ୍କ ସହ ମଦ୍ୟପାନ କରି ଜଙ୍ଗଲକୁ ଯିବା ବାଟରେ ଅଡାର ଗାଁ ପହରିଆପଡାର ଗୋପାଲ ପହରିଆଙ୍କ ଜୀବନ ଯାଇଛି। ବୁଧବାର ସେଲ୍‌ଫି ନେବା ବେଳେ ଗୋଡ ଖସି କେରମେଲି ପଞ୍ଚାୟତ କାଙ୍କେରମେଞ୍ଜି ଗାଁର ଧନେଶ୍ୱର ମାଝିଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶଥାଉ କି ସୁନାବେଡା ଅଭୟାରଣ୍ୟ ଭିତରେ ୪/୫ ଟି ସିଆର୍‌ପିଏଫ୍ କ୍ୟାମ୍ପ ରହିଛି। ମାଓବାଦୀ ଅଧ୍ୟୁଷିତ ତଥା ଅଭୟାରଣ୍ୟ ଯୋଗୁ ବିଭିନ୍ନ ସ୍ଥାନରେ କଡା ଯାଞ୍ଚ କରାଯାଉଥିବା କୁହାଯାଉଛି। ହେଲେ ଅଭୟାରଣ୍ୟ ଭିତରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି। ମଦ୍ୟପାନ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଅଘଟଣ ଘଟିଚାଲିଛି। ଏହା ଉପରେ ରୋକ ଲଗା ନ ଗଲେ ପରିଣାମ ଆହୁରି ଭୟଙ୍କର ହେବ ବୋଲି ବନବାସୀମାନେ ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**କର୍ଲାମୁଣ୍ଡା,୩୧।୫(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ବାଞ୍ଜିପାଦର ଗ୍ରାମର ମୁରଲି ରଣା (୬୨)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ରଣା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱର୍ଗତ ରଣା ମାଟିର ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରୟ କରି ପରିବାର ପୋଷୁଥିଲେ। ସରକାରଙ୍କ ପକ୍ଷରୁ ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀ ପାହାଚ କାମ ନିମ୍ନମାନର ଅଭିଯୋଗ



ଗ୍ରାମ ବନ୍ଧରେ ନିର୍ମାଣ ହୋଇଥିବା ପାହାଚ।

**କେସିଙ୍ଗା, ୩୧।୫(ତୁମେଶର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଫଟକାମାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଟକାବାହାଲି ଗ୍ରାମର ଉପରବନ୍ଧ (ପୋଖରୀ) ପାହାଚ ନିର୍ମାଣ କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ୯ନଂ. ୱାର୍ଡମେମ୍ବର ତ୍ରିଲୋଚନ ସୁନା, ୧୧ନଂ. ୱାର୍ଡମେମ୍ବର ବଳିଷ୍ଟ ମାଝି, ଗାଁ ସାଥୀ ତରୁଣେଶ୍ୱର ରଣା, ଗ୍ରାମର ସନ୍ତୋଷ ଜାନି ଓ ମନୋଜ କୁମାର ରଣା ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଉପରବନ୍ଧ ଗାଧୁଆ ତୁଠର ପାହାଚ ନିର୍ମାଣ ପାଇଁ ୨ ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି କାର୍ଯ୍ୟ ତା୧୦।୧୨।୨୩ରେ ଆରମ୍ଭ ହୋଇଥିଲା। ହେଲେ ନିର୍ବାଚନ ଆଚରଣ ବିଧି ଲାଗୁ ପରେ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ନିର୍ବାଚନ ସରିବା ପରେ ପୁଣି କାର୍ଯ୍ୟ ଆରମ୍ଭ କରାଯାଇଛି। ଜୁନ୍ ୧୫ରେ କାର୍ଯ୍ୟ ଶେଷ କରିବା ସମୟସୀମା ରହିଛି। ଏହାର ସୁଯୋଗରେ ନିମ୍ନମାନର ମେଟାଲ ଓ ସିମେଣ୍ଟ ବ୍ୟବହାର କରାଯାଇ କାମ ସାରିବାକୁ ଉଦ୍ୟମ କରାଯାଉଛି। ପୁଣି ଅଧିକ ବାଲିରେ କମ୍ ସିମେଣ୍ଟ ମିଶାଯାଉଛି। ଚିକିଟା ମାଟି ହୋଇଥିବାରୁ ଠିକ୍ ଭାବେ କଂକ୍ରିଟ କରା ନ ଗଲେ ଅଳ୍ପଦିନ ମଧ୍ୟରେ ଭୁଶୁଡ଼ିବା ଆଶଙ୍କା ରହିଛି। ଅଧିକାରୀମାନେ ତଦାରଖ କରୁ ନ ଥିବାରୁ ମିସ୍ତ୍ରି ଓ ଶ୍ରମିକମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏହାର ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ସୁବୋଧ ରଣାଙ୍କୁ ପଚାରିବାରୁ ଅଭିଯୋଗକାରୀ ଠିକା କାମ ମାଗୁଥିଲେ, ନ ଦେବାରୁ ମୋତେ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଅଭିଯୋଗ ଭିତ୍ତିହୀନ। ଗ୍ରାମ କମିଟି ସଦସ୍ୟ ଓ ଜେଇଙ୍କ ଉପସ୍ଥିତିରେ ଠିକ୍ ଭାବେ କାମ ହୋଇଛି। ସେହିପରି କନିଷ୍ଠ ଯନ୍ତ୍ରୀ ଜଳେଶ୍ୱର ନାଏକ କହନ୍ତି, ପାହାଚ ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ। ମୋ ଉପସ୍ଥିତିରେ କାମ ହୋଇଛି ବୋଲି ପ୍ରକାଶ କରିଥିଲେ।

# ପାଣି ପାଇଁ ୨୫ ଆଦିବାସୀ ପରିବାର ହନ୍ତସନ୍ତ

**ରିଷିଡା,୩୧।୫ (ସୁଶାନ୍ତ ମଲ୍ଲିକ)**



ପାଣି ପାଇଁ ନଳକୂଅ ନିକଟରେ ମହିଳାଙ୍କ ଲମ୍ବା ଧାଡ଼ି।

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୋଛାଡେଙ୍ଗେନ ଗ୍ରାମପଞ୍ଚାୟତ ଅଧୀନ ବଡ଼ିଖମନ ଗାଁର ବାଞ୍ଜିପଦର ଗଅଁତିଆ ପଡ଼ାର ୨୫ ଆଦିବାସୀ ପରିବାର ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ୍ୟ ଘଣ୍ଟାଏ ଅପେକ୍ଷା କରିବା ପରେ ଗୋଟିଏ ବାଲ୍‌ଟି ପାଣି ମିଳୁଛି। ସୋଲାର ପାଣି ପମ୍ପ ଥିଲେ ବି ମୋଟର ବସିନାହିଁ। ବର୍ଷେ ହେଲା ଠିକାଦାରଙ୍କ ଦେଖା ନାହିଁ। ସରକାର ସମସ୍ତଙ୍କୁ ପିଇବା ପାଣି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏଠାକାର ଲୋକେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୫ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡ଼ାବାସୀ ଦାବି କରିଛନ୍ତି। ଏହି ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୩୧।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ଗ୍ରାମସ୍ଥିତ ଜ୍ଞାନଲୋକ ଯୁବକସଂଘ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ନାଗଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମେହେର, ଶିକ୍ଷକ ଗୌତମ ପାତ୍ର, ଲକ୍ଷ୍ୟପତି ଶବର, ନରେନ୍ଦ୍ର ମେହେର, ମୁକେଶ କୁମାର ମେହେର, ଅଚ୍ୟୁତାନନ୍ଦ ପୁଟେଲ, ସଂଯୁକ୍ତା ମେକାପ ପ୍ରମୁଖ ଯୋଗଦେଇ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସେ ୧୯୮୭ରେ ଜୟପାଟଣାରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟଙ୍କ ପ୍ରିୟପାତ୍ର ହୋଇପାରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା

**କୋକସରା,୩୧।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ କଲୋନୀପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ନାଏକଙ୍କୁ ଶୁକ୍ରବାର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚିତାମୁଣ୍ଡା ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଦିଗମ୍ବର ଦଳପତିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି ପାଢ଼ୀ ମୁଖ୍ୟଅତିଥି ଓ ବ୍ଲକ ଶିକ୍ଷକ ସଂଘ ସଭାପତି ଭୁରିଶ୍ରବା ଜାଲ, ଏନ୍‌ପିଏସ୍ ଶିକ୍ଷକ ସଂଘର ଜିଲା ସମ୍ପାଦକ ବୈକୁଣ୍ଠ ଜାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଲେରଗୁଡା ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଢୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ନେତ୍ରାନନ୍ଦ ଧରୁଆ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅବସର ନେଇଥିବା ପ୍ରଧାନ ଶିକ୍ଷକ ନାଏକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଶେଷରେ ଶିକ୍ଷକ ଅକ୍ଷୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ସଭାରେ ଯୋଗଦେଇଥିବା ଅତିଥିମାନେ।

# ରକ୍ଷଣାବେକ୍ଷଣ ଅଭାବରୁ ଅସ୍ତିତ୍ୱ ହରାଉଛି

**କୋକସରା,୩୧।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଅନାବନା ଘାସ ଓ ଦଳରେ ଭର୍ତ୍ତି ହୋଇଥିବା ପୋଖରୀ।

**ଲଡୁଗାଁର ଜୀବନରେଖା ମନଭଙ୍ଗ ସାଗର**

ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଯୋଗୁ ଲୋକ ପାଣି ମୁନ୍ଦାଏ ପାଇଁ ଡ଼ହଳବିକଳ ହେଉଛନ୍ତି। ଏଭଳି ସମସ୍ୟାରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁବାସୀ ବାଦ ପଡ଼ିନାହାନ୍ତି। ଏପରି ସମୟରେ ଗ୍ରାମବାସୀଙ୍କ ପାଇଁ ଜୀବନରେଖା ସାଜିଥିବା ମନଭଙ୍ଗ ସାଗର ଗାଁ ଲୋକଙ୍କ ଚିନ୍ତାର କାରଣ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଖରୀ ପୋତିହୋଇ ଅସ୍ତିତ୍ୱ ହରାଇବାକୁ ବସିଲାଣି। ପୋଖରୀରେ ଅଳିଆ ଆବର୍ଜନା ସହ ଦଳ ଭର୍ତ୍ତି ହୋଇ ପାଣି ଦୂଷିତ ହୋଇପଡିଛି। ଗାଧୋଇବା ସହ ନିତ୍ୟ ବ୍ୟବହାର ପାଇଁ ପାଣି ମିଳୁ ନ ଥିବାରୁ ଦୂଷିତ ପାଣିରେ ଗାଧୋଇବା ପାଇଁ ଲୋକମାନେ ବାଧ୍ୟ ହେଉଛନ୍ତି। ସୂଚନା ଅନୁସାରେ ଲଡୁଗାଁ ବନ୍ଧପଡ଼ାରେ ଗୌନ୍ତିଆ ଅମଳରୁ ପ୍ରାୟ ୨୨ ଏକର ପରିମିତ ଅଞ୍ଚଳରେ ପୋଖରୀ ଖନନ କରାଯାଇଥିଲା। ସେତେବେଳେ ଏହି ପୋଖରୀ ଅଞ୍ଚଳର ଲୋକଙ୍କ ନିତ୍ୟ ବ୍ୟବହାରରେ ଆସୁଥିଲା। କାଳକ୍ରମେ ଏହା ପୋତି ହେବାକୁ ବସିଲାଣି। ଅନାବନା ଘାସ ସହ ଦଳ ଓ ପଦ୍ମ ନଡାରେ ଭର୍ତ୍ତି ରହିଛି ପୋଖରୀ। ପୋଖରୀକୁ ଲାଗି ଏକ ଶିବ ମନ୍ଦିର ଥିବାରୁ ଲୋକେ ଏଥିରେ ଗାଧୋଇବା ସହ ଶିବ ଦର୍ଶନ କରନ୍ତି। କୌଣସି ଶୁଭ କର୍ମ ହେଉ ଅବା ଯଜ୍ଞ ହୋମ ଲୋକେ ଏଠାକାର ପାଣିକୁ ପୂଜାର୍ଚ୍ଚନା କରି ମଣ୍ଡପକୁ ନେଇ ପୂଜା କରିଥାନ୍ତି। ଏକଦା ଏହି ମନଭଙ୍ଗ ସାଗର ପାଣି କାଚକେନ୍ଦୁ ଭଳି ଥିଲା। ଲୋକେ ପାଣିକୁ ପିଇବା ପାଇଁ ମଧ୍ୟ ବ୍ୟବହାର କରୁଥିଲେ। ଶୀତ ଦିନେ ଶହ ଶହ ବିଦେଶୀ ପକ୍ଷୀଙ୍କ ଆଗମନ ଓ କିଚିରି ମିଚିରି ଶବ୍ଦରେ ପରିବେଶ ଗୁଞ୍ଜରିତ ହୋଇଉଠୁଥିଲା। ପୋଖରୀର ପୁନଃଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଆସୁଥିଲେ ହେଁ ମରାମତି ହୋଇପାରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ପଚାରିବାରୁ ପୋଖରୀ ପୁନଃଉଦ୍ଧାର ପାଇଁ ଅଧିକ ଅର୍ଥ ଦରକାର ପଡୁଛି। ଅନୁଦାନ ଦେବା ପାଇଁ କ୍ଷୁଦ୍ର ଜଳ ସେଚନ ବିଭାଗ ସହ ରାଜ୍ୟ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଅନୁଦାନ ଆସିଲେ କାମ ହେବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ନିଆଁ ଲାଗି ଜଳିଗଲା କେନ୍ଦୁପତ୍ର ଫଡ଼ି



**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ବର୍ଗୁଣୀପାଲିଠାରେ ରହିଥିବା ଏକ କେନ୍ଦୁପତ୍ର ଫଡ଼ିରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ଫଳରେ ସେଠାରେ ରହିଥିବା କେନ୍ଦୁପତ୍ର ସବୁ ପୋଡ଼ିଯାଇ ପାଉଁଶ ହୋଇ ପଡ଼ିଛି। ନଷ୍ଟ ହୋଇଥିବା କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି। ତେବେ କିଭଳି ସ୍ଥିତିରେ ସେଠାରେ ନିଆଁ ଲାଗିଲା, ତାହା ସ୍ପଷ୍ଟ ହୋଇପାରି ନାହିଁ । ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରୁଛନ୍ତି ।

## ସେକ୍ଟର ଅଫିସର ନିଲମ୍ବିତ
### ନିର୍ବାଚନ ପରିଚାଳନାରେ ଅବହେଳା

**ସୋନପୁର,୩୧।୫(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ୩୦ ନଂ ସେକ୍ଟରରେ ନିୟୋଜିତ ସେକ୍ଟର ଅଫିସର ବିଶେଶ୍ୱର ଦାଶଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସୋନପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସୁରଜ କୁମାର ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେକ୍ଟର ଅଫିସର ଦାଶ ୭ଟି ବୁଥ୍ ଦାୟିତ୍ୱରେ ଥିଲେ। ରାଇକେଡା ୩୦୯ନଂ ବୁଥ ଓ ବଡଯୋର ୩୦୫ ନଂ ବୁଥରେ ମକ୍‌ପୋଲ ସମୟରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେଇଥିଲା। ରିଜର୍ଭ ଇଭିଏମ୍‌କୁ ବ୍ୟବହାର କରାଯାଇଥିଲା। ନିର୍ବାଚନ ପରିଚାଳନା ସମୟରେ କର୍ତ୍ତବ୍ୟରେ ଗୁରୁତର ଅବହେଳା ଯୋଗୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ନିଲମ୍ବିତ ହୋଇଥିବା ସେକ୍ଟର ଅଫିସର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସେ ମରାଡୁଗୋଛା ଓ କୁମ୍ଭାରମୁଣ୍ଡା ପଞ୍ଚାୟତ ଦାୟିତ୍ୱରେ ଥିଲେ। ଗତ ୨୦ ତାରିଖ ଦିନ ବଲାଙ୍ଗୀର ଲୋକସଭା ଆସନ ଓ ସୁବର୍ଣ୍ଣପୁର ଜିଲାର ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚୂଡାମଣି ବାରିକଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଟାଇଛି। ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ୪ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ମନୋବଳ ବଢାଇଥିଲେ। ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଆସନ୍ତା ବର୍ଷ କିଭଳି ଭାବେ ପରୀକ୍ଷାରେ ଉନ୍ନତି କରାଯିବା ଉପରେ ଆଲୋକପାତ କରିଥିଲେ। ଆସନ୍ତା ବର୍ଷ ପାଇଁ ୧୫ଜଣ ଛାତ୍ରୀଙ୍କୁ ବିଦ୍ୟାଳୟସ୍ତରୀୟ ଉଜ୍ଜ୍ୱଳ ତାରକା ରୂପରେ ଗ୍ରହଣ କରାଯାଇଥିଲା। ଗତ ୨୨ ତାରିଖରୁ ଚାଲି ଆସୁଥିବା ଗ୍ରୀଷ୍ମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଥିଲା। ଶିବିରକୁ ଆସୁଥିବା ପିଲାମାନଙ୍କୁ ଏକ ଏକ ମୋମେଣ୍ଟୋ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ପିରାମଲ ଫାଉଣ୍ଡେଶନ ଦ୍ୱାରା ଗ୍ରୀଷ୍ମ ଶିବିର ପରିଚାଳନା କରୁଥିବା ସାଧାନ କର୍ମୀ ପ୍ରଜ୍ଜଳ ବିନାୟତ ଓ କୁମାରୀ ପୁନମଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶିବିରରେ ବିଦେଶୀ ସାହୁ, ବର୍ଷାରାଣୀ ସିଂ ଓ ପୂଜା ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଗଲା। ଶିବିରରେ ସମସ୍ତ ସହାୟତା ଯୋଗାଇଦେଇଥିବା ଜ୍ୟୋତ୍ସ୍ନାରାଣୀ ସାହୁ, ଖୁସବୁ ବରିହା, ଦଷ୍ମନ୍ତ ଛତର, ନନ୍ଦିନୀ ବାଗ ଓ କମଳା କୁମ୍ଭାରଙ୍କୁ ଧନ୍ୟବାଦ ଅର୍ପଣ କରାଗଲା। ଦୀର୍ଘ ୨୩ ବର୍ଷ ଏହି ବିଦ୍ୟାଳୟରେ ସେବା ଦେବା ପରେ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ଆଜି ସେବା ନିବୃତ୍ତ ହେଲେ। ତାଙ୍କ ସମ୍ମାନାର୍ଥେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲ। ଏହି ସଭାରେ ସମସ୍ତ ଅତିଥି ସମେତ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ଜୀବନାନନ୍ଦ ସାହୁ ତଥା ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୂଜା ରାଣୀ ନାୟକ, ସଂଯୁକ୍ତା ଭୋଇ, ବୃନ୍ଦାବତୀ ସାହୁ, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ନୀଳିମା ରାଣୀ ମହାନ୍ତି ଓ ସୁଷମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲା ପ୍ରଶାସନର ସମନ୍ୱୟ ବୈଠକ

- ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ୧୧ଟାରୁ ୩ଟା ମଧ୍ୟରେ ଘରୁ ନ ବାହାରିବାକୁ ଜିଲାପାଳଙ୍କ ସନ୍ଦେଶ

**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ)**



ବୈଠକରେ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀବୃନ୍ଦ।

ଅନୁଭୂତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଉପଯୁକ୍ତ ମୁକାବିଲା ପାଇଁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିବା ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ସହ ସକାଳେ କିମ୍ବା ଉପରବେଳା ଖରା କମ ଥିବାବେଳେ ବାହାରକୁ ବାହାରିବା, ଘରୁ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଇବା, ହାଲୁକା ପୋଷାକ, ଛତା ଓ ଜୋତା ବ୍ୟବହାର କରିବା, ଖରାରେ ଶାରୀରିକ ପରିଶ୍ରମ କିମ୍ବା ଅଧିକ ଦୂର ନ ଚାଲିବା ଏବଂ ଛାଇରେ ବିଶ୍ରାମ ନେବା ଭଳି ଅଂଶୁଘାତର ପୂର୍ବ ସତର୍କତା ଅବଲମ୍ବନ କରିବା ପାଇଁ ଗୋୟଲ ଲୋକଙ୍କୁ ସନ୍ଦେଶ ଦେଇଛନ୍ତି।

ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଗତ ମାର୍ଚ୍ଚରୁ ଜିଲାର ସମସ୍ତ ବିଡିଓ, ତହସିଲଦାର, ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମୀଙ୍କୁ ନେଇ ଆୟୋଜିତ ହୋଇଥିବା କର୍ମଶାଳାରେ ଗ୍ରୀଷ୍ମ ପ୍ରବାହ ସମୟରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ମନୁଷ୍ୟ ଶରୀରରେ ଦେଖା ଦେବା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅଂଶୁଘାତରେ ଜୀବନ ହାନି ହେବା ସହିତ ଗୃହପାଳିତ ପଶୁ, ଚାଷବାସ ଉପରେ ପଡୁଥିବା କୁପ୍ରଭାବକୁ ନଜରରେ ରଖି ଏହାର ଠିକ ମୁକାବିଲା ପାଇଁ ବିଭନ୍ନ ପଦକ୍ଷେପ ନିଆଯାଇଛି। ଜିଲାର ସମସ୍ତ ବିଡିଓ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଜଳ ସଙ୍କଟ ଦେଖାଦେଉଥିବା ଅଞ୍ଚଳ ଚିହ୍ନଟ କରିବା ସହିତ ସେଠାରେ ଅଗ୍ରିମ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା ସହିତ ସବୁ ନଳକୂପ ମରାମତି କରିବା ଏବଂ ହସ୍ପିଟାଲ, ବସଷ୍ଟାଣ୍ଡ, ବଜାର ଭଳି ସର୍ବସାଧାରଣ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲି ଓଆରଏସ ପାକେଟ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମଋତୁରେ ଲୋକଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଔଷଧ ସହ ଆବଶ୍ୟକ ସୁବିଧା କରିବା ଲାଗି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯାତ୍ରୀଙ୍କ ଯାତାୟାତ ସୁବିଧା ନିମନ୍ତେ ସମସ୍ତ ଯାନବାହନରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ରଖିବା, ବସିବା କ୍ଷମତା ଅନୁଯାୟୀ ଯାତ୍ରୀଙ୍କୁ ନେବା, ଗାଡିକୁ ଗୋଟିଏ ସ୍ଥାନରେ ଅଧିକ ସମୟ ନ ରଖିବା ସହ ଗ୍ରୀଷ୍ମ ପ୍ରବାହରେ ଯାତ୍ରୀମାନେ ଅବଲମ୍ବନ କରିବାକୁ ଥିବା ସତର୍କତା ବିଷୟରେ ସଚେତନ କରିବା ପାଇଁ ପରିବହନ ବିଭାଗ କାର୍ଯ୍ୟ କରୁଛି। ଦୈନିକ ମଜୁରିଆଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟ ସମୟର ପୁନଃ ନିର୍ଦ୍ଧାରଣକରି ଦିନ ୧୧ଟାରୁ ୩ଟା ମଧ୍ୟରେ କାମ ବନ୍ଦ କରିବା ସହ କର୍ଯ୍ୟସ୍ଥଳରେ ପାନୀୟ ଜଳ, ଛାଇ, ଓଆରଏସ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବା ସହ ଶ୍ରମ ଅଧିକାରୀ ତାହାର ତଦାରଖ କରୁଛନ୍ତି। ଜଙ୍ଗଲରେ ନିଆଁ ଲିଭାଇବା, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ଆବଶ୍ୟକୀୟ ସରଞ୍ଜାମ ସହିତ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏତଦବ୍ୟତୀତ ଗ୍ରାମାଞ୍ଚଳର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ପାନୀୟଜଳ, ଓଆରଏସ ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବା ସହ ଛୋଟ ଶିଶୁ, ୫ ବର୍ଷରୁ କାମ ପିଲା ଓ ଗର୍ଭବତୀଙ୍କୁ ଡିହାଇଡ୍ରେସନଠାରୁ ରକ୍ଷା କରିବା ପାଇଁ ଆଶା, ଅଙ୍ଗନୱାଡି ସଚେତନ କରୁଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରାମାଞ୍ଚଳରେ ପିଆରଆଇ ମେମ୍ବରଙ୍କ ଜରିଆରେ ଆଇସି ସାମଗ୍ରୀ ଦ୍ୱାରା ଗ୍ରୀଷ୍ମ ପ୍ରବାହ ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି। ବଜାରରେ ବୁଲୁଥିବା କୁକୁର, ଗାଈ ଆଦି ଗୃହପାଳିତ ପଶୁଙ୍କୁ ଖାଦ୍ୟ ଏବଂ ଜଳ ଯୋଗାଣ ନିମନ୍ତେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ଗ୍ରୀଷ୍ମ ପ୍ରବାହର ଜରୁରୀ ପରିସ୍ଥିତିରେ ଲୋକଙ୍କୁ ସହାୟତା ଦେବା ଲାଗି ଅଗ୍ନିଶମ ବିଭାଗ ସଜାଗ ରହିଥିବା ବେଳେ ନିରନ୍ତର ବିଦ୍ୟୁତ୍ ଯୋଗାଣ ନିମନ୍ତେ ଟିପିଡବ୍ଲୁଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦିଆଯାଇଛି । ଆବଶ୍ୟକତା ଅନୁଯାୟୀ ଜଳଭଣ୍ଡାରରୁ କେନାଲ ମାଧ୍ୟମରେ ଜଳସଙ୍କଟ ଦେଖାଦେଉଥିବା ସ୍ଥାନକୁ ଜଳ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ୨୪ଘଣ୍ଟା ସହାୟତା ଯୋଗାଇବା ପାଇଁ ଜରୁରୀ କାଳୀନ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଟିପିଡବ୍ଲୁଓ କାର୍ଯ୍ୟାଳୟଠାରେ ଗୋଟିଏ ଗୋଟିଏ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ସୂଚନା ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦେଶୀ କୁକୁଡ଼ା ଚାଷକୁ ମିଳୁନି ପ୍ରୋତ୍ସାହନ



**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କୁ ପାରମ୍ପରିକ ଦେଶୀ କୁକୁଡ଼ା ପାଳନ ନିମନ୍ତେ ସେମିତି କିଛି ପ୍ରୋତ୍ସାହନ ମିଳୁ ନ ଥିବାରୁ ବିଭିନ୍ନ ଅଞ୍ଚଳରୁ ଏହା କ୍ରମଶଃ ଲୋପ ପାଇବାରେ ଲାଗଛି। ଦେଶୀ କୁକୁଡ଼ାର ମାଂସ ଅଧିକ ଲୋକପ୍ରିୟ ହୋଇଥିବାରୁ ସେ ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ମତ ପ୍ରକାଶ ପାଉଛି। ପଦ୍ମପୁର ବ୍ଲକର ବିଶେଷ କରି ଦହିତା, ଦହିଗାଁ, ବୁଡେନ ସମେତ ବିଭିନ୍ନ ଗାଁରେ ପ୍ରାୟ ସମସ୍ତଙ୍କ ଘରେ ଦେଶୀ କୁକୁଡ଼ା ପାଳନ କରୁଥିଲେ। ମାତ୍ର ସରକାର ବ୍ରଏଲର ଓ ଅନ୍ୟାନ୍ୟ ବିଦେଶୀ କୁକୁଡ଼ା ପାଳନ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଥିବା ବେଳେ ଦେଶୀ କୁକୁଡ଼ା ପାଇଁ ଏ ପର୍ଯ୍ୟନ୍ତ କୌଣସି ଯୋଜନା କରୁନାହାନ୍ତି। ତେଣୁ ଗ୍ରାମାଞ୍ଚଳରେ ଲୋକେ ଏହି କୁକୁଡ଼ା ଚାଷରୁ ଦୂରେଇ ଯାଉଛନ୍ତ। ଫଳସ୍ୱରୂପ ସେମାନଙ୍କ ଆର୍ଥିକ ସ୍ଥିତି ମଧ ବିପନ୍ନ ହେବାରେ ଲାଗିଛି। ଦେଶୀ କୁକୁଡ଼ା ଚାଷ ପାଇଁ ସରକାର କିଛି କାର୍ଯ୍ୟକ୍ରମ ହାତକୁ ନ ନେଲେ ଏହା କ୍ରମଶଃ ଲୋପ ପାଇବ ବୋଲି ଆଦିବାସୀ ନେତା ଅଶ୍ୱିନୀ ଧରୁଆ ସମେତ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି।

## ଏ-ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ)**



ଅତିଥି, ଆୟୋଜକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼ ଜିଲାରେ ମାଟ୍ରିକ ପରୀକ୍ଷାରେ ଏ-ଗ୍ରେଡ୍‌ରେ ଉତ୍ତିର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିକ୍ଷା ବିଭାଗ ଏବଂ ଆଚିଭର୍ସ ହେଲପିଙ୍ଗ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଆଚିଭର୍ସ ହେଲପିଙ୍ଗ ଫାଉଣ୍ଡେଶନର ସଭାପତି ଦିବାକର ମାଝି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଭଗବାନ ପ୍ରଧାନ ସଂଯୋଜନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ ଭୁଏ, ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁ, ଭେଡ଼େନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ଟପ୍ପର ହୋଇଥିବା ଶୁଭଙ୍କର ସାହୁଙ୍କୁ ଘାସିରାମ ଭୋଇ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଶୁଭଙ୍କର ପଢ଼ିଥିବା ଲାଦେରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ଖୁଣ୍ଟପାଲି ଗଙ୍ଗାଧର ମେହେର ହାଇସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ରେଶ୍ମା ମାଝିଙ୍କୁ ଈଶ୍ୱର ମାଝି ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଚଳିତବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ସ୍ନାତକୋତ୍ତର ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ସ୍ୱର୍ଣ୍ଣପଦକ ଲାଭ କରିଥିବା ବରଗଡ଼ ପଞ୍ଚାୟତ କଲେଜର ଛାତ୍ରୀ ଇପ୍ସିତା ପୁରୋହିତଙ୍କୁ ମଧ୍ୟ ଆଚିଭର୍ସ ହେଲପିଙ୍ଗ ଫାଉଣ୍ଡେଶନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତୀ ଭୋଇ, ରେଶମା ଦୋରା, ଦିଲ୍ଲୀପ କୁମାର ଦାଶ, ସକଳ ମାଝୀ, ବୁଦ୍ଧ ଭୋଇ, ଅଶ୍ୱିନୀ ବେହେରା, ଉମେଶ ପ୍ରଧାନ, ଚୌବର୍ଗ ପ୍ରଧାନ, ରୋଶନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା

**ପାଇକମାଳ,୩୧।୫(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ଟାଟାପାୱାର ଗ୍ରୀଡ୍ ସବଷ୍ଟେଶନରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏସଡିଓ ମନରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜେଜେଇ ଶ୍ରୀକାନ୍ତ କୁମାର ସାହୁ, ଜେଇ ଅମରେଶ କନ୍ଧ, ଭରତ ଚନ୍ଦ୍ର ଭୋଇ ସାମାଜିକ କର୍ମୀ ବଡ ଶତପଥି, ଆରଡବ୍ଲ୍ୟୁଏସଏସ ଜେଇ ସତ୍ୟଜିତ ମାଝି ଯୋଗଦେଇ ବିଦାୟୀ ଲାଇନମେନ ସୁଧାକର ଗଡ଼ତିଆଙ୍କ ଦୀର୍ଘ ୪୨ ବର୍ଷ ଚାକିରୀ ଜୀବନୀ ବିଷୟରେ ସ୍ମୃତି ଚାରଣ କରିଥିଲେ। ଗଡତିଆଙ୍କୁ ମାନପତ୍ର, ସର୍ଭିସ ବୁକ, ସହ ଉପଢୌକନ, ପୁଷ୍ପଗୁଚ୍ଛ ଅତିଥିମାନେ ତଥା ପାଇକମାଳ ଟାଟାପାୱାର କର୍ମଚାରୀମାନେ ପ୍ରଦାନ କରିଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ ପାଇକମାଳ ସେକ୍ସନ ଲାଇନମେନ ଗ୍ରେଡ୍ ଏ.ଶଶାଙ୍କ କୁମାର ସାହୁ କରିଥିବା ବେଳେ ସଭା ପରିଚାଳନା ସୁଧୀର କୁମାର ତ୍ରିପାଠୀ ଓ ଶେଷରେ ଧନ୍ୟବାଦ ଅର୍ପଣ ପ୍ରକାଶ ସିଂ କରିଥିଲେ। ପାଇକମାଳ ସେକସନର ୪୫ଜଣ କର୍ମଚାରୀ ଯୋଗଦେଇଥିଲେ।

## ବରପାଲି ଅଞ୍ଚଳରେ ଘନଘନ ବିଜୁଳି କାଟ

**ବରପାଲି,୩୧।୫(ଚିତ୍ତରଞ୍ଜନ ସାହୁ)**

**ଜନ ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ**



ବରଗଡ଼ ଜିଲାରେ ତାପମାତ୍ରା ୪୬ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ୫୦ ଡିଗ୍ରୀ ଭଳି ଉତ୍ତାପ ଯୋଗୁ ସକାଳୁ ସନ୍ଧ୍ୟା ଓ ରାତ୍ରି ତମାମ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବରପାଲି ସହର ଓ ବ୍ଲକ ଅଞ୍ଚଳ ପ୍ରବଳ ଖରା ଓ ଝାଞ୍ଜି ପବନରେ ସିଝୁଥିବା ବେଳେ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଜନଜୀବନ ଅତିଷ୍ଠ ହୋଇ ପଡିଛି। ଗାଁଠାରୁ ସହର ସବୁଠି ବିଦ୍ୟୁତ୍ ବିଭ୍ରାଟ ସହରାଞ୍ଚଳ ଓ ଗ୍ରାମାଞ୍ଚଳବାସୀଙ୍କୁ ଅତିଷ୍ଠ କରୁଥିବାରୁ ଜନ ଅସନ୍ତୋଷ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ। ସକାଳ ୮ଟାରେ ଘରୁ ପଦାକୁ ବାହାରିବାକୁ ଲୋକମାନେ ଭୟ କରୁଛନ୍ତି। ପୂର୍ବାହ୍ନ ୧୦ଟା ହେଲେ ପ୍ରବଳ ଉତ୍ତାପ ବୃଦ୍ଧି ଯୋଗୁ ମୁହଁ, ଗୋଡହାତ ପୋଡୁଛି। ରାସ୍ତାଘାଟ ଶୂନଶାନ ହୋଇପଡୁଥିବା ବେଳେ ଦୋକାନ ବଜାର ବନ୍ଦ ହୋଇପଡୁଛି। ବିନା କାମରେ ଲୋକେ ଘରୁ ବାହାରିବାକୁ ଇଚ୍ଛା କରୁନାହାନ୍ତି। ସକାଳେ ଯେଉଁଭଳି ଗରମ ସନ୍ଧ୍ୟା ଓ ରାତ୍ରିରେ ସେଭଳି ଗରମ ଅନୁଭୂତ ହେଉଛି। ନିଆଁ ବର୍ଷାର ଅନୁଭବ ହେଉଥିବା ବେଳେ ଟାଟା ପାୱାରର ବିଦ୍ୟୁତ୍ ବିଭ୍ରାଟ ଗାଁରୁ ସହର ସବୁଠି ଗ୍ରାହକ ଅତିଷ୍ଠ ହେଲେଣି। ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ସ୍ଥାନୀୟ ଏସଡିଓ ଜେଇଙ୍କୁ ଏ ସମ୍ପର୍କରେ ଅଭିଯୋଗ କଲେ ମଧ ନ ଶୁଣିଲା ଭଳି କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଏସଡିଓ ତାଙ୍କ ମନମୁଖି ଶାସନ ଚଳାଉଥିବା ଓ ଉପଭୋକ୍ତାଙ୍କୁ ହଇରାଣ କରୁଥିବା ମଧ ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗର ଉପଭୋକ୍ତାଙ୍କ କୌଣସି ସମସ୍ୟା ସମାଧାନ ନ କରିବା ସହ ଲୋକଙ୍କ ଜନଜୀବନକୁ ଅତିଷ୍ଠ କରୁଥିବାରୁ ଟାଟା ପାୱାର ବିରୋଧରେ ଜନଅସନ୍ତୋଷ ବଢ଼ିବାରେ ଲାଗୁଛି। ଏହାର ତୁରନ୍ତ ସମାଧାନ ନ କଲେ ଆନ୍ଦୋଳନପନ୍ଥା ଗ୍ରହଣ କରିବା ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

## ତତଲା କଡ଼େଇରେ ପଦ୍ମପୁର: ୫୦ ବର୍ଷ ଭିତରେ ଏମିତି ତାତି ଜାଣିନୁ

**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ)**



ଅଫିସ କାର୍ଯ୍ୟ ପାଇଁ ଗ୍ରାମାଞ୍ଚଳରୁ ଆସିଥିବା ଲୋକେ ଗଛତଳେ ଆଶ୍ରା ନେଉଛନ୍ତି।

ପ୍ରବଳ ଗ୍ରୀଷ୍ମପ୍ରବାହରେ ଜଳୁଛି ପଦ୍ମପୁର ଉପଖଣ୍ଡ। ଏହା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରି ପକାଉଛି। ଗତ ୩ଦିନ ହେବ ତାପମାତ୍ରା ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ପଦ୍ମପୁର ଉପଖଣ୍ଡରେ ଏମିତି ତାତି ଗତ ୫୦ ବର୍ଷ ଭିତରେ କେବେ ଅନୁଭୂତ ହେଉ ନ ଥିଲା ବୋଲି ବରିଷ୍ଠ ବ୍ୟକ୍ତିମାନେମତ ପ୍ରକାଶ କରିଛନ୍ତି। ବିଭିନ୍ନ ସରକାରୀ କାମରେ ପଦ୍ମପୁର ସହରକୁ ଆସୁଥିବା ଲୋକମାନେ ତାତିରେ କଳବଳ ହେଉଛନ୍ତି। ଆଗରୁ ଏହି ଅଞ୍ଚଳରେ ଖରାର ପ୍ରକୋପ ଏତେ ଅନୁଭବ ହେଉ ନ ଥିଲା ବୋଲି ବୁବୁଡା ଅଞ୍ଚଳର ଜଣେ ବରିଷ୍ଠ ନାଗରିକ କହିଛନ୍ତି। ପ୍ରବଳ ତାତି ଯୋଗୁ ଦୋକାନ ବଜାର ସହିତ ରାସ୍ତାଘାଟ ମଧ ଶୂନଶାନ ହୋଇଯାଉଛି। ସହରରେ ଲସି ଓ ଥଣ୍ଡା ପାନୀୟ ଦୋକାନରେ ଭିଡ ଲାଗି ରହୁଛି। କେବେ ଏହି ତାତିରୁ ନିସ୍ତାର ମିଳିବ ବୋଲି ସବୁଠି ଚର୍ଚ୍ଚା ଚାଲିଛି।

## ନୃତ୍ୟ କର୍ମଶାଳା ଉଦ୍‌ଘାଟିତ

**ପଦ୍ମପୁର,୩୧।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜାଜୀ ଟାଉନ ହଲଠାରେ ୪ ଦିନିଆ ଓଡିଶୀ ନୃତ୍ୟ କର୍ମଶାଳା ଅତିରିକ୍ତ ଜିଲାପାଳ ଚଭନ କୁନାଲ ମୋତିରାମଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱଅବଧାନରେ କାର୍ଯ୍ୟକ୍ରମ ହେଉଛି। ଏହି ଚାରିଦିନିଆ କର୍ମ ଶାଳାରେ ଓଡିଶୀ ନୃତ୍ୟ ଶିଳ୍ପୀ ସୁଶ୍ରୀ ମମତା ବରିହା ବହୁ ଦୂର ଦୁରାନ୍ତରରୁ ଆସି ଥିବା ନୃତ୍ୟ ଶିଳ୍ପୀମାନଙ୍କୁ ଶିକ୍ଷା ଦାନଦେବା କାର୍ଯ୍ୟକ୍ରମ ରହିଛି। ଉଦଘାଟିତ କାର୍ଯ୍ୟକ୍ରମରେ ନାଟ୍ୟକାର ଅଶୋକ କୁମାର ବହିଦାର, ରମେଶ ଗୁର୍ଲା, ଲାଲୁ ମହାନନ୍ଦ, ମଞ୍ଜୁ ସାହ, ସୂର୍ଯ୍ୟସ୍ନାତା ବହିଦାର, ଅଞ୍ଜଳି ପରିଡା, ରାଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଥମୁନି ତାତି, ବରଗଡ଼ରେ ବଢୁଛନ୍ତି ଅଂଶୁଘାତ ରୋଗୀ

- ଚିକିତ୍ସିତ ହେଲେଣି ୮୯୨୦ଜଣ
- ୫୮ଜଣ ଡାକ୍ତରଖାନାରେ ଭର୍ତ୍ତି

**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ)**



ଟାଣଖରା ଯୋଗୁ ଗାମୁଛା, ଓଢ଼ଣୀ ଘୋଡ଼ାଇ ବରଗଡ଼ ମୁଖ୍ୟରାସ୍ତାରେ ଯାଉଛନ୍ତି।

ବରଗଡ଼ ଜିଲାରେ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଛି। ଜିଲାରେ ତାତି ଥମିବାର ନାଁ ନେଉ ନାହିଁ। ଅନ୍ୟବର୍ଷ ତୁଳନାରେ ଏଥର ତାପମାତ୍ରା ସର୍ବାଧିକ ରହୁଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଜିଲାରେ ଗତ କିଛିଦିନ ହେଲା, ତାପମାତ୍ରା ୪୪ଡିଗ୍ରୀରୁ ତଳକୁ ଖସୁ ନାହିଁ। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁ ଥିବାବେଳେ ଜିଲାରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି।

ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଡାକ୍ତରଖାନାରେ ଏ ପର୍ଯ୍ୟନ୍ତ ୮୯୨୦ ରୋଗୀ ଚିକିତ୍ସିତ ହୋଇଛନ୍ତି। ଏବେ ବିଭିନ୍ନ ଡାକ୍ତରଖାନାରେ ରହିଥିବା ଶୀତତାପ ନିୟନ୍ତ୍ରୀତ କୋଠରୀରେ ୫୮ଜଣ ଅଂଶୁଘାତ ରୋଗୀ ଚିକିତ୍ସାଧୀନ ଅଛନ୍ତି। ତେବେ ଜିଲାରେ ଜଣେ ଅଂଶୁଘାତ ରୋଗୀଙ୍କ ମୃତ୍ୟୁ ହୋଇଥିବା ସରକାରୀଭାବେ ସୂଚନା ଦିଆଯାଇଛି। ଅନ୍ୟପଟେ ଆଗକୁ ଏହି ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଶୁକ୍ରବାର ଜିଲାର ଭେଡ଼େନ-ଜାଣ୍ଡୋଲ ଜୀରାନଦୀ କୂଳରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବାବେଳେ ତାହା ମଧ୍ୟ ଅଂଶଘାତଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଛି। ଜିଲାରେ ଏଭଳିଭାବେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ଯୋଗୁ ଟାଣଖରାରେ ଅର୍ଥାତ୍ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରେ କାମ ନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଅଂଶୁଘାତ ତଥା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସବୁବେଳେ ସଜାଗ ରହିବାକୁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଂଶୁଘାତରେ ଯୁବକ ମୃତ



ମୃତକଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଉଛି ।

**ବରଗଡ଼,୩୧।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ ଅଂଶୁଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ. ୩ ହାଟପଦା ନିବାସୀ ସ୍ୱର୍ଗତ ବାମନ ବେହେରାଙ୍କ ପୁଅ ସୁବଳ(୩୧)। ସୁବଳ ଗୁରୁବାର ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁ ଅଂଶୁଘାତଜନିତ ବୋଲି ଜଣାପଡ଼ିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ପରିବାର ଲୋକଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ସହରରେ କାଳବୈଶାଖୀ ବର୍ଷା: ଭାଙ୍ଗିଲା ଗଛ

**ରାଉରକେଲା,୩୧।୫,(ଦିନେଶ ମିଶ୍ର):** ରାଉରକେଲା ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ହୋଇଛି। ବର୍ଷା ଯୋଗୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପ୍ରବଳ ଝଡତୋଫାନ ସାଙ୍ଗକୁ ବର୍ଷା ହେବାରୁ ରାଉରକେଲାର ଛେଣ୍ଡ ମୁଖ୍ୟ ରିଙ୍ଗରୋଡ କଡରେ ଥିବା ଗଛ ଭାଙ୍ଗିବା ସହ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

### କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼,୩୧।୫(ଜୟନାରାୟଣ ମେଣ୍ଟୁଲି):** ଦଶମ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏ-୧ ଗ୍ରେଡ୍‌ରେ ୨ ଜଣ, ଏ-୨ ଗ୍ରେଡ୍‌ରେ ପାସ୍ କରିଥିବା ୧୦ ଜଣ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଗୌରୀଶଙ୍କର ପଟେଲ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମ୍ପାଦକ ଶ୍ରୀବସ ଚୌଧୁରୀ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ସଭାରେ ଧରଣୀଧର ପଟେଲ,ଚିନ୍ତାମଣି ଓରାମ, ରତ୍ନାକର ରାଉତ,ଗୋପୀନାଥ ନାଏକ, ସୁଧାଂଶୁ କୁମାର ଚୌଧୁରୀ, ସହ ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।

### ଗୋରୁ ଚରାଳିଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଜଗାଙ୍ଗପୁର,୩୧।୫(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଝଗରପୁର କିଷାନ ପଡାର ଶୁଶିଲ ଏକ୍କା ( ୪୮)ଙ୍କ ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗୁରୁବାର ଶୁଶିଲ ଗୋରୁ ଚରାଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ଏକ ଗଛ ନିକଟରେ ତାଙ୍କର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ।

### ମୃତ ବାବୁଲୁଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ



**ବଡ଼ଗାଁ, ୩୧।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ସାଲବିରା ଗ୍ରାମର ବାବୁଲୁ ଧରେଇ(୫୬)ଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ଚକ୍ଷୁକୁ ପରିବାର ଲୋକେ ଦାନ କରିଛନ୍ତି। ସୂଚନା ଅନୁଯାୟୀ, ବାବୁଲୁ ବୁଧବାର ଲେଢ଼ିମଙ୍ଗ ଗ୍ରାମକୁ ସମ୍ପର୍କୀୟଙ୍କ ବାହାଘରରେ ଯୋଗଦେବାକୁ ଯାଇ ଆଉ ଫେରି ନ ଥିଲେ। ଦେଉଲି ଗାଁ ନିକଟ ଖେଳ ପଡ଼ିଆରୁ ବାବୁଲୁଙ୍କ ମୃତଦେହ ଜବତ ହୋଇଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା।

# ମୌସୁମୀ ପୂର୍ବରୁ ନାଳନର୍ଦ୍ଦମା ସଫା ଦାବି

**ରାଉରକେଲା,୩୧।୫(ସଙ୍ଗୀତା ଜେନା )**

ଚଳିତବର୍ଷ ମୌସୁମୀ କେରଳ ଛୁଇଁଛି। ଜୁନ୍ ୧୫ ସୁଦ୍ଧା ରାଜ୍ୟରେ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି। ମୌସୁମୀ ଆସିବା ପୂର୍ବରୁ ଇସ୍ପାତ ସହରରେ ଥିବା ନାଳନର୍ଦ୍ଦମା ଗୁଡ଼ିକ ସଫେଇ ହେବାର ଆବଶ୍ୟକତା ରହିଛି। ହେଲେ ସହରର ପ୍ରାୟ ୪୦ଟି ୱାର୍ଡରେ ଥିବା ମୁଖ୍ୟ ଓ ଶାଖା ନାଳନର୍ଦ୍ଦମା ଗୁଡ଼ିକର ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ସୂଚନା ମିଳିଛି। ଫଳରେ ବର୍ଷାଦିନରେ ବସ୍ତି ଓ ସହର ତଳି ଅଞ୍ଚଳରେ ୱାଟର ଲଗିଙ୍ଗ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖାଦେଇଛି। ରାଉରକେଲା ମହାନଗର ନିଗମ ଅଧୀନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବସ୍ତି ରହିଛି। ବସ୍ତି ଦେଇ ଯାଇଥିବା ନାଳଗୁଡିକ ଆବର୍ଜନାରେ ଜାମ ହୋଇଯାଉଛି। ଏହାକୁ ତୁରନ୍ତ ସଫା କରିବାକୁ ସ୍ଥାନୀୟ ଲୋକ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗୋପବନ୍ଧୁପାଲୀ,ମାଲଗୋଦାମ୍,ମଧୁସୂଦନ ପାଲୀ,ରେଳବାଇକଲୋନୀ, ଦୁର୍ଗାପୁର ପାହାଡ଼ି, ପାନପୋଷ, ମହତାବ ରୋଡ, ମେନ୍ ରୋଡ଼ ସମେତ ବିଭିନ୍ନ ବସ୍ତିରେ ନାଳନର୍ଦ୍ଦମା ଗୁଡ଼ିକ ବର୍ଷ ତମାମ ସଫେଇ ହେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ଆର୍‌ଏମସି ପ୍ରଦତ୍ତ ସୂଚନା ଅନୁଯାୟୀ, ୨୦୨୪ ପାଇଁ ୧୨ ହଜାର ସଫେଇ କର୍ମଚାରୀଙ୍କୁ ନେଇ ୫୬ ଲକ୍ଷ ୩୧ ହଜାର ଟଙ୍କା ବଜେଟ୍‌ରେ ସଫେଇ କରାଯାଉଛି। ସେହିପରି ୨୦୨୩ରେ ୧୦ହଜାର ୮୩୦ ସଫେଇ କର୍ମଚାରୀଙ୍କୁ ନେଇ ୪୭ଲକ୍ଷ ୧୧ ହଜାର ଟଙ୍କାରେ ସଫେଇ ହୋଇଥିଲା। ଅନୁରୂପ ଭାବେ ୨୦୨୨ରେ ୩୫ ଲକ୍ଷ ୭୮ ହଜାର ବ୍ୟୟ ଅଟକଳରେ ସମସ୍ତ ୱାର୍ଡ ପାଇଁ ୮ହଜାର ୨୫ ସଫେଇ କର୍ମଚାରୀ ନିୟୋଜିତ ହୋଇଥିଲେ। ହେଲେ ଚଳିତ ବର୍ଷ ମୌସୁମୀ ପୂର୍ବରୁ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବ ଆଶଙ୍କାରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆର୍‌ଏମ୍‌ସି ସହକାରୀ କମିଶନର ଅଜିତ ପଟ୍ଟନାୟକଙ୍କୁ ପଚାରିବାରୁ, ଚଳିତ ବର୍ଷ ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ଏପ୍ରିଲ ୨୦ ପରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। କୋଏଲନଗର, ଶକ୍ତିନଗର ଓ ଅନ୍ୟ ସ୍ଥାନରେ ସଫେଇ କାର୍ଯ୍ୟ ଜାରି ରହିଛି। ବର୍ଷା ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଲୋକେ ସଚେତନ ହେଉ ନ ଥିବାରୁ ଶାଖା ନାଳ ଗୁଡ଼ିକରେ ଆବର୍ଜନା ଭରି ରହୁଛି। ଏହାକୁ କିଛି ଦିନ ଅନ୍ତରରେ ସଫେଇ କରାଯାଉଛି ବୋଲି ପଟ୍ଟନାୟକ କହିଥିଲେ।



ପ୍ଲାଣ୍ଟସାଇଟ୍ ନିକଟରେ ପ୍ରବାହିତ ମେନ୍ ଡ୍ରେନ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି।

# ପୁଣି ଡାକ୍ତରଖାନା ଆସିବା ପୂର୍ବରୁ ଆଖି ବୁଜିଲେ ୯ଜଣ

**ରାଉରକେଲା,୩୧।୫(ସଙ୍ଗୀତା ଜେନା)**

ରାଉରକେଲା ସରକାରୀ ଡାକ୍ତରଖାନା( ଆର୍‌ଜିଏଚ୍)ରେ ଶୁକ୍ରବାର ୯ ଜଣ ଅଚେତ ରୋଗୀ ପହଞ୍ଚିବା ପୂର୍ବରୁ ଆଖିବୁଜି ଥିବା ସୂଚନା ମିଳିଛି। ସେମାନେ ହେଲେ ଜଗଦା ଅଞ୍ଚଳର ବିକାଶ ଟପ୍ପୋ(୪୬), ଦେଓଗାଁର ଧୀରେନ୍ଦ୍ରନାଥ (୨୨), ଲାଠିକଟା ଜଳଦା ଏ ବ୍ଲକର ମଙ୍ଗନୀ ଖାଡ଼ିଆ(୩୦), ଟାଙ୍ଗରପାଲିର ସାବିତ୍ରୀ ଖଡିଆ(୪୬), କୁଆଁରମୁଣ୍ଡା। ନିର୍ମଳ ଓଝା(୮୨), ଛେଣ୍ଡରୁ ଉଦ୍ଧାର ହୋଇଥିବା ଅଜଣା ବ୍ୟକ୍ତି, ରାଜଗାଙ୍ଗପୁରର ମହେଶ ଶାହା(୪୫), ବିଶ୍ରା ବ୍ଲକର ବିଜୁ ଗୁଆଲା(୭୪) ଓ ବନ୍ଧମୁଣ୍ଡା ଅଞ୍ଚଳର ସୁବୋଧ କାଣ୍ଡୁଲିନା(୨୬)। ମେଡିକାଲ ପକ୍ଷରୁ ଆସିଥିବା ତଥ୍ୟ ଆଧାରରେ ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ମୌସୁମୀ ପ୍ରସ୍ତୁତି କାର୍ଯ୍ୟଧାରା ତ୍ୱରାନ୍ୱିତ



ଆର୍‌ଏସପି ପକ୍ଷରୁ ନାଳ ସଫା କରାଯାଉଛି।

**ରାଉରକେଲା,୩୧।୫,(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନାର ସିଭିଲ ଇଞ୍ଜିନିୟରିଙ୍ଗ ସର୍ଭିସେସ୍ ବିଭାଗ ପକ୍ଷରୁ କାରଖାନାର ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ମୌସୁମୀ ଆସିବା ପୂର୍ବରୁ ବର୍ଷାକାଳୀନ ପ୍ରସ୍ତୁତି କାର୍ଯ୍ୟଧାରା ତ୍ୱରାନିତ କରାଯାଇଛି। ସିଭିଲ ଇଞ୍ଜିନିୟରିଙ୍ଗ ସର୍ଭିସେସ୍ ବିଭାଗ ଦ୍ୱାରା ସମସ୍ତ ପ୍ରମୁଖ ସଡକ ପାର୍ଶ୍ୱ ଡ୍ରେନଗୁଡିକର ରକ୍ଷଣବେକ୍ଷଣ ସାଙ୍ଗକୁ ଭୂତଳ ନାଳକୁ ସଫା କରାଯାଉଛି। ବର୍ଷା ସମୟରେ ସଠିକ ଜଳ ନିଷ୍କାସନ ପାଇଁ ୨ଟି ପ୍ରମୁଖ ଡ୍ରେନ ଗୁରାଡିହ, ନାଳ, ଗୁଡିକର ମଧ୍ୟ ନିରନ୍ତର ରକ୍ଷଣବେକ୍ଷଣ ସହିତ ପରିଷ୍କାର ରଖାଯାଇଛି। ଆବଶ୍ୟକ ସ୍ଥଳେ ଉଭୟ ଯାନ୍ତ୍ରିକ ଓ ମାନୁଆଲ ସଫା କରିବା ପ୍ରକ୍ରିୟା ବ୍ୟବହାର କରାଯାଇଛି। ବର୍ଷା ସମୟରେ କାରଖାନାରେ ନିରବଚ୍ଛନ ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ କ୍ରମାଗତ ଭାବେ ବିଭିନ୍ନ ୟୁନିଟ୍‌ର ଛାତରେ ଜିସି ସିଟ୍ ବଦଳାଇବା କାର୍ଯ୍ୟ ଚାଲୁଛି। ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ୟୁନିଟ୍ ନିୟନ୍ତ୍ରଣ କକ୍ଷ ଓ ପ୍ରମୁଖ କୋଠା ଗୁଡିକର ଜଳନିରୋଧୀ କାର୍ଯ୍ୟ ସମାପ୍ତ ହେବା ସହିତ ଅନ୍ୟ ୟୁନିଟ୍ ଗୁଡିକରେ ମଧ୍ୟ କାମ ଚାଲୁଛି। ମୌସମୀ ଆସିବା ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ଜୁନ ୧୦ ତାରିଖ ସୁଦ୍ଧା ଶେଷ ହେବାର ଯୋଜନା ରହିଛି।

# ଭଗ୍ନ ଅବସ୍ଥାରେ ଶିଶୁପାର୍କ



ପାର୍କର ଗୋଟ ଭାଙ୍ଗି ଯାଇଛି।

**ରାଉରକେଲା,୩୧।୫(ଦିନେଶ ମିଶ୍ର)**

ରାଉରକେଲା ବାସନ୍ତୀ କଲୋନୀ ଏଲ ବ୍ଲକ ଫେଜ-୧ରେ ଥିବା ଶିଶୁ ପାର୍କର ରକ୍ଷଣବେକ୍ଷଣ ଅଭାବ ଯୋଗୁ ଏହା ଏବେ ଅବ୍ୟବସ୍ଥା ଘେରରେ ପଡି ରହିଛି। ଏହି ଶିଶୁପାର୍କ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ୨୦୦୩ରେ ନିର୍ମାଣ ହୋଇଥିଲା। ପାର୍କ ଭିତରେ ଶିଶୁଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ଲଗାଯାଇଥିଲା। ସେହିଭଳି ପାର୍କ ଚାରିପଟେ ଲୁହାରଡ ନିର୍ମିତ ପାଚେରି ଦିଆଯାଇଥିବାବେଳେ ପାଦଚଲା ଫୁଟପାଥ ସାଙ୍ଗକୁ ବିଭିନ୍ନ ବ୍ୟାୟମ ଉପକରଣ ଲଗାଯାଇଥିଲା। କାଳକ୍ରମେ ଆରଏମ୍‌ସି ପକ୍ଷରୁ ଏହି ପାର୍କର ରକ୍ଷଣବେକ୍ଷଣ କରାଯାଇ ପାରି ନ ଥିବାରୁ ଏହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡି ରହିଛି। ପାର୍କ ଚାରିପଟେ ଲାଗିଥିବା ଲୁହାଗେଟ ଭାଙ୍ଗି ଯାଇଛି। ସେହିଭଳି ପାର୍କ ଭିତରେ ଲାଗିଥିବା ଦୋଳି ଛିଡି ଯାଇଥିବାବେଳେ ବସିବା ପାଇଁ ପଡିଥିବା କାଠବେଞ୍ଚ ଉପୁଡି ପଡିଛି। ପାର୍କର ଲୁହା ନିର୍ମିତ ଗ୍ରୀଲ ଭାଙ୍ଗି ଯିବାରୁ ସ୍ଥାନୀୟ ବୁଲାପଶୁ ପାର୍କ ଭିତରକୁ ପଶି ଫୁଲ ବଗିଚାକୁ ନଷ୍ଟ କରି ଦେଉଥିବା ଦେଖିବାକୁ ମିଳିଛି। ଜିମ୍ ଉପକରଣ ଗୁଡିକରେ କଳଙ୍କି ଲାଗିଯାଇଛି। ସନ୍ଧ୍ୟା ହେଲେ ପାର୍କ ଭିତରେ ଅସାମାଜିକ

**ମରାମତି ଦାବି**

ଯୁବକଙ୍କ ଆଡ୍ଡା ଜମୁଛି। ପାର୍କ ଚାରିପଟେ କଲୋନୀର ଘର ଗୁଡିକ ଥିବାରୁ ଉକ୍ତ ପ୍ରବେଶ ପଥ ଗେଟ୍ ସମ୍ମୁଖରେ ଘର ନିର୍ମାଣ ସାମଗ୍ରୀ ସ୍ଥାନୀୟ ଲୋକେ ରଖୁଛନ୍ତି। ତେଣୁ ଉକ୍ତ ପାର୍କର ପୁନଃ ଉଦ୍ଧାର କରିବାକୁ ସ୍ଥାନୀୟ କଲୋନୀବାସୀ ଦାବି କରିଛନ୍ତି। ଏନେଇ ଆରଏମ୍‌ସି ଉପଆୟୁକ୍ତ ଅନିତା ନାୟକଙ୍କୁ ପଚାରିବାରୁ, ପାର୍କରେ ଅବ୍ୟବସ୍ଥାକୁ ନେଇ ଆମ ପାଖରେ ଆଜିଯାଏଁ କୌଣସି ଅଭିଯୋଗ ହୋଇନାହିଁ। ଏହି ପାର୍କ ଭିତରେ ଲାଗିଥିବା ଶିଶୁ ଖେଳନା ସାମଗ୍ରୀ ଓ ବିଭିନ୍ନ ବ୍ୟାୟମ ଉପକରଣ ଗୁଡିକ ଅବସ୍ଥା କିଭଳି ରହିଛି ତାହାକୁ ଅନୁଧ୍ୟାନ କଲା ପରେ ଖୁବ୍ ଶୀଘ୍ର ଏହାକୁ ମରାମତି କରିବୁ ବୋଲି ନାୟକ କହିଥିଲେ।

# ଅତିରିକ୍ତ ଚୁଲାରେ କରାଯାଉଛି ଶବଦାହ

**ରାଉରକେଲା,୩୧।୫(ସଙ୍ଗୀତା ଜେନା)**

ରାଉରକେଲାରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସରକାରୀ ତଥ୍ୟରେ ମୃତ ସଂଖ୍ୟା ୧୨ ଜଣ ଆଲୋଚନା ହେଉଥିବା ବେଳେ ବେସରକାରୀ ତଥ୍ୟରେ ଏହି ସଂଖ୍ୟା ଅଧିକ ରହିଛି। ବେଦବ୍ୟାସ ଘାଟରେ ସ୍ଥିତି ଅନଧ୍ୟାନ କରିବା ପରେ ତାହା ଜଣାପଡ଼ିଛି। ପ୍ରାୟ ୩ରୁ୪ ଦିନ ମଧ୍ୟରେ ଶବଦାହ ସଂଖ୍ୟା ବୃଦ୍ଧି ପାଇଛି। ଗୁରୁବାର ୧୭ ଜଣଙ୍କ ଶବ ଦାହ କରାଯାଇଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୮ଟା ସୁଦ୍ଧା ୪୦ ରହିଛି। ସାଧାରଣତଃ ୫ଟି ଚୁଲାରେ ଶବଦାହ କରାଯାଉଥିବା ବେଳେ ଅତିରିକ୍ତ ୩ ଟି ଅସ୍ଥାୟୀ ଚୁଲାରେ ମଧ୍ୟ ଶବଦାହ ସମ୍ପାଦନ ହେଉଛି। ଶବଦାହ ପଞ୍ଜୀକରଣ କରୁଥିବା ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ଅଧିକାରୀଙ୍କ କହିବା ଅନୁଯାୟୀ, ୩ରୁ୪ ଦିନ ମଧ୍ୟରେ ଶବଦାହ ସଂଖ୍ୟାରେ ବୃଦ୍ଧି ଘଟିଛି। ଏପରିକି ଶବଦାହ ପାଇଁ ମୃତକଙ୍କ ପରିଜନଙ୍କୁ ଅପେକ୍ଷା ମଧ୍ୟ କରିବାକୁ ପଡୁଛି।

# ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା

**କୁତ୍ରା,୩୧।୫(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଖରା ସମୟରେ ଲୋକେ ଯେପରି ଘରୁ ନ ବହାରିବେ ସେଥିପାଇଁ ସଚେତନତା ସୃଷ୍ଟି କରାଯାଛି। ଶୁକ୍ରବାର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସମଗ୍ର କୁତ୍ରା ବ୍ଲକ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ଦିନ ୧୦ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ଆବଶ୍ୟକତା ନ ଥିଲେ ଘରୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ସମୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ, କୌଣସି କାର୍ଯ୍ୟରେ ଯଦି ଘରୁ ବାହାରୁଛନ୍ତି ତେବେ ଅଂଶୁଘାତରୁ ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସଚେତନ କରାଯାଇଛି। ଦିନ ୧୦ ଟା ପରେ ରାସ୍ତା ଘାଟ ଜନଶୂନ୍ୟ ହୋଇପଡୁଥିବା ଦେଖିବାକୁ ମିଳୁଛି। ବସ ଷ୍ଟାଣ୍ଡ ଏବଂ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଏବଂ ଓଆରଏସ ବଣ୍ଟନର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ଯୋଗାଇ ଦେବାକୁ ଦାବି ହେଉଛି।

# ପିଇବା ପାଣି ପାଇଁ ଯିବାକୁ ପଡୁଛି ୨ କି.ମି.

**ବିଶ୍ରା, ୩୧।୫(ବଟକୃଷ୍ଣ ସ୍ୱାଇଁ)**

ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକ୍ ଓଡୁସୁ ପଞ୍ଚାୟତର ସରୁବାହାଲ ଗୁଙ୍ଗୁଝଡ଼ ବସ୍ତିରେ ନଳକୂପ ନାହିଁ। ଫଳରେ ବସ୍ତିବାସୀ ଗରା, ବାଲ୍‌ଟି ଧରି ୨ କିଲୋମିଟର ଦୂରରୁ ପାଣି ଆଣୁଥିବା ଅଭିଯୋଗ ହୋଇଛି। ୨୦ ପରିବାରକୁ ମାତ୍ର ଗୋଟିଏ ନଳକୂପ। ହେଲେ ବର୍ତ୍ତମାନ ତାହା ଅଚଳ ଅବସ୍ଥାରେ ପଡ଼ି ରହିଛି। ପ୍ରଚଣ୍ଡ ଖରାରେ ପାଣି ପାଇଁ ୨ କି.ମି. ଚାଲି ଚାଲି ଯିବା ସେମାନଙ୍କ ପକ୍ଷେ କଷ୍ଟକର ହେଉଥିବା କହିଛନ୍ତି। ଏନେଇ ସରପଞ୍ଚଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ବିଷୟରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଭୋଳଙ୍କୁ ପଚାରିବାରୁ, ଏନେଇ ମୋ ପାଖରେ କୌଣସି ଅଭିଯୋଗ ନାହିଁ। ଯଦି ପାଣି ସମସ୍ୟା ଦେଖାଦେଇଛି ତଦନ୍ତ ପରେ ସବୁ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।



# ୬ ଆର୍‌ଏମ୍‌ସି କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଉରକେଲା, ୩୧।୫(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମର ୬ ଜଣ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାନଗରନିଗମ ସମ୍ମିଳନୀ କକ୍ଷରେ ଶୁକ୍ରବାର ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉପକମିଶନର ଅନୀତା ନାୟକ, ତରୁଣ କାନ୍ତ, ସହକାରୀ କମିଶନର ଅଜିତ ପଟ୍ଟନାୟକ, ଅଭିଷେକ ମିଶ୍ର, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ମାନସ ବିଶ୍ୱାଳ ସମେତ ରେଭନ୍ୟୁ ଓ ଅନ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ସଭାକୁ ଅକ୍ଷୟ ପାତ୍ର ସଂଯୋଜନା କରିଥିଲେ।




କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି: ଓକିଲ ସଂଘ

**ରାଉରକେଲା,୩୧।୫,(ଦିନେଶ ମିଶ୍ର)**

ରାଉରକେଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଜିଲାରେ ୨ ଦିନରେ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଚିକିତ୍ସାଧୀନ ଅଛନ୍ତି। ଅଂଶୁଘାତ ମୃତ୍ୟୁ ସହରରେ ସ୍ୱାସ୍ଥ୍ୟସେବା ପ୍ରତି ଚରମ ଉଦାସୀନତା ବୋଲି ରାଉରକେଲା ଓକିଲ ସଂଘ ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ସୁନ୍ଦରଗଡ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ରାଉରକେଲା ସରକାରୀ ଡାକ୍ତରଖାନାରେ ଅଂଶୁଘାତ ସ୍ଥିତି ସମୀକ୍ଷା କରିବାକୁ ଆସିଥିବାବେଳେ ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟିଥିଲେ। ସାଧାରଣ ଲୋକେ କିପରି ଅଂଶୁଘାତର ଶିକାର ନ ହେବେ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ।

ପ୍ରବଳ ଖରାରେ ଯେଉଁମାନେ ଶ୍ରମିକଙ୍କୁ ଖଟାଉଛନ୍ତି ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଅଂଶୁଘାତରେ ମୃତକଙ୍କ ପରିବାରକୁ ସରକାର ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲାପାଳଙ୍କ ନିକଟରେ ଓକିଲ ସଂଘର ପ୍ରତିନିଧି ମଣ୍ଡଳୀମାନେ ଦାବି କରିଥିଲେ। ଏଥିରେ ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜ କିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ପବିତ୍ର ଜେନା, କିଶୋର ପ୍ରଧାନ, ଅରୁଣ କୌଶଳ, ତାପସ ପରିଡା, ବିଜୟ ରାମଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ କ୍ଷତିପୂରଣ ପାଇଁ ଓକିଲ ସଂଘ କର୍ମକର୍ତ୍ତମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ରେଳୱେ ପୋଲିସ ଦ୍ୱାରା ୩ ଜଣଙ୍କ ମୃତଦେହ ଜବତ

ସମ୍ବଲପୁର, ୩୧।୫(ପ୍ରମୋଦ ବହିଦାର)

ଭିନ୍ନଭିନ୍ନ ସ୍ଥାନରୁ ସମ୍ବଲପୁର ରେଳବାଇ ପୋଲିସ ୩ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେମାନଙ୍କ ପରିଚୟ ମିଳିନାହିଁ। ସେଥିମଧ୍ୟରେ ହୀରାକୁଦ ରେଳଷ୍ଟେଶନ ନିକଟସ୍ଥ ରେଳଧାରଣାରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ି ରହିଥିବା ସମ୍ପର୍କରେ ରେଳବାଇ ପୋଲିସକୁ ଖବର ମିଳିଥିଲା। ଖବରପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୂର୍ବାହ୍ନରେ ସମ୍ବଲପୁର ରେଳଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଏକ ଘଟଣାରେ ଟ୍ରେନ୍ ନମ୍ବର ୦୮୨୬୩ ଟିଟିଲାଗଡ଼ରୁ ବିଳାସପୁର ଅଭିମୁଖେ ଯାତ୍ରା କରୁଥିବା ପାସେଞ୍ଜର ଟ୍ରେନ୍‌ର ଏକ ବଗିରୁ ମଧ୍ୟ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ରେଳବାଇ ପୋଲିସ। ରେଳବାଇ ଥାନାରେ ଏହାକୁ ନେଇ ୩ଟି ପୃଥକ ମାମଲା ରୁଜୁ କରାଯାଇଛି। ସମସ୍ତଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସେମାନଙ୍କର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

### ୩ ମାସରେ ୧୫୬ ଅଂଶୁଘାତରେ ଆକ୍ରାନ୍ତ

ସମ୍ବଲପୁର,୩୧।୫(ଭବାନୀଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ଏବେ ପ୍ରଚଣ୍ଡ ରୌଦ୍ରତାପ ସହ ଅହେତୁକ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜିଲାରେ ଶୁକ୍ରବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ରହିଥିଲା। ବହୁ ଲୋକ ଅଂଶୁଘାତର ଶିକାର ହେଉଛନ୍ତି। ତେଣେ ଜିଲାର ବିଭିନ୍ନ ଅଞ୍ଚଳରୁ ଶୁକ୍ରବାର ସୁଦ୍ଧା ୬ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ତେବେ ଜିଲାରେ ଶୁକ୍ରବାର ସୁଦ୍ଧା ଅଂଶୁଘାତରେ କାହାରି ମଧ୍ୟ ମୃତ୍ୟୁ ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲା ଜରୁରୀକାଳୀନ ଅଧିକାରୀ ରସନା ଭୋଇ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ରିପୋର୍ଟ ମୁତାବକ ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଂଶୁଘାତରେ କାହାରି ମୃତ୍ୟୁ ହୋଇନାହିଁ। ତେବେ ଗତ ମାର୍ଚ୍ଚ ୧ରୁ ମେ ୩୦ ପର୍ଯ୍ୟନ୍ତ ୩ମାସରେ ଜିଲାରେ ମୋଟ ୧୫୬ ଜଣ ଲୋକ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ନେଇ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଅଂଶୁଘାତ ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ବିଭିନ୍ନ ମେଡିକାଲରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବସ୍ କର୍ମଚାରୀଙ୍କ ଆନ୍ଦୋଳନ

ସମ୍ବଲପୁର,୩୧।୫(ପ୍ରମୋଦ ବହିଦାର)

- ୫ଘଣ୍ଟାରୁ ଅଧିକ ସମୟ ଧରି ବସ ଚଳାଚଳ ବନ୍ଦ
- ଦୁର୍ବୃତ୍ତଙ୍କ ଭୁଜାଲି ମାଡ଼ରେ ବସ୍ ହେଲପର ଗୁରୁତର
- ଭିମ୍‌ସାରରେ ଭର୍ତ୍ତି, ଦୁଇ ଅଟକ

ସମ୍ବଲପୁର ସହର ଅଇଁଠାପାଲି ଘରୋଇ ବସଷ୍ଟାଣ୍ଡ ପରିସରରେ ଦୁର୍ବୃତ୍ତଙ୍କ ଭୁଜାଲି ମାଡ଼ରେ ଜଣେ ବସ୍ ହେଲପର ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି ଅନୁଗୋଳ ଜିଲା କିଶୋରନଗରର ଭୁବନ ବେହେରା(୪୦)। ଗୁରୁତର ଅବସ୍ଥାରେ ତାଙ୍କୁ ଅନ୍ୟ ବସ କର୍ମଚାରୀମାନେ ଭିମସାରରେ ଭର୍ତ୍ତି କରିଛନ୍ତି। ଉକ୍ତ ଘଟଣାରେ ପୋଲିସ କରମଟୁଲିର ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ରାତିରେ ବସଷ୍ଟାଣ୍ଡ ପରିସରରେ ଥିବା ସମଲେଶ୍ୱରୀ ଘରୋଇ ବସ୍ ମଧ୍ୟରେ ଉକ୍ତ ବସର ହେଲପର ଭୁବନ ବେହେରା ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୨ଟାରେ ଦୁଇଜଣ ଦୁର୍ବୃତ୍ତ ବସ୍ ନିକଟକୁ ଆସି ଭୁବନଙ୍କୁ ନିଦରୁ ଉଠାଇ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ତାଙ୍କ ମୋବାଇଲ ଲୁଟିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଭୁବନ ଚିତ୍କାର କରିବାରୁ ଅଭିଯୁକ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ଅନ୍ୟ ବସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭୁବନଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଭୁଜାଲି ମାଡ଼ରେ ଭୁବନଙ୍କ ହାତ, ମୁଣ୍ଡ ଓ ଛାତିରେ ଗଭୀର କ୍ଷତ ହୋଇଛି। ଶୁକ୍ରବାର ସକାଳେ ଅଭିଯୁକ୍ତମାନଙ୍କୁ ଗିରଫ ଓ ବସଷ୍ଟାଣ୍ଡରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦାବିରେ ଘରୋଇ ବସ୍ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯାହାକୁ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଥିଲା। ଫଳରେ ସକାଳ ୫ଟାରୁ ଦୀର୍ଘ ସାଢ଼େ ୫ ଘଣ୍ଟା ଧରି ସମ୍ବଲପୁରରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା। ବସ ଚଳାଚଳ ବାଧାପ୍ରାପ୍ତ ଯୋଗୁ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ପାଇଁ ବସଷ୍ଟାଣ୍ଡରେ ଅପେକ୍ଷାରତ ବହୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ଅଭିଯୁକ୍ତ ଦ୍ୱୟଙ୍କୁ ତୁରନ୍ତ ଗିରଫ, ବସଷ୍ଟାଣ୍ଡ ପରିସରରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ଓ ରାତ୍ରି ସମୟରେ ବସଷ୍ଟାଣ୍ଡରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଖବରପାଇ ଅଇଁଠାପାଲି ଥାନା ଆଇଆଇସି ସନୟ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ ପୋଲିସ ସୁରକ୍ଷା କର୍ମୀଙ୍କ ସହିତ ଘଟଣାସ୍ଥଳର ପହଞ୍ଚି ଛାନଭିନ୍ନ ଆରମ୍ଭ କରିଛନ୍ତି।

ଘରୋଇ ବସ ମାଲିକ ସଂଘ ଓ କର୍ମଚାରୀଙ୍କ ଦାବି ଅନୁସାରେ ନିୟମିତ ଭାବେ ବସଷ୍ଟାଣ୍ଡ ପରିସରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଏଠାରେ ଏକ ଫାଣ୍ଡି ସ୍ଥାପନର ବ୍ୟବସ୍ଥା କରିବାକୁ ଅଇଁଠାପାଲି ଥାନା ଆଇଆଇସି ନାୟକଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଥିଲେ। ଫଳରେ ପୂର୍ବାହ୍ନ ସାଢ଼େ ୧୦ଟା ପରଠାରୁ ବସ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଉପକାରାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଦେବଗଡ଼,୩୧।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସ୍ୱତନ୍ତ୍ର ଉପ କାରାଗାରର ଉପ ସହ କାରାପାଳ ମଦନ ମୋହନ ସାମଲ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ଉପ କାରାଗାର ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ୱତନ୍ତ୍ର ଉପ କାରାଗାର ପରିସରରେ ଦେବଗଡ ସ୍ୱତନ୍ତ୍ର ଉପ କାରାଗାର ଅଧୀକ୍ଷକ ବିକାଶ ସାହୁଙ୍କ ଅଧ୍ୟକ୍ଷତା ଓ କାରାରକ୍ଷୀ ଦିଲୀପ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧୀକ୍ଷକ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଅବସର ପ୍ରାପ୍ତ ଉପକାରାପାଳ ମଦନ ମୋହନ ସାମଲଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଦୀର୍ଘ ଏବଂ ନିରାମୟ ଜିବନ କାମନା କରିଥିଲେ। ୧୯୮୯ ମାର୍ଚ୍ଚ ୧୧ ତାରିଖରେ ଜେଲ ୱାର୍ଡର ଭାବେ ଢେଙ୍କାନାଳ ଜିଲା କାରାଗରରେ ଯୋଗଦେଇଥିବା ସାମଲ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ପୂର୍ବ ଓଡିଶାର କେନ୍ଦ୍ରପଡା କାରାଗାର, ଚୌଦ୍ୱାର ମଣ୍ଡଳ କାରାଗାର, ରାଇରଙ୍ଗପୁର ସମେତ ଅନୁଗୋଳ ଜିଲାର ଆଠମଲ୍ଲିକ ଆଦି କାରାଗାରରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ସାମଲ ଜେଲ ୱାର୍ଡରରୁ ପଦୋନ୍ନତି ପାଇ ହାବିଲଦାର ଓ ପରେ ଉପ ସହ କାରାପାଳ ଭାବେ କାର୍ଯ୍ୟ କରିଥିଲେ । ଏହି ସମ୍ବର୍ଦ୍ଧନା ସଭା ଆୟୋଜନରେ ଦେବଗଡ ସ୍ୱତନ୍ତ୍ର ଉପ କାରାଗାରର ସମସ୍ତ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।

# ଅଂଶୁଘାତ ନେଉଛି ଜୀବନ

ଝାରସୁଗୁଡ଼ା/କୋଲାବିରା,୩୧।୫
(ସଞ୍ଜୟ ମାଲି/ଚିନ୍ମୟ ବହିଦାର)

**୨ ଦିନରେ ଝାରସୁଗୁଡ଼ାରେ ୧୦ ଅସ୍ୱାଭାବିକ ମୃତ୍ୟୁ**

ରାଜ୍ୟରେ ପ୍ରବଳ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଅଣାୟତ ହେବାରେ ଲାଗିଛି। ପ୍ରବଳ ଖରା ଏବଂ ଗୁଳୁଗୁଳିରେ ଗତ ୨ ଦିନରେ ଝାରସୁଗୁଡାରେ ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଥିବା ବେସରକାରୀ ତଥ୍ୟରୁ ଜଣାପଡ଼ିଛି। ଝାରସୁଗୁଡ଼ା ଜିଲାରୁ ୬ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯାହାର ତଦନ୍ତ ରାଜ୍ୟ ସରକାର କରୁଛନ୍ତି। ଏମାନଙ୍କର ଶବ ବ୍ୟବେଚ୍ଛଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସ୍ୱତନ୍ତ୍ର ରିଲିଫ କିସନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି। ଝାରସୁଗୁଡ଼ା ଜିଲାରେ ଅଂଶୁଘାତରେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ମୃତକ ଲଖନପୁର ବ୍ଲକ ଠେବରା ଗ୍ରାମର ରଘୁନାଥ ଭଁଏଷା (୫୫) ବୋଲି ଜଣାପଡିଛି। ରଘୁନାଥ ଅପରାହ୍ନରେ ବିଲରେ ଅଚେତ ହୋଇ ପଡିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି କୋଲାବିରା ତେଲେଙ୍ଗା ପଡାର ଲୋଚନ କୁମୁରାଙ୍କ ସ୍ତ୍ରୀ ସୁଲୋଚନା କୁମୁରା (୬୨)ଙ୍କ ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ଘଟିଛି। ଗୁରୁବାର ଦିନବେଳା ଗରମ ଝାଞ୍ଜି ପବନ ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସାଲାଇନ ଦିଆଯିବା ପରେ ସାମାନ୍ୟ ସୁସ୍ଥ ଅନୁଭବ କରି ଘରକୁ ଫେରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କୋଲାବିରା ଡାକ୍ତରଖାନାକୁ ନିଆଯାଉଥିଲା। ଡାକ୍ତରଖାନା ପହଞ୍ଚିବା ପୂର୍ବର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ କହିବାନୁଯାୟୀ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଛି। କୋଲାବିରା ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁବାର ମଧ୍ୟ ଜଣେ ଗାଡି ଚାଳକ କୋଲାବିରା ହଠାତ୍ ଅସୁସ୍ଥ ଅନୁଭବ କରିବାରୁ କୋଲାବିରା ଡାକ୍ତରଖାନକୁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଛତିଶଗଡ ସୁରଜପୁର ଜିଲା ବୋଖା ଗ୍ରାମର ରାହୁଲ କୁମାର (୩୪)।

## ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭୋଟ ଗଣିତ କେନ୍ଦ୍ରଗୁଡ଼ିକୁ ତଦାରଖ କଲେ ଜିଲାପାଳ

ସମ୍ବଲପୁର,୩୧।୫(ପ୍ରମୋଦ ବହିଦାର)

ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭୋଟ ଗଣିତକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ କରିବା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଭୋଟ ଗଣତି କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିଥିଲେ। ଆସନ୍ତା ୪ରେ ହେବାକୁ ଥିବା ଗଣିତ ପାଇଁ କେନ୍ଦ୍ରରେ ଉପଲବ୍ଧ ବ୍ୟବସ୍ଥାର ତଦାରଖ କରିଥିଲେ। ଦେବଗଡ଼ରେ ସରକାରୀ ପଲିଟେକ୍ନିକ କଲେଜ, ଛେଣ୍ଡିପଦା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଆଠମଲ୍ଲିକ ମହାବିଦ୍ୟାଳୟ ଓ ରେଢ଼ାଖୋଲରେ ଭୀମଭୋଇ ମହାବିଦ୍ୟାଳୟରେ ଭୋଟଗଣତି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଗସ୍ତ କରିଥିଲେ।

## ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ ଅବସରରେ ସଚେତନତା

ସମ୍ବଲପୁର,୩୧।୫(ଭବାନୀଶଙ୍କର ଭୋଇ)

ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ ଅବସରରେ ଶୁକ୍ରବାର ଭୂତାପଡ଼ା ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତମାଖୁମୁକ୍ତ ଶୈଶବକୁ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିଶୁମାନଙ୍କୁ ତମାଖୁର ବ୍ୟବହାର ତଥା ଏହାର କାରବାରରୁ ରକ୍ଷା କରିବା ବିଷୟରେ ଆଲୋଚନା କରାଯାଇଥିଲା। ତମାଖୁ ବ୍ୟବହାର ଶରୀର ପାଇଁ କିପରି କ୍ଷତିକାରକ ଏବଂ ଏହାଦ୍ୱାରା କିଭଳି ଅନ୍ୟ ସଂକ୍ରମଣମାନ ହୋଇଥାଏ ସେ ବିଷୟରେ ଆଲୋକପାତ କରାଯାଇଥିଲା। ବିଡିପାନ ଗୁଟଖା ଆଦି ତମାଖୁ କମ ପଇସାରେ ମିଳୁଥିବାବେଳେ ଏହା ଜନିତ ରୋଗ ଗୁଡିକର ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ପୁଣି ରୋଗୀ କିଭଳି କଷ୍ଟ ପାଇଥାଏ ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ନିଜକୁ ତଥା ପରିବାରକୁ ତମ୍ବାଖୁ ଠାରୁ ରକ୍ଷା କରିବା ସହ ଏହାର ବ୍ୟବହାରଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ୱାସ୍ଥ୍ୟ ମିଶନର ମ୍ୟାନେଜର ସରିତା ଶର୍ମା ଯୋଗଦାନ କରିଥିଲେ। ସେହିପରି ସଭାକୁ ଆରୋଗ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ସଞ୍ଜୀବ ପ୍ରଧାନ ପରିଚାଳନା କରିଥଲେ ।

# ଭୋଟ ଗଣତି ପାଇଁ ଦ୍ୱିତୀୟ ସମୀକ୍ଷା ବୈଠକ

ଦେବଗଡ଼,୩୧।୫(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ଜୁନ ୪ ତାରିଖ ଭୋଟ ଗଣତି ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକ ସଭା ଓ ବିଧାନସଭା ନିମନ୍ତେ ଜୁନ ୪ ତାରିଖରେ ପଲିଟେକନିକଠାରେ ଲୋକସ ଭା ଆସନ ପାଇଁ ୧୩ଟି ଟେବୁଲ ଓ ବିଧାନସଭା ଆସନ ପାଇଁ ୧୩ଟି ଟେବୁଲକୁ ନେଇ ୨୬ଟି ଟେବୁଲରେ ଗଣତି ହେବ। ଟେବୁଲରେ ଇଭିଏମ ପାଇଁ ଅଣୁ ପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟମାନେ ଉପସ୍ଥିତ ରହିବେ। ଭୋଟ ଗଣତିରେ ନିଯୁକ୍ତ ଥିବା ଦାୟିତ୍ୱ ସମ୍ପୂର୍ଣ୍ଣ ଅଧିକାରୀ ହେବା ବାଞ୍ଛନୀୟ। କର୍ମଚାରୀମାନେ ଜୁନ ୪ ତାରିଖ ଭୋଟ ଗଣତି ଦିନ ସକାଳ ୫ ଘଟିକା ସମୟରେ ଉପସ୍ଥିତ ରହିବେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସୂର୍ଯ୍ୟକାନ୍ତ ବରିହା, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହାନ୍ତ, ଶୁଶ୍ରୀ ରେଖା ମହନ୍ତ, ରାଜୀବ ଲୋଚନ ନାଏକ, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଆସିଷ୍ଟାଣ୍ଟ ଇଞ୍ଜିନିୟରିଂ ପାନୀୟ ଜଳ ବିଭାଗ ନେତ୍ରାନନ୍ଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଅଜ୍ଞାତରେ ଟଙ୍କା ଉଠାଣ

ସମ୍ବଲପୁର, ୩୧।୫(ପ୍ରମୋଦ ବହିଦାର)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଅଜ୍ଞାତରେ ସମ୍ପୃକ୍ତ ଏସ୍‌ଏଚ୍‌ଜିର ବ୍ୟାଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ଜମନକିରା ବ୍ଲକ ମହଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଡିହି ଗ୍ରାମରେ ଥିବା ମା' ସମଲେଶ୍ୱରୀ ଏସ୍‌ଏଚ୍‌ଜି(ଏ)ର ସଦସ୍ୟାମାନେ ଏନେଇ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ଏଚ୍‌ଜିର ୧୧ଜଣ ସଦସ୍ୟା ସମ୍ବଲପୁରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଲିଖିତ ଦାବି କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଅଭିଯୋଗ ଅନୁସାରେ ଫାଶିମାଲ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ମା' ସମଲେଶ୍ୱରୀ ଏସ୍‌ଏଚ୍‌ଜି(ଏ) ନାମରେ ଏକ ଜମାଖାତା ରହିଛି। ଏସ୍‌ଏଚ୍‌ଜିର ଆଞ୍ଚଳିକ ମଞ୍ଚରେ କାର୍ଯ୍ୟରତ ସିଆର୍‌ପି



ଜିଲାପାଳଙ୍କ ଦ୍ୱାରସ୍ଥ ଏସ୍‌ଏଚ୍‌ଜିର ମହିଳା ସଦସ୍ୟାମାନେ।

**ଏସ୍‌ଏଚ୍‌ଜି ସଦସ୍ୟାଙ୍କ ତଦନ୍ତ ଦାବି**

ଅନ୍ୟ କୌଣସି ସଦସ୍ୟାଙ୍କୁ ନ ଜଣାଇ ବା ସେମାନଙ୍କ ସ୍ୱାକ୍ଷର ବିନା ମା' ସମଲେଶ୍ୱରୀ ଏସ୍‌ଏଚ୍‌ଜି(ଏ)ର ଜମାଖାତାରୁ ଜାଲ ସିଲ ଓ ସ୍ୱାକ୍ଷରରେ ଚଞ୍ଚକତା ପୂର୍ବକ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ଉଠାଇଛନ୍ତି। ଏସମ୍ପର୍କରେ ସମ୍ପୃକ୍ତ ଏସ୍‌ଏଚ୍‌ଜିର ସଦସ୍ୟାମାନେ ବ୍ୟାଙ୍କର ଶାଖା ପ୍ରବନ୍ଧକଙ୍କଠାରୁ ଖବର ପାଇଥିଲେ ବୋଲି କହିଛନ୍ତି। ତେବେ ଏହି ଟଙ୍କା କେଉଁ ବାବଦକୁ ଓ ସେ ଏକାକୀ କିଭଳି ଉଠାଇବାରେ ସକ୍ଷମ ହେଲେ ସେ ନେଇ ବିଧିବଦ୍ଧ ଭାବେ ତଦନ୍ତ କରିବାକୁ ଜିଲାପାଳଙ୍କ ନିକଟରେ ସମ୍ପୃକ୍ତ ଏସ୍‌ଏଚ୍‌ଜିର ଅଧ୍ୟକ୍ଷା ଦେବକୀ ବାରିକ, ସମ୍ପାଦିକା ବୈଜୟନ୍ତୀ ଛୁରାଙ୍କ ସମେତ ଅନ୍ୟ ସଦସ୍ୟାମାନେ ଦାବି ଜଣାଇଛନ୍ତି। ଏଥିରେ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ମୂଳ ନିବାସୀ ସେମାନର ମୁଖ୍ୟ ହେମନ୍ତ ଗର୍ଡିଆ ଓ ବହୁଜନ ସମାଜ ପାର୍ଟିର ଅନିଲ ନାଏକ ସହାୟତା କରିଥିଲେ।



ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ପିଏଚଡି ପଡିଆଠାରେ ଶୀତଳଷଷ୍ଠୀ ସକାଶେ ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ମୀନାବଜାର ପ୍ରସ୍ତୁତ କରାଯାଉଛି।



ଶୁକ୍ରବାର ସମ୍ବଲପୁରରେ ତାପମାତ୍ରା ୪୫.୬ ରହିଥିବାରୁ ବ୍ୟସ୍ତ ବହୁଳ କଚେରୀ ଛକ ଶୂନଶାନ ହୋଇପଡ଼ିଛି।

**ସଞ୍ଜୟ ତ୍ରିପାଠୀ ୬ ବର୍ଷ ପାଇଁ କଂଗ୍ରେସରୁ ବହିଷ୍କୃତ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): କଂଗ୍ରେସ ନେତା ସଞ୍ଜୟ ତ୍ରିପାଠୀଙ୍କୁ ଦଳରୁ ଶୁକ୍ରବାର ୬ ବର୍ଷ ଲାଗି ବହିଷ୍କାର କରାଯାଇଛି। ବିଶୃଙ୍ଖଳା ଏବଂ ଦଳ ବିରୋଧୀ କାର୍ଯ୍ୟ ସକାଶେ ବହିଷ୍କାର କରାଯାଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଦସ୍ତଖତ ସମ୍ବଳିତ ଚିଠିରେ ଉଲ୍ଲେଖ କରାଯାଇଛି। ସଞ୍ଜୟଙ୍କ ବହିଷ୍କାର ଆଦେଶକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗୃହୀତ କରିଛନ୍ତି।

# ଅଭିଳାଷଙ୍କ ଚିକିତ୍ସା ଅବହେଳା ଆଣି ଧାରଣାରେ ଭାଜପା କର୍ମୀ

କଟକ,୩୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଆହତ ହୋଇ ଗୁରୁବାର ରାତିରେ କଟକ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି ହୋଇଛନ୍ତି। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ହେଲେ ଅଭିଳାଷଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ନେଇ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝା ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଶୁକ୍ରବାର ଧାରଣା ଦେଇଥିଲେ। ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଭାଜପା କର୍ମୀଙ୍କ ସହ ଆଲୋଚନା କରି ସମସ୍ତ ଚିକିତ୍ସା ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ଅଭିଳାଷଙ୍କର ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଗଗନ ସୂଚନା ଦେଇଛନ୍ତି। ଏନେଇ ଗଗନ କହିଛନ୍ତି, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କରାଯାଉଥିବା ପ୍ରଚାର କେବଳ ପ୍ରହସନ। ଏଠାରେ ୧୪ ଘଣ୍ଟା ପରେ ମଧ୍ୟ ଆହତଙ୍କୁ ଚିକିତ୍ସା ସେବା ମିଳୁନାହିଁ। ଏପରି କି ଠିକ୍ ଭାବେ ପରୀକ୍ଷା କରାଯାଉନାହିଁ। ଫଳରେ ଆହତଙ୍କୁ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରୁଛୁ। ସେହିପରି ଅଭିଳାଷ କହିଛନ୍ତି, ଏସ୍‌ସିବି ମେଡିକାଲରେ ବହୁ ଅବ୍ୟବସ୍ଥା ରହିଛି। ଏଠାରେ ସିଟିସ୍କାନ କରିବାକୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ମୋ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସିଟିସ୍କାନ ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ହେଲେ ତାହା କରାଯାଇନାହିଁ।


ଚିକିତ୍ସା ଅବହେଳା ଅଭିଯୋଗରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।

ଅପରପକ୍ଷରେ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ମିଶ୍ର କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ମେଡିକାଲରେ ଆହତଙ୍କୁ କେବେ ଅବହେଳା କରାଯାଇନାହିଁ। ଏଠାରେ ଯେଉଁମାନଙ୍କ ସିଟିସ୍କାନ ଆବଶ୍ୟକ ପଡେ ତାଙ୍କର ସ୍କାନିଂ କରାଯାଇଥାଏ। ଅଭିଳାଷଙ୍କ ସିଟିସ୍କାନର ଆବଶ୍ୟକତା ନ ଥିବାରୁ ତାହା କରାଯାଇନାହିଁ। ମେଡିକାଲରେ ସମସ୍ତ ପ୍ରକାରର ଚିକିତ୍ସା ଆହତଙ୍କୁ ଯୋଗାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ପ୍ରଚାର ସାରି ଫେରୁଥିବାବେଳେ ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧାନକୁଟା ଛକ ନିକଟରେ ଅଭିଳାଷଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ ଅଭିଳାଷଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଭିଳାଷଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତିଙ୍କୁ ଆକ୍ରମଣ ଘଟଣା

**୫ ବିଜେଡି କର୍ମୀ ଗିରଫ**

ଚାନ୍ଦବାଲି,୩୧।୫ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା କରଞ୍ଜମାଳଠାରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଓ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ ଘଟଣାରେ ୫ ବିଜେଡି କର୍ମୀଙ୍କୁ ବାଂଶଡ଼ା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ଗିରଫ ହୋଇଥିବା ଆକ୍ରମଣକାରୀମାନେ ହେଲେ କରଞ୍ଜମାଳ ପଞ୍ଚାୟତର ମାଧବ ମଣ୍ଡଳ(୪୪), ଗୁନାଧର ପଣ୍ଡିତ(୬୨), ରବୀନ୍ଦ୍ର ମାଝୀ(୩୬), ଅରୁଣ ମାଝୀ(୩୫) ଓ ବିନ୍ଦୁସାଗର ଦାସ(୩୬)। ଭାଜପା ଯୁବମୋର୍ଚ୍ଚାର ସପନ ପଣ୍ଡିତଙ୍କ ଅଭିଯୋଗକ୍ରମେ ବାଂଶଡ଼ା ଥାନାରେ ଏକ ମାମଲା (ନଂ.୧୯୦/୨୪) ରୁଜୁ ହୋଇଛି। ଗିରଫ ୫ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ସୁଜିତ୍ ସିଂ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୁବମୋର୍ଚ୍ଚାର କର୍ମକର୍ତ୍ତା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ଧାମରା ଜୋନ୍ କରଞ୍ଜମାଳ ପଞ୍ଚାୟତର ଧାନକୁଟା ଗାଁରେ ପ୍ରଚାର କରୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ବିଜେଡି କର୍ମୀମାନେ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଭିଳାଷ ଓ ସୁଜିତ୍‌ଙ୍କ ମୁଣ୍ଡ ଫାଟିଥିବା ବେଳେ ସୁବ୍ରତ, ଜ୍ଞାନରଞ୍ଜନ ଆହତ ହୋଇଥିଲେ। ଏହି ଘଟଣା ପରେ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ରାସ୍ତାରୋକୋ କରିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ଖବରଦାତା ସମ୍ମିଳନୀରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ଜଣାଇଥିଲେ।

# ମିଶନ ଶକ୍ତି ଭବନରେ ଟଙ୍କା ବଣ୍ଟା ନେଇ କାର୍ଯ୍ୟାନୁଷ୍ଠାନ ଦାବିକଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୧।୫(ସୁନିତ୍ ମିଶ୍ର)

ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ଭୋଟ ପାଇଁ ଟଙ୍କା ବାଣ୍ଟିବା ପନ୍ଥା ବିଜେଡି ଆପଣାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟକରି ସେଥିରେ ଉଲ୍ଲେଖ କରିଛନ୍ତି, ଭୋଟରଙ୍କ ପାଖରେ ଟଙ୍କା ପହଞ୍ଚାଇବା ଲାଗି ସରକାରୀ କର୍ମଚାରୀମାନେ ସାମିଲ ହୋଇଥିବା ଖବର ଆସିଛି। ରେମୁଣା ବିଧାନସଭା କ୍ଷେତ୍ର ଅଧୀନରେ ଥିବା ସରକାରୀ ମିଶନ ଶକ୍ତି ଭବନରେ ଟଙ୍କା ବଣ୍ଟାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ନିଜକୁ ୧ ନମ୍ବର ମୁଖ୍ୟମନ୍ତ୍ରୀ ବୋଲାଉଥିବା ନେତା ଏଭଳି ଅଗଣତାନ୍ତ୍ରିକ ଏବଂ ବେଆଇନ ଭାବେ ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି। ମୁକ୍ତ ଓ ଅବାଧ ନିର୍ବାଚନ କଥାକୁ ବିଜେଡି ମଜାରେ ପରିଣତ କରିଦେଇଛି। ଭାରତ ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି।


ଧର୍ମେନ୍ଦ୍ର ପ୍ରଧାନ

# ମିଶନ ଶକ୍ତି ଅଫିସରୁ ଟଙ୍କା ଜବତ, ଜଣେ ମହିଳା ଅଟକ

ବାଲେଶ୍ୱର, ୩୧।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାର୍ଯ୍ୟାଳୟରେ ସଭାପତି ଓ ଉପସଭାପତି ଶୁକ୍ରବାର ସନ୍ଧ୍ୟାରେ ଟଙ୍କା ବାଣ୍ଟୁଥିବା ବେଳେ ଧରାପଡ଼ିଛନ୍ତି। ସ୍ଥାନୀୟ ଲୋକେ ଖବରପାଇ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କଠାରୁ ପ୍ୟାକେଟ୍‌ଗୁଡ଼ିକରେ ଭର୍ତ୍ତି ହୋଇଥିବା ପ୍ରାୟ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିସହିତ ଜଣେ ମିଶନ ଶକ୍ତି ପଦାଧିକାରୀ ମହିଳାଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି।



ରେମୁଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀଙ୍କୁ ଭୋଟ୍ ଦେବା ପାଇଁ ମିଶନ ଶକ୍ତିର ପଦାଧିକାରୀମାନେ ଶୁକ୍ରବାର ଅପରାହ୍ନରେ ବିଭିନ୍ନ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଡାକି ପ୍ୟାକେଟ୍‌ରେ ଭରି ପ୍ରାୟ ୫ରୁ ୬ହଜାର ଟଙ୍କା ଦେଉଥିଲେ ବୋଲି ଅଭିଯୋଗ ହୋଇଛି। କିଛି ମହିଳା ଟଙ୍କା ନେଇ ଗଲାପରେ ସ୍ଥାନୀୟ ଲୋକମାନେ ଏକଥା ଜାଣିପାରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଲୋକମାନେ ଏକଜୁଟ୍ ହୋଇ ବ୍ଲକ ଭିତରେ ପଶି ମିଶନ ଶକ୍ତି କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଘଟଣାସ୍ଥଳରେ ଟଙ୍କା ବାଣ୍ଟୁଥିବା ୨ ଜଣ ମିଶନ ଶକ୍ତିର ମହିଳା ପଦାଧିକାରୀଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ବେଳେ ଅନ୍ୟଜଣଙ୍କୁ ଅଟକ ରଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟଙ୍କା ପ୍ୟାକେଟ୍‌ଗୁଡ଼ିକୁ ଜବତ କରିବା ସହ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଜାରି ରଖିଛି।

# ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରି ଏକ ଷଡ଼ଯନ୍ତ୍ର : ପୀତାମ୍ବର

**ଗିରଫ ପଛରେ ଡି.ଏସ୍ କୁଟେ, ଆଶିଷଙ୍କ ହାତ**

ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରି ଏକ ଷଡ଼ଯନ୍ତ୍ର। ଜଗଦ୍ଦେବ ବର୍ତ୍ତମାନ ଚିଲିକାର ବିଧାୟକ ଅଛନ୍ତି। ଏହି ଗିରଫଦାରି ସମ୍ପୂର୍ଣ୍ଣଭାବେ ବେଆଇନ। ପୋଲିସ ତରବରିଆଭାବେ ଜଣେ ସିଟିଂ ଏମ୍‌ଏଲ୍‌ଏଙ୍କୁ ଅପରାଧୀଭାବେ ଗୋଡାଇ ଗାଡିରୁ ଓହ୍ଲାଇ ରାସ୍ତାରୁ ଗିରଫ କଲା। ଥାନାରେ ବସିବାକୁ ଦେଲେ ନାହିଁ। ତଳେ ବସାଇ ଦିଆଗଲା, ଖାଦ୍ୟ କି ପାଣି ମଧ୍ୟ ଦେଇ ନ ଥିଲେ। ରାତିଅଧିଆ ଜେଲ ପଠାଇବା ସମ୍ପୂର୍ଣ୍ଣଭାବେ ବେଆଇନ। ପ୍ରିଜାଇଡିଂ ଅଫିସରଙ୍କୁ ଉପରୁ ଚାପ ପକାଇ ମିଥ୍ୟା ଅଭିଯୋଗ କରିବାକୁ ବାଧ୍ୟ କରାଯାଇ ଏଭଳି ନାଟକ ରଚନା କରାଯାଇଛି। ରାତି ସାଢ଼େ ୧୨ଟାରେ ଜଜ୍‌ଙ୍କୁ ଉଠାଇ ଜଗଦ୍ଦେବଙ୍କୁ ହାଜର କରାଇ, ପକ୍ଷ ରଖିବାକୁ ସୁଯୋଗ ନ ଦେଇ ମିଛ ମାମଲାରେ ଫସାଇ ତାଙ୍କୁ ଜେଲ ପଠାଇଦେଲେ। ସିଆର୍‌ପିସି ପୋଲିସ ବିଧିବ୍ୟବସ୍ଥା ଅନୁସାରେ ଜଗଦ୍ଦେବଙ୍କୁ ସେକ୍ସନ ୪୧ରେ ଥାନାରୁ ଜାମିନ ଦିଆଯାଇପାରିଥାନ୍ତା। ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ। ତାଙ୍କ ଗିରଫକୁ ନେଇ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ଜଗଦ୍ଦେବଙ୍କ ଗିରଫଦାରିକୁ ଏକ ଚକ୍ରାନ୍ତ ବୋଲି ଜାମିନ ଆବେଦନ ଶୁଣାଣି ମାମଲାରେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଅତିରିକ୍ତ ଜିଲା ଦୌରାଜଜ୍-୨ଙ୍କ ନିକଟରେ ଯୁକ୍ତି ବାଢ଼ିବା ସହ କୋର୍ଟ ବାହାରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି।


ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ କୋର୍ଟ ପରିସରରୁ ବାହାରୁଛନ୍ତି।

ପୀତାମ୍ବର ଆହୁରି କହିଥିଲେ, ଘଟଣା ଦିନ ବରିଷ୍ଠ ଆଇପିଏସ୍ ଅଫିସର ଡି.ଏସ୍ କୁଟେ ଏବଂ ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ଏସ୍‌ଡିପିଓ ଦିଲୀପ ଦାସ, ଜଣେ ମହିଳା ଆଇଆଇସିଙ୍କ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଜଗଦ୍ଦେବଙ୍କୁ ମିଥ୍ୟା ମାମଲାରେ ଛନ୍ଦି ଜେଲ ପଠାଯିବ, ତାହାର ବ୍ୟବସ୍ଥା କରିଥିଲେ। ସେଥିଲାଗି ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡିଲା। ଜଗଦ୍ଦେବଙ୍କ ତଦନ୍ତକୁ ନିରପେକ୍ଷ ଭାବେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ବାଚନ ପ୍ରକ୍ରିୟାରେ ଅଯଥା ହସ୍ତକ୍ଷେପ ଲାଗି ମୁଖ୍ୟ ଚକ୍ରାନ୍ତକାରୀ ଆଇପିଏସ୍ ଅଧିକାରୀ ଡି.ଏସ୍ କୁଟେ ଏବଂ ଆଶିଷ ସିଂଙ୍କ ବିରୋଧରେ ଇସିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୁଟେଙ୍କୁ ନିଲମ୍ବିତ କରିଥିବା ବେଳେ ଆଶିଷ ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଇସିଆଇ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଶିଷ ଗତ ୪ତାରିଖରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ବିଜେଡି ପାଇଁ କାମ କରୁଥିଲେ। ତେବେ ଛୁଟିରେ ରହି ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଥିବା ନେଇ ଅଭିଯୋଗ ପରେ ଇସିଆଇ ପଦକ୍ଷେପ ନେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବିଜୁ ଜନତା ଦଳ ପରାଜୟ ଭୟରେ ରାଜ୍ୟରେ ବ୍ୟାପକ ହିଂସାକାଣ୍ଡ ଘଟାଇଛି। ଖଲ୍ଲିକୋଟ ଏବଂ ବରଗଡ଼ରେ ୨ ଭାଜପା କର୍ମୀଙ୍କୁ ହତ୍ୟା କରାଗଲା। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କ ମୁଣ୍ଡ ଫଟାଇ ଦେଲେ। ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଜୁନ୍ ୧୦ରେ ଭାଜପା ରାଜ୍ୟରେ ସରକାର ଗଢ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିସାରିଛନ୍ତି ବୋଲି ପୀତାମ୍ବର କହିଛନ୍ତି।

# କୋରାପୁଟ ଷ୍ଟ୍ରଙ୍ଗରୁମ୍ ଅସୁରକ୍ଷିତ, ଅଭିଯୋଗ ଆଣିଲେ ୨ କଂଗ୍ରେସ ବିଧାୟକ ପ୍ରାର୍ଥୀ

କୋରାପୁଟ,୩୧।୫(ଅମିତାଭ ବେହେରା)

ଆସନ୍ତା ୪ ତାରିଖରେ ହେବ ଭୋଟ ଗଣତି। ମାତ୍ର କୋରାପୁଟ ଲାଣ୍ଡିଗୁଡାଠାରେ ଥିବା ଷ୍ଟ୍ରଙ୍ଗରୁମରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସିସି କ୍ୟାମେରା ବନ୍ଦ ରହୁଥିବାରୁ ଷ୍ଟ୍ରଙ୍ଗ ରୁମ୍‌ର ସୁରକ୍ଷା ନେଇ ସନ୍ଦେହ ପ୍ରକାଶ କରି ଜିଲାର ଦୁଇଜଣ କଂଗ୍ରେସ ବିଧାୟକ ପ୍ରାର୍ଥୀ ଷ୍ଟ୍ରଙ୍ଗରୁମ୍ ଅସୁରକ୍ଷିତ ଥିବା ଅଭିଯୋଗ ଉଠାଇଛନ୍ତି। କଂଗ୍ରେସର ପଟ୍ଟାଙ୍ଗି ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡ଼ାମ ଓ କଂଗ୍ରେସର କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ଏହି ଅଭିଯୋଗ ଆଣିଛନ୍ତି। ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟକୁ ଷ୍ଟ୍ରଙ୍ଗରୁମ୍ କରାଯାଇ କୋରାପୁଟ, ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ୩ଟି ନିର୍ବାଚନମଣ୍ଡଳୀର ଇଭିଏମ ରଖାଯାଇଛି। ଏହାର ସୁରକ୍ଷା ନେଇ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ସିସି କ୍ୟାମେରା ମଧ୍ୟ ଲଗାଯାଇଛି। ଭୋଟ ଗଣତି ପାଇଁ ଆଉ ମାତ୍ର ୩ ଦିନ ରହିଥିବା ବେଳେ ଫଳାଫଳ ଜାଣିବା ପାଇଁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ତଦାରଖ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଗସ୍ତ କରି ଷ୍ଟ୍ରଙ୍ଗରୁମ ଅନୁଧ୍ୟାନ କରୁଛନ୍ତି। ସର୍ବସାଧାରଣ ଦେଖିବା ପାଇଁ ମଧ୍ୟ ସେଠାରେ ଏକ ଏଲଇଡି ଲାଗିଛି। ଏହା ସତ୍ତ୍ୱେ ଉପରୋକ୍ତ ୨ ବିଧାୟକ ପ୍ରାର୍ଥୀ ଷ୍ଟ୍ରଙ୍ଗରୁମ୍ ଦେଖିବାକୁ ଆସିଥିବା ବେଳେ ବିଦ୍ୟୁତ୍ ଚାଲିଯିବାରୁ ବାହାରେ ଲାଗିଥିବା ଏଲଇଡିରେ ସିସିଟିଭିର କୌଣସି ଚିତ୍ର ଆସୁ ନ ଥିବା ହେତୁ ଉଭୟେ ସନ୍ଦେହ ପ୍ରକାଶ କରିଛନ୍ତି। କୋରାପୁଟରେ ବାରମ୍ବାର ବିଦ୍ୟୁତ୍ କଟୁଛି। ଏହାର ସୁଯୋଗରେ ଯେମିତି କିଛି ନ ହୁଏ ସେଥିପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି। ସେହିଭଳି ଷ୍ଟ୍ରଙ୍ଗରୁମ୍‌ରେ ବିଛା ଯାଇଥିବା ବିଦ୍ୟୁତ୍ ତାର ଶର୍ଟ ସର୍କିଟ ଯୋଗୁ ଜଳିଯାଉଛି। ଏହାଦ୍ୱାରା ସିସି କ୍ୟାମେରା ଅଚଳ ହେବାର ଆଶଙ୍କା ମଧ୍ୟ ରହିଛି। ଷ୍ଟ୍ରଙ୍ଗରୁମ୍‌ରେ ବିଛା ଯାଇଥିବା ବିଦ୍ୟୁତ୍ ତାର ବଦଳାଇ ନୂଆ ତାର ବିଛାଇବା, ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ସହ ସିସି କ୍ୟାମେରା କାର୍ଯ୍ୟକ୍ଷମ ରଖିବାକୁ ଜିଲାପାଳ ଦୃଷ୍ଟି ଦେବାକୁ ଉଭୟ ନେତା ଦାବି କରିଛନ୍ତି।

# ବାଣ ବିସ୍ଫୋରଣ,ଅଂଶୁଘାତ ସମସ୍ୟା ରାଜ୍ୟ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ଦର୍ଶାଉଛି: ଭାଜପା

ଭୁବନେଶ୍ୱର, ୩୧।୫(ସୁନିତ୍ ମିଶ୍ର)

ଗତ ୨ ଦିନ ହେଲା ରାଜ୍ୟରେ ଦୁଇଟି ଅଭାବନୀୟ ଘଟଣା ଘଟିଛି। ପୁରୀରେ ବାଣ ବିସ୍ଫୋରଣଜନିତ ଏବଂ ପଶ୍ଚିମ ଓଡ଼ିଶାରେ ଅଂଶୁଘାତଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ଉଭୟ ଘଟଣାରେ ରାଜ୍ୟରେ ସ୍ୱାସ୍ଥ୍ୟସେବା କିଭଳି ଅବ୍ୟବସ୍ଥିତ ରହିଛି ତାହା ଜଣାପଡୁଛି ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି, ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ଯାତ୍ରା ସମୟରେ ବାଣ ଫୁଟିବା ଯୋଗୁ ଅଦ୍ୟାବଧି ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଦୁଃଖର ବିଷୟ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ଥିବାବେଳେ ବର୍ନ ୟୁନିଟ୍ ନ ଥିବାରୁ ଗୁରୁତରମାନଙ୍କୁ ଜରୁରିକାଳୀନ ଚିକିତ୍ସାସେବା ମିଳିପାରି ନ ଥିଲା। ଏବେ ସେମାନଙ୍କୁ କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୪୩ରେ ପହଞ୍ଚିଥିବାବେଳେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ଲୋକ ଚିକିତ୍ସିତ ହେଉଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ, ପାଣିପାଗ ବିଭାଗର ସତର୍କତା ସତ୍ତ୍ୱେ ଅଂଶୁଘାତଜନିତ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ସରକାର ସେଭଳି କୌଣସି ପଦକ୍ଷେପ ନେଲେନାହିଁ। ଚିକିତ୍ସାଳୟଗୁଡ଼ିକରେ ଏନେଇ ପର୍ଯ୍ୟାପ୍ତ ବ୍ୟବସ୍ଥା କଲେନାହିଁ। ଫଳସ୍ୱରୂପ ଅଂଶୁଘାତରେ ପୀଡିତଙ୍କୁ ତ୍ୱରିତ ଉନ୍ନତମାନର ଚିକିତ୍ସାସେବା ମିଳପାରିଲା ନାହିଁ। ଫଳରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛ ବୋଲି ସମୀର ଅଭିଯୋଗ କରିଛନ୍ତି। ଏଭଳି ଅସ୍ୱାଭାବିକ ମୃତ୍ୟୁ ପାଇଁ ଭାଜପା ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି ବୋଲି ସେ କହିଛନ୍ତି।


ସମୀର ମହାନ୍ତି

# ପ୍ରଚାର ଶେଷ ପରେ ପ୍ରାର୍ଥୀଙ୍କୁ ଅଟକାଇଲେ ଗ୍ରାମବାସୀ

**■ମଦ, ଟଙ୍କା ବାଣ୍ଟୁଥିବା ଅଭିଯୋଗ ଆଣିଲେ**

**■ବିରୋଧୀଙ୍କ ଷଡ଼ଯନ୍ତ୍ର: ରବୀନ୍ଦ୍ର ଅଣ୍ଡିଆ**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୩୧।୫

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀରେ ଭୋଟ ପୂର୍ବରୁ ଉତ୍ତେଜନା ସୃଷ୍ଟି ହୋଇଛି। ପ୍ରଚାର ଶେଷ ପରେ ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଟଙ୍କା ଓ ମଦ ବାଣ୍ଟୁଥିବା ଅଭିଯୋଗ ହୋଇଛି। ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତ ଲୋକମାନେ ବଡ଼କୋଦାଠାରେ ଗୁରୁବାର ରାତି ୯ଟାରେ ରବୀନ୍ଦ୍ରଙ୍କୁ ଅଟକ ରଖିଥିଲେ। ଖବରପାଇ ବାଲିଆପାଳ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ଅଣ୍ଡିଆ ଏହା ଶାସକ ଦଳର ଚକ୍ରାନ୍ତ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୫ଟାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ଦ୍ଧାରିତ ପ୍ରଚାର ସମୟ ଶେଷ ହୋଇଥିଲା। ଏହାପରେ ଭାଜପା ବିଧାୟକ ପ୍ରାର୍ଥୀ ଅଣ୍ଡିଆ କେତେଜଣ ସମର୍ଥକଙ୍କୁ ନେଇ ରତେଇ ପଞ୍ଚାୟତରେ ବୁଥ ଏଜେଣ୍ଟ ଫର୍ମ ଦେବା ପାଇଁ ଯାଇଥିଲେ। ଏଜେଣ୍ଟ ଫର୍ମ ଦେଇ ଘରକୁ ଫେରୁଥିବା ବେଳେ ଉକ୍ତ ପଞ୍ଚାୟତର ବଡ଼କୋଦାଠାରେ କିଛି ଯୁବକ ଅଣ୍ଡିଆଙ୍କ ଗାଡ଼ିକୁ ଅଟକାଇଥିଲେ। ପରେ ମଦ ଏବଂ ଟଙ୍କା ବାଣ୍ଟୁଥିବା ଅଭିଯୋଗ କରିଥିଲେ। ଏପରିକି କେତେଜଣ ଲୋକ ମଦ ବୋତଲ ଦେଖାଇ ମଦ ବୋତଲ ଓ ଟଙ୍କା ଦେଇ ଭୋଟ୍ ଦେବା ପାଇଁ ପ୍ରଲୋଭିତ କରୁଥିବା ଏକ ଭିଡିଓ ଜରିଆରେ ଜଣାଇଛନ୍ତି। ଏହାପରେ ସେଠାରେ ଲୋକଙ୍କ ଭିଡ ଜମିଯାଇଥିଲା। ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିଥିଲେ। ଘଟଣାସ୍ଥଳରେ ଅଣ୍ଡିଆଙ୍କ ସମର୍ଥକମାନେ ପହଞ୍ଚିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଣ୍ଡିଆଙ୍କ କାର୍‌କୁ ଯାଞ୍ଚ କରିଥିଲା। ପୋଲିସ କେବଳ ତାଙ୍କ ଗାଡ଼ିରୁ ଗୋଟିଏ ଦଳୀୟ ପତାକା ପାଇଥିବା ବେଳେ ଅନ୍ୟ କୌଣସି ଜିନିଷ ମଦ କିମ୍ବା ଟଙ୍କା ପାଇ ନ ଥିଲା। ପରେ ତାଙ୍କୁ ଛାଡ଼ି ଦେଇଥିଲା। କିନ୍ତୁ କିଛି ସମୟ ପରେ ତାଙ୍କୁ ଅଟକାଇ ଥାନାକୁ ଯିବା ପାଇଁ କହିଥିଲା। ତାଙ୍କ ସମର୍ଥକମାନେ କ'ଣ ପାଇଁ ଯିବେ ବୋଲି ପ୍ରଶ୍ନ କରିବାରୁ ପୋଲିସ ପୁଣି ତାଙ୍କୁ ଛାଡ଼ି ଦେଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ବାଲିଆପାଳ ପଞ୍ଚାୟତର କଟୁଆପଡ଼ା ଭାଜପା କାର୍ଯ୍ୟାଳୟରେ ଭାଜପା ପ୍ରାର୍ଥୀ ଅଣ୍ଡିଆ ଏକ ଖବରଦାତା ସମ୍ମିଳନୀ କରି ଶାସକ ଦଳ ଉପରେ ଦୋଷ ଲଦିଛନ୍ତି। ଲୋକପ୍ରିୟତାକୁ ଦେଖି ଶାସକ ଦଳ ଭୟରେ ତାଙ୍କୁ ବଦନାମ୍ କରିବା ପାଇଁ ଷଡଯନ୍ତ୍ର କରିଥିବା କହିଛନ୍ତି। ପୋଲିସ ପହଞ୍ଚି ଗାଡ଼ି ଯାଞ୍ଚ କରି କିଛି ପାଇ ନ ଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କୁ ଅଟକ ରଖିବା ଶାସନ କଳର ଅପବ୍ୟବହାର କରାଯାଉଥିବା ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ତଥା ଭାଜପା ନେତା ମାନସ ଦାସ, ଭାଜପା ନେତା ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଶାସକ ଦଳକୁ ସମାଲୋଚନା କରୁଛନ୍ତି।

ଏ ସମ୍ପର୍କରେ ବାଲିଆପାଳ ଥାନା ଆଇଆଇସି ସଦାନନ୍ଦ ନାୟକଙ୍କୁ ପଚାରିବାରୁ, ଅଣ୍ଡିଆଙ୍କ ଗାଡ଼ିରୁ ଟଙ୍କା କିମ୍ବା ମଦ ଜବତ ହୋଇନାହିଁ କିମ୍ବା କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଛନ୍ତି।

# ଅସୁରକ୍ଷିତ ଗୁଣ୍ଡିଚା ମନ୍ଦିର

**ସୋନପୁର,୩୧।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ସବୁଠୁ ଉଚ୍ଚ ଓ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ହେଉଛି ଗୁଣ୍ଡିଚା ମନ୍ଦିର। ଏହି ମନ୍ଦିର ଉପରେ ଏବେ ବର ଓ ଅଶ୍ୱତଥ ଗଛ ଭର୍ତ୍ତି ହୋଇଗଲାଣି। ଗଛ ଗୁଡିକ ବଢି କ୍ରମେ ୪ ରୁ ୫ ଫୁଟ ହେଲାଣି। ଗଛର ଚେର ମନ୍ଦିର ଭିତରେ ପ୍ରବେଶ କରି ଫାଟ ସୃଷ୍ଟି କରୁଛି। ବର୍ଷା ହେଲେ ଗଛର ଚେର ବାଟେ ପାଣି ଝରୁଛି। ଏହା ମନ୍ଦିରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ମନ୍ଦିରର ମରାମତି ଓ ଗଛ ସଫା ପାଇଁ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ରଥଯାତ୍ରା ସମୟରେ ତିନି ଠାକୁର ଏହି ମନ୍ଦିରରେ ବିଜେ ହୁଅନ୍ତି। ବେଶ ସମୟରେ ମନ୍ଦିରରେ ପ୍ରବଳ ଗହଳି ଲାଗେ। ମାତ୍ର ରଥଯାତ୍ରା ସମୟରେ ମନ୍ଦିର ଚୁଳରେ ଥିବା ଗଛ ସଫା ହେଲାନି କି ରଙ୍ଗ ଦିଆଗଲାନି। ସହରବାସୀ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ମନ୍ଦିରର ମରାମତି ପାଇଁ ଅନୁଦାନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ତତ୍କାଳୀନ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ସୁବର୍ଣ୍ଣପୁର ଗସ୍ତ ସମୟରେ ଅଞ୍ଚଳବାସୀ ଲିଖିତ ଭାବେ ଅନୁରୋଧ କରିଥିଲେ।


ସୋନପୁର ଗୁଣ୍ଡିଚା ମନ୍ଦିରରେ ଗଛ ଲତା ବଢି ବଡ ହେଲାଣି।

ପରେ ୫ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ତେବେ ମନ୍ଦିର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଇନି। ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହରରେ

## ଗଛ ଭର୍ତ୍ତି, ସଫା ପାଇଁ ଉଦ୍ୟମ ହେଉନି

୧୦୮ଟି ଦେବାଦେବୀଙ୍କ ମନ୍ଦିର ରହିଛି। ଏହି ସହରକୁ ଦେଶର ଦ୍ୱିତୀୟ ବାରଣାସୀ ବୋଲି କୁହାଯାଏ। ଏଠାରେ ବହୁ ପ୍ରାଚୀନ ତଥା ଐତିହାସିକ ପୀଠ ରହିଛି। ତେବେ ଏହି ପୁରାତନ ମନ୍ଦିରଗୁଡିକର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉନି। ଗୁଣ୍ଡିଚା ମନ୍ଦିର ଓ ଚତୁଃପାର୍ଶ୍ୱ କାନ୍ଥରେ ବହୁ ଗଛ ଉଠିଲାଣି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ସେଗୁଡିକୁ ସଫା କରାଯାଉନି। ସହରର ବଡବଜାର ଠାରେ ଥିବା ଏହି ମନ୍ଦିରକୁ ରାଣୀ ଗୁଣ୍ଡିଚା ଦେବୀ ୧୮୩୭ ମସିହାରେ ନିର୍ମାଣ କରିଥିଲେ। ମନ୍ଦିରରେ ନୃସିଂହ ଭଗବାନ ପୂଜା ପାଆନ୍ତି। ମନ୍ଦିରର ନାଟ ମଣ୍ଡପରେ କଲିକତାରୁ ଅଣାଯାଇଥିବା ଲୁହା ପିଲାର ଲାଗିଛି। ମନ୍ଦିରଟି ଖୁବ୍ ଉନ୍ନତ ମାନର ଓ କାରୁକାର୍ଯ୍ୟ ପୂର୍ଣ୍ଣ ଭାବେ ନିର୍ମିତ ହୋଇଛି। ସମସ୍ତ ପୂଜା ପାର୍ବଣରେ ଏହି ମନ୍ଦିର ପ୍ରମୁଖ ଭୂମିକା ନିଭାଇ ଥାଏ। କିନ୍ତୁ ପ୍ରଶାସନ ପକ୍ଷରୁ ମନ୍ଦିରକୁ ଅଣଦେଖା କରା ଯାଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ରଥଯାତ୍ରା ପୂର୍ବରୁ ମନ୍ଦିରରୁ ଗଛ ଲତା ସଫା କରାଯିବା ସହ ମରାମତି କରାଯିବାକୁ ଦାବି ହେଉଛି।

# ଉଫୁଲାରେ ପାନୀୟଜଳ ଯୋଗାଣ ପାଇଁ ତ୍ରିପାକ୍ଷିକ ଆଲୋଚନା


ଉଫୁଲାରେ ପାନୀୟଜଳ ଯୋଗାଣ ପାଇଁ ଆଲୋଚନାରେ ଉପସ୍ଥିତ ସଦସ୍ୟ।

**ଅମରପାଲି,୩୧।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ସହିତ ପଞ୍ଚାୟତ ଓ ଆରଡବ୍ଲ୍ୟୁଏସ୍ଏସ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଏହି ପାନୀୟ ଜଳ ସମସ୍ୟାର କିପରି ଶୀଘ୍ର ସମାଧାନ ହେବ ସେନେଇ ନିଷ୍ପତ୍ତି ହୋଇଛି। ସୂଚନାମତେ ଉଫୁଲା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ ଗ୍ରାମର ଶତାଧିକ ମହିଳା। ପରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କ ତତ୍ତ୍ୱାବଧାନରେ ଗ୍ରାମର ମହିଳା ଏବଂ ପ୍ରଶାସନିକ ସ୍ତରରେ ଆଲୋଚନା ହୋଇଥିବାବେଳେ ଗ୍ରାମରେ କିଛି ଲୋକ ଘରମାନଙ୍କୁ ଲାଗିଥିବା ପାନୀୟ ଜଳ ସଂଯୋଗର ଅପବ୍ୟବହାର କରି ବିଦ୍ୟୁତ୍ ମୋଟର ଦ୍ୱାରା ଜଳକୁ ଟାଣି ନେଉଥିବା ଫଳରେ ବହୁ ଲୋକ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ପ୍ରଶାସନ ଘରମାନଙ୍କରେ ଲଗାଯାଇଥିବା ବିଦ୍ୟୁତ୍ ମୋଟର ସଂଯୋଗକୁ ବନ୍ଦ କରି କିଛି ସ୍ଥାୟୀ ସମାଧାନ କଲେ ସମସ୍ୟା ଦୂର ହେବ ବୋଲି କହିବା ସହିତ ପ୍ରକଳ୍ପରୁ ଅଧିକ ସମୟ ଜଳଯୋଗାଣ ହେଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିବ ବୋଲି ମହିଳାମାନେ ମତ ରଖିଥିଲେ। ନୂତନ ଭାବେ ନିର୍ମିତ ହେଉଥିବା ଭୂତଳ କୂପ ଖନନ କରି ଜଳ ଯୋଗାଣ କରିବାକୁ ପ୍ରଶାସନ ଧ୍ୟାନ ଦେବାକୁ ଦାବି କରିଥିଲେ। ବୈଠକରେ ଉଫୁଲା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରଂଜନ ପଟେଲ, କନିଷ୍ଠ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼, ଏସସିଏମ ଲକ୍ଷ୍ମଣ ସାଥୁଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୀମା କମ୍ପାନୀ ବିରୋଧରେ ଅସନ୍ତୋଷ

**ବରଗଡ଼/ସରଣ୍ଡା,୩୧।୫
(ପ୍ରେମାନନ୍ଦ ଖମାରୀ/ ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଜିଲା ଦାୟିତ୍ୱରେ ରହିଥିବା ରିଲାଏନ୍ସ ବୀମା କମ୍ପାନୀର ସ୍ୱେଚ୍ଛାଚାରୀତା ଯୋଗୁ ଜିଲାର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମ୍ପୃକ୍ତ ବୀମା କମ୍ପାନୀ ବିରୋଧରେ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରାର ଏକ ପ୍ରତିନିଧି ଦଳ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ଫେରାଦ ହୋଇଛନ୍ତି। ମିଗଜୋମରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୀ ବୀମା ସହାୟତା ପ୍ରଦାନ ସହିତ ଜିଲା ଦାୟିତ୍ୱରେ ରହିଥିବା ସମ୍ପୃକ୍ତ ବୀମା କମ୍ପାନୀକୁ ଜିଲାରୁ ହଟାଯିବା ଦାବିରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କୃଷକ ସଂଗଠନର ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

**ରିଷିଡା,୩୧।୫ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଅଞ୍ଚଳରେ ଅସହ୍ୟ ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳୁ ୮ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଜରୁରୀ କାମ ନ ଥିଲେ ଲୋକେ ଘରୁ ବାହାରୁନାହାନ୍ତି। କର୍ଲାମୁଣ୍ଡା ବ୍ଲକର ରିଷିଡା, ରିଞ୍ଜା, ଯୋରାଡ୍ରବରା, ରେଗେଡା, ତେରେସିହା, ଗଜବାହଳ ଆଦି ଅଞ୍ଚଳରେ ବେଶି ଗ୍ରୀଷ୍ମତାତି ଅନୁଭୂତ ହେଉଛି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ଯାଏ ଝାଞ୍ଜି ପବନ ବହୁଥିବାରୁ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏଭଳି ସମୟରେ ବାରମ୍ବାର ବିଜୁଳି କାଟ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି। ଗ୍ରୀଷ୍ମ ଲହର କାରଣରୁ ଉଠାଦୋକାନୀ ଓ ପରିବା ବିକାଳି ହୀନସ୍ତାରେ କାଳ କାଟୁଛନ୍ତି। ଦିନ ୧୦ଟା ପରେ ଦୋକାନ ଖୋଲାରହୁଥିଲେ ମଧ୍ୟ ଗ୍ରାହକଙ୍କ ଦେଖା



ବ୍ଲକ୍ ମୁଖ୍ୟାଳୟ ରାସ୍ତା ଶୂନ୍‌ଶାନ୍ ହୋଇପଡିଛି।

ମିଳୁନାହିଁ। କିଛିଦିନ ହେବ ଏଠାରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଛି। ଲୋକଙ୍କ ଅବସ୍ଥାଠାରୁ ବଳିଯାଉଛି ଗୃହପାଳିତ ପ୍ରାଣୀଙ୍କ ଜୀବନ। ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନ ଥିବାରୁ ଲୋକେ ବଜାରରୁ ପାଣିବୋତଲ କିଣି ତୃଷା ମେଣ୍ଟାଉଛନ୍ତି। ଏଭଳି ଯନ୍ତ୍ରଣାରୁ ତ୍ରାହି ମିଳିବା ଆଶାରେ ବର୍ଷାକୁ ଚାହିଁରହିଛନ୍ତି ଲୋକେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଉତିଷ୍ଠତ କାର୍ଯ୍ୟକ୍ରମ

## ଚନ୍ଦ୍ରମଣି ରଙ୍ଗମଞ୍ଚ ଓ ମ. ରାମପୁର ସାରସ୍ୱତ ଜଗତ ସମ୍ପର୍କରେ ଆଲୋଚନା

**ଭବାନୀପାଟଣା,୩୧।୫
(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେରଣାଦାୟୀ ବକ୍ତୃତାମାଳା ଉତିଷ୍ଠତ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଚନ୍ଦ୍ରମଣି ରଙ୍ଗମଞ୍ଚ ଓ ମ. ରାମପୁରର ସାରସ୍ୱତ ଜଗତ' ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଲିପ୍ସା ମହାରଣା ସଙ୍ଗୀତ ପରିବେଷଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଔପନ୍ୟାସିକ ଡିଲେଶ୍ୱର ରଣା ସଞ୍ଚାଳନ କରିଥିଲେ। କବି ହେମନ୍ତ ସାହୁ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କବି ପଦ୍ମଲୋଚନ ମିଶ୍ର ଆଲୋଚ୍ୟ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ପୀତାମ୍ବର ଭୋଇ, ଆବାହକ ମେଜର ଡ. ଜୟଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ନେହା ରଥ ଧନ୍ୟବାଦ ଦେଇଥିଲେ। ଏଥିରେ କଳାହାଣ୍ଡିର ବୁଦ୍ଧିଜୀବୀ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ସରଣ୍ଡା,୩୧।୫(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ପଲସାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଶଶି ଭୋଇଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ରୂପେ ବୁଗବୁଗା କେନ୍ଦ୍ରର ପୂର୍ବତନ କେନ୍ଦ୍ର ପଣ୍ଡିତ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ରୂପେ ପୂର୍ବତନ ଶିକ୍ଷକ ପଞ୍ଚାନନ ସାହୁ, ସିଆରସିସି ନନ୍ଦିଘୋଷ ଭୁଏ ଯୋଗଦାନ କରିଥିଲେ। ମଞ୍ଚାସୀନ ଥିଲେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ କ୍ଷେତ୍ରମୋହନ ମେହେର, ଶିକ୍ଷାବିତ୍ ସୁରେନ୍ଦ୍ର ଯୁବରାଜ ପ୍ରଧାନ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗରିଆଟିକ୍ରା ପ୍ରଧାନ ଶିକ୍ଷକ ସନ୍ତୋଷ କର ସଭା ପରିଚାଳନା କରିଥିଲେ। ସଭାରେ ବୁଗବୁଗା କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକଙ୍କୁ ଫୁଲମାଳ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ବିଦାୟୀ ଶିକ୍ଷକଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରିବା ସହ ତାଙ୍କ ଗ୍ରାମ ବାଞ୍ଜିପାଲିକୁ ଶୋଭାଯାତ୍ରା କରି ବିଦାୟ ଦେଇଥିଲେ।

# ଭିଡିଓ ବାର୍ତ୍ତାରେ ଜିଲାପାଳଙ୍କ ସତର୍କତା

**ନୂଆପଡ଼ା,୩୧।୫ (ମକାରୁ ବେମାଲ)**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର ସବୁ ଜିଲାକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ନୂଆପଡ଼ା ଜିଲାପାଳ ହେମକାନ୍ତ ସାୟ ଶୁକ୍ରବାର ନିଜ କାର୍ଯ୍ୟାଳୟରୁ ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଜିଲାବାସୀଙ୍କୁ ସତର୍କ କରିଛନ୍ତି। ଏହି ବାର୍ତ୍ତା ଦେଇ ସେ କହିଛନ୍ତି, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରବଳ ଗ୍ରୀଷ୍ମତାତି ଜାରି ରହିଥିବାରୁ ଲୋକେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କାମଧନ୍ଦା ବନ୍ଦ ରଖିବା


ଜିଲାପାଳ ସୂଚନା ଦେଉଛନ୍ତି।

ଜରୁରୀ। ବୟସ୍କ ଓ ଛୋଟ ପିଲାଙ୍କୁ ଧରି ଘରୁ ନ ବାହାରିବାକୁ କହିବା ସହ କେହି ଅସୁସ୍ଥ ଅନୁଭବ କଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପରାମର୍ଶ ଦେଇଛନ୍ତି। ଜିଲାର ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ସବୁ ଅଙ୍ଗନୱାଡି, ଆଶା କର୍ମୀମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ଉପଲବ୍ଧ କରାଯାଇଛି। ବିଶେଷ କରି ଶ୍ରମିକ ଓ ଚାଷୀମାନେ ଦିନ ୧୧ଟା ପରେ କାମକୁ ନ ଯିବା ପାଇଁ କୁହାଯାଇଛି। ଏଥିରେ ଜନସାଧାରଣ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

# ଅବସର ନେଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ

**ସରଣ୍ଡା,୩୧।୫(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ବିଦାୟୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପତ୍ନୀ ମଞ୍ଚାସୀନଥିଲେ। ସିଆରସିସି ନନ୍ଦିଘୋଷ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆରସିସି ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବ୍ଲକର ସମସ୍ତ ସିଆରସିସି ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦାୟୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଉପଢ଼ୌକନ, ମାନପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା। ଏଥିରେ ନୃପ ଭୋଇ, ବଳରାମ ନାଗ, ଧରମ ନାଏକ, କୃତାର୍ଥ ଚନ୍ଦ୍ର ଭୁଏ, ଋଷୁଭ ପଣ୍ଡା, କେଶବ ଛନ୍ଦ, କିଚକ ସୁନା, ଭକ୍ତ କଂହେଇ, ଅମ୍ରି ସାହୁ, ଆନନ୍ଦ ବେହେରା ଓ ଝସକେତନ ବିଶାଳ ସହଯୋଗ କରିଥିଲେ।



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଖୁଣ୍ଟୁଲାପାଲି, ଉଲୁଣ୍ଡା ବିଜୟୀ

## ୧୪ ତମ କୋଟସମଲାଇ ପ୍ରିମିଅର ଲିଗ୍ କ୍ରିକେଟ

**ଅମରପାଲି,୩୧।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମର ଖେଳ ପଡିଆରେ ହେଉଥିବା ୧୪ତମ କୋଟସମଲାଇ ପ୍ରିମିଅର ଲିଗ କ୍ରିକେଟର ଶୁକ୍ରବାର ଷଷ୍ଠ ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ପାତ୍ରପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିବାବେଳେ ଏଥିରେ ଖୁଣ୍ଟୁଲାପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବାଘପାଲି ଓ ଉଲୁଣ୍ଡା ମଧ୍ୟରେ ହୋଇଥିବାବେଳେ ଏଥିରେ ଉଲୁଣ୍ଡା ବିଜୟୀ ହୋଇଥିଲା। ଶୁକ୍ରବାର ପ୍ରଥମ ମ୍ୟାଚରେ ପାତ୍ରପାଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଏଥିରେ ପାତ୍ରପାଲି ନିର୍ଦ୍ଧାରିତ ୧୦ଓଭରରେ ୯


ବିଜୟୀ ଉଲୁଣ୍ଡା ଦଳର ଖେଳାଳି।

ଉଇକେଟ ହରାଇ ୮୪ ରନ କରିଥିଲା। ଜବାବରେ ଖୁଣ୍ଟୁଲାପାଲି ଦଳ ଆବଶ୍ୟକୀୟ ୮୫ ରନକୁ ୮.୪ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ବାଘପାଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୬୭ ରନ କରିଥିଲା। ଉଲୁଣ୍ଡା ଦଳ ୭.୨ ଓଭରରେ ୩ ଉଇକେଟ ହରାଇ ୬୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚରେ ଶେଷଦେବ ବାରିକ ଓ ଶଙ୍କର ପାତ୍ର ଅମ୍ପାୟାର, ବିଦ୍ୟା ସେଠୀ ସ୍କୋରିଂ ଏବଂ ନିତ୍ୟାନନ୍ଦ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ରମ୍ପ୍ ଦୋଷୀ

ନ୍ୟୁୟର୍କ,୩୧।୫

ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ଯୌନ ସମ୍ପର୍କ ରଖିବା ପରେ ମୁହଁ ବନ୍ଦ ପାଇଁ ତାଙ୍କୁ ଅର୍ଥ ପ୍ରଦାନ ସମ୍ପର୍କିତ ରେକର୍ଡ ଜାଲିଆତି ମାମଲାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆପରାଧିକ ମାମଲାରେ ଆମେରିକାର କୌଣସି ରାଷ୍ଟ୍ରପତି ଦୋଷୀ ସାବ୍ୟସ୍ତ ହେବାରେ ଏହା ହେଉଛି ପ୍ରଥମ ଘଟଣା।

ନ୍ୟୁୟର୍କ ମାନହାଟ୍ଟାନ୍ କୋର୍ଟର ୧୨ ବିଚାରପତି ୨ ଦିନର ମାରାଥନ୍ ଶୁଣାଣି ପରେ ରିପବ୍ଲିକାନ୍ ଟ୍ରମ୍ପ୍‌ଙ୍କୁ ୩୪ଟି ଅଭିଯୋଗରେ ଦୋଷୀ ଘୋଷଣା କରିଛନ୍ତି। ଜୁଲାଇ ୧୧ରେ ଜଷ୍ଟିସ୍ ଜୁଆନ୍ ମର୍ଚାନ୍ ଟ୍ରମ୍ପ୍‌ଙ୍କୁ ଦଣ୍ଡାଦେଶ ଶୁଣାଇବେ। ବ୍ୟବସାୟିକ ଦସ୍ତାବିଜ ଜାଲିଆତି ଅପରାଧରେ ସର୍ବାଧିକ ୪ ବର୍ଷ ଜେଲ ଦଣ୍ଡବିଧାନ ରହିଛି। ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ରିପବ୍ଲିକାନ୍ ପାର୍ଟି ୭୭ ବର୍ଷୀୟ ଟ୍ରମ୍ପ୍‌ଙ୍କୁ ଆନୁଷ୍ଠାନିକ ଭାବେ ଦଳୀୟ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ଏହି ଦଣ୍ଡାଦେଶ ତାଙ୍କ ପାଇଁ ଅଡୁଆ ସାଜିପାରେ ବୋଲି କୁହାଯାଉଛି। ଏହାସତ୍ତ୍ୱେ ଆମେରିକାର ଆଇନ ଅନୁସାରେ ଟ୍ରମ୍ପ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଡେମୋକ୍ରାଟିକ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ହ୍ୱାଇଟ୍‌ହାଉସ୍ ଦୌଡ଼ରେ ହରାଇବା ପାଇଁ ଟ୍ରମ୍ପ୍ ଯଥାସାଧ୍ୟ ଉଦ୍ୟମ କରିବେ। ଅଦାଲତୀ ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ଟ୍ରମ୍ପ୍‌ଙ୍କ ହାତରେ ୧ ମାସ ସମୟ ରହିଛି। ଟ୍ରମ୍ପ୍ ଯଥାଶୀଘ୍ର ସମ୍ଭବ ଏହା ବିରୋଧରେ ଅପିଲ କରିବେ ବୋଲି ତାଙ୍କର ଜଣେ ଓକିଲ ସୂଚନା ଦେଇଛନ୍ତି। ଖବରଦାତାମାନଙ୍କୁ ଟ୍ରମ୍ପ୍ କହିଛନ୍ତି, ଏହି ରାୟକୁ ନେଇ ସେ ମର୍ମାହତ। ସେ ନିର୍ଦ୍ଦୋଷ। ତାଙ୍କ ବିରୋଧରେ ଆଗତ ଅଭିଯୋଗର ନିରପେକ୍ଷ ବିଚାର କରାଯାଇନାହିଁ। ପ୍ରକୃତ ରାୟ ନଭେମ୍ବର ୫ରେ ଆସିବ, ଯାହାକୁ ଆମେରିକୀୟ ଭୋଟର ଶୁଣାଇବେ।



## ଷ୍ଟର୍ମି ଡାନିଏଲ୍ସ କିଏ



୨୦୦୬ରେ ଆଡଲ୍ଟ ଅଭିନେତ୍ରୀ ଷ୍ଟର୍ମି ଡାନିଏଲ୍ସଙ୍କ ସହ ଡୋନାଲ୍ଡ ଟ୍ରମ୍ପ୍ ଶାରୀରିକ ସମ୍ପର୍କ ରଖିଥିଲେ। ଏହାର ପ୍ରାୟ ଦୁଇ ଦଶନ୍ଧି ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିରୋଧରେ ଡାନିଏଲ୍ସ କୋର୍ଟରେ ନିଜ ବୟାନ ରେକର୍ଡ କରାଇଛନ୍ତି। ୪୫ ବର୍ଷୀୟା ପର୍ନ ଷ୍ଟାର୍ ଡାନିଏଲ୍ସଙ୍କ ବାସ୍ତବ ନାମ ହେଉଛି ଷ୍ଟିଫାଇନ୍ କ୍ଲିଫ୍‌ଫୋର୍ଡ। ଡାନିଏଲ୍ସ କହିଛନ୍ତି, ଟ୍ରମ୍ପ୍ ମେଲାନିଆଙ୍କୁ ବିବାହ କରିବାର କିଛି ଦିନ ପର ଘଟଣା। ସେତେବେଳେ ତାଙ୍କୁ ୧୭ ବର୍ଷ ହେଉଥିଲା। ସେ ସ୍ୱାବଲମ୍ବୀ ହେବା ପାଇଁ ଡ୍ୟାନ୍ସ କରୁଥିଲେ। ଏକ ଗଲ୍ଫ ଟୁର୍ନାମେଣ୍ଟରେ ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ୍ ହୋଇଥିଲା। ସେ ତାଙ୍କୁ ନେଭେଡାର ଲେକ୍ ତାହୋଏସ୍ଥିତ ଏକ ହୋଟେଲକୁ ଡିନର ପାଇଁ ଡାକି ଯୌନ ସମ୍ବନ୍ଧ ରଖିଥିଲେ। ଏନେଇ ସେ ୨୦୧୬ରେ ମୁହଁ ଖୋଲିବାକୁ ଯାଉଥିଲେ। କିନ୍ତୁ ସେତେବେଳେ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ଡାନିଏଲ୍ସଙ୍କ ମୁହଁ ବନ୍ଦ କରିବା ପାଇଁ ୧୩୦,୦୦୦ ଡଲାର ଦେଇଥିଲେ। ଡାନିଏଲ୍ସଙ୍କୁ ଟ୍ରମ୍ପ୍ ବ୍ୟବସାୟିକ ଲାଭରୁ ନିଜ ଓକିଲ ମିଖାଏଲ୍ କୋହେନ୍‌ଙ୍କ ଜରିଆରେ ଏହି ଅର୍ଥ ପ୍ରଦାନ କରିଥିଲେ। ତେବେ ଉକ୍ତ ଅର୍ଥ ପ୍ରଦାନ ପାଇଁ ଟ୍ରମ୍ପ୍ ନିଜ ବିଜ୍‌ନେସ୍ ରେକର୍ଡରେ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ତେବେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି।

## ବନ୍ଦ ବିମାନରେ ୮ ଘଣ୍ଟା ଯାତ୍ରୀ

ନୂଆଦିଲ୍ଲୀ, ୩୧।୫

ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗୁରୁବାର ଅପରାହ୍ନ ୩ଟାରେ ୩୦ରେ ଏୟାର ଇଣ୍ଡିଆର ଏଆଇ-୧୮୩ ବିମାନ ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ଅଭିମୁଖେ ଉଡ଼ାଣ ଭରିବାର ଥିଲା। ତେବେ ଏହି ବିମାନ ପ୍ରାୟ ୨୦ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉଡ଼ାଣ ଭରିଛି। ଏଥିମଧ୍ୟରେ ଉକ୍ତ ବିମାନରେ ଦୀର୍ଘ ୮ ଘଣ୍ଟା ଧରି ଯାତ୍ରୀଙ୍କୁ ବିନା ଏୟାର କଣ୍ଡିଶନର(ଏସି)ରେ ଅପେକ୍ଷା କରିବାକୁ କୁହାଯାଇଥିଲା, ଫଳରେ ଅତ୍ୟଧିକ ଉତ୍ତାପ ହେତୁ କେତେଜଣ ଯାତ୍ରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ସମସ୍ତ ଯାତ୍ରୀଙ୍କୁ ବିମାନ ମଧ୍ୟରୁ ବାହାରିବାକୁ କୁହାଯାଇଥିଲା। ବିମାନ ମଧ୍ୟରେ ଥିବା ଶ୍ୱେତା ପୁଞ୍ଜ ନାମ୍ନୀ ଜଣେ ମହିଳା ନିଜ ଏକ୍ସ'ରେ ଘଟଣା ସମ୍ପର୍କରେ ସୂଚନା ଦେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ବିମାନ ବିଳମ୍ବ ହେବାର କାରଣ ବର୍ତ୍ତମାନ ସୁଦ୍ଧା ଏୟାର ଇଣ୍ଡିଆ ସ୍ପଷ୍ଟ କରିନାହିଁ। ସମ୍ପୂର୍ଣ୍ଣ ଘଟଣାକୁ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରି ତଦନ୍ତ ନିର୍ଦ୍ଦେଶ ଦେଇଛି।

## ୬ ଯାଏ ଏସ୍‌ଆଇଟି ହାଜତରେ ପ୍ରଜ୍ୱଳ

ବେଙ୍ଗାଲୁରୁ,୩୧।୫

### ଜର୍ମାନୀରୁ ଫେରିବା ପରେ ଗିରଫ

ଯୌନ ବ୍ୟଭିଚାର ଅଭିଯୁକ୍ତ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ନିଲମ୍ବିତ ଏମ୍‌ପି ପ୍ରଜ୍ୱଳ ରେଭନ୍ନା ଗୁରୁବାର ରାତିରେ ଜର୍ମାନୀର ମ୍ୟୁନିକ୍ ସହରରୁ ବେଙ୍ଗାଲୁରୁକୁ ଫେରିଛନ୍ତି। ୩୩ ବର୍ଷୀୟ ହାସନ୍ ଏମ୍‌ପି ପ୍ରଜ୍ୱଳଙ୍କୁ ଶୁକ୍ରବାର କର୍ଣ୍ଣାଟକ ପୋଲିସ ଗିରଫ କରିଛି। ଏହି ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ତାଙ୍କୁ ମାରାଥନ୍ ଜେରା କରିଛି। ବେଙ୍ଗାଲୁରୁ କୋର୍ଟ ପ୍ରଜ୍ୱଳଙ୍କୁ ଜୁନ୍ ୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଦେଇଛନ୍ତି। ପ୍ରଜ୍ୱଳଙ୍କ ଓକିଲ ତାଙ୍କୁ ପ୍ରତ୍ୟହ ପୂର୍ବାହ୍ନ ୯ଟା ୩୦ରୁ ୧୦ଟା ୩୦ ମଧ୍ୟରେ ସାକ୍ଷାତ୍ କରିପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି।

ପ୍ରଜ୍ୱଳଙ୍କୁ ୧୫ ଦିନିଆ ରିମାଣ୍ଡରେ ନେବା ଲାଗି ଜନ ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅନୁମତି ମାଗିଥିଲା। କିନ୍ତୁ କୋର୍ଟ ଜୁନ୍ ୬ ପର୍ଯ୍ୟନ୍ତ ରିମାଣ୍ଡ ଅନୁମତି ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳଙ୍କ ବିରୋଧରେ ୩ଟି ଯୌନ ଉତ୍ପୀଡ଼ନ ମାମଲା ରହିଥିବାବେଳେ ତାଙ୍କ ମା' ଭବାନୀ ରେଭନ୍ନାଙ୍କ ନାମରେ ଅପହରଣ ମାମଲା ରହିଛି। ଅନେକ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗ ଆସିବା ପରେ ମାସକ ପୂର୍ବେ ପ୍ରଜ୍ୱଳ ଦେଶ ଛାଡ଼ି ଜର୍ମାନୀ ଚାଲିଯାଇଥିଲେ।



## ଭିସ୍ତାରା ଫ୍ଲାଇଟକୁ ବୋମା ଧମକ

ନୂଆଦିଲ୍ଲୀ, ୩୧।୫

ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଏକ ଭିସ୍ତାରା ଫ୍ଲାଇଟ 'ୟୁକେ୬୧୧'କୁ ଶୁକ୍ରବାର ବୋମା ଧମକ ମିଳିଛି। ଏହି ବିମାନରେ ୧୭୭ ଜଣ ଯାତ୍ରୀ ଯାଉଥିଲେ। ଶ୍ରୀନଗରର ଏୟାର ଟ୍ରାଫିକ କଣ୍ଟ୍ରୋଲ(ଏଟିସି)କୁ ଧମକ ମିଳିବା ପରେ ଶ୍ରୀନଗର ବିମାନବନ୍ଦରରେ ଉକ୍ତ ବିମାନଟି ଅବତରଣ କରିଥିଲା। ବିମାନ ମଧ୍ୟରୁ ସମସ୍ତ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍‌କୁ ଯାଞ୍ଚ କରିବା ସତ୍ତ୍ୱେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଧମକ ଏକ ଗୁଜବ। ଘଟଣାର ତଦନ୍ତ ଚାଲିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ବଳାତ୍କାର ପୀଡ଼ିତାଙ୍କୁ ଖଣ୍ଡା ଧରି ଅପହରଣ ଉଦ୍ୟମ

ଅଶୋକନଗର, ୩୧।୫

ମଧ୍ୟପ୍ରଦେଶର ଅଶୋକନଗର ଜିଲା କୋତ୍‌ୱାଲି ଥାନା ଅଞ୍ଚଳରେ କାଲୁ ଓରଫ ସଲିମ ନାମକ ଜଣେ ଦୁର୍ବୃତ୍ତ ଶୁକ୍ରବାର ଜଣେ ଯୁବତୀଙ୍କ ଘର ସମ୍ମୁଖରେ ଆତଙ୍କରାଜ ଚଳାଇଥିଲେ। ପୂର୍ବରୁ ସେ ଉକ୍ତ ଯୁବତୀଙ୍କୁ ବଳାତ୍କାର କରି ତାଙ୍କ ଭିଡିଓ ଭାଇରାଲ କରିଥିଲେ। ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପୃକ୍ତ ଯୁବତୀଙ୍କ ବିବାହ ଠିକ୍ ହେବାପରେ ସଲିମ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ। ସେ ଅନ୍ୟ କିଛି ଯୁବକଙ୍କ ସହ ଆସି ଯୁବତୀଙ୍କ ଘର ସମ୍ମୁଖରେ ଖଣ୍ଡା ବୁଲାଇ ଆତଙ୍କରାଜ ସୃଷ୍ଟି କରିବା ସହ ତାଙ୍କୁ ଅପହରଣ ଉଦ୍ୟମ କରିଥିଲେ। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯୁବତୀ ପ୍ରତିବାଦ କରିବାରୁ ସଲିମ ତାଙ୍କୁ ମାରପିଟ କରିବା ସହ ତାଙ୍କ ପରିବାରକୁ ଖଣ୍ଡା ଓ ଲୁହା ରଡ ଯୋଗେ ଆକ୍ରମଣ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଘଟଣା ସ୍ଥଳରେ ଲୋକ ଆସି ଜମାହେବାରୁ ସଲିମ ଓ ତାଙ୍କ ସହଯୋଗୀ ମାନେ ଖସିପଳାଇଥିଲେ। ପରେ ଉକ୍ତ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ଅଶୋକ ନଗର ଥାନା ପୋଲିସ ମାମଲା ରୁଜୁ କରି ସଲିମ୍‌ଙ୍କୁ ଗିରଫ କରିଛି।

# ହିଟ୍‌ୱେଭକୁ ଜାତୀୟ ଦୁର୍ବିପାକ ଘୋଷଣା କର

### କେନ୍ଦ୍ରକୁ କହିଲେ ରାଜସ୍ଥାନ ହାଇକୋର୍ଟ

ନୂଆଦିଲ୍ଲୀ, ୩୧।୫



ଦେଶର ଅଧିକାଂଶ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହଜନିତ ହିଟ୍‌ୱେଭ ସ୍ଥିତି ଜାରିରହିଛି। ଏହାଫଳରେ ଅଧିକାଂଶ ସହରରେ ତାପମାତ୍ରା ୪୫ ଡିଗ୍ରୀ ପାରକରୁଛି। ଏପରି ସ୍ଥିତିରେ ହିଟ୍‌ୱେଭକୁ ଜାତୀୟ ଦୁର୍ବିପାକ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କୁ ରାଜସ୍ଥାନ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଅନୁପ କୁମାର ଧାଣ୍ଡଙ୍କ ଖଣ୍ଡପୀଠ କହିଛନ୍ତି, ଗତ କିଛି ସପ୍ତାହରେ ହିଟ୍‌ୱେଭ ଯୋଗୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରାଣହାନି ଘଟିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହଜନିତ ତାତିରୁ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ବିଭିନ୍ନ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯଦି ଏପରି ସ୍ଥଳେ କଡ଼ା ପଦକ୍ଷେପ ଗ୍ରହଣ ନ କରାଯିବ, ତେବେ ଏହାର ପରିଣତି ଭୟଙ୍କର ହେବ। ଜାତୀୟ ଦୁର୍ବିପାକ ଘୋଷଣା ଦ୍ୱାରା ବନ୍ୟା, ବାତ୍ୟା ଆଦି ପରି ଜରୁରିକାଳୀନ ସାହାଯ୍ୟ ଯୋଗାଇଦିଆଯାଇ ପାରିବ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାର ସତର୍କ ହେବା ସହ ଆଗୁଆ ବିଭିନ୍ନ ପଦକ୍ଷେପ ନେବାକୁ ରାଜସ୍ଥାନ ହାଇକୋର୍ଟ ପରାମର୍ଶ ଦେଇଛନ୍ତି।

## ବିହାରରେ ୧୦ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

ପାଟନା, ୩୧।୫

ଅଧିକାଂଶ ରାଜ୍ୟରେ ହିଟ୍‌ୱେଭ ସ୍ଥିତି ଲାଗି ରହିଥିବାବେଳେ ବିହାରରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ରାଜ୍ୟରେ ଶୁକ୍ରବାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକ ସଭା ନିର୍ବାଚନରେ ନିୟୋଜିତ ୧୦ ଜଣ ପୋଲିଂ କର୍ମଚାରୀଙ୍କ ସହ ସମୁଦାୟ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବିହାର ସରକାର ସୂଚନା ଦେଇଛନ୍ତି। ସର୍ବାଧିକ ୫ ଜଣ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ଭୋଜପୁର ଜିଲାରୁ ହୋଇଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ କହିଛି। ସେହିପରି ରୋହତସ ଜିଲାରୁ ୩ ଜଣ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ କୈମୁର ଏବଂ ଔରଙ୍ଗାବାଦ ଜିଲାରୁ ଜଣେ ଲେଖାଏ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ଅନୁଦାନ ରାଶି ପ୍ରଦାନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିହାର ସରକାର ସୂଚନା ଦେଇଛନ୍ତି।





# Classified Everyday

0674-2580101, 2549949




SALE

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-417

Freehold 60'x45' (2,700sqft.) Vacant GA corner plot (North & West facing) in Saheed Nagar, Bhubaneswar. 7205845077. D-75540

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-409

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957




Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-418




1600sqft. Carpet Area commercial space, 83/A, Opp. BJEM School, Kalpana area, BBSR for commercial corporate house, Public Sector Unit, State/Central Govt. Contact- 9338090901, 06742310026. D-76012




Relax, Refresh your body, mind at Saikrupa Spa with best therapies. 8984068077. D-416

Fully relaxed body massage trained therapist. Central SPA. 9556483961. D-75747

Newly open health benefits SPA special offer @ 999 Bapujinagar. 8018429809. D-76123

Monalisa massage Club: All types Body massage with hiprofile smart lady rooms service available. 9708545108. D-410

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

Relax, refresh your body, mind by expert therapist. Contact- 9938843929. D-76124

AFFIDAVIT

I, SATYASHREE DAS, S/o BASUDEV DAS, residing at LIG-II, 3/4, HOUSING BOARD COLONY have changed my name to SATYA DAS vide affidavit dated 7.3.2024 at Bargarh, Odisha. D-421


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଭଗବାନ୍‌ଙ୍କ ସବୁଠୁ ମୂଲ୍ୟବାନ୍ ଉପହାର ମାତାପିତା



ଭାରତୀୟ ସଂସ୍କୃତିରେ ମାତାପିତାଙ୍କୁ ଚଳନ୍ତି ଭଗବାନ ମାନ୍ୟତା ଦିଆଯାଇଛି। କୁହାଯାଏ ଯେ, ମାତାପିତା ହେଉଛନ୍ତି ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ସବୁଠାରୁ ମୂଲ୍ୟବାନ ଉପହାର ଏବଂ ଜୀବନରେ କେହି ସେମାନଙ୍କ ସ୍ଥାନ ନେଇ ପାରିବେ ନାହିଁ। ମାତାପିତାଙ୍କ ଉତ୍ସର୍ଗ, ପ୍ରେମ ଓ ବଳିଦାନକୁ ସମ୍ମାନ ଦେବା ପାଇଁ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ପ୍ରତିବର୍ଷ ଜୁନ ୧ରେ ପାଳନ କରାଯାଏ। ମାତାପିତାଙ୍କ ବଳିଦାନକୁ ପ୍ରଶଂସା କରିବା ପାଇଁ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ଏକ ବିଶେଷ ସୁଯୋଗ ପ୍ରଦାନ କରେ।

ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୨୦୧୨ରେ ଏକ ସଂକଳ୍ପ ପାରିତ କରି ଜୁନ୍ ୧କୁ

### 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ'

'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ଭାବେ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ବିଭିନ୍ନ ଦେଶରେ ଏହା ବିଭିନ୍ନ ତାରିଖରେ ପାଳନ କରାଯାଏ। ଆମେରିକାରେ ଯେପରି ଏହା ଜୁଲାଇ ମାସର ଚତୁର୍ଥ ରବିବାର, ଦକ୍ଷିଣ କୋରିଆ ମେ ୮ରେ ପାଳନ କରାଯାଏ। ଦୈନନ୍ଦିନ ଜୀବନରେ ଦାୟିତ୍ୱପ୍ରାପ୍ତ ମାତାପିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଦିନଟି ସ୍ୱୀକୃତି ଦେଇଥାଏ। ଚଳିତବର୍ଷ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ'ର ଥିମ୍ ରହିଛି 'ଦ ପ୍ରମିଜ୍ ଅଫ୍ ପ୍ଲେଫୁଲ୍ ପ୍ୟାରେଣ୍ଟିଙ୍ଗ୍'।

# ଅବସର ନେଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି



ଆର୍‌ଡିସି ରଞ୍ଜନ କୁମାର ଦାସଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**କଟକ,୩୧।୫ (କାର୍ତ୍ତିକ ସାହୁ)**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆର୍‌ଡିସିଙ୍କ ସଭାଗୃହରେ ଅପରାହ୍ନରେ ଆୟୋଜିତ ଅବସରକାଳୀନ ସଭାରେ ବିଦାୟୀ ଆର୍‌ଡିସି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ଓଝା ବକ୍ତବ୍ୟରେ ଆର୍‌ଡିସିଙ୍କ ପ୍ରଶାସନିକ ଦକ୍ଷତା ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ। ଆର୍‌ଡିସି ଦାସ ତାଙ୍କ କାର୍ଯ୍ୟକାଳ ସମୟର କେତେକ ଅନୁଭୂତି ପ୍ରକାଶ କରି ପ୍ରଶାସନକୁ ଲୋକାଭିମୁଖୀ କରାଯିବା ଉପରେ କେତେକ ଉପାଦେୟ ପରାମର୍ଶ ଦେଇଥିଲେ। ଆୟୁକ୍ତଙ୍କ ସଚିବ ତୁଷାରକାନ୍ତ ମହାନ୍ତି, ଅତିରିକ୍ତ ସଚିବ ଆଶୁତୋଷ ସାମଲ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲୀପ ଦାସ, ଯୁଗ୍ମ ନିର୍ଦ୍ଦେଶକ ପଦ୍ମଚରଣ ନାୟକ, ପ୍ରଶାସନିକ ଅଧିକାରିଣୀ ଅଳି ରାଉତରାୟଙ୍କ ସମେତ ଅନ୍ୟ ଅଧଧିକାରୀମାନେ ଉପସ୍ଥିତ ଥିଲେ। ଉପବିଭାଗ ଅଧିକାରୀ ବିଦେଶୀ କୁମାର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ବ୍ଲାକମେଲ୍: ଅଭିନେତା ଚନ୍ଦନ କୁମାର କର ଗିରଫ

**ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)**

ଯୁବତୀଙ୍କୁ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଅଭିନେତା ଚନ୍ଦନ କୁମାର କରଙ୍କୁ ଶୁକ୍ରବାର ଗିରଫ କରିଛି। ଚନ୍ଦନଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡା ଶାରଳା ନଗରରେ ରହୁଛନ୍ତି। କୋର୍ଟଚାଲାଣ ପରେ ଚନ୍ଦନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ପୀଡିତା ଯୁବତୀ ଜଣକ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତାଙ୍କର ଗୀତ, କାହାଣୀ ଆଦି ଲେଖାଲେଖିରେ ରୁଚି ଥିବାରୁ ସେ ୨୦୨୨ ମସିହାରେ ଚନ୍ଦନଙ୍କ ସହ ଯୋଗାଯୋଗରେ ଆସିବା ପରେ ତାଙ୍କ ସହ ବନ୍ଧୁତା ହୋଇଥିଲା। ଏକ ପ୍ରୋଜେକ୍ଟରେ କାମ କରିବାକୁ ସୁଯୋଗ ଦେବେ ବୋଲି ଚନ୍ଦନ କହିଥିଲେ। ଏହି ସମୟରେ ଯୁବତୀଙ୍କୁ ସେ ବିବାହ ପ୍ରସ୍ତାବ ଦେଇଥିଲେ। ଚନ୍ଦନଙ୍କର ଚାକିରି ହେବା ପରେ ଏହି ବିବାହ ହେବ ବୋଲି ଯୁବତୀଙ୍କ ପରିବାର ସର୍ତ୍ତ ରଖିଥିଲେ। ହେଲେ ଚନ୍ଦନ ଅନ୍ୟ ଝିଅମାନଙ୍କ ସହ ସମ୍ପର୍କ ରଖି ସେମାନଙ୍କୁ ବିବାହ ପ୍ରତିଶ୍ରୁତି ଦେଉଥିବା ନେଇ ଜଣାପଡିବା ପରେ ତାଙ୍କୁ ବିବାହ କରିବାକୁ ଯୁବତୀ ଜଣକ ମନା କରିଦେଇଥିଲେ। ଏହାପରଠାରୁ ଚନ୍ଦନ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଅଭିଯୋଗକାରିଣୀଙ୍କ ସହ ଥିବା ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଉଥିଲେ। ୨୦୨୩ ଜୁଲାଇରେ ଚନ୍ଦନ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରି କାର୍ଯ୍ୟସ୍ଥଳରେ ଆକ୍ରମଣ କରି ବିବାହ କରିବାକୁ ବାଧ୍ୟ କରିଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ବୁଧବାର ମାମଲା (ନଂ. ୮୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଚନ୍ଦନ ଏଭଳି ଅନେକ ଝିଅଙ୍କୁ ଫାଶରେ ପକାଇ ସେମାନଙ୍କୁ ପ୍ରୋଜେକ୍ଟ କାମ ଦେବା ଏବଂ ବିବାହ କରିବା ପାଇଁ ପ୍ରସ୍ତାବ ଦେଇ ଶାରୀରିକ ସମ୍ପର୍କ ରଖୁଥିଲେ। ପରେ ବ୍ଲାକ୍‌ମେଲ୍ କରି ହଇରାଣ କରୁଥିଲେ। ଚନ୍ଦନଙ୍କ ନାଁରେ ୨୦୧୭ରେ ଲିଙ୍ଗରାଜ ଥାନାରେ ସମାନ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

# ଟୁଙ୍ଗୁରୁ ଭୋଳ ସମେତ ଆନ୍ତଃରାଜ୍ୟ ଗ୍ୟାଙ୍ଗର ୧୧ ଗିରଫ

## ଜଳ ଯୋଗାଣ ପାଇପ ଚୋରି ର୍ୟାକେଟର ପର୍ଦ୍ଦାଫାଶ

**ଭୁବନେଶ୍ୱର,୩୧।୫ (ସୂର୍ଯ୍ୟକାନ୍ତ ବେହେରା)**



ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଜଳଯୋଗାଣ ପାଇପ୍ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ୧୧ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ୨୦ ହଜାର ଟଙ୍କା, ଗୋଟିଏ ଅଟୋ, ଗୋଟିଏ ବୁଲେଟ, ୧୦ ମୋବାଇଲ ଫୋନ ଜବତ ହୋଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସବୁଠାରୁ ଚର୍ଚ୍ଚାର ବିଷୟ ହେଲା, ପ୍ରେମକୁ ନେଇ ଚର୍ଚ୍ଚାକୁ ଆସିଥିବା ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗଞ୍ଜାମ ହିଞ୍ଜିଳିକାଟୁର ଟୁଙ୍ଗୁରୁ ଭୋଳ ଓରଫ ଆଲୋକ ଏହି ର୍ୟାକେଟରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଅଟୋକୁ ମଧ୍ୟ ଜବତ କରାଯାଇଛି। ସେହିଭଳି ଅନ୍ୟ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ରମେଶ ଚନ୍ଦ୍ର ସାହୁ, କଟକ ଚୌଦ୍ୱାରର ସନ୍ଦୀପ କୁମାର ଅଗ୍ରୱାଲ ଓ ବାଦାମବାଡିର ରାଜକୁମାର ପରିଡା, ଭୁବନେଶ୍ୱର ଚନ୍ଦକା ଅଞ୍ଚଳର ସେକ୍ ରହିମ ଓ ସୁଧୀର ବେହେରା, ପାତ୍ରପଡାର ଶ୍ରୀକାନ୍ତ ମହାରଣା, ଗଞ୍ଜାମର ପପୁ ଭୂୟାଁ, ଖୋର୍ଦ୍ଧା ବାଘମାରୀ ଅଞ୍ଚଳର ଭାଗୀରଥି ନାୟକ ଓ କାର୍ତ୍ତିକ ଚନ୍ଦ୍ର ସୁବୁଦ୍ଧି ଏବଂ କଟକ ସିଡିଏ ସେକ୍ଟର-୧ର ରଶ୍ମିରଞ୍ଜନ ଦାସ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିସିପି ସିଂ କହିଛନ୍ତି, ଏମାନେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା, ଖୋର୍ଦ୍ଧା, କନ୍ଧମାଳ, କଟକ, ରାୟଗଡା ଆଦି ବିଭିନ୍ନ ଅଞ୍ଚଳରୁ ଜଳ ଯୋଗାଣ ପାଇଁ ବ୍ୟବହୃତ ଲୁହା ପାଇପ ଚୋରି କରୁଥିଲେ। ପରେ ପାଇପଗୁଡିକୁ ବାହାର ରାଜ୍ୟକୁ ପଠାଇ ଡିଲର୍ସଙ୍କୁ ବିକ୍ରି କରି ଦେଉଥିଲେ। ଏଥିପାଇଁ ଅଭିଯୁକ୍ତମାନେ ପାଇପଗୁଡିକର ନକଲି ଡକ୍ୟୁମେଣ୍ଟ ତଥା ଚାଲାଣ ତିଆରି କରୁଥିଲେ। ଜିନିଷପତ୍ର ଧରି ଓଡ଼ିଶାକୁ ଆସୁଥିବା ବାହାର ରାଜ୍ୟର ଟ୍ରାନ୍ସପୋର୍ଟ ଟ୍ରକ୍‌ରେ ଚୋରା ପାଇପଗୁଡ଼ିକୁ ପଠାଉଥିବା ତଦନ୍ତ ବେଳେ ଜଣାପଡିଛି। ଅନ୍ୟପଟେ ଏହି ଗ୍ୟାଙ୍ଗରେ ଏବେବି ୪ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ଏମାନେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପାଇପ ବିକ୍ରି କରିଥିବା ଖବରଦାତା ସମ୍ମିଳନୀରେ ଡିସିପି କହିଛନ୍ତି।

# ପୁଅ ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ

**ବସ୍ତା(ହରିଶଙ୍କର ପାଢ଼ି)/ ରୂପସା(ବାଞ୍ଛାନିଧି ଦେ), ୩୧।୫**

ବାଲେଶ୍ୱର ଜିଲା ବସ୍ତା ଥାନା ଚକ୍ରଡ଼ା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚକ୍ରଡ଼ା ଗ୍ରାମର ତପନ ଦାସ କୌଣସି କାରଣରୁ ନିଜର ସ୍ତ୍ରୀଙ୍କୁ ମାରପିଟ୍ କରିଥିଲେ। ଏହାକୁ ନେଇ ସାନମଝିଆ ପୁଅ ମାର୍କଣ୍ଡ ଦାସ ଘରେ ପହଞ୍ଚି ମା'ଙ୍କୁ ମାଡ଼ ହୋଇଥିବା ଜାଣି ଉତ୍ତେଜିତ ହୋଇପଡିଥିଲେ। ଏକ ଠେଙ୍ଗା ସାହାଯ୍ୟରେ ବାପାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବାପା ତପନଙ୍କ ପ୍ରାଣବାୟୁ ଉଡିଯାଇଥିଲା। ତେବେ ବାପାଙ୍କ ମୃତ୍ୟୁ ହୋଇଥିବା ଜାଣି ପୁଅ ମାର୍କଣ୍ଡ ଥାନାରେ ଆତ୍ମସମର୍ପଣ କରିଛନ୍ତି। ତପନଙ୍କ ୪ଜଣ ପୁଅ ଥିବା ବେଳେ ୩ପୁଅ ବାହାରେ ରୁହନ୍ତି। ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ଓ ତଦନ୍ତ ଅଧିକାରୀ ଏସ୍‌ଆଇ ବିଜୟ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୧୦୭/୨୪) ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଇଟାଭାଟି ଧୂଆଁରେ ଅଣନିଃଶ୍ୱାସୀ ଲୋକେ



**ଅସୁରାଳି,୩୧।୫(ସନ୍ତୋଷ ପ୍ରଧାନ)**

ଧାମନଗର ବ୍ଲକରେ ବେଆଇନ ଇଟାଭାଟି ଗଢ଼ି ଉଠିଥିବା ବେଳେ ପରିବେଶ ପ୍ରଦୂଷଣର କାରଣ ପାଲଟିଛି। କୋଠାର, ଧୂଷୁରୀ, ବେତାଳିଗାଁ, ସାହସପୁର, ନଦୀଗାଁ, ଅର୍ଜୁନପୁର, ପାଳସାହି, ସାହୁସାହି, ବାହାରବିଲ ଏପରିକି ଆରଡ଼ି ଆଦି ଅଞ୍ଚଳରେ ଇଟା ବ୍ୟବସାୟୀମାନେ ମନଇଚ୍ଛା ଇଟାଭାଟି କରି ବେପାର ଚଳାଇଛନ୍ତି। ପ୍ରବଳ ଗରମ, ଗୁଳୁଗୁଳି ସାଙ୍ଗକୁ ଇଟାଭାଟି ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି।

ବିଭିନ୍ନ ସରକାରୀ ସ୍ଥାନ, ଗୋଚର, ଅନାବାଦୀ ପଡ଼ିଆ ଜମି, ସ୍କୁଲ ପାଖ ଜମି, ଡାକ୍ତରଖାନା ପାଖ ଜମି, ନଦୀ ପଠା କୌଣସି ଜାଗା ଖାଲି ରଖୁନାହାନ୍ତି ଲାଭଖୋର ବ୍ୟବସାୟୀମାନେ। ନଦୀ ଅବବାହିକାରୁ ଇଟା ପାଇଁ ଉପଯୋଗୀ ମାଟି ଖୋଳି ନିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ କ୍ଷତି ହେଉଛି। ଇଟା ପରିବହନ ପାଇଁ ମାଲିକମାନେ ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟର ଚଳାଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଗ୍ରାମୀଣ ରାସ୍ତାଗୁଡ଼ିକ କମ୍ ଦିନରେ ଶୋଚନୀୟ ହୋଇପଡୁଛି। ନଦୀବନ୍ଧଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି। ଜିଲାପାଳ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଝୋଟ ଗୋଦାମରେ ନିଆଁ | ଜଳିଗଲା ଝୋଟ, ଚିନାବାଦାମ, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ

**ବାଲିଆପାଳ, ୩୧।୫ (ଗୋପାଳ ଚନ୍ଦ୍ର ସାହୁ)**



ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଇଡ୍‌କୋ ହସ୍ପିଟାଲ ଅନତି ଦୂରରେ ଥିବା ସିମୁଳିଆ ଗ୍ରାମର ବିଜୟ ବିଶ୍ୱାଳଙ୍କ ଝୋଟ ଓ ଚିନାବାଦାମ ଗୋଦାମରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗିଛି। ଏହି ଅଗ୍ନିକାଣ୍ଡ ଯୋଗୁ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ପ୍ରୋସେସିଂ ମେଶିନରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଛି। ବାଲିଆପାଳ, ବସ୍ତା, ଭୋଗରାଇର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ତେବେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଦମକଳ ଅଚଳ ହୋଇପଡ଼ିଥିବା ବେଳେ ଗୋଟିଏ ଦମକଳରେ ନିଆଁ ଲିଭା କାର୍ଯ୍ୟ ଚାଲିଛି। ଯାହାକି, ନିଆଁକୁ ଆୟତ୍ତ କରିବାରେ ସମ୍ଭବ ହେଉନି। ଫଳରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋଟିଏ ଦମକଳ ସାହାଯ୍ୟରେ ନିଆଁ ଲିଭା କାର୍ଯ୍ୟ ଚାଲିଥିବା ବେଳେ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡର ଜଣାପଡିନାହିଁ।

ପ୍ରଥମ ପୃଷ୍ଠାରୁ...

## ୧୫୦ ଜଳଭଣ୍ଡାରରେ ...

ଗତ ସପ୍ତାହରେ ସିଡବ୍ଲୁସିଙ୍କ ପକ୍ଷରୁ ଜାରି କରାଯାଇଥିବା ମେ' ୧୬-୩୧ ବୁଲେଟିନ୍‌ରେ ଏହି ଜଳଭଣ୍ଡାରଗୁଡ଼ିକରେ ୫.୮୬୪ ବିସିଏମ୍ (ମୋଟ ଧାରଣ କ୍ଷମତାର ୩୦%)କୁ ଜଳସ୍ତର ଖସିଆସିଥିବା କୁହାଯାଇଥିଲା। ସେହିପରି ପୂର୍ବାଞ୍ଚଳରେ ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ନାଗାଲାଣ୍ଡ ଓ ବିହାରରେ ୨୩ ଜଳଭଣ୍ଡାର ରହିଛି। ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡ଼ିକର ମୋଟ ଧାରଣ କ୍ଷମତା ୨୦.୪୩୦ ବିସିଏମ୍ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୫.୬୪୫ ବିସିଏମ୍ (୨୮%) ରହିଛି। ପଶ୍ଚିମାଞ୍ଚଳର ଗୁଜରାଟ ଓ ମହାରାଷ୍ଟ୍ରରେ ଥିବା ୪୯% ଜଳଭଣ୍ଡାରର ମୋଟ ଜଳ ଧାରଣ କ୍ଷମତା ୩୭.୧୩୦ ହୋଇଥିବାବେଳେ ବର୍ତ୍ତମାନ ଏହାର ଜଳସ୍ତର ୨୫%କୁ ହ୍ରାସ ପାଇଛି। କେନ୍ଦ୍ରୀୟ ଅଞ୍ଚଳ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଥିବା ୨୬ ଜଳଭଣ୍ଡାରର ମୋଟ ଜଳଧାରଣ କ୍ଷମତା ୪୮.୨୨୭ ବିସିଏମ୍। ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡ଼ିକରେ ୨୯.୧% ଜଳ ରହିଛି। ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ନାଟକ ଓ ତାମିଲନାଡୁରେ ୪୨ଟି ଜଳଭଣ୍ଡାର ରହିଛି। ଏହି ଜଳଭଣ୍ଡାରଗୁଡ଼ିକର ଧାରଣ କ୍ଷମତା ୫୩.୩୩୪ ବିସିଏମ୍ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୭.୩୧୭ ବିସିଏମ୍ (୧୫%) ଜଳ ରହିଛି।

## ଖରାରେ କାମ ...

ଅନ୍ୟପକ୍ଷରେ ରାଜ୍ୟରେ ହିଟ୍‌ୱେଭ ନେଇ ୯ ଜିଲାପାଳଙ୍କୁ ଏସ୍‌ଆର୍‌ସି ସତର୍କ କରାଇଛନ୍ତି। ହିଟ୍‌ୱେଭ ସଂକ୍ରାନ୍ତ ଆଡଭାଇଜରି ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ୯ ଜିଲାଗୁଡ଼ିକ ହେଲା ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୋନପୁର, ମାଲକାନଗିରି, ସୁନ୍ଦରଗଡ଼, ନୂଆପଡ଼ା ଓ କନ୍ଧମାଳ। ପିକ୍ ଆୱାରରେ ଖରାରେ କ'ଣ କରିବା, ନ କରିବା ସେ ନେଇ ଜିଲା ପ୍ରଶାସନ ଲୋକଙ୍କୁ ସଚେତନ କରାଇବ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ସ୍ଥିତି ଆହୁରି ୩ଦିନ ପର୍ଯ୍ୟନ୍ତ ଲାଗି ରହିବ। ଏହି ଅଞ୍ଚଳର ବହୁ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବାରୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିବେଦନ କରିବା ସହ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ପିକ୍ ଆୱାରରେ ଦରକାର ନ ପଡ଼ିଲେ ବାହାରକୁ ନ ବାହାରିବା ପାଇଁ ସେ ନିବେଦନ କରିଛନ୍ତି। ସେହିପରି ଅତି ଜରୁରୀ ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁରକ୍ଷାରେ ବାହାରକୁ ଯିବାକୁ କହିଛନ୍ତି। ହାଲୁକା ସୂତାବସ୍ତ୍ର ପିନ୍ଧିବା ସହ ଛତା, ଜୋତା, ପାଣି ବୋତଲ, ଓଆର୍‌ଏସ୍ ସାଙ୍ଗରେ ନେବେ। ରୋଗୀ, ବୟସ୍କ, ଗର୍ଭବତୀ, ଶିଶୁଙ୍କୁ ବେଶି ସତର୍କ ରହିବାକୁ ସେ ନିବେଦନ କରିଛନ୍ତି।

### ଅଂଶୁଘାତରେ ୫ଜଣଙ୍କ ମୃତ୍ୟୁ ସ୍ପଷ୍ଟକଲେ ରାଜ୍ୟ ସରକାର

ରାଜ୍ୟରେ ଶୁକ୍ରବାର ସୁଦ୍ଧା ୫ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଏସ୍‌ଆର୍‌ସି ସ୍ପଷ୍ଟ କରିଛନ୍ତି। ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ସୋନପୁର ଏବଂ ବଲାଙ୍ଗୀରରେ ଜଣେ ଲେଖାଏ ଅଂଶଘାତ ମୃତ୍ୟୁ ହୋଇଛି। ତେବେ ସୁନ୍ଦରଗଡ଼ ଜିଲାରୁ ୧୨ ଏବଂ ଝାରସୁଗୁଡ଼ା ଜିଲାରୁ ୬ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ରାଜ୍ୟ ସରକାର କରୁଛନ୍ତି। ଏମାନଙ୍କର ମୃତଦେହ ବ୍ୟବେଚ୍ଛଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଆର୍‌ସି କହିଛନ୍ତି। ତେବେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ଆସିଥିବା ଅଭିଯୋଗଗୁଡ଼ିକରେ ଅଧିକାଂଶ ଶ୍ରମିକ ଅଛନ୍ତି। ଯେଉଁମାନେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାର ପ୍ରାରମ୍ଭିକ ସୂଚନା ମିଳିଛି। ଏହାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଆର୍‌ସି କହିଛନ୍ତି।

## ୨ ମାସର ପୁଅକୁ ...

ସଂସ୍ଥାରେ ସୋମନାଥ ମିସ୍ତ୍ରିଭାବେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଦିନମଜୁରିଆଭାବେ କାମ କରନ୍ତି। ଅନେକ ସମୟରେ ସୋମନାଥ ମଦ୍ୟପାନ କରି ସୁଲୋଚନାଙ୍କୁ ମାଡ଼ ମାରିଥାନ୍ତି। କିଛିଦିନ ତଳେ ସୋମନାଥ ମଦ ପିଇ ସୁଲୋଚନାଙ୍କୁ ମାଡ଼ ମାରିବା ସହ ଖାଇବାକୁ ଦେବା ବନ୍ଦ କରିଦେଇଥିଲେ। ଏପରିକି ସୋମନାଥ ଦୁଇମାସର ଶିଶୁପୁତ୍ରକୁ ରଖି ସୁଲୋଚନାଙ୍କୁ ଘରୁ ବାହାର କରିଦେଇଥିଲା। କିଛିଦିନ ପରେ ସୋମନାଥ ପୁଣି ସୁଲୋଚନାଙ୍କୁ ଭଡ଼ା ଘର କାଶୀପୁରକୁ ଆଣିଥିଲେ। କିନ୍ତୁ ସୁଲୋଚନା ଘରେ ପୁଅକୁ ଦେଖିବାକୁ ପାଇ ନ ଥିଲେ। ଏନେଇ ସେ ସୋମନାଥଙ୍କୁ ପଚାରିବାରୁ ପୁଅ କଥା ଭୁଲିଯିବାକୁ କହିବା ସହ ନିର୍ଯାତନା ଦେଇଥିଲେ। ସୋମନାଥ ପୁଅକୁ ୧ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଜାଣିବା ପରେ ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଅକୁ ଫେରିପାଇବା ଆଶାରେ ସୁଲୋଚନା ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ନିର୍ବାଚନ ଆଳରେ ପୋଲିସ ଦିନ ଗଡାଇ ଚାଲିଛି। ପୁଅକୁ ନ ପାଇ ସୁଲୋଚନା ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ସୋମନାଥଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।

## ଜୁନ୍‌ରେ ବି ...

ବଲାଙ୍ଗୀରରେ ୪୬.୪, ସୋନପୁର ୪୬.୨, ବରଗଡ଼ ୪୬, ସମ୍ବଲପୁର ୪୫.୨, ଝାରସୁଗୁଡ଼ା, ନୂଆପଡ଼ା ଓ ଭବାନୀପାଟଣାରେ ୪୫, ହୀରାକୁଦ ୪୪.୭, ବୌଦ୍ଧ ୪୪, ମାଲକାନଗିରି ୪୩.୭, ଫୁଲବାଣୀ ୪୩, ସୁନ୍ଦରଗଡ଼ ୪୨, ପାରଳାଖେମୁଣ୍ଡି ଓ ନବରଙ୍ଗପୁରରେ ୪୦.୫ ଓ ରାୟଗଡ଼ାରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ଦୁଇଦିନ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଓ ସୋନପୁର ଆଦି ୪ ଜିଲାକୁ ଭୀଷଣ ଗ୍ରୀଷ୍ମପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ, କନ୍ଧମାଳ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ରବିବାର ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଆଦି ୪ ଜିଲାରେ ଗ୍ରୀଷ୍ମପ୍ରବାହ ହେବାକୁ ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଜୁନ୍‌ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କଲେ ମଧ୍ୟ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ଜୁନ୍ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ୬ରୁ ୧୨ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ତାତି ରହିବ ବୋଲି ଆକଳନ କରାଯାଇଛି।

ଅପରପକ୍ଷେ ଗୁଳୁଗୁଳି ଯୋଗୁ ଉପକୂଳ ଓଡ଼ିଶାରେ ଜନଜୀବନ ପ୍ରଭାବିତ ହୋଇଛି। ଘର ଭିତରେ ବି ଦେହରୁ ଗମ୍‌ଗମ୍ ଝାଳ ବୋହୁଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏଭଳି ଗୁଳୁଗୁଳି ଅନୁଭୂତ ହେବ। ତେଣୁ ବିଶେଷକରି ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୫ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛ' ନ' ତେର
ଯେବେ ଯିବ ଘର
ତେବେ କରିବ ଜର।**

ସାଧାରଣତଃ ଛଅ, ନଅ ଓ ତେର ଦିନରେ ଘରକୁ ଫେରିବାରେ ବାରଣ କରାଯାଇଥାଏ। କାରଣ ଏହି ଦିନଗୁଡିକରେ ଘରକୁ ଫେରିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଆଜି ବି ଆମ ସମାଜରେ ପ୍ରଚଳିତ ହୋଇଆସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈ ଶୁଖିଲେ କି କରିବ ନାଆ ?
ଥନ ଶୁଖିଲେ କି କରିବ ମାଆ ?**

ନଈ ଶୁଖିଗଲେ ଡଙ୍ଗା ବା ନାଆ ଯାଇପାରି ନ ଥାଏ। ନଈରେ ପାଣି ନ ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମା' ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2024021, ତା.22.05.2024ରିଖ

**କାର୍ଯ୍ୟର ନାମ:** ପୁରୀ ଏବଂ କୋଣାର୍କ ମଧ୍ୟରେ ନୂଆ ଲାଇନ୍ (32.02 କି.ମି.) : ଫିଲ୍ଡ ସର୍ବେକ୍ଷଣ ଅନୁଯାୟୀ ଯାଞ୍ଚ, ପରିବର୍ତ୍ତନ, ରୂପାନ୍ତରଣ ଏବଂ ଘରୋଇ ଜମି/ସରକାରୀ ଜମି ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ଦାଖଲ ନିମନ୍ତେ ଅନ୍ତିମ ରୂପ ଦେବା ପାଇଁ ସହାୟତା ପ୍ରଦାନ କରିବା, ଷ୍ଟ୍ରକ୍‌ଚରଗୁଡ଼ିକୁ ଭାଙ୍ଗିବା ଏବଂ ସେବା ଅନୁପଯୋଗୀ PSC ସ୍ଲିପରଗୁଡ଼ିକ ସହିତ ଜମି ବାଉଣ୍ଡାରୀ ପୋଷ୍ଟଗୁଡ଼ିକର ବ୍ୟବସ୍ଥା କରି ଗଛ କାଟିବା ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 179.99 ଲକ୍ଷ, **EMD(₹):** 2,40,000/-, କାର୍ଯ୍ୟ ଶେଷ ହେବା ଅବଧି: 12(ବାର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.06.2024 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘରୋଇ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)/II ଭୁବନେଶ୍ୱର

PR-22/CH/24-25

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
An experienced CIVIL SUPERVISOR and CIVIL ENGINEER is required for an established Construction Company.
For details please contact:
Ph.No.-9937232509

**WANTED**
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

See Career Appointment on every Wednesday & Saturday

**APPOINTMENT**
1. POST FOR MANAGER: Ladies / Gents. Must be Hotel Management profession. Exp.: 2 years.
2. FRONT OFFICE EXECUTIVE: Ladies, Exp.: 2 years.
3. HOTEL WAITER: Gents, Exp.:2 years.
HOTEL CHANCELLOR GRAND BHUBANESWAR
Contact: 9861072001

**ODISHA STATE HEALTH & FAMILY WELFARE SOCIETY,
DEPTT. OF HEALTH & FAMILY WELFARE,
GOVT. OF ODISHA**
Annex Building of SIH&FW,
Nayapalli, Unit-8, Bhubaneswar - 751012, District-Khordha (Odisha)
Phone/Fax: 0674- 2392480/79, E-mail Id- hrdnrhm1@gmail.com

No:- 17/2024 Date:-01.06.2024

**NOTICE**

No. E-21 : This is for information of all concerned that the advertisements, which were published for filling up of the following vacant positions as mentioned below are hereby cancelled on administrative grounds.

| Name of the position | Reference Advt. No. with Date (at Sl. No.) | Name of the Published Newspaper |
|---|---|---|
| Insect Collector, NVBDCP | 05/2022 dtd. 05.06.2022 (at Sl. No. - 02) | "The Samaja" (all Odisha editions), "The Dharitri" (all Odisha editions) & "The New Indian Express" (Odisha edition only) |
| Assistant Manager (IEC/ BCC & Training) | 20/2022 dtd. 17.12.2022 (at Sl. No. -03) | |
| Assistant Manager, Legal affairs & Institutional Strengthening (LA&IS) | & (at Sl. No. -04) | |

Sd./- Mission Director NHM, Odisha.

OIPR-10084/11/0003/2425

**DIRECTORATE OF MEDICAL EDUCATION & TRAINING, ODISHA**
Heads of Department Building, Bhubaneswar, 751001,
Tel No. 0674-2393847, 2394255
E-mail : dmetbbsr4@gmail.com, www.dmetodisha.gov.in

**ADVERTISEMENT**
**for Registrar and Dy Registrar for ONMRC**
**(No. 8499 Dt. 31.05.2024)**

No.E-20: Applications are invited from eligible candidates for recruitment for the posts of Registrar and Deputy Registrar of Odisha Nursing & Midwives Registration Council on contractual / deputation basis. The details of mode of Recruitment, Remuneration, Qualifications etc. is available in the website of DMET, Odisha, i.e www.dmetodisha.gov.in.

Sd./- Director Medical Education & Training, Odisha

OIPR-10016/11/0003/2425

# ଭିଡ଼ ଭିତରେ ନ ଥାଏ, ମୁଁ ଭୋର୍‌ର ତାରା...

ସୁନୀଲ୍ କୁମାର ପୃଷ୍ଟିଙ୍କ ଜନ୍ମ ୧୩ ମେ' ୧୯୬୩ରେ ବରଗଡ଼ରେ। ତାଙ୍କର କୈଶୋର ଓ ଯୌବନ କଟିଛି ରାୟଗଡ଼ାରେ, ସେଇଠି କିୟତ୍‌କାଳ ଅଧାପନା। ତା'ପରେ ସେ ସ୍ଥାୟୀ କଟକ-ଭୁବନେଶ୍ୱରରେ। 'ନବଲିପି', 'ସଚିତ୍ର ବିଜୟା', 'ସାହିତ୍ୟ ପୃଥିବୀ' ଓ 'ଶିଶିର' ପତ୍ରିକା ତାଙ୍କୁ ଦିଏ ସଫଳ ସମ୍ପାଦକର ପରିଚୟ। ଜୀବନପଥରେ ଯାଉ ଯାଉ ସେ ଭେଟନ୍ତି ଦିନେ କେହି ଜଣେ ତନୁଲତାଙ୍କୁ ଓ ଲେଖାଯାଏ ଗୋଟିଏ ପରେ ଗୋଟିଏ 'ତନୁଲତାର କବିତା', ଯାହା ଚହଲେଇଦିଏ ଓଡ଼ିଆ କବିତାର ସରହଦକୁ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ। ବସ୍ ଝର୍କାରେ ଅଧ ମିନିଟ୍ ବା ମିନିଟ୍‌କର ଦେଖାରେ କବି ସୁନୀଲ୍ ଗଙ୍ଗୋପାଧ୍ୟାୟଙ୍କ ଚେତନାକୁ ଯେପରି ଆବୋରିବସେ କେହି ଜଣେ 'ନୀରା', ସେହିପରି ଝର୍କା କଡ଼ରେ ବସିଥିବା ତନୁଲତା ବେଢ଼ିଧରେ ସୁନୀଲ୍ ପୃଷ୍ଟିଙ୍କୁ, ସାକ୍ଷୀ ରହେ ନାଗାବଳୀ ନଈ। 'ଚିହ୍ନା ଚିହ୍ନା ନିର୍ଜନତା', 'ଦେହ ଦେଉଳ', 'ପୁଅ ପାଇଁ ପ୍ରାର୍ଥନା', 'ତନୁଲତାର କବିତା', 'ଅସଫଳ କବିତା', 'ନୀରବତାର ନାଁ ନାହିଁ' ଓ 'ପାଞ୍ଚଟି ପୃଥିବୀ' ଭଳି ସ୍ମରଣୀୟ କବିତାଗ୍ରନ୍ଥର ସଫଳ ଏଇ କବିଙ୍କ ତିରୋଧାନ ଘଟେ ୨୨ ମେ' ୨୦୨୪ରେ ଅକସ୍ମାତ୍। ତାଙ୍କରି ସ୍ମୃତିରେ 'ସାହିତ୍ୟାୟନ'ର ଏ ଆଲେଖ୍ୟଟି ନିବେଦିତ।



ନାଆ ମୋର କୂଳ ଛାଡୁଛି, ବିଦାୟ ତନୁଲତା, ବିଦାୟ...

## – ସୁନୀଲ୍ କୁମାର ପୃଷ୍ଟି

### କବିତାର କଳ୍ପନା

ମୁଁ ବହୁ କବିଙ୍କ ଭିଡ଼ ଭିତରେ ନାହିଁ।

ଦୂରରେ ଠିଆ ହୋଇଚି।
ଭୋର୍‌ର ତାରା
ନିଦ ଛାଡ଼ି ନ ଥିବା ଆଖି
ନା ଅଜଣା ଫୁଲର ସୁଗନ୍ଧ
ହେଇପାରେ, ଯେ କେହି ବି।

କିନ୍ତୁ ଏମାନେ ବି ମୋ କବିତାର
ଧାଡ଼ି ନୁହନ୍ତି।

ଧାନବିଲ, ଗୋରୁପଲ
ବଗଧାଡ଼ି, ନା ହସି ହସି
ଲୋଟି ପଡୁଥିବା ପବନର ଶାଢ଼ି
କିଛି ବି ନୁହେଁ।

କବିତାର ଅର୍ଥ ହୋଇ ଆସିବାର
ଅପେକ୍ଷାରେ ଯେ'
ସେ ଆସିନି ଏଯାଏଁ।

ସେଇଥିପାଇଁ ଅଙ୍କାବଙ୍କା
ଗାର ଟାଣିଚାଲିଛି, ଇନ୍ଦ୍ରଧନୁର
ପେନ୍‌ସିଲ୍ ଧରି।

ମୋ ଦେଇ କିଛି ହେଲାପରି
ଲାଗୁନାହିଁ
କବିତା ନା କବିତାର କଳ୍ପନା!

### ତନୁଲତାର ଦେହ

ତନୁଲତାର ଦେହ
ବିସ୍ତୀର୍ଣ୍ଣ ତାରାଖଚିତ ରାତି
ଓ ପୂର୍ଣ୍ଣମୀ ଜହ୍ନର ଆଲୁଅ।

ନିଷ୍ପାପ ସମର୍ପଣ, ଭୟ ଓ
ପବିତ୍ର ଉପବାସର ତନୁ
ଅନ୍ଧାର ପରି ମୋର ପ୍ରିୟ
କୋହ, ଦୁଃଖରେ ଗଢ଼ା ଦୁଇଧାର ଲୁହ।

କେବେ ଥରେ ଆସିଥିଲା
ଯାଚି ଦେବାକୁ ନିଜକୁ
ନିଜଠୁ ବେଶୀ ଭଲପାଉଥିବା
ତା'ର ହୃଦୟକୁ।

କଠୋର କାମାତୁର ମୋର ଆତ୍ମା
ସହଜରେ ବୁଝିପାରେ ନାହିଁ ଭଲପାଇବା।

କାତର କାକର ଦି'ଟୋପା
ତା'ର ଆଖି
ପ୍ରାର୍ଥନା ବିଭୋର ଓଠ
ପୁଲକିତ ନଖ, ଅଥୟ ପାପୁଲି
ଲଜ୍ଜା-ଭିଜା ତନୁକୁ ଦେଖିଲି।

ବେଶୀ କିଛି ମାଗିନାହିଁ ତନୁ
ମାଗିଥିଲା ମୃତ୍ୟୁ।

ସେତିକି ଦେବାର କ୍ଷମତା ବାହାରେ ମୁଁ।
ମନା କରିଦେଲି।

ତନୁଲତାର ଦେହ।
ବିସ୍ତୀର୍ଣ୍ଣ ଧାନକ୍ଷେତ।
ଗୋରୀ ମେଘଭରା ଆକାଶ।
ସୁରା ପୀଡ଼ିତ ନାରୀର ଚିତ୍କାର।
କୋଉ ଚିତ୍ରକଳ୍ପ ମାଗିବି ବିଧାତାକୁ
ନିରବତା ଭଲ।

ତନୁର ଦେହ ଇ ମୋର ତୀର୍ଥ।
ତନୁର ଦେହ ଇ ମୋର ଅଭିଶାପ।

୨୨ ମେ' ୨୦୨୪ ବୁଧବାର ସକାଳେ ଚା' ପିଆ ସରିଲା। କଥା ହେଲା ପତ୍ନୀ ଓ ପୁଅ ସହ। ବସୁ ବସୁ ନିଦ ଲାଗିଗଲା ଯେ ଆଉ ଉଠିଲା ନାହିଁ। ହୃଦ୍‌ଘାତରେ ଚାଲିଗଲା ଆମ ସମୟର ଅନ୍ୟତମ ପ୍ରତିଭାବାନ୍ କବି, ନିରୁତା ସମ୍ପାଦକ ସୁନୀଲ୍ କୁମାର ପୃଷ୍ଟି। ରାୟଗଡ଼ାରେ ଥିଲାବେଳେ ମୋ' କବିତା ପଢ଼ି ସୁନୀଲ୍ ମୋତେ ମଝିରେ ମଝିରେ ଚିଠି ଲେଖେ। ଓଡ଼ିଆ କବିତାରେ ସେଇ ସେଇ ତା'ର ପ୍ରବେଶ ଘଟିଥାଏ।

## ପ୍ରଦକ୍ଷିଣ

ଆବେଗ ସହ ଗୋଟେ ଲଗେଇ ହବା ତା' କବିତାରେ ଥାଏ। ତାଜା ପବନ ପରି ମୃଦୁ, ଶୀତଳ ଓ ଚହଲେଇ ଦେବା ଭଳି ଧାଡ଼ିମାନଙ୍କରେ ଓଡ଼ିଆ କଥନ ଭଙ୍ଗୀଟି ବାରିହେଇପଡ଼େ ତା' କବିତାରୁ। ୧୯୮୮ରେ ପ୍ରକାଶପାଏ ପ୍ରଥମ କବିତା ବହି 'ଚିହ୍ନା ଚିହ୍ନା ନିର୍ଜନତା'। ଶବ୍ଦ ଭିତରେ ଯେ ଗୋଟେ ନିର୍ଜନପଣ ଥାଏ, ସୁନୀଲ୍‌ର କବିତା ନ ପଢ଼ିଲେ ବୁଝିହୁଏ କ୍ୱଚିତ୍। ୯ ବର୍ଷ ବ୍ୟବଧାନରେ ୧୯୯୭ରେ ପ୍ରକାଶପାଏ ସୁନୀଲ୍‌ର ଦ୍ୱିତୀୟ କବିତା ବହି 'ଦେହ ଦେଉଳ' ଓ ତା'ପରେ ୨୦୦୧ରେ 'ପୁଅ ପାଇଁ ପ୍ରାର୍ଥନା'। ୨୦୦୬ରେ 'ତନୁଲତାର କବିତା' ଓ ୨୦୦୮ରେ 'ଅସଫଳ କବିତା'। ପରେ ପରେ ପ୍ରକାଶପାଏ 'ନୀରବତାର ନାଁ ନାହିଁ' ଓ 'ପାଞ୍ଚଟିପୃଥିବୀ'।

ସୁନୀଲ୍ ପ୍ରେମ ଓ ଆବେଗର କବି। ଗଛରେ ଯେମିତି ଫୁଲ ଫୁଟେ, ରାତିରେ ଯେପରି କାକର ଝରେ, ସେମିତି ଖୁବ୍ ସ୍ୱାଭାବିକ ତା' କବିତା। 'ବର୍ଷା ବିଷୟରେ ରଚନା' ଶୀର୍ଷକ କବିତାରେ ବର୍ଷା ଆସିବାର ପୂର୍ବାପରକୁ ସେ ଲେଖେ ଏହିପରି: "ବୋଉର ଲୁଗା ଶୁଖୁଥିଲା/ ବାରିପଟ ତାରରେ/ ତରତରରେ ତୋଳିନେଲା/ ବାପା ସାଇକେଲ୍‌ରେ/ ଫେରିଲେ ଅଫିସ୍‌ରୁ/ ତା'ପରେ ବର୍ଷା ହେଲା/ ମୁଁ ଆମ ସାମ୍ନା ପଡ଼ିଆରେ/ ସାଥିରେ ଫୁଟ୍‌ବଲ ଓ ସାଙ୍ଗମାନେ/ ମୁନ୍ନିର ମୁଣ୍ଡରୁ ଉଡ଼ିଗଲା ରିବନ୍।" 'ତନୁଲତାର କବିତା'ରେ ତନୁଲତା କେବଳ ଗୋଟିଏ ଉପଲକ୍ଷ୍ୟ, ଆଉ ଅଭିପ୍ରେତ ପ୍ରେମର ସୂକ୍ଷ୍ମତାକୁ ତୋଳିଧରିବା। ତନୁଲତା ବୋଲି କେହି ଜଣେ ଥିଲା, ଅଛି ଓ ଥିବ- ଏଥିରେ କବିତାର ବିଶେଷ କିଛି ଯା'ଆସ ନାହିଁ। ପ୍ରେମ ଯେ ଏକ ନିଖାଦ ସ୍ମୃତି- ଏକଥା 'ତନୁଲତାର କବିତା' ପଢ଼ିଲେ ବୁଝିହୁଏ। "ନଈ କୂଳେ/ କାଗଜ ଫୁଲର ଗଛ ତଳେ/ ତନୁ ଠିଆ ହୁଏ କେବେ/ ଭାରାକ୍ରାନ୍ତ ମେଘ ଆଖି ତା'ର/ ଆସୁଥାଏ ନଈଁ/ ମତେ ବେଶୀ ଭଲ ଲାଗେ ତା' ବାଁ ଗାଲ ଜାଇ/ କପାଫୁଲ ହସ ତା'ର ଲୋଟେ ପବନରେ/ ଦୁଇ ଗାଲ କଣରେ ଭଉଁରି/ ଏବେ, ବେଶୀ ମନେପଡ଼େ।" (ତନୁଲତାର କବିତା, ପୃ: ୧୪)। ସୁନୀଲ୍ 'ତନୁଲତାର କବିତା'ରେ ଆମ ଉପକୂଳିଆଙ୍କୁ କ୍ୱଚିତ୍ ଜଣା ଗୋଟିଏ ଶବ୍ଦ ବ୍ୟବହାର କରିଛି, ଯେଉଁ ଶବ୍ଦ ପାଖରେ ମୁଁ ଅଟକିଛି। ଶବ୍ଦଟି ହେଲା 'ଛିନା'- ହୁଏତ 'ନିଶୂନ୍', 'କେହି ନ ଥିବା' ଅର୍ଥରେ ଏହାର ବ୍ୟବହାର। 'ଛିନା ଦି' ପହର / କେହି ନାହିଁ ସାକ୍ଷୀ', ପୁଣି 'ରାତି ସରିଗଲେ ସପନ ଆସିଲେ/ ସବୁ ଲାଗେ ଛିନାଛିନା'। କବିତାଟିଏ ଯଦି ତା' ଭାଷାର ଭଣ୍ଡାରକୁ ନୂଆ ଶବ୍ଦଟିଏ ସଅଁପିଦେଲା, ଗୋଟିଏ ହେଉ ପଛେ ନୂଆ ତରିକାରେ ତା'ର ବ୍ୟବହାରକୁ ସିଦ୍ଧ କଲା, ତେବେ ସେ କବିତାକୁ ସମୟର ଜରୁରୀ ପ୍ରୟୋଜନ ମଣିବାକୁ ହେବ। ଓଡ଼ିଆ ଭାଷାର ଘରୋଇପଣକୁ ସୁନୀଲ୍‌ର କବିତା ନିରହଂକାର ଭାବେ ଅନୁମୋଦିତ କରେ। ବରଗଡ଼, ବରଗଡ଼ରୁ ରାୟଗଡ଼ା, ନାଗାବଳୀ ନଈ; ସେଠୁ କଟକ ଓ ଭୁବନେଶ୍ୱରକୁ ଯାତ୍ରା ଭିତରେ ସୁନୀଲ୍ ଅଧାପନା କରିଛି, 'ନବଲିପି', 'ସଚିତ୍ର ବିଜୟା', 'ସାହିତ୍ୟ ପୃଥିବୀ' ଓ 'ଶିଶିର' ଭଳି ପତ୍ରିକାର ଅଭୁଲା ସମ୍ପାଦନା କରିଛି।

'ଧରିତ୍ରୀ'ର ସାହିତ୍ୟ ବିଭାଗ ପାଇଁ କବିତା ଦେବାଠାରୁ 'ସଚିତ୍ର ବିଜୟା' ଓ 'ସାହିତ୍ୟ ପୃଥିବୀ' ସମ୍ପାଦନାରେ ମୋର ବ୍ୟକ୍ତିଗତ ସହଯୋଗ ଲୋଡ଼ିବା ପର୍ଯ୍ୟନ୍ତ ନାନା ଭାବେ ସାରସ୍ୱତ ଓ ଘରୋଇ ସ୍ତରରେ ସୁନୀଲ୍ ସହ ମୁଁ ସମ୍ପୃକ୍ତ। ନବେ ଦଶକରେ ସାଙ୍ଗ ହୋଇ ଆସାମ ଯାଇଛୁ ସର୍ବଭାରତୀୟ କବି ସମ୍ମିଳନୀରେ କବିତା ପଢ଼ିବା ପାଇଁ। (ସେତେବେଳେ ଅକାଦମୀ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ପ୍ରଥିତଯଶା ସାହିତ୍ୟିକ ଚନ୍ଦ୍ରଶେଖର ରଥ) ଉତ୍ତରା ଛକରେ ଘର ତିଆରିବେଳେ ତା' କଳ୍ପିତ ଘର ପାଇଁ ନକ୍ସାଟିଏ ମୋ' ସ୍ଥପତି ବୋହୂ ଧୃପାନ୍ୱିତା ତିଆରି କରିଦେଇଛି। ସେତିକିରେ କ'ଣ କମ୍ କୃତକୃତ୍ୟ ସେ! ସୁନୀଲ୍‌ର ପତ୍ନୀ ଗୀତା ଅଧାପନା କରୁଥିବା କଳାପଥର କଲେଜକୁ ଥରେ ଅତିଥି ହେଇ ଯାଇଛି। ରମାକାନ୍ତ ରଥଙ୍କ ଭବ୍ୟ ଉପସ୍ଥିତିରେ ଏକ ସାରସ୍ୱତ ଆସରରେ ସୁନୀଲ୍‌ର କବିତା ଆଲୋଚନା କରିଛି। ତା' ଖୁସିରୁ ବୁଝିଛି ମୋ' ଆକଳନ ତା' ମନକୁ ପାଇଛି। ନନ୍ଦିନୀ ଶତପଥୀଙ୍କ ଜୀବନୀର ଆଦ୍ୟଭାଗ ମୋତେ ଲଗେଇ ସୁନୀଲ୍ ଲେଖେଇ ନେଇଛି, ଯାହା ଧାରାବାହିକ ଭାବେ 'ସଚିତ୍ର ବିଜୟା'ରେ ପ୍ରକାଶ ପାଇଛି।

ସୁନୀଲ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନରେ ବିଶ୍ୱାସୀ ଓ ଆମୃତ୍ୟୁ ଅନୁଗାମୀ ବି! ସେ କବି ନୃସିଂହ ପ୍ରସାଦ ତ୍ରିପାଠୀ ଓ ସାହିତ୍ୟିକ ମନୋଜ ଦାସଙ୍କର ଭାରି ଦିହଘଷା। 'ଅନୁପମ ଭାରତ'ର ସାରସ୍ୱତ ଛବି ନିର୍ମାଣରେ ତା'ର ଅବଦାନ ପ୍ରଚୁର। ନିଜର ସାହିତ୍ୟ ସାଧନା ପାଇଁ ସେ ପ୍ରଜାତନ୍ତ୍ର ବିଷୁବ ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି। ମାତ୍ର ୬୨ ବର୍ଷର ଜୀବନରୁ କବିତା ପାଇଁ ଯାହା ବି ଭାଗ ପାଇଛି, ସେତକରେ କ'ଣ ଲେଖିହୁଅନ୍ତା ମନରେ ଗୁଣୁଗୁଣଉଥିବା ସବୁ କଥା? ଯାହା ଲେଖିବାର ଧାର୍ଯ୍ୟ ଥିଲା, ସୁନୀଲ୍ ତାହା ଲେଖିଛି। ଏତେ ଜଲ୍‌ଦି ଆୟୁଷ ସରିଯିବ ବୋଲି କ'ଣ ସେ ଜାଣିଥିଲା ଯେ ତରତରକି ରାମ୍ପି ପକାନ୍ତା ସେ ମନସ୍ଥ କରିଥିବା ବାକି ଲେଖା! ପୂରା ସନ୍ତୁଷ୍ଟ ହେଇପାରି ନ ଥିବା ବହୁ ଭଲ କବିତା ସେ ଲେଖିଛି; ଅଥଚ କହିଯାଇଛି: "ବହୁ ବିଫଳତାକୁ କିପରି ସହିହୁଏ, କବିତା ତା' ମତେ ଶିଖାଇଲା ସିନା, କିନ୍ତୁ ଗୋଟେ ବି କବିତା ହେଲା କି?- ମୁକ୍ତା ପରି ବା ମୃତ୍ୟୁ ପରି ନିପଟ ଅମଳିନ?" ('କବିତା ବିଷୟରେ କବିତା', 'ଅସଫଳ କବିତା'- ପୃ: ୮୫-୮୬)। 'ମୃତ୍ୟୁ' ଯେ ନିପଟ ଭାବେ ଅମଳିନ- ବସିବାଠୁଁ ଉଠିଗଲା ପରି ଚାଲିଯାଇ ସୁନୀଲ୍ ଏହା ପ୍ରମାଣ କରିଗଲା। କେବେ ବି ସେ ଭିଡ଼ ଭିତରର ମଣିଷ ନ ଥିଲା। ସଂସାରରେ ଥାଇ ବି ଥିଲା ଛାଡ଼ିହେଲା ପରି। କବିତାରେ ଥାଇ ବି ଥିଲା ସାକ୍ଷୀ- କବିଟିଏ ହେଇ। ତା' କବିତା ଯିଏ ପଢ଼ିଛି, ବ୍ୟକ୍ତିଗତ ଭାବେ ଜାଣିଛି, ତା' ମନରୁ ସୁନୀଲ୍‌ର ସ୍ମୃତି ଅନେକ ଦିନଯାଏ ଲିଭିବ ନାହିଁ। ନିଜର ଅଭୁକ୍ତ ଆୟୁଷକୁ ସୁନୀଲ୍ ତା' କବିତାରେ ଛାଡ଼ିଯାଇଛି, ଆଃ ଆମକୁ ଝୁରେଇବା ପାଇଁ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫




## ପୁସ୍ତକ ପରିଚୟ

### ଦୃଷ୍ଟି ଓ ଦୃଷ୍ଟିକୋଣ




**କବି:** ଡ. ପ୍ରସନ୍ନ କୁମାର ମହାନ୍ତି
**ପ୍ରକାଶକ:** ଅପୂର୍ବା, ୟୁନିଟ୍-୩, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ନିବନ୍ଧଗ୍ରନ୍ଥଟି ଭାଷା-ସାହିତ୍ୟଭିତ୍ତିକ ଆଲୋଚନା ଓ ନିବନ୍ଧସମୂହର ଏକ ସଂକଳନ ଓ ଗ୍ରନ୍ଥରେ ସ୍ଥାନିତ ଲେଖାଗୁଡ଼ିକର ରଚନାକାଳ ୧୯୮୦ରୁ ୨୦୧୬ଯାଏ ବିସ୍ତୃତ। ଲେଖାଗୁଡ଼ିକ ଚାରିଭାଗରେ ସଜ୍ଜିତ। ପ୍ରଥମ ଭାଗରେ ସାହିତ୍ୟ ତତ୍ତ୍ୱମୂଳକ ବିଚାର, ଦ୍ୱିତୀୟରେ ବ୍ୟକ୍ତିକ କୃତିର ଆଲୋଚନା, ତୃତୀୟରେ ସ୍ୱ-ଜୀବନ ବିଷୟକ ଲେଖା ଓ ଚତୁର୍ଥ ଭାଗରେ ରହିଛି ସାହିତ୍ୟର ଇତିହାସ ସମ୍ପର୍କିତ ଆକଳନ। ପ୍ରଥମ ଭାଗରେ ୭ଟି, ଦ୍ୱିତୀୟରେ ୧୪ଟି, ତୃତୀୟ ଓ ଚତୁର୍ଥରେ ଗୋଟିଏ ଗୋଟିଏ ନିବନ୍ଧ ସଂଯୋଜିତ। 'ଯୁଦ୍ଧଭୂଇଁରେ ଓଡ଼ିଆ ଭାଷା-ସାହିତ୍ୟ' ଓ 'ସାହିତ୍ୟର ଇତିହାସ ରଚନା' ଭଳି ନିବନ୍ଧରେ ପ୍ରସନ୍ନଙ୍କ ଐତିହାସିକ ତଥ୍ୟାତ୍ମକତା ଓ ତା'ର କ୍ରମିକ ଚିନ୍ତାନିଷ୍ଠ ଅନୁଶୀଳନ ବିବେଚନା ଦୃଷ୍ଟିରୁ ଗବେଷଣାଧର୍ମୀ ଓ ଏହି କାରଣରୁ ପରବର୍ତ୍ତୀ ଗବେଷକଙ୍କ ପାଇଁ ନିର୍ଭରଯୋଗ୍ୟ ବର୍ତ୍ତିକା ସଦୃଶ। ପଲ୍ଲୀ ପୃଷ୍ଠଭୂମିରେ ରଚିତ ଓଡ଼ିଆ ଉପନ୍ୟାସ ସମ୍ପର୍କରେ ଚର୍ଚ୍ଚା କରିବାକୁ ଯାଇ ସେ 'ପଦ୍ମମାଳୀ', 'ସୌଦାମିନୀ'ଠୁଁ ଆରମ୍ଭ କରି କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଓ ଗୋପୀନାଥ ମହାନ୍ତିଙ୍କ 'ମାଟି ମଟାଳ' ପର୍ଯ୍ୟନ୍ତ କାଳଜୟୀ ଉପନ୍ୟାସଗୁଡ଼ିକର ତନଖି କରିଛନ୍ତି। ଆଲୋଚ୍ୟ ଗ୍ରନ୍ଥରେ ବିସ୍ମୃତପ୍ରାୟ ଜ୍ଞାନୀନ୍ଦ୍ର ବର୍ମାଙ୍କଠାରୁ ଆରମ୍ଭ କରି ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ରମାକାନ୍ତ ଓ ସୀତାକାନ୍ତଙ୍କ କବିତା ସମ୍ପର୍କରେ ନିବନ୍ଧକାର ଯେଉଁ ବିଶ୍ଳେଷଣ କରିଛନ୍ତି, ତାହା କେବଳ ଅନ୍ୟର ମତୋଦ୍ଧାରଧର୍ମୀ, ମୌଳିକତାବିହୀନ ତର୍ଜମା ନ ହୋଇ ସ୍ୱକୀୟ ପ୍ରଜ୍ଞା ଓ ପୁରୋଦୃଷ୍ଟିର ପରିଚାୟକ ହୋଇପାରିଛି। 'ମୋ ଜୀବନ ମୋ ସାହିତ୍ୟ' ଶୀର୍ଷକରେ ଲେଖକ ନିଜ ଜୀବନର ଯେଉଁ ସତ ଗପ ଶୁଣାଇଛନ୍ତି, ତାହା ବେଶ୍ ଅଙ୍ଗେନିଭା, ତେଣୁ ପଢ଼ିବସିଲେ ଆଖି ଫେରାଇବା ସହଜ ନୁହେଁ। ଶେଷ ନିବନ୍ଧ 'ସାହିତ୍ୟର ଇତିହାସ ରଚନା'ରେ ପ୍ରସନ୍ନ ପ୍ରତିବଦ୍ଧ, ନିକ ଓ ବ୍ୟକ୍ତି-ନିରପେକ୍ଷ। ଗୋଟିଏ ବାକ୍ୟରେ କହିଲେ ଗ୍ରନ୍ଥର ପ୍ରାୟ ରଚନାରେ ପ୍ରସନ୍ନ ସମାଲୋଚକର ଧର୍ମରକ୍ଷାରେ ଅନୁବ୍ରତୀ ଓ ଏହି କାରଣରୁ ଗ୍ରନ୍ଥର ଜନାଦୃତି ଅବଧାରିତ।

### କବିତାର ଶିଳ୍ପନୈପୁଣ୍ୟ




**ଲେଖକ:** ଡ. ଭରତ ବେହେରା
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୨୫/-

ମୋଟ ୨୦ଟି ପ୍ରବନ୍ଧ ବା ସାହିତ୍ୟାଲୋଚନା ଆଲୋଚ୍ୟ ପୁସ୍ତକରେ ସଂଯୋଜିତ ଓ ସମସ୍ତ ସମୀକ୍ଷା କବିତା ସମ୍ପର୍କିତ। ଯେଉଁ ଏକକ କବିଙ୍କ କବିତା ବିଷୟରେ ଆଲୋଚନା କରାଯାଇଛି, ସେମାନଙ୍କ ମଧ୍ୟରେ ରଘୁନାଥ ଦାସ, ବ୍ରହ୍ମାନନ୍ଦ ଦାସ, ବଂଶୀଧର ଷଡ଼ଙ୍ଗୀ, ପ୍ରସନ୍ନ ମିଶ୍ର, ବନଜ ଦେବୀ, ପ୍ରମୋଦ କୁମାର ମହାନ୍ତି, ଫନୀ ମହାନ୍ତି, ସଦାଶିବ ଦାଶ, ବାସୁଦେବ ଦାସ, ଗଙ୍ଗାଧର ଦାସ, ଅମରେଶ ପଟ୍ଟନାୟକ, ନିରାକାର ଦାସ, ସୈରିନ୍ଧ୍ରୀ ସାହୁ ଓ ନୃସିଂହ ତରାଇ ଅନ୍ତର୍ଭୁକ୍ତ। ବହିଟିର ବିଶେଷତ୍ୱ ଏହି ଯେ ଆଲୋଚନା କ୍ଷେତ୍ରରେ ଅନବଲୋକିତ ବା କ୍ୱଚିତ୍ ଲୋକିତ କବିମାନଙ୍କର କବିତାକୁ ଆଲୋଚକ ତାଙ୍କ ଆକଳନର ପରିସରଭୁକ୍ତ କରିଛନ୍ତି ଏବଂ ଯଥାସମ୍ଭବ ନିଜର ଅର୍ଜିତ ଜ୍ଞାନ ଓ ତୁଳନାତ୍ମକ ଆଧାର ଦେଇ ପ୍ରତ୍ୟେକ କବିଙ୍କ କବିତାର ବିଶ୍ଳେଷଣ କରିଛନ୍ତି। ଗ୍ରନ୍ଥାରମ୍ଭରେ ଥିବା 'ଆଧୁନିକ କବିତାରେ ଶିଳ୍ପନୈପୁଣ୍ୟ' ଶୀର୍ଷକ ନିବନ୍ଧରେ ଭରତ ବିଭିନ୍ନ କବିଙ୍କ କବିତାର ଦୃଷ୍ଟାନ୍ତ ଦେଇ ଯେପରି ନିଜସ୍ୱ ମତ ଉପସ୍ଥାପନ କରିଛନ୍ତି, ଅନ୍ୟ ଆଲୋଚନାମାନଙ୍କରେ ମଧ୍ୟ ନିଜ ବିଦ୍‌ବତ୍ତାର ସେପରି ପ୍ରମାଣ ଦେଇଛନ୍ତି। ଆଶା କରିବା ଅମୂଳକ ନୁହେଁ ଯେ, ଆଲୋଚ୍ୟ ପୁସ୍ତକଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ନିଜସ୍ୱ ଆସନ ସ୍ୱକୀୟ ଯୋଗ୍ୟତା ଆଧାରରେ ବାଛିନେବ ଓ ପରବର୍ତ୍ତୀ ଆଲୋଚକଙ୍କ ପାଇଁ ଅନୁସରଣୀୟ ହେବ।

## କବିତା

### ଆସ୍ପୃହା

ଦୀପ୍ତି ମିଶ୍ର

**ସେ** ଚାହେଁନା ହେବାକୁ ସେଇ
ନିଷିଦ୍ଧ ପୃଥିବୀର ଅଧିବାସୀ
ଯେଉଁଠି ଦୂବଟିଏକୁ ବି
ବଞ୍ଚିବାକୁ ଅହରହ ସଂଗ୍ରାମ
କରିବାକୁ ପଡ଼େ,

ସେ ଚାହେଁନା ସେଇ
ରୁପାର ପଞ୍ଜୁରି...
ସଂକୀର୍ଣ୍ଣତା ଭିତରେ
ଶାରୀଟିଏ ହୋଇ
ବଞ୍ଚିବାକୁ ସେ ଚାହେଁ
ପରିବ୍ୟାପ୍ତ ଶୂନ୍ୟତା ଭିତରେ
ପୂର୍ଣ୍ଣତାର ମଞ୍ଜିଟିଏ ବୁଣିବାକୁ...

ସେ ଚାହେଁନା ଛାତି ତଳର
ଦୁଃଖକୁ ଆଉ କାହା ପାଖରେ
ଉଗାଳି ପକାଇ କାହାର
ମିଛ ସାନ୍ତ୍ୱନାରେ
ପୁଷ୍ଟ ହେବାକୁ,
ସେ ଚାହେଁନା ପାପ ପୁଣ୍ୟର
ହିସାବ ଭିତରେ
ଲାଭ କ୍ଷତିର ଅଙ୍କ କଷିବାକୁ।

ସେ ଚାହେଁ ନିଜ
ମନ ଉପବନରେ
ପ୍ରସ୍ଫୁଟିତ ପ୍ରୀତିର ଗୋଲାପକୁ
ତାଙ୍କ ପାଦତଳେ ଥୋଇ
ଚିର ବନ୍ଦିନୀ ହୋଇ
ରହିବାକୁ...

ସେଠି ନାହିଁ
ଅନୁତାପାନଳେ
ଦଗ୍ଧୀଭୂତ ମନ ପ୍ରାଣ ଶରୀରର
ପ୍ରାୟଶ୍ଚିତ୍ତ ଜିଜ୍ଞାସା...
ନାହିଁ ଅନ୍ଧାରର ଆଗମନୀ...
ନାହିଁ ଭୀତତ୍ରସ୍ତ
ନିଶିଥ ରଜନୀ...

ଅଛି ଖାଲି ଆଲୋକ ଓ
ଆନନ୍ଦର ରୋଶଣି...
ଆଉ ଅଛି ବିମଳ ପ୍ରଭାତର
ବିମୁଗ୍ଧ ଶଙ୍ଖ ଧ୍ୱନି।

ମୋ: ୯୪୩୮୪୦୪୩୦୮

## କାଳକାଳକୁ



"ଜଣେ ବ୍ୟକ୍ତି କେବଳ ତା'
ନିଜର ଜୀବନ ବଞ୍ଚେ ନାହିଁ,
ଜାଣତ ବା ଅଜାଣତରେ ତା'
ଯୁଗର ଜୀବନ ମଧ ବଞ୍ଚେ।"
–ଥୋମାସ୍ ମାନ୍

**ଥୋମାସ୍ ମାନ୍‌ଙ୍କ** ଜନ୍ମ ୯ ଜୁନ୍ ୧୮୭୫ରେ ଜର୍ମାନ୍‌ର ଲୁବେକ୍‌ରେ ଓ ପରଲୋକ ୧୨ ଅଗଷ୍ଟ ୧୯୫୫ରେ, ସୁଇଜରଲ୍ୟାଣ୍ଡର ଜୁରିକ୍‌ରେ। ସେ ଏକାଧାରରେ ଔପନ୍ୟାସିକ, କଥାଶିଳ୍ପୀ ଓ ନିବନ୍ଧକାର। ତାଙ୍କର ପ୍ରମୁଖ ଗ୍ରନ୍ଥ ମଧ୍ୟରୁ କେତୋଟି ହେଉଛି- ବଡେନ୍‌ବ୍ରୁକ୍‌ସ, ଦ ମ୍ୟାଜିକ୍ ମାଉଣ୍ଟେନ୍, ଡେଥ୍ ଇନ୍ ଭେନିସ୍ ଓ ଯୋସେଫ୍ ଆଣ୍ଡ ହିଜ୍ ବ୍ରଦର୍ସ। ଥୋମାସ୍‌ଙ୍କ ଲେଖାଗୁଡ଼ିକ ଗଭୀର ଭାବେ ମନସ୍ତାତ୍ତ୍ୱିକ ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଏବଂ ଏହି କାରଣରୁ ବହୁପଠିତ। ହିଟ୍‌ଲର୍‌ଙ୍କ ଶାସନକୁ ବିରୋଧ କରି ନିର୍ବାସନରେ ରହି ଲେଖୁଥିବା ଜର୍ମାନ୍ ଲେଖକଙ୍କ ମଧ୍ୟରୁ ସେ ଅନ୍ୟତମ। ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ୧୯୨୯ରେ ତାଙ୍କୁ ମିଳିଛି ନୋବେଲ ପୁରସ୍କାର। ସେ କହନ୍ତି: "ଯୁଦ୍ଧ ହେଉଛି ଶାନ୍ତିର ସମସ୍ୟାରୁ ଏକ କାପୁରୁଷୋଚିତ ପଳାୟନ।"

## ଅଣୁଗଳ୍ପ

### ଖରାତତ୍ତ୍ୱ

ଡ. ଦ୍ୟୁତି ଚନ୍ଦ୍ର ସାହୁ

ରାସ୍ତାକଡ଼ରେ ଗୋଟିକିଆ ବୁଢ଼ା ବରଗଛ। ପରିବର୍ତ୍ତନର ମୂକସାକ୍ଷୀ ହୋଇ କୋଉ କାଳୁ ଠିଆ ହୋଇଛି। ଡହଡହ ଖରା। ଚପଲ ପିନ୍ଧି ରାସ୍ତାରେ ଚାଲିଲେ ବି ଝାଞ୍ଜିରେ ଗୋଡ଼ସବୁ ସିଝିଯାଉଛି। ଝାଞ୍ଜିପିଟା ପବନରେ ମୁହଁର ରଙ୍ଗ ବଦଳିଯାଉଛି। ରାସ୍ତାକଡ଼ରେ ଦୂର ଦୂର ପର୍ଯ୍ୟନ୍ତ ଆଉ ଗଛ ନାହିଁ। ଡଙ୍ଗରରେ ପୋଡୁଚାଷ ପାଇଁ ନିଆଁ ଲଗେଇ ଫେରୁଥିଲେ ଆଦିବାସୀ ବୁଢ଼ାବୁଢ଼ୀ। ବୁଢ଼ୀ ମୁଣ୍ଡେଇଥିବା ଶୁଖିଲା କାଠ ଗୋଛାକୁ ବରଗଛ ଛାଇରେ ରଖି ଲଥ୍ କରି ବସିପଡ଼ିଲା। ବୁଢ଼ା କାନ୍ଧରେ ଥିବା ଟାଙ୍ଗିଆକୁ ଗଛକୁ ଆଉଜେଇ ରଖିଲା। କାନରେ ଥିବା ସୁତାରେ ନିଆଁ ଧରେଇ ଦି'ପୁଳା ବସି ଟାଣିଲା। ଏତିକିବେଳେ ଜଣେ ଲୋକ ବାଇକ୍‌ରେ ନିଜ ଝିଅକୁ ଧରି ଫେରୁଥିଲେ ଗାଁକୁ। ଖରା ସମ୍ଭାଳି ନ ପାରି ଗଛ ଛାଇରେ ଗାଡ଼ି ରଖି ବସିପଡ଼ିଲେ। ଝିଅକୁ ପାଣି ବୋତଲରୁ ମୁନ୍ଦିଏ ପାଣି ପିଆଇଲେ।

ବୁଢ଼ା କହିଲା- କି ଖରା ଦେଖେ ବାବୁ! ମଣିଷ ପୁଡ଼ିଲା ପରିକା ହୋଇଯାଉଛି।

ଲୋକଟି କହିଲା- ଜବର ଖରା! ସେଥିଲାଗି ତମେମାନେ ବେଶୀ ଦାୟୀ। ସବୁବର୍ଷ ଡଙ୍ଗରରେ ନିଆଁ ଲଗେଇ ପୋଡୁଚାଷ କରିବ। ନିତି ଜଙ୍ଗଲ କାଟି ସଫା କରିବ। ତା' ବଦଳରେ ଗଛ ଲଗେଇବନି। ଆଉ ଖରା ବଢ଼ିବ ନାହିଁ ତ କ'ଣ କମିବ?

ସତ କହିଲୁ ଯେ ବାବୁ! ତୁମର ପରି ବାବୁମାନେ ମିଶା ବଡ଼ବଡ଼ ଗାଡ଼ିରେ ବେଶୀ ବେଶୀ ତେଲ ପୁଡ଼େଇକି ଧୂଆଁ ଛାଡୁଛ। ଇଠି ସେଠି ବଡ଼ବଡ଼ କାରଖାନା ବସଉଛ। ସିଟା ଲାଗି ଆମର ଅଞ୍ଚଳ ମିଶା ବେଶୀ ଆଲରା ହୋଇଗଲା। ଖାଲି ଧୂଆଁ ଆଉ ତାତିରେ ଶୁଖୁଆ ଭାଜିଲା ପରି ଲାଗୁଛି ଏବେ।

ଏଇ କଥା ଭିତରକୁ ପାଖରେ ଥିବା କଲେଜ ପଢୁଆ ଝିଅ କହିଲା- ଦେଖ! ଆଜିର ଏ ସ୍ଥିତି ପାଇଁ ଆମେ ସମସ୍ତେ ଦାୟୀ। ମଣିଷ ଜନ୍ମ ହେଲେ ଛୋଟ ପିଲାକୁ ସେକିବାକୁ ନିଆଁ ଉହ୍ମେଇ ଲୋଡ଼ା। ରହିବା ପାଇଁ ଘର ଓ ଘରର ଦୁଆର କବାଟ ଝରକାଠାରୁ ଖଟ ଆଲଣା ସବୁ କାଠର ଲୋଡ଼ା। ରୋଷେଇ କରିବାକୁ ଏବେ ବି ଜାଳକାଠକୁ ଆମର ପସନ୍ଦ। ଆଦିବାସୀ ଲୋକ ବଞ୍ଚିବା ପାଇଁ ପୋଡୁଚାଷ କଲେ। ବାକି ଲୋକ ବିକାଶ ନାମରେ ଜଙ୍ଗଲ ସଫା କରି ଘରଦ୍ୱାର ଦୋକାନ ବଜାରଠାରୁ ବଡ଼ବଡ଼ କମ୍ପାନୀ ପର୍ଯ୍ୟନ୍ତ ବସେଇଲେ। ଜୀବନଯାକ ଗଛ ଯାହା ଦେଲା ତାକୁ ଖାଇଲେ। ଖାଇବାଠାରୁ ଅମ୍ଳଜାନ, ବର୍ଷା, ଔଷଧ, ବନଜାତ ଦ୍ରବ୍ୟସବୁ ଦେଇ ଦେଇ ସେ ଥକିଗଲା ସିନା ତୁମର ନେବା ଥକିଲା ନାହିଁ। ତା'ପରେ ବି ତାକୁ କାଟି ନଷ୍ଟ କଲ। ମଲାବେଳକୁ ତାକୁ ଛାଡ଼ିଲ ନାହିଁ। ଶବସତ୍କାର ବେଳେ କାଠ ଲୋଡ଼ିଲ। ଏତେ ସବୁ ପରେ ମଣିଷ କ'ଣ ଦେଲା ତାକୁ। ତା'ର ନୂଆ ବଂଶଧର ତିଆରି କରିବା ପାଇଁ ଘର ଆଖପାଖରେ କେତେ ଗଛ ଲଗେଇ ବଂଚେଇଲ? ନାହିଁ ସେତକ ବି ଆମ ଦ୍ୱାରା ହେବନି। ଏବେ ତ ଏତିକି ଖରା। ଆଗକୁ ଆହୁରି ବଢ଼ିବ। କମ୍ ପାଣି ପାଇ ଏବେଠାରୁ ଲୋକ ଡହଳ ବିକଳ ହେଉଛନ୍ତି। ଆଗକୁ ସେତକ ବି ମିଳିବନି। ପାଣି ପାଣି ବୋଲି ଲୋକେ ମରିବେ। ସେ ବେଳ ଆଉ ବେଶୀ ଦୂର ନୁହଁ। ଆବଶ୍ୟକତା ପାଇଁ ଯେତିକି ଗଛ କାଟୁଛ ସେତିକି ତୁରନ୍ତ ଲଗେଇବା ସହ ତାକୁ ବଢ଼େଇବାକୁ ହେବ। ନହେଲେ ଟାଙ୍ଗିଆ କାଠକୁ ନ ବାଜି ଗୋଡ଼ରେ ବାଜିଲେ ଯାହା ହେବ ଆମ ଅବସ୍ଥା ସେୟା ହେବ।

ଝିଅ କଥା ଶୁଣି ବୁଢ଼ା ତୁଣ୍ଡରୁ ସୁଟା ଖସିଗଲା। ତା'ର ବାପା କାବା ହୋଇ ଝିଅକୁ ଚାହିଁ ରହିଲା। ଏତିକି ବେଳେ ବୁଢ଼ା ବରଗଛର ଶୁଖିଲା ଡାଳଖଣ୍ଡେ ମଡ଼ମାଡ଼ ହୋଇ ଭାଙ୍ଗି ତଳେ ପଡ଼ିଲା। ସମସ୍ତେ ଭାବିଲେ ବୁଢ଼ା ବରଗଛକୁ ବି ଝିଅର କଥା ମନକୁ ପାଇଲା।

ମୋ: ୯୪୩୭୯୦୯୬୭୧



# ୮.୨% ହୋଇପାରେ ଜିଡିପି ଅଭିବୃଦ୍ଧି

ଭୁବନେଶ୍ୱର,୩୧।୫
(ଅନୁରାଧା ମହାରଣା)



ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ), ପରିସଂଖ୍ୟାନ ଏବଂ ପ୍ରୋଗ୍ରାମ କାର୍ଯ୍ୟାନ୍ୱୟନ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସାମୟିକ ଆକଳନ ପ୍ରକାଶ ପାଇଛି। ଏହାସହ ୨୦୨୩-୨୪ର ଚତୁର୍ଥ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ) ପାଇଁ ଜିଡିପିର ତ୍ରୈମାସିକ ଆକଳନ ଏବଂ ଉଭୟ ସ୍ଥିର (୨୦୧୧-୧୨) ଏବଂ ବର୍ତ୍ତମାନର ମୂଲ୍ୟରେ ଜିଡିପିର ବ୍ୟୟ ଉପାଦାନଗୁଡ଼ିକର ଅନୁରୂପ ଆକଳନ ପ୍ରକାଶ କରିଛି। ମୋଟ ଜାତୀୟ ଆୟର ଆକଳନ ଏବଂ ମୁଣ୍ଡ ପିଛା ଆୟର ମୋଟ ମୂଲ୍ୟ (ଜିଭିଏ) ସହ ଜିଡିପିର ବ୍ୟୟ ଉପାଦାନଗୁଡ଼ିକର ମୂଳ ମୂଲ୍ୟରେ ୨୦୨୧-୨୨, ୨୦୨୨-୨୩ ଏବଂ ୨୦୨୩-୨୪ ବର୍ଷ ପାଇଁ ଜିଡିପିର ବ୍ୟୟ ଉପାଦାନଗୁଡ଼ିକର ମୂଳ ମୂଲ୍ୟରେ ଆକଳନ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରକୃତ ଜିଡିପି ୮.୨% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭.୦% ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୧୪.୨% ତୁଳନାରେ ୨୦୨୩-୨୪ରେ ଜିଡିପି ଅଭିବୃଦ୍ଧି ହାର ୯.୨୩% ହୋଇଛି।

୨୦୨୨-୨୩ରେ ୬.୭% ତୁଳନାରେ ଜିଭିଏ ୨୦୨୩-୨୪ରେ ୭.୨% ବୃଦ୍ଧି ପାଇଛି। ଜିଭିଏର ବୃଦ୍ଧି ମୁଖ୍ୟତଃ ୨୦୨୩-୨୪ ମସିହାରେ ଉତ୍ପାଦନ କ୍ଷେତ୍ରରେ ୯.୯% ବୃଦ୍ଧି ସହ ୨୦୨୨-୨୩ ମଧ୍ୟରେ -୨.୨% ଏବଂ ୨୦୨୨-୨୩ ରେ ଖଣି ଏବଂ ଖଣି କ୍ଷେତ୍ରରେ ୧.୯% ଅଭିବୃଦ୍ଧି ଦ୍ୱାରା ହୋଇଛି। ୨୦୧୫ ତୁଳନାରେ ୨୦୨୩-୨୪ ରେ ୭.୧% ବୃଦ୍ଧି ମଧ୍ୟ ଏହାର କାରଣ ରହିଛି। ୨୦୨୩-୨୪ର ଚତୁର୍ଥ ତ୍ରୈମାସିକରେ ଜିଭିଏ ଏବଂ ଜିଡିପି ଯଥାକ୍ରମେ ୬.୩% ଏବଂ ୭.୮% ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ର ଚତୁର୍ଥ ତ୍ରୈମାସିକ ପାଇଁ ନାମମାତ୍ର ଜିଭିଏ ଏବଂ ନାମମାତ୍ର ଜିଡିପିରେ ଅଭିବୃଦ୍ଧି ହାର ଯଥାକ୍ରମେ ୮.୦% ଏବଂ ୯.୯% ଆକଳନ କରାଯାଇଛି। ୨୦୨୩-୨୪ରେ ପ୍ରକୃତ ଜିଡିପି କିମ୍ବା ଜିଡିପି ୨୦୨୩-୨୪ ବର୍ଷରେ ୩ ୧୭୩.୮୨ ଲକ୍ଷ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଥିବାବେଳେ ୨୦୨୨-୨୩ ପାଇଁ ଜିଡିପିର ପ୍ରଥମ ସଂଶୋଧିତ ଆକଳନ ୧୬୦.୭୧ ଲକ୍ଷ କୋଟି। ସେହିପରି ୨୦୨୨-୨୩ରେ ୭.୦% ତୁଳନାରେ ୨୦୨୩-୨୪ ମଧ୍ୟରେ ପ୍ରକୃତ ଜିଡିପିରେ ଅଭିବୃଦ୍ଧି ହାର ୮.୨୨% ବୋଲି ଆକଳନ କରାଯାଇଛି। ବର୍ତ୍ତମାନର ମୂଲ୍ୟରେ ନାମମାତ୍ର ଜିଡିପି କିମ୍ବା ଜିଡିପି ୨୦୨୩-୨୪ ବର୍ଷରେ ୫ ୨୯୫.୩୬ ଲକ୍ଷ କୋଟି ସ୍ତରରେ ପହଞ୍ଚିବ ବୋଲି ଆକଳନ କରାଯାଇଥିବାବେଳେ ୨୦୨୨-୨୩ ମସିହାରେ ଏହା ୨୬୯.୫୦ ଲକ୍ଷ କୋଟି ଥିଲା। ଏହିପରି ଏହା ୯.୬% ଅଭିବୃଦ୍ଧି ହାର ଦର୍ଶାଉଛି। ୨୦୨୩-୨୪ ରେ କ୍ରମାଗତ ମୂଲ୍ୟରେ ପ୍ରକୃତ ଜିଡିପି କିମ୍ବା ସ୍ଥିର ଜିଡିପି ଆନୁମାନିକ ୪୭.୨୪ ଲକ୍ଷ କୋଟି, ୨୦୨୨-୨୩ରେ ୪୩.୮୪ ଲକ୍ଷ କୋଟି ତୁଳନାରେ ୭.୮% ଅଭିବୃଦ୍ଧି ହାର ଦର୍ଶାଯାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ, ୩୧।୫

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୬(୭୫.୭୧) ପଏଣ୍ଟ ବଢ଼ି ୭୩,୯୬୧(୭୩,୯୬୧.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୨(୪୨.୦୫) ପଏଣ୍ଟ ବୃଦ୍ଧି ଘଟି ୨୨,୫୩୧(୨୨,୫୩୦.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ତନିସ୍କରେ ସ୍ୱତନ୍ତ୍ର ସାବିତ୍ରୀ ବ୍ରତ ଅଫର



ଭୁବନେଶ୍ୱର,୩୧।୫

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ସ୍ୱତନ୍ତ୍ର ସାବିତ୍ରୀ ବ୍ରତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ୨୦୨୪ ମେ ୩୧ରୁ ଜୁନ୍ ୨ ପର୍ଯ୍ୟନ୍ତ ତନିସ୍କର ସମସ୍ତ ଷ୍ଟୋରରେ ଉପଲବ୍ଧ। ସେହିଭଳି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାବିତ୍ରୀ ବ୍ରତ ଉପଲକ୍ଷେ ତନିସ୍କ ପକ୍ଷରୁ ସୁନା ଗହଣାର ଗଢ଼ା ମଜୁରି ଉପରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଅପରପକ୍ଷରେ ସାବିତ୍ରୀ ବ୍ରତ ପ୍ରେମର ଭାବନାକୁ ସତେଜ କରିଥାଏ। ଏହି ପର୍ବକୁ ତନିସ୍କର କାଳଜୟୀ ଏବଂ ଶୁଦ୍ଧ ସୁନା ସହ ପାଳନକରି ଘରକୁ ଗ୍ରାହକ ସମୃଦ୍ଧି ଆଣିପାରିବେ ଏବଂ ବ୍ରାଣ୍ଡ ପକ୍ଷରୁ ଉପଲବ୍ଧ ସ୍ୱତନ୍ତ୍ର ଅଫରର ଲାଭ ଉଠାଇ ସାବିତ୍ରୀର ପରମ୍ପରାକୁ ଶୁଭକାମନା ସହିତ ପାଳନ କରିପାରିବେ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ସେହିପରି ଅତି ଜଟିଳ ଭାବେ ପ୍ରସ୍ତୁତ ତନିସ୍କର ସୁନା ଏବଂ ହୀରା ଗହଣା ଏହି ସାବିତ୍ରୀ ପର୍ବକୁ ଅଧିକ ଉତ୍ସବମୁଖର କରିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ବ୍ରାଣ୍ଡର ଏକ ଗହଣା ଉପହାର ଦେଇ ପ୍ରେମର ଏହି ପର୍ବର ଉଷ୍ମତାକୁ ବଢ଼ାଇବା ସହ ସମ୍ପର୍କକୁ ସୁଶୋଭିତ କରିବା ପାଇଁ ତନିସ୍କ ପକ୍ଷରୁ କୁହାଯାଇଛି। ବିଶେଷକରି ଚମତ୍କାର କାନଫୁଲଠାରୁ ଆରମ୍ଭକରି ହୀରାର ନେକ୍‌ଲେସ୍ ଏବଂ ପାରମ୍ପରିକ ମଥା ଟିକା ଓ ଚୁଡ଼ି, ପ୍ରତ୍ୟେକ ପିସ୍ ତନିସ୍କର କାରିଗରି ଏବଂ ଗୁଣବତ୍ତା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ବ୍ରାଣ୍ଡର ବିଭିନ୍ନ କଲେକ୍ସନରେ ଆକର୍ଷଣୀୟ ମୂଲ୍ୟର ଚମତ୍କାର ଡିଜାଇନ୍ ଉପଲବ୍ଧ ରହିଛି। ତେଣୁ ପ୍ରିୟଜନଙ୍କୁ ଗ୍ରାହକ ନିଜ ସମ୍ପର୍କ ଭଳି ଶୁଦ୍ଧ କିଛି ଉପହାର ଦେଇ ପାରିବେ,ଯାହାକି ଚିରଦିନ ପାଇଁ ସ୍ୱତନ୍ତ୍ର ହୋଇରହିବ।

## ବଣ୍ଡ୍ ମାଧ୍ୟମରେ ୧୦୦୦ କୋଟିର ପାଣ୍ଠି ସଂଗ୍ରହ

ଭୁବନେଶ୍ୱର, ୩୧।୫

ଦେଶର ସର୍ବବୃହତ୍ ଅଣ-ବ୍ୟାଙ୍କିଙ୍ଗ୍ ମାଇକ୍ରୋଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇ) ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ ପୁଞ୍ଜି ବୃଦ୍ଧି ଓ ବ୍ୟବସାୟ ବିକାଶ ପାଇଁ ସିକ୍ୟୋର୍ଡ ବଣ୍ଡର ସାର୍ବଜନୀନ ଇସ୍ୟୁ ମାଧ୍ୟମରେ ୧୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବାକୁ ଘୋଷଣା କରିଛି। ଏହି ବଣ୍ଡଗୁଡିକ ୧୦.୫୦% ପର୍ଯ୍ୟନ୍ତ ରିଟର୍ନ ଓ ଉଚ୍ଚମାନର ସୁରକ୍ଷା ପ୍ରଦାନ କରିବେ ବୋଲି ଆଶା କରାଯାଉଛି। ଏହି ଇସ୍ୟୁ ୨୦୨୪ ଜୁନ୍ ୩ରେ ଖୋଲିବ ଏବଂ ଜୁନ୍ ୧୪ ରେ ବନ୍ଦ ହେବ। ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ ୮୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ମୋଟ ୧୦୦୦ କୋଟି ଟଙ୍କା) ଓଭର-ସବ୍‌ସ୍କ୍ରିପଶନ ବଜାୟ ରଖିବା ପାଇଁ ଏକ୍ ଗ୍ରୀନ୍-ସୁ ବିକଳ୍ପ ସହ ମୋଟ ୨୦୦ କୋଟି ଟଙ୍କାର ବଣ୍ଡ ଜାରି କରିବ। ଆଇଆଇଏଫ୍‌ଏଲ୍ ସମସ୍ତା ବଣ୍ଡ ୬୦ ମାସ ପାଇଁ ବାର୍ଷିକ ୧୦.୫୦%ର ସର୍ବୋଚ୍ଚ ରିଟର୍ନ ପ୍ରଦାନ କରୁଛି। ଏହି ଏନ୍‌ସିଡି ୨୪ ମାସ, ୩୬ ମାସ ଓ ୬୦ ମାସ ଅବଧି ପାଇଁ ଥିଲାବେଳେ ସୁଧ ପଇଠର ବାରମ୍ବାରତା ପ୍ରତ୍ୟେକ ସିରିଜ୍ ପାଇଁ ମାସିକ ଓ ବାର୍ଷିକ ଆଧାରରେ ଉପଲବ୍ଧ ହେଉଛି।

ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଏମ୍‌ଡି ଓ ସିଇଓ ଭେଙ୍କଟେଶ ଏନ୍ କହିଛନ୍ତି,ସାରା ଭାରତରେ କମ୍ପାନୀର ଏକ ମଜଭୁତ ଉପସ୍ଥିତି ରହିଛି। ଏପରିକି ଏହା ଏକ ବହୁମୁଖୀ ପୋର୍ଟଫୋଲିଓ ମାଧ୍ୟମରେ ଅଣସଂରକ୍ଷିତ ଓ ସୁବିଧାରୁ ବଞ୍ଚିତ ଲୋକ ଏବଂ ପୃଷ୍ଠଭୂମିର ମହିଳା ଉଦ୍ୟୋଗୀମାନଙ୍କ ଋଣ ଆବଶ୍ୟକତା ପୂରଣ କରିଥାଏ। କମ୍ପାନୀର ପ୍ରାୟ ୧୫୦୦ ଶାଖା ଜରିଆରେ ସଂଗ୍ରହ କରାଯିବାକୁ ଥିବା ପାଣ୍ଠିକୁ ଏଭଳି ଗ୍ରାହକମାନଙ୍କର ଋଣ ଚାହିଦା ପୂରଣ କରିବା ଓ ବ୍ୟବସାୟ ଅଭିବୃଦ୍ଧି ପାଇଁ ବ୍ୟବହାର କରାଯିବ।

## ଆଜିଠାରୁ ଟ୍ରେଣ୍ଡସ୍‌ର ରଜ ମଉଜ

ଭୁବନେଶ୍ୱର, ୩୧।୫(ଅଭୟ ଦାଶ)



ରିଲାଏନ୍ସ ରିଟେଲର ପୋଷାକ ଓ ଆସେସୋରିଜ୍ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡସ୍'ର ରଜ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଶନିବାରଠାରୁ ଟ୍ରେଣ୍ଡସ୍‌ର ରଜ ମଉଜ ଏବଂ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତା ସହ ରଜ ଅଭିଯାନ ଆରମ୍ଭ ହୋଇଯାଇଛି। ଏପରିକି ପାର୍ବଣ ଋତୁରେ ଗ୍ରାହକଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିବା ନିମନ୍ତେ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ବ୍ରାଣ୍ଡ ପକ୍ଷରୁ ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଟ୍ରେଣ୍ଡସ୍‌ର ରଜ ଅଭିଯାନ ୨୦୨୪ ଜୁନ୍ ୧ରୁ ୧୯ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଟ୍ରେଣ୍ଡସ୍‌ର ରଜ ମଉଜ ଏବଂ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତାର ଅବଧି ମଧ୍ୟରେ ଆଶାୟୀ ଗ୍ରାହକମାନେ ଶ୍ରେଷ୍ଠ ରଜ ଲୁକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ନେଇପାରିବେ। ସେହିଭଳି ରଜ ଅଭିଯାନକୁ ଗ୍ରାହକଙ୍କ ପାଇଁ ଅଧିକ ରୋମାଞ୍ଚକ ଏବଂ ଲାଭଦାୟକ କରିବା ପାଇଁ ଟ୍ରେଣ୍ଡସ୍ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛି। ଏଥିରେ ୩,୯୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟରେ କିଣାକିଣି କରୁଥିବା ଗ୍ରାହକମାନେ ମାତ୍ର ୨୪୯ଟଙ୍କା କିମ୍ବା ୩୯୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଇପାରିବେ। ସେହିପରି ଗ୍ରାହକଙ୍କଠାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଟ୍ରେଣ୍ଡସ୍ ଆବେଦନ ଗ୍ରହଣ କରୁଛି। ପ୍ରତିଯୋଗୀ ନିଜର ଏକ ସେଲ୍ଫି କ୍ଲିକ୍ କରି କିମ୍ବା ଏକ ମିନିଟ୍‌ର ରିଲ୍ ପ୍ରସ୍ତୁତ କରି ସେମାନଙ୍କ ଇନ୍‌ଷ୍ଟାଗ୍ରାମ କିମ୍ବା ଫେସ୍‌ବୁକ୍ ପ୍ରୋଫାଇଲରେ ପୋଷ୍ଟ କରିବା ସହିତ @RelianceTrends ପୃଷ୍ଠାକୁ ଟ୍ୟାଗ୍ କରି ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

## କମ୍‌ଫେନ୍‌ର ନୂତନ ଅଭିଯାନ

ଭୁବନେଶ୍ୱର, ୩୧।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସାନିଟାରି ପ୍ୟାଡ୍ ଉତ୍ପାଦକ କମ୍‌ଫେନ୍‌ର ନୂତନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମାସିକ ଋତୁସ୍ରାବକୁ ଅଧିକ ଭଲ କରିବା ପାଇଁ ନିରନ୍ତର ପ୍ରଚେଷ୍ଟାରେ ଏକ ଅଭିନବ ଋତୁସ୍ରାବକାଳୀନ ସ୍ୱଚ୍ଛତାର ପ୍ରୟୋଜନ ରହିଛି। ବିଶ୍ୱ ଋତୁସ୍ରାବକାଳୀନ ପରିଚ୍ଛନ୍ନତା ଦିବସରେ କମ୍‌ଫେନ୍ ଆନୁଷ୍ଠାନିକ ଭାବେ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଓସେନ ଲାବ୍ ଦ୍ୱାରା ସମର୍ଥିତ, କମ୍‌ଫେନ୍ ନବସୃଜନ ଓ ସାମାଜିକ ଦାୟିତ୍ୱ ଭାବେ ପ୍ରତ୍ୟେକ ମହିଳାଙ୍କୁ ଯତ୍ନଶୀଳ ଅନୁସନ୍ଧାନ ଓ ବିକାଶ ମାଧ୍ୟମରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ କମ୍‌ଫେନ୍‌ର ସହ ପ୍ରତିଷ୍ଠାତା ସିଦ୍ଧାର୍ଥ ଭାବସର କହିଛନ୍ତି, ମାସିକ ଋତୁସ୍ରାବ ପ୍ରଯୁକ୍ତିବିଦ୍ୟାରେ କମ୍‌ଫେନ୍ ଏକ ପ୍ରମୁଖ ଅଗ୍ରଗତି। ଋତୁସ୍ରାବକାଳୀନ ସ୍ୱଚ୍ଛତା ଉପରେ କଠୋର ଅନୁସନ୍ଧାନ ଓ ବିକାଶ ମାଧ୍ୟମରେ ଏକ ତାର ଉତ୍ପାଦ ପ୍ରସ୍ତୁତ କରୁଛି। ସେହିଭଳି କମ୍‌ଫେନ୍‌ର ସହ ପ୍ରତିଷ୍ଠାତା ମଞ୍ଜିତ ବିଶାଲ କହିଛନ୍ତି, ପ୍ରତ୍ୟେକ ମହିଳାମାନଙ୍କ ପାଇଁ ଋତୁସ୍ରାବ ଏକ ସମ୍ବେଦନଶୀଳ ବିଷୟ ଓ ମହିଳା ତଥା ବାଳିକାଙ୍କ ସାମାଜିକ ତଥା ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରିଥାଏ।

# ବିଶ୍ୱ ଦୁଗ୍ଧ ଦିବସ

## ପୁଷ୍ଟିକର ଖାଦ୍ୟରେ ଦୁଗ୍ଧର ଭୂମିକା

ଦୁଗ୍ଧ ହେଉଛି ବିଭିନ୍ନ ଖାଦ୍ୟ ମଧ୍ୟରେ ମନୁଷ୍ୟ ତଥା ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କ ପାଇଁ ପ୍ରକୃତିର ଶ୍ରେଷ୍ଠ ଦାନ। ଆମ ବିଶ୍ୱରେ ଏପରି ଏକ କୌଣସି ଖାଦ୍ୟ ନାହିଁ, ଯାହାକି ଦୁଗ୍ଧର ପରିପୂରକ ବା ସମକକ୍ଷ ହୋଇପାରିବ। ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ କି ଆବାଳ ବୃଦ୍ଧବନିତା ଏବଂ ରୋଗୀଠାରୁ ଭୋଗୀ ପର୍ଯ୍ୟନ୍ତ ସମସ୍ତଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅତ୍ୟନ୍ତ ପ୍ରିୟ ଖାଦ୍ୟ ଏବଂ ସଦାସର୍ବଦା ଖାଦ୍ୟୋପଯୋଗୀ ଓ ଗ୍ରହଣୀୟ।

୧୯୪୦ ମସିହାରେ ଭାରତୀୟ ଡେଏରୀ ଶିଳ୍ପର ଅଭ୍ୟୁଦୟ ଘଟିଲା। ଶ୍ୱେତ ବିପ୍ଳବରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବା ଯୋଗୁ ୧୯୯୮-୧୯୯୯ ମସିହାରେ ଆମ ଦେଶ ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରି ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଛି। ଇଂ. ଭର୍ଗିସ୍ କ୍ୟୁରିଆନ୍‌ଙ୍କ ଜନ୍ମଦିବସରେ ଆମ ଦେଶରେ ପ୍ରତିବର୍ଷ ଜାତୀୟ ଦୁଗ୍ଧଦିବସ ପାଳିତ ହେଉଅଛି। ଆମ ଭାରତରେ ଦୁଗ୍ଧ ସମବାୟ ଆନ୍ଦୋଳନରେ ଆଜୀବନ ଉତ୍ସର୍ଗୀକୃତ ସେବାପାଇଁ ଶ୍ୱେତ ବିପ୍ଳବର ପିତାମହ ଭାବେ କ୍ୟୁରିଆନ୍‌ଙ୍କୁ ଆଖ୍ୟା ଦିଆଯାଇଛି।

### ଏ ବର୍ଷର ବାର୍ତ୍ତା

ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ କି ଆବାଳ ବୃଦ୍ଧବନିତା ଏବଂ ରୋଗୀଠାରୁ ଭୋଗୀ ପର୍ଯ୍ୟନ୍ତ ସମସ୍ତଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅତ୍ୟନ୍ତ ପ୍ରିୟ ଖାଦ୍ୟ ଏବଂ ସଦାସର୍ବଦା ଖାଦ୍ୟୋପଯୋଗୀ ଓ ଗ୍ରହଣୀୟ। ଦୁଗ୍ଧର ଏଭଳି ଉପାଦେୟତାକୁ ଉପଲବ୍ଧି କରି ପ୍ରତିବର୍ଷ ଜୁନ୍ ୧ ତାରିଖକୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ୨୦୦୧ରୁ ଏହି ଦିବସ ନିୟମିତ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ଦୁଗ୍ଧ ଦିବସର ବାର୍ତ୍ତା ହେଲା - "ବିଶ୍ୱକୁ ଗୁଣାତ୍ମକ ମାନର ପୁଷ୍ଟିକର ଖାଦ୍ୟ ଯୋଗାଇବା ଓ ପୋଷଣ କରିବା ନେଇ ଦୁଗ୍ଧର ଜୀବନ୍ତ ଭୂମିକା ଉପରେ ଉତ୍ସବ ପାଳନ କରିବା।



ଆମ ରାଜ୍ୟ ତଥା ଦେଶର ଦୁଗ୍ଧଚାଷୀଙ୍କ ଅନବରତ ଗୋସେବା ଓ ନିଷ୍ଠାପର ଉଦ୍ୟମ ଯୋଗୁ ଏହା କେବଳ ସମ୍ଭବ ହୋଇପାରିଛି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୦୧୦-୧୧ ବର୍ଷରେ ୧୬୭୦ ହଜାର ମେଟ୍ରିକ ଟନ୍ ହୋଇଥିବା ବେଳେ ଅଦ୍ୟାବଧି ଏହା ଆଶାତୀତ ଭାବେ ବୃଦ୍ଧି ପାଇ ୨୦୨୨-୨୩ ବର୍ଷରେ ୨୪୭୬ ହଜାର ମେଟ୍ରିକ ଟନ୍‌କୁ ପହଞ୍ଚି ପାରିଛି ଏବଂ ଆମ ପଡୋଶୀ ରାଜ୍ୟକୁ ପଠାଯାଉଛି।

ଆମ ରାଜ୍ୟରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରିବଟାର ସୁବିଧା ପାଇଁ ଓମ୍‌ଫେଡ୍ କାର୍ଯ୍ୟ କରୁଛି। ୧୯୮୦ ମସିହାରେ ରାଜ୍ୟ ସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଗଠନ କରାଗଲା। ସର୍ବପ୍ରଥମେ କଟକ, ପୁରୀ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲା ଦୁଗ୍ଧ ସଂଘକୁ ଅନ୍ତର୍ଭୁକ୍ତ କରାଯାଇ ଓମ୍‌ଫେଡ୍ ସ୍ଥାପନ କରାଯିବା ସହିତ ରାଜ୍ୟରେ ଦୁଗ୍ଧ ପ୍ରକ୍ରିୟାକରଣ ଓ ବିପଣନ ବ୍ୟବସ୍ଥାକୁ ସଂଗଠିତ କରାଗଲା। ଦୁଗ୍ଧ ସଂଗ୍ରହ, ଶୀତଳୀକରଣ, ସଂରକ୍ଷଣ, ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତି ଏବଂ ବିକ୍ରିବଟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ଓମ୍‌ଫେଡ୍ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଅଛି। ବର୍ତ୍ତମାନ ଓମ୍‌ଫେଡ୍ ଖାଉଟିମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଗୁଣବତ୍ତା ପ୍ରତି ସଦାସର୍ବଦା ଗୁରୁତ୍ୱ ଦେଇଆସିଛି।

ତେବେ ଆସନ୍ତୁ, ଦୁଗ୍ଧର ବହୁଗୁଣିତ ଉପକାର ନେଇ ଦୁଗ୍ଧକୁ ଉତ୍ତମ ପାନୀୟ ବା ଖାଦ୍ୟ ଭାବେ ବ୍ୟବହାର କରିବା ସହିତ ଆମର ଜୀବନକୁ ସୁସ୍ଥ ଓ ସରସ ସୁନ୍ଦର କରି ଗଢ଼ିତୋଳିବା।

**-ଡା. ବୀରକିଶୋର ପରିଡ଼ା,**
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ)

### ସର୍ବୋତ୍ତମ ପୁଷ୍ଟି ଖାଦ୍ୟ

ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧ ହେଉଛି ସର୍ବୋତ୍ତମ। ଏଥିରେ ଆମ ଶରୀର ପାଇଁ ଆବଶ୍ୟକ ହେଉଥିବା ୬ଗୋଟି ମୌଳିକ ଉପାଦାନ ଯଥା- ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବଲବଣ, ଭିଟାମିନ୍ ଓ ଜଳ ସୁଷମ ଭାବରେ ନିହିତ ଥିବାରୁ ଦୁଗ୍ଧକୁ ଆଦର୍ଶ ପାନୀୟ ବା ସଂପୂର୍ଣ୍ଣ ଖାଦ୍ୟ ଭାବେ ଗ୍ରହଣ କରାଯାଇଛି। ଆମ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସମାନୁପାତିକ ଭାବେ ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟସାର ଏଥିରେ ନିହିତ ଥାଏ। ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶିଶୁମାନଙ୍କ ପାଇଁ ଶରୀରର ବୃଦ୍ଧିକାରକ, ଯୁବକମାନଙ୍କ ପାଇଁ ଶକ୍ତି ଓ ଉତ୍ତାପଶକ୍ତି ପ୍ରଦାନକାରୀ। ଦୁଗ୍ଧ ଅତ୍ୟନ୍ତ ସୁସ୍ୱାଦୁ, ବଳକାରକ, ଜୀର୍ଣ୍ଣକାରୀ, ରୋଗ ପ୍ରତିରୋଧକ ଓ ଶକ୍ତିପ୍ରଦାୟକ। ତେଣୁ ଦୁଗ୍ଧ ଏକ ସାତ୍ତ୍ୱିକ ଓ ସୁସ୍ୱାଦୁ ଖାଦ୍ୟ ଯାହାକି ଶାକାହାରୀ ବା ନିରାମିଷ ଆହାରକାରୀମାନଙ୍କ ପାଇଁ ଏକ ସର୍ବଶ୍ରେଷ୍ଠ ଖାଦ୍ୟ ଭାବେ ବିବେଚନା କରାଯାଏ। ପ୍ରକୃତରେ କହିବାକୁ ଗଲେ ଦୁଗ୍ଧ ମନୁଷ୍ୟର ଶାରୀରିକ, ମାନସିକ, ଆଧାତ୍ମିକ ଓ ବୌଦ୍ଧିକ ବିକାଶରେ ଯଥେଷ୍ଟ ସହାୟକ ହେବା ସହିତ ସ୍ମୃତିଶକ୍ତି ବଢ଼ାଇଥାଏ। ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ କେତେକ ଜୈବ-ରାସାୟନିକ ପ୍ରକ୍ରିୟା ଯଥା- ରକ୍ତରୁ ଦୁଗ୍ଧ ବା ପହ୍ନାଁର ଜୀବକୋଷରୁ ଦୁଗ୍ଧଗ୍ରନ୍ଥି ଓ ହରମୋନ୍‌ର ସାହାଯ୍ୟରେ ଦୁଗ୍ଧ ସୃଷ୍ଟି ହୋଇଥାଏ।

With Best Compliments from:
E-mail:cdcmpu@gmail.com
Website:www.cdcmu.com
CUTTACK MILK UNION
**The Cuttack Co-operative Milk Producers' Union Ltd.**
MAHANADIVIHAR, NAYABAZAR, CUTTACK-753 004
DEDICATED TO THE CAUSE OF 1,10,357 MILK PRODUCER FAMILIES OF 1329 FUCTIONAL PRIMARY DCS HAVING 2.00 LAKH LTRS AVG. MILK COLLECTION/DAY IN THE DISTRICT OF CUTTACK, JAGATSINGHPUR, KENDRAPARA AND JAJPUR OF COASTAL ODISHA









www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୨୪ Bhubaneswar, Saturday, June 1/ 2024

# ୪ର୍ଥ ରାଉଣ୍ଡରେ କ୍ୱାଲିଫାୟର ଓଲ୍‌ଗା, ଇଲିସାବେଟା

**ପ୍ୟାରିସ, ୩୧।୫**

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଅନେକ ଅଣସିଡେଡ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ସେମାନଙ୍କ ମଧ୍ୟରୁ ଇଲିସାବେଟା କୋକିଆରେଟୋ ଓ କ୍ୱାଲିଫାୟର ଓଲ୍‌ଗା ଡାନିଲୋଭିଚ୍ ପ୍ରଥମଥରପାଇଁ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଟାଲୀର ଇଲିସାବେଟା ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ୧୭ଶ ସିଡ୍ ରୁଷିଆର ଲୁଡମିଲା ସାମ୍‌ସୋନୋଭାଙ୍କୁ ୭-୬(୭/୪) ଓ ୬-୨ ସେଟ୍‌ରେ

**ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ପରାସ୍ତ କରିଛନ୍ତି। ସେହିପରି ସର୍ବିୟାର ଡାନିଲୋଭିଚ୍ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୦-୬, ୭-୫, ୭-୬ (୧୦/୮) ସେଟ୍‌ରେ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ସେଟ୍ ମିସ୍ କରି ନ ଥିବା ୩ୟ ସିଡ୍ କୋକୋ ଗଫ୍ ୬-୨, ୬-୪ରେ ୩୦ତମ ସିଡ୍ ଡାୟନା ୟାଷ୍ଟ୍ରେମସ୍କାଙ୍କୁ ପରାସ୍ତ କରିଛନ୍ତି। ୧୯ତମ ସିଡ୍ ଭିକ୍ଟୋରିଆ ଆଜାରେଙ୍କାଙ୍କ ଅଭିଯାନ କିନ୍ତୁ ଦ୍ୱିତୀୟ ରାଉଣ୍ଡରୁ ଶେଷ ହୋଇଛି। ସେ ଅଣସିଡେଡ ମୀରା ଆନ୍ଦ୍ରଭାଙ୍କଠାରୁ ୩-୬, ୬-୩, ୫-୭ ସେଟ୍‌ରେ ହାରି ଯାଇଛନ୍ତି। ସେହିପରି ୨୦ତମ ସିଡ୍ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭା ମଧ୍ୟ ଅଣସିଡେଡ ଆନା ବୋଗଡାନଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୧୦ମ ସିଡ୍ ଡାରିଆ କାସାଟକିନା ମଧ୍ୟ ସମଦଶା ଭୋଗିଛନ୍ତି। ସେ ଅଣସିଡେଡ୍ ପେଟନ ଷ୍ଟର୍ନ୍ସଙ୍କଠାରୁ ୫-୭, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଟପ୍ ସିଡ୍ ଇଗା ସ୍ୱିଡେକ ଓ ୮ମ ସିଡ୍ ଓନ୍ସ ଜାବେର ନିଜ ତୃତୀୟ ରାଉଣ୍ଡ ମ୍ୟାଚ ଜିତି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ଅବସରରେ ଓଲ୍‌ଗା ଡାନିଲୋଭିଚ। ମ୍ୟାଚ ବିଜୟ ପରେ ଉଲ୍ଲସିତ ଇଲିସାବେଟା କୋକିଆରେଟୋ।

**ରୁବଲେଭଙ୍କ ଅଭିଯାନ ଶେଷ**

ପୁରୁଷ ସିଙ୍ଗଲ୍ସରେ ୬ଷ୍ଠ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ସମାପ୍ତ ହୋଇଛି। ସେ ଅଣସିଡେଡ ଇଟାଲୀର ମାଟେଓ ଅର୍ନାଲ୍ଡିଙ୍କଠାରୁ ୬-୭ (୬/୮), ୨-୬, ୪-୬ ସେଟ୍‌ରେ ହାରି ଯାଇଛନ୍ତି। ଦ୍ୱିତୀୟ ସିଡ୍ ଜାନିକ ସିନର କିନ୍ତୁ ସହଜ ବିଜୟ ସହ ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ସେ ତୃତୀୟ ରାଉଣ୍ଡ ମ୍ୟାଚରେ ପାଭେଲ କୋଟୋଭଙ୍କୁ ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ୨୮ତମ ସିଡ୍ ଟୋମାସ ମାର୍ଟିନ ଇଚେଭେରି ଦ୍ୱିତୀୟ ରାଉଣ୍ଡରେ ୱାକ୍‌ଓଭର ପାଇଛନ୍ତି। ମ୍ୟାଚ ୩-୬, ୬-୭(୮-୧୦), ୬-୧, ୫-୦ ସ୍ଥିତିରେ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଆର୍ଥର ରିଣ୍ଡର୍‌କନେଚ୍ ଓହରି ଯାଇଥିଲେ।

## ବାଲାଜୀଙ୍କ ପ୍ରଥମ ଫ୍ରେଞ୍ଚ୍ ଓପନ ବିଜୟ



**ପ୍ୟାରିସ, ୩୧।୫ (ପି.ଟି.):** ଭାରତର ଏନ. ଶ୍ରୀରାମ ବାଲାଜୀ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସରେ କ୍ୟାରିୟରର ପ୍ରଥମ ବିଜୟ ହାସଲ କରିଛନ୍ତି। ଏଥିସହ ସେ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସରେ ରୋହନ ବୋପାନ୍ନାଙ୍କ ପାର୍ଟନର ହେବା ଦାବିଦାରୀକୁ ଦୃଢ଼ କରିଛନ୍ତି। ବାଲାଜୀ ଓ ମେକ୍ସିକୋର ମିଗୁଏଲ ଆଞ୍ଜେଲ ରିୟେସ-ଭାରେଲା ମାର୍ଟିନେଜ ଯୋଡ଼ି ୬-୩, ୬-୪ ସେଟ୍‌ରେ ଆମେରିକାର ରିସି ଷ୍ଟାଲଡେର ଓ ଡଚ୍ ଖେଳାଳି ସେମ୍ ଭେର୍ବେକ୍‌ଙ୍କୁ ହରାଇ ଦେଇଛନ୍ତି। ଜଣେ ଡବଲ୍ସ ଖେଳାଳିଭାବେ ବାଲାଜୀ ଅନେକ ଉନ୍ନତି କରିଛନ୍ତି। ତେବେ ବାଲାଜୀ ଓ ଭାମ୍ବ୍ରିଙ୍କ ମଧ୍ୟରୁ କାହାକୁ ପାର୍ଟନର କରିବେ ତାହା ବୋପାନ୍ନାଙ୍କ ଉପରେ ନିର୍ଭର କରିବ। ଅନ୍ୟପକ୍ଷରେ ୟୁକି ଭାମ୍ବ୍ରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୟୁକି ଓ ଆଲବାନୋ ଓଲିଭେଟି ଯୋଡ଼ି ୩-୬, ୬-୭(୫) ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ପିର୍ସ ଓ ରୁଷିଆର ରୋମାନ ସାଫିଉଲିନଙ୍କଠାରୁ ପରାଜିତ ହୋଇଛନ୍ତି।

## ପ୍ୟାରିସ ଅଲିମ୍ପିକ୍ସ

## ଆକ୍ରମଣ ଯୋଜନାକୁ ପଣ୍ଡକଲେ ସୁରକ୍ଷା କର୍ତ୍ତୃପକ୍ଷ

**ପ୍ୟାରିସ, ୩୧।୫ (ଏପି):** ପ୍ୟାରିସ ଅଲିମ୍ପିକ୍ସ ଫୁଟ୍‌ବଲ ଇଭେଣ୍ଟ ବେଳେ ହୋଇଥିବା ଏକ ଆକ୍ରମଣ ଯୋଜନାକୁ ପଣ୍ଡ କରି ଦେଇଛନ୍ତି ଫ୍ରାନ୍ସର ସୁରକ୍ଷା କର୍ତ୍ତୃପକ୍ଷ। ଜେରାଲ୍ଡ ଡର୍ମାନିନଙ୍କ ସୂଚନା ଅନୁସାରେ ଜେନେରାଲ ଡାଇରେକ୍ଟୋରେଟ ଅଫ୍ ଇଣ୍ଟରନାଲ ସିକ୍ୟୁରିଟି ଗତ ମେ ୨୨ରେ ଚେଚ୍‌ନିଆର ଜଣେ ୧୮ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି, ଯାହାଙ୍କର ଏହି ଯୋଜନା ପଛରେ ହାତ ରହିଥିବା ସନ୍ଦେହ କରାଯାଉଛି। ଅଲିମ୍ପିକ୍ସ ଫୁଟ୍‌ବଲ ଇଭେଣ୍ଟର ଅନେକଗୁଡ଼ିଏ ମ୍ୟାଚ ଲିଅନ୍‌ର ଦକ୍ଷିଣ ପଶ୍ଚିମାଞ୍ଚଳରେ ଅବସ୍ଥିତ ସେଣ୍ଟ-ଏଟିନି ସହରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଆକମଣ ବେଳେ ଦର୍ଶକ ଓ ପୋଲିସ ବାହାନୀକୁ ଟାର୍ଗେଟ କରାଯାଇଥାନ୍ତା। ଯୁବକ ଜଣକ ଆକ୍ରମଣ ସହ ମୃତ୍ୟୁ ବରଣ କରି ଶହିଦ ହେବାକୁ ଯୋଜନା କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଫୁଟ୍‌ବଲ ମ୍ୟାଚଗୁଡ଼ିକ ଫ୍ରାନ୍ସର ବିଭିନ୍ନ ସହରରେ ଖେଳାଯିବ। ଫାଇନାଲ ପ୍ୟାରିସର ଷ୍ଟାଡିଆ ଡି' ଫ୍ରାନ୍ସରେ ଅନୁଷ୍ଠିତ ହେବ।

## ଆଟମାନେଙ୍କୁ ଜରିମାନା



**ପ୍ୟାରିସ, ୩୧।୫ (ପି.ଟି.):** ଫ୍ରେଞ୍ଚ୍ ଟେନିସ ଖେଳାଳି ଟେରେନ୍ସ ଆଟମାନେଙ୍କୁ ୨୫,୦୦୦ ଆମେରିକୀୟ ଡଲାର (ପାଖାପାଖି ୨୩,୦୦୦ ୟୁରୋ) ଜରିମାନା ଆକାରରେ ଦେବାକୁ ପଡ଼ିଛି। ଏହା ହେଉଛି ତାଙ୍କ ପ୍ରାଇଜ୍‌ମନିର ଏକ ତୃତୀୟାଂଶ। ସେ ପ୍ରଥମ ରାଉଣ୍ଡ ମ୍ୟାଚ ହାରିବାପରେ କ୍ରୋଧରେ ବଲ୍‌କୁ ହିଟ୍ କରିଥିଲେ। ଘଟଣାବଶତଃ ବଲ୍‌ଟି ଷ୍ଟାଣ୍ଡରେ ବସିଥିବା ଜଣେ ଦର୍ଶକଙ୍କୁ ଆଘାତ ଦେଇଥିଲା। ୧୨୦ତମ ର୍‍ୟାଙ୍କିଙ୍ଗ୍‌ରେ ଥିବା ୨୨ ବର୍ଷୀୟ ଆଟମାନେ ଅଷ୍ଟ୍ରିଆର ସେବାଷ୍ଟିଆନ ଓପନରଙ୍କ ବିପକ୍ଷରେ ୪ର୍ଥ ସେଟ୍‌ରେ ଏକ ପଏଣ୍ଟ ହରାଇବାପରେ ରାଗିକି ୪୯୨ ଦର୍ଶକ କ୍ଷମତା ବିଶିଷ୍ଟ କୋର୍ଟ ନଂ-୧୨ର ୱାଲ୍ ଉପରେ ବଲ୍‌କୁ ମାରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଫ୍ରେଞ୍ଚ୍ ଓପନ ଟେନିସରେ ପ୍ରଥମ ରାଉଣ୍ଡ ହାରିଥିବା ଖେଳାଳି ପୁରସ୍କାର ରାଶି ଆକାରରେ ୭୩,୦୦୦ ୟୁରୋ (ପାଖାପାଖି ୮୦,୦୦୦ ଆମେରିକୀୟ ଡଲାର) ପାଇଥାନ୍ତି।

## ୱାର୍ଲ୍ଡ ବକ୍ସିଂରେ ଯୋଗଦେଲା ଭାରତ

**ନୂଆଦିଲ୍ଲୀ, ୩୧।୫(ପି.ଟି.)**

ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଶୁକ୍ରବାର ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ସହିତ ରହିଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ୱାର୍ଲ୍ଡ ବକ୍ସିଂରେ ଯୋଗଦାନ କରିଛି। କ୍ରୀଡ଼ାର ଅଲିମ୍ପିକ ଭବିଷ୍ୟତ ପ୍ରତି ବିପଦ ଥିବା ଦୃଷ୍ଟିରୁ ଭାରତ ଏହି ପଦକ୍ଷେପ ନେଇଛି। ଜାତୀୟ ମହାସଂଘଗୁଡ଼ିକ ଯଦି ଆଇବିଏ ଅଧୀନରେ ରୁହନ୍ତି ତେବେ ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସରୁ ବକ୍ସିଂ ପ୍ରତିଯୋଗିତାକୁ ବାଦ୍ ଦିଆଯିବ ବୋଲି ଅଲିମ୍ପିକ କମିଟି ଚେତାବନୀ ଶୁଣାଇବାର କିଛି ମାସ ପରେ ବିଏଫ୍ଆଇ ଏହି ନିଷ୍ପତ୍ତି ନେଇଛି। ଆମ ପାଇଁ ଅଲିମ୍ପିକ ଷ୍ଟାଟସ ବଜାୟ ରଖିବା ନିହାତି ଜରୁରୀ । ତେଣୁ ଆମେ ଖୁସିର ସହିତ ୱାର୍ଲ୍ଡ ବକ୍ସିଂରେ ଯୋଗ ଦେଇଛୁ ବୋଲି ବିଏଫ୍ଆଇ ସଭାପତି ଅଜୟ ସିଂ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସହ ତିକ୍ତ ସମ୍ପର୍କ ଯୋଗୁ ଆଇବିଏ ଇତିମଧ୍ୟରେ ଆଇଓସି ଦ୍ୱାରା ସସ୍‌ପେଣ୍ଡ ହୋଇଛି।

ୱାର୍ଲ୍ଡ ବକ୍ସିଂ ୨୦୨୩ ଏପ୍ରିଲରେ ଗଠନ କରାଯାଇଥିଲା। ଆଇବିଏର ପୂର୍ବତନ ସଭାପତି ପ୍ରାର୍ଥୀ ବୋରିସ ଭାନ୍ ଡର୍ ଭର୍ଷ୍ଟ ସଭାପତି ଅଛନ୍ତି। ବକ୍ସିଂ ଅଲିମ୍ପିକ ଆନ୍ଦୋଳନର ପ୍ରମୁଖ ଅଂଶୀଦାର ରହୁ ବୋଲି ଆମେ ଚାହୁଁ ବୋଲି ସେ କହିଛନ୍ତି। ସଦସ୍ୟତା ଆବେଦନପତ୍ର ବିଏଫ୍ଆଇର ଜେନେରାଲ ଆସେମ୍ବ୍ଲି ଦ୍ୱାରା ଅନୁମୋଦ ଲାଭ କରିଛି। ୱାର୍ଲ୍ଡ ବକ୍ସିଂ କାର୍ଯ୍ୟନିର୍ବାହୀ ପରିଷଦ ଦ୍ୱାରା ଏହା ଗୃହୀତ ହେବା ଦରକାର। ଅନ୍ତର୍ଜାତୀୟ ବକ୍ସିଂରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ। ବିଏଫ୍ଆଇର ଯୋଗଦାନକୁ ଆମେ ସ୍ୱାଗତ କରୁଛୁ। ଏହା ୱାର୍ଲ୍ଡ ବକ୍ସିଂ ପରିବାରର କଳେବର ବୃଦ୍ଧିରେ ସହାୟକ ହେବ ଏବଂ ଏସିଆରେ ଆମ ସ୍ଥିତି ସୁଦୃଢ଼ ହେବ ବୋଲି ଭାନ୍ ଡର ଭର୍ଷ୍ଟ ପ୍ରକାଶ କରିଛନ୍ତି।

## ନିଶାନ୍ତଙ୍କୁ ପ୍ୟାରିସ୍ ଅଲିମ୍ପିକ ଟିକେଟ

**ବ୍ୟାଙ୍କକ୍, ୩୧।୫ (ପି.ଟି.):** ବକ୍ସିଂ ଅଲିମ୍ପିକ କ୍ୱାଲିଫାୟର୍ସର ସେମିଫାଇନାଲରେ ପ୍ରବେଶ ଦ୍ୱାରା ନିଶାନ୍ତ ଦେବ (୭୧କେଜି) ପ୍ରଥମ ଭାରତୀୟ ପୁରୁଷ ବକ୍ସର ଭାବେ ଏକ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ପୂର୍ବ କ୍ୱାଲିଫାୟର୍ସରେ ଅଳ୍ପକେ ଅଲିମ୍ପିକ କୋଟା ହାସଲ କରିପାରି ନ ଥିଲେ। ଏଠାରେ ସେ କ୍ୱାର୍ଟରଫାଇନାଲରେ ମଲଡୋଭାର ଭାସିଲେ ସେବୋଟାରୀଙ୍କୁ ୫-୦ରେ ପରାସ୍ତ କରି କୋଟା ଅର୍ଜନ କରିଛନ୍ତି। ଭାରତର ଏହା ହେଉଛି ଚତୁର୍ଥ କୋଟା। ପୂର୍ବରୁ ୩ ମହିଳା ବକ୍ସର ନିଖତ ଜରିନ (୫୦କେଜି), ପ୍ରୀତ ପାୱାର (୫୪କେଜି) ଓ ଲଭ୍‌ଲିନା ବର୍ଗୋହେନ୍ (୭୫କେଜି) ପ୍ୟାରିସ ଟିକେଟ ହାସଲ କରିସାରିଛନ୍ତି। ମହିଳା ୬୦କେଜି ଶ୍ରେଣୀରେ ଅଙ୍କୁଶିତା ବୋରୋ ଅଳ୍ପକେ ବଞ୍ଚିତ ହୋଇଛନ୍ତି।

## ଅପରାଜିତା ଫେୟାର ପ୍ଲେ ଏକ୍ସପର୍ଟ

**ଭୁବନେଶ୍ୱର, ୩୧।୫**
**(ତପନ ସ୍ୱାଇଁ)**



**ବିଶ୍ୱ ଜୁନିୟର ଚେସ୍ ପାଇଁ ଫିଡେ ପକ୍ଷରୁ ନିଯୁକ୍ତି**

ଗୁଜରାଟର ଗାନ୍ଧୀନଗରଠାରେ ବିଶ୍ୱ ଜୁନିୟର ଚେସ୍ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବିଶ୍ୱ ଚେସ୍ ଫେଡେରେଶନ୍(ଫିଡେ) ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାରଙ୍କୁ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଭାବେ ନିଯୁକ୍ତ କରିଛି। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ସର୍ବଭାରତୀୟ ଚେସ୍ ମହାସଂଘ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ଅପରାଜିତା ପୂର୍ବରୁ ଚେନ୍ନାଇରେ ଆୟୋଜିତ ଫିଡେ ଚେସ୍ ଅଲିମ୍ପିଆଡ୍-୨୦୨୨ ଏବଂ ଇଟାଲିରେ ଆୟୋଜିତ ଯୁବ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ -୨୦୨୩ରେ ବିଶ୍ୱ ଚେସ୍ ଫେଡେରେଶନ୍‌ର ଫେୟାର ପ୍ଲେ ପ୍ୟାନେଲ ପ୍ରତିନିଧି ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ପୁଣିଥରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ଅପରାଜିତାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ ଏଥର ବିଶ୍ୱ ଜୁନିୟର ଚେସ୍‌ରେ ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଅଭିମନ୍ୟୁ ମିଶ୍ର, ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦ ପ୍ରମୁଖ ବହୁ ଶୀର୍ଷସ୍ଥାନୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଦୁଇ ସପ୍ତାହ ବିଶିଷ୍ଟ ଟୁର୍ନାମେଣ୍ଟରେ ୪୬ଟି ଦେଶରୁ ୨୩୦ ଚେସ୍ ପ୍ରତିଭା ଭାଗ ନେବାକୁ ଯାଉଛନ୍ତି।

# ଆଜି ଭାରତ-ବାଂଲାଦେଶ ବିଶ୍ୱକପ୍ ୱାର୍ମଅପ୍

**ନ୍ୟୁୟର୍କ, ୩୧।୫ (ପି.ଟି.)**

ଟି୨୦ କ୍ରିକେଟ ବିଶ୍ୱକପ୍ ଆସନ୍ତା ୨ ତାରିଖରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଟୁର୍ନାମେଣ୍ଟ ପୂର୍ବରୁ ଭାରତ ଏହାର ୱାର୍ମଅପ୍ ମ୍ୟାଚ ଶନିବାର ବାଂଲାଦେଶ ବିପକ୍ଷରେ ଖେଳିବାକୁ ଯାଉଛି। ନ୍ୟୁୟର୍କ ଷ୍ଟାଡିୟମର ପିଚ୍ ଏବଂ ଦ୍ୱିତୀୟ ପେସ୍ ବୋଲିଂ ବିକଳ୍ପ ପରୀକ୍ଷା କରିବା ଲାଗି ଭାରତ ନିକଟରୁ ଭଲ ସୁଯୋଗ ରହିଛି। ଦ୍ୱିତୀୟ ପେସ୍ ବିକଳ୍ପଭାବେ ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବ। ଭାରତୀୟ ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେମାନଙ୍କ ଫ୍ରାଞ୍ଚାଇଜ୍ ପକ୍ଷରୁ ନିୟମିତଭାବେ ପ୍ଲେଇଂ ଏକାଦଶରେ ସାମିଲ ହୋଇଥିଲେ। ତେଣୁ ଏଠାରେ ଏକତ୍ରିତ ହୋଇ ଟିମ୍ ଯଦିଓ ଗେମ୍ ଟାଇମ୍ ପାଇଁ ପ୍ରସ୍ତୁତ ହୋଇନାହିଁ ତେବେ ଉପଯୁକ୍ତ ସନ୍ତୁଳନ ରକ୍ଷା ହିଁ ମୁଖ୍ୟ ଲକ୍ଷ୍ୟ ରହିବ। ୧୩ ବର୍ଷ ହେଲା ଭାରତ କୌଣସି ଆଇସିସି ଟ୍ରଫି ଜିତି ପାରିନାହିଁ। ଏଥର ସେହି ଶୂନ୍ୟତା ଭରିବା ଆଶାରେ ରହିବ ଟିମ୍ ଇଣ୍ଡିଆ। ବିଳମ୍ବରେ ପହଞ୍ଚିଥିବାରୁ ବିରାଟ କୋହଲି ୱାର୍ମଅପ୍ ଗେମ୍ ଖେଳିବା ସମ୍ଭାବନା କମ୍। ତେବେ ଅନ୍ୟ ୧୪ ଖେଳାଳି ମ୍ୟାଚ ପାଇଁ ପ୍ରସ୍ତୁତ। ଏହି ମ୍ୟାଚକୁ ଅଫିସିଆଲ ଷ୍ଟାଟସ ଦିଆଯାଇନାହିଁ। ପ୍ରତି ଖେଳାଳିଙ୍କ ରିଦିମ୍ ପରୀକ୍ଷା କରିବାକୁ ମଧ୍ୟ ଏହି ମ୍ୟାଚ ଭଲ ସୁଯୋଗ ଦେବ।

ଅଧିନାୟକ ରୋହିତ ଶର୍ମା ଏବଂ ବିଦାୟ ନେବାକୁ ଯାଉଥିବା କୋଚ୍ ରାହୁଲ ଦ୍ରାବିଡଙ୍କ ପାଇଁ ଅତି କମ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ସେଥିରୁ ଗୋଟିଏ ହେଲା ଯଶସ୍ୱୀ ଜୟସ୍ୱାଲ ଓ ଶିବମ୍ ଦୁବେଙ୍କ ମଧ୍ୟରୁ ଜଣଙ୍କୁ ବାଛିବା। ଜୟସ୍ୱାଲ ଭଲ ଫର୍ମରେ ଥିଲେ ହେଁ ତାଙ୍କୁ ସାମିଲ କରାଗଲେ ଦୁବେଙ୍କ ପରି ହାର୍ଡ ହିଟରଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାହାରେ ରଖିବାକୁ ପଡ଼ିବ। ଜୟସ୍ୱାଲ ବାହାରେ ରହିଲେ ରୋହିତଙ୍କ ସହ ବିରାଟ କୋହଲି ଇନିଂସ ଓପନ କରିବେ ଏବଂ ଦୁବେ ମିଡିଲ ଅର୍ଡରରେ ସାମିଲ ହୋଇପାରିବେ। ଏପରି କେତେକ ନିଷ୍ପତ୍ତିକୁ ଚୂଡ଼ାନ୍ତ ରୂପ ଦେବାକୁ ହେବ। "ଶିବମ୍ ଦୁବେ ହେଉଛନ୍ତି ସିକ୍ସ-ହିଟିଂ ମେଶିନ। ଆସନ୍ତା ବିଶ୍ୱକପ୍‌ରେ ସେ ଏକ୍ସ-ଫ୍ୟାକ୍ଟର ହୋଇପାରନ୍ତି। ଯଦି ଦୁବେ ଖେଳିବେ ତେବେ ଯଶସ୍ୱୀ ବାହାରେ ରହିବେ। ରୋହିତ ଏ ସମ୍ପର୍କରେ ଶେଷ ନିଷ୍ପତ୍ତି ନେବେ। ମୁଁ କିନ୍ତୁ ଉଭୟ ପେସ୍-ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ଚୂଡ଼ାନ୍ତ ଏକାଦଶରେ ଦେଖିବାକୁ ପସନ୍ଦ କରିବି। ଯଦି ଦୁବେ ଖେଳିବେ ତେବେ ମ୍ୟାଚର ଶେଷାର୍ଦ୍ଧରେ ବିପକ୍ଷ ଦଳର ରିଷ୍ଟ ସ୍ପିନରଙ୍କୁ ଠିକ୍‌ଭାବେ ମୁକାବିଲା କରିପାରିବେ" ବୋଲି ନିଜ ସମୟରେ ଭାରତୀୟ ଦଳର ଅନ୍ୟତମ ପ୍ରାଇମ୍ ଟି୨୦ ବ୍ୟାଟର ବିବେଚିତ ହେଉଥିବା ସୁରେଶ ରାଇନା ପ୍ରକାଶ କରିଛନ୍ତି। ଦ୍ୱିତୀୟରେ ଯାହା ସମସ୍ୟାଭାବେ ଉଭା ହୋଇପାରେ ତାହା ହେଲା ଯଶପ୍ରୀତ୍ ବୁମ୍‌ରାଙ୍କ ଓପନିଂ ପେସ୍-ବୋଲିଂ ପାର୍ଟନର ଚୟନ କରିବା। ଉଭୟ ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ ଗତ ଆଇପିଏଲ୍‌ରେ ସଫଳତା ଓ ବିଫଳତାର ସାମ୍ନା କରିଛନ୍ତି। ଟି୨୦ ବିଶ୍ୱକପର ଉଦ୍‌ଘାଟନୀ ସଂସ୍କରଣରେ ଭାରତକୁ ଚାମ୍ପିୟନ କରାଇବାରେ ଅନ୍ୟତମ ହିରୋ ବିବେଚିତ ହୋଇଥିବା ଆର୍.ପି. ସିଂ କହିଛନ୍ତି ଯେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୪ ଓଭର ଗୁରୁତ୍ୱପୂର୍ଣ୍ଣ ରହିବ। ନବନିର୍ମିତ ପିଚ୍‌ରେ ଭାରତର ଦ୍ୱିତୀୟ ପେସରଭାବେ ଅର୍ଶଦୀପ ଅଧିକ ଉପଯୋଗୀ ହେବେ। ମ୍ୟାଚ ସକାଳେ ଆରମ୍ଭ ହେବାକୁ ଯାଉଥିବାରୁ ବୋଲିଂରେ ବିବିଧତା ବହୁ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ସିରାଜଙ୍କ ଅପେକ୍ଷା ଅର୍ଶଦୀପ ଆଗରେ ରହିବେ ବୋଲି ସେ କହିଛନ୍ତି। "ପିଚ୍ ଅପେକ୍ଷାକୃତ ଧୀମା ରହିବ ବୋଲି ମୁଁ ଅନୁଭବ କରୁଛି। ତେଣୁ ଶର୍ଟ ଅଫ୍ ଗୁଡ୍‌ଲେନ୍ଥ ଉପଯୋଗୀ ହୋଇପାରେ। ସେଠାରେ ବୋଲରଙ୍କୁ ପର୍ଯ୍ୟାପ୍ତ ସୁଇଂ ମିଳିବ ନାହିଁ। ତେଣୁ ଯେଉଁ ବୋଲର ବୋଲିଂରେ ବିବିଧତା ଆଣିବେ, କେବଳ ୟର୍କର ନୁହେଁ ସ୍ଲୋ ବୋଲିଂ ଏବଂ ଲେଗ୍ ଆଣ୍ଡ ଅଫ୍ କଟର ପକାଇପାରିବେ ଫାଇଦାରେ ରହିବେ। ତେଣୁ ଆମେରିକା ଟ୍ରାକ୍‌ରେ ଅର୍ଶଦୀପ ଫାଇଦା ପାଇପାରିବେ" ବୋଲି ଆର୍.ପି. ସିଂ କହିଛନ୍ତି।





ନ୍ୟୁୟର୍କରେ ଅଭ୍ୟାସ ଅବସରରେ ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ।

**ପିଚ୍ ଏବଂ ଦ୍ୱିତୀୟ ପେସ୍-ବୋଲିଂ ବିକଳ୍ପ ପରୀକ୍ଷା ସୁଯୋଗ**

## ଦଳରେ ଯୋଗଦେଲେ କୋହଲି

ଟି୨୦ ବିଶ୍ୱକପ୍ ଖେଳିବା ଲାଗି ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଶୁକ୍ରବାର ଆସି ଏଠାରେ ପହଞ୍ଚିଛନ୍ତି। ଅନ୍ୟ ସାଥୀ ଖେଳାଳିମାନେ ଏଠାରେ ପହଞ୍ଚିବାର ୫ ଦିନ ପରେ ସେ ଆସିଛନ୍ତି। କୋହଲି ଶନିବାର ବାଂଲାଦେଶ ବିପକ୍ଷରେ ଭାରତର ୱାର୍ମଅପ୍ ମ୍ୟାଚରେ ଖେଳିବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂଚନା ଅନୁସାରେ କୋହଲି ଟିମ୍ ହୋଟେଲରେ ପ୍ରବେଶ କରିଛନ୍ତି। ଲମ୍ବା ବିମାନଯାତ୍ରା ଯୋଗୁ ସେ ବିଶ୍ରାମ ନେବେ। 'ବିଗ୍ ଆପଲ'ରେ ପହଞ୍ଚିବା ଲାଗି କୋଲହିଙ୍କୁ ୧୬ ଘଣ୍ଟା ଧରି ଯାତ୍ରା କରିବାକୁ ପଡ଼ିଥିଲା। ନାସାଉ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ସେ ଖେଳିବେ କି ନା ତାହା ତାଙ୍କ ଉପରେ ନିର୍ଭର କରେ। କିନ୍ତୁ ଜୁନ୍ ୫ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଗେମ୍ ପୂର୍ବରୁ ତାଙ୍କୁ ୩ଟି କ୍ୱାଲିଟି ନେଟ୍ ସେସନରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଶୁକ୍ରବାର ସକାଳେ ଏକ ଅତିରିକ୍ତ ଟ୍ରେନିଂ ସେସନ ହୋଇଥିଲା। ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରିଙ୍କୁ ସିଂ, ଶିବମ ଦୁବେ ଓ ମହମ୍ମଦ ସିରାଜ ଏଥିରେ ଜୋରଦାର ଅଭ୍ୟାସ କରିଥିଲେ।

## ଶିବ ପ୍ରସାଦଙ୍କୁ ସୁଯୋଗ



**ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ):** ଭାରତୀୟ ୨୦ ବର୍ଷରୁ କମ୍ ଫୁଟବଲ ଦଳ ମନୋନୟନ ପାଇଁ ଟ୍ରାଏଲ୍ସ ଜୁନ୍ ୪ରୁ ୯ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ଓଡ଼ିଶାର ଫୁଟବଲ ପ୍ରତିଭା ଏ. ଶିବ ପ୍ରସାଦ ମନୋନୀତ ହୋଇଛନ୍ତି। ଟ୍ରାଏଲ୍ସରେ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିପାରିଲେ ଶିବ ପ୍ରସାଦଙ୍କ ପାଇଁ ଜାତୀୟ ୨୦ ବର୍ଷରୁ କମ୍ ଦଳରେ ସ୍ଥାନ ମିଳିବାର ସୁଯୋଗ ରହିବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଶିବ ପ୍ରସାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ